ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୧/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Wednesday, January 11/2023 | Page 16 | ₹ 7.00

୪୯ଶ ଭାଗ ୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 49 | ମୂଲ୍ୟ₹୭/-



**ସମାଲୋଚନା ନେଇ ଉତ୍ତର ରଖିଲେ**
କିଛି ଦିନ ପୂର୍ବରୁ ନିଜ ରୋଗ ବିଷୟରେ ଜଣାଇ ସମାଲୋଚନା ହେବା ପରେ ଏବେ ଉତ୍ତର ରଖିଛନ୍ତି ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ। ୦୪

୦୨ **ଭାରତୀୟ ବଂଶୋଦ୍ଭବ ନାସାର ମୁଖ୍ୟ ପ୍ରଯୁକ୍ତିବିତ୍**
ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଭାରତୀୟ ବଂଶୋଦ୍ଭବ ଏ.ସି. ଚରଣିଆଙ୍କୁ ଏହାର ମୁଖ୍ୟ ପ୍ରଯୁକ୍ତିବିତ୍ ଭାବେ ନିଯୁକ୍ତି ପ୍ରଦାନ କରିଛି।






# ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ | ୧୫ରୁ ଚାଲାଣ କଟିବ

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

■ ୫ରୁ ୧୦ ହଜାର ଟଙ୍କା ଜରିମାନା
■ ଶେଷ ନମ୍ବର ୧, ୨, ୩, ୪, ୫, ୬ ପାଇଁ ଲାଗୁ

୨୦୧୯ ଏପ୍ରିଲ ପହିଲା ପୂର୍ବରୁ ପଞ୍ଜୀକୃତ ହୋଇଥିବା ପୁରୁଣା ଯାନବାହନ, ଯାହାର ଶେଷ ନମ୍ବର ୧, ୨, ୩, ୪, ୫ ଏବଂ ୬ ହୋଇଥିବ ଏବଂ ହାଇସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ (ଏଚ୍ଏସ୍ଆର୍ପି) ଲାଗି ନ ଥିବ ସେହି ଯାନଗୁଡ଼ିକ ବିରୋଧରେ ଜାନୁୟାରୀ ୧୫ରୁ ଏନ୍ଫୋର୍ସମେଣ୍ଟ ବିଭାଗ ଦ୍ୱାରା କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ମୋଟର ଭେହିକିଲ୍ ଆଇନ-୧୯୮୮ର ଧାରା ୧୯୨ ଅନୁସାରେ ସମ୍ପୃକ୍ତ ଯାନ ବିରୋଧରେ ୫୦୦୦ କିମ୍ବା ୧୦, ୦୦୦ ଟଙ୍କା ପର୍ଯ୍ୟନ୍ତ ଇ-ଚାଲାଣ କଟାଯାଇ ଜରିମାନା ଆଦାୟ କରାଯିବ।

ଅନ୍ୟପକ୍ଷରେ ଯେଉଁ ଗାଡ଼ିଗୁଡ଼ିକର ରେଜିଷ୍ଟ୍ରେଶନ ନମ୍ବର ୭ ଏବଂ ୮ ସେଗୁଡ଼ିକରେ ଏଚ୍ଏସ୍ଆର୍ପି ଲଗାଇବା ପାଇଁ ଚଳିତ ମାସ ୩୧ ତାରିଖ ଧାର୍ଯ୍ୟ କରାଯାଇଥିବା ବେଳେ ଶେଷ ନମ୍ବର ୯ ଓ ୦ ଲାଗି ଫେବୃୟାରୀ ୨୮ ଧାର୍ଯ୍ୟ କରାଯାଇଛି। ଏହା ପରେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଲଗାଇ ନ ଥିବା ଯାନଗୁଡ଼ିକଠାରୁ ଜରିମାନା ଆଦାୟ କରାଯିବ ବୋଲି ରାଜ୍ୟ ସଡ଼କ ପରିବହନ କର୍ତ୍ତୃପକ୍ଷ(ଏସ୍ଟିଏ)ଙ୍କ ପକ୍ଷରୁ କୁହାଯାଇଛି।

ଅତିରିକ୍ତ ପରିବହନ କମିଶନର ଲାଲମୋହନ ସେଠୀ (ଏନ୍ଫୋର୍ସମେଣ୍ଟ) କହିଛନ୍ତି ଯେ ଜାନୁୟାରୀ ୯ ସୁଦ୍ଧା ରାଜ୍ୟରେ ସମୁଦାୟ ୩୫,୫୬,୮୧୯ ଗାଡ଼ି ମାଲିକ ସ୍ଲଟ୍ ବୁକିଂ କରିଛନ୍ତି। ସେଥିରୁ ୨୭, ୨୪,୯୯୪ ଗାଡ଼ିରେ ଏଚ୍ଏସ୍ଆର୍ପି ଲଗାଯାଇଛି। ବିଳମ୍ବ ନ କରି ଗାଡ଼ିରେ ଏଚ୍ଏସ୍ଆର୍ପି ସଂଲଗ୍ନ




କରିବାକୁ ଯାନ ମାଲିକମାନଙ୍କୁ ଏସ୍ଟିଏ ପକ୍ଷରୁ ଅନୁରୋଧ କରାଯାଇଛି। ଯେଉଁ ଗାଡ଼ିମାଲିକମାନେ ଇଣ୍ଟରନେଟ୍ ବ୍ୟବହାର କରନ୍ତି ନାହିଁ କିମ୍ବା ଟେକ୍ନୋଲୋଜି ବିଷୟରେ ଅଧିକ ଜ୍ଞାନ ନାହିଁ ସେମାନେ ନିକଟସ୍ଥ ମୋ ସେବା କେନ୍ଦ୍ର କିମ୍ବା ସେମାନଙ୍କ ସୁବିଧା ଅନୁଯାୟୀ ଆର୍ଟିଓରେ ଥିବା ଏଚ୍ଏସ୍ଆର୍ପି ସୁବିଧା କେନ୍ଦ୍ର ମାଧ୍ୟମରେ ଆବେଦନ କରିପାରିବେ। ଓଇଏମ୍ (ଯାନ ନିର୍ମାତା) ସେମାନଙ୍କ ପ୍ରାଧିକୃତ ବିକ୍ରେତାଙ୍କ ମାଧ୍ୟମରେ ୮୮ଟି ସ୍ଥାନରେ ଏବଂ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଅସ୍ଥାୟୀ ଫିଟ୍ମେଣ୍ଟ ସେଣ୍ଟର ଖୋଲିଛନ୍ତି। ଯେଉଁଠାରେ ଗୁରୁତ୍ୱପୂର୍ଣ୍ଣ ସରକାରୀ, ବେସରକାରୀ ପ୍ରତିଷ୍ଠାନ (ଯେଉଁଠାରେ ସମସ୍ତ ଓଇଏମ୍ର ଡିଲର ନେଟ୍ୱର୍କ ଉପଲବ୍ଧ ନାହିଁ) ରହିଛି ସେଠାରେ ମଧ୍ୟ ଏଚ୍ଏସ୍ଆର୍ପିର ଫିଟ୍ମେଣ୍ଟ ସେଣ୍ଟର ମଧ୍ୟ ଆରମ୍ଭ କରାଯାଇଛି। ଏହାଛଡ଼ା କେତେକ ଆରଟିଓ କାର୍ଯ୍ୟାଳୟରେ ଏହି ଫିଟ୍ମେଣ୍ଟ ସୁବିଧା ଓଇଏମ୍ ଦ୍ୱାରା ପ୍ରଦାନ କରାଯାଉଛି।

ଯେଉଁ ଗାଡ଼ି ନିର୍ମାତା, ଉତ୍ପାଦକମାନେ ସେମାନଙ୍କ ବ୍ୟବସାୟ ବନ୍ଦ କରିଦେଇଛନ୍ତି ସେହି ସ୍ଥାନରୁ କିଣା ଯାଇଥିବା ଗାଡ଼ି ପାଇଁ ଆର୍ଟିଓରେ ଏଚ୍ଏସ୍ଆର୍ପି କରାଯାଇପାରିବ। ଏହି ସୁବିଧା ଆର୍ଟିଓ କାର୍ଯ୍ୟାଳୟରେ କେବଳ ବାହନ ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ଏଚ୍ଏସ୍ଆର୍ପି ନମ୍ବର ପ୍ଲେଟ୍ ବଦଳାଇବା ସମୟରେ କିମ୍ବା ଅନ୍ୟ କୌଣସି କାରଣବଶତଃ ଏଥିରେ କିଛି କ୍ଷତି ହେଲେ ଯାନ ମାଲିକ ଏହାର ରିପ୍ଲେସ୍ମେଣ୍ଟ ପାଇଁ ବୁକିଂ କରିପାରିବେ। ସମସ୍ତ ଅଟୋମୋବାଇଲ ନିର୍ମାତା ଏବଂ ଓଇଏମ୍ର ପ୍ରାଧିକୃତ ବିକ୍ରେତାଙ୍କୁ ଏ ବିଷୟରେ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ (ଏସ୍ଓପି) ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, କେନ୍ଦ୍ର ସରକାର କେନ୍ଦ୍ରୀୟ ମୋଟରଯାନ ଆଇନର ନିୟମ ୫୦ ଏବଂ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟର ବିଜ୍ଞପ୍ତି/ବିଧିଗତ ଆଦେଶରେ ସଂଶୋଧନ କରିଛନ୍ତି। ସେହି ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ସମସ୍ତ ଶ୍ରେଣୀର ପୁରୁଣା ଯାନ ପାଇଁ ହାଇସିକ୍ୟୁରିଟି ରେଜିଷ୍ଟ୍ରେଶନ ପ୍ଲେଟ୍ ବାଧ୍ୟତାମୂଳକ କରାଯାଇଛି।

# ଜୋଷୀମଠ ପରେ କର୍ଣ୍ଣପ୍ରୟାଗ

**ଚମୋଲି/ନୂଆଦିଲ୍ଲୀ,୧୦।୧**

## ମାଡ଼ିଲା ଫାଟ ବିପତ୍ତି

ଉତ୍ତରାଖଣ୍ଡର ଜୋଷୀମଠ ପରେ କର୍ଣ୍ଣପ୍ରୟାଗରେ ମଧ୍ୟ ମାଟି ଫାଟି ଆଁ କଲାଣି। ସହରର ବହୁଗୁଣା ନଗରରେ ଥିବା ୫୦ ଘରର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଏଥିସହ କେତେକ ସ୍ଥାନରେ ଭୂସ୍ଖଳନ ମଧ୍ୟ ହୋଇଛି। ଏହାକୁ ଦୃଷ୍ଟିରେ ରଖି କର୍ଣ୍ଣପ୍ରୟାଗବାସୀ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ଭେଟି ସରକାରୀ ସହାୟତା ଲୋଡ଼ିଛନ୍ତି।


କର୍ଣ୍ଣପ୍ରୟାଗରେ ଏକ ଚଟାଣ ଫାଟି ଯାଇଛି।

ଜୋଷୀମଠରେ ଗତ ସପ୍ତାହରୁ ଲଗାତର ଭାବେ ରାସ୍ତାଘାଟ, ମନ୍ଦିର, ଶିକ୍ଷାନୁଷ୍ଠାନ ଓ ଲୋକଙ୍କ ଘର କାନ୍ଥରେ ସୃଷ୍ଟି ହୋଇଥିବା ଫାଟର ବ୍ୟବଧାନ ବଢ଼ିବାରେ ଲାଗିଛି। ଆଗକୁ ଅଧିକ ବିପଦ ଆଶଙ୍କା କରି ଜୋଷୀମଠକୁ ଭୂସ୍ଖଳନପ୍ରବଣ ଅଞ୍ଚଳ ଘୋଷଣା କରାଯାଇଛି। ବହୁ ପରିବାର ନିଜ ଭିଟାମାଟି ଛାଡ଼ି ସରକାରଙ୍କ ପକ୍ଷରୁ ନିର୍ମାଣ କରାଯାଇଥିବା ଅସ୍ଥାୟୀ ଶିବିରଗୁଡ଼ିକରେ ଆଶ୍ରୟ ନେଇଛନ୍ତି। ଜୋଷୀମଠବାସୀଙ୍କ ଦୁଃଖ ନ ଯାଉଣୁ ଅନ୍ୟତମ ଆଧ୍ୟାତ୍ମିକ ପୀଠ କର୍ଣ୍ଣପ୍ରୟାଗରେ ମଧ୍ୟ ଅନୁରୂପ ସଙ୍କଟ ଉପୁଜିଲାଣି। କର୍ଣ୍ଣପ୍ରୟାଗର ଉପର ବଜାର ୱାର୍ଡରେ ରହୁଥିବା ୩୦ ପରିବାର ପ୍ରତି ଫାଟ ବିପତ୍ତି ମାଡ଼ିଆସିଛି। ସେମାନେ ରାଜ୍ୟ ସରକାରଙ୍କୁ ସହାୟତା ମାଗିଛନ୍ତି। ଇତିମଧ୍ୟରେ ଚମୋଲି ଜିଲା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ଏକ ବୁଲେଟିନ୍ ଜାରି କରିଛନ୍ତି। ☞ପୃଷ୍ଠା-୫

## ତ୍ୱରିତ ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

■ ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆମ ପାଖକୁ ଆସିବା ଅନୁଚିତ

**ନୂଆଦିଲ୍ଲୀ,୧୦।୧**

ଉତ୍ତରାଖଣ୍ଡର ଚମୋଲି ଜିଲା ଜୋଷୀମଠରେ ଦେଖାଦେଇଥିବା ବିପତ୍ତିକୁ ସଙ୍କଟ ଘୋଷଣା ସକାଶେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ି ଏକ ପିଟିଶନ ଦାଖଲ ହୋଇଛି। ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ତ୍ୱରିତ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଜୋଷୀମଠ ଶଙ୍କରାଚାର୍ଯ୍ୟ ସ୍ୱାମୀ ଅଭିମୁକ୍ତେଶ୍ୱରାନନ୍ଦ ସରସ୍ୱତୀଙ୍କ ପକ୍ଷରୁ ଆଇନଜୀବୀ ପରମେଶ୍ୱର ନାଥ ମିଶ୍ର ସଙ୍କଟର ☞ପୃଷ୍ଠା-୫

# ମେଟ୍ରୋ ପିଲାର ଭୁଶୁଡ଼ି ମାଆପୁଅ ମୃତ


ଭୁଶୁଡ଼ି ପଡ଼ିଥିବା ନିର୍ମାଣାଧୀନ ମେଟ୍ରୋ ପିଲାର।

**ବେଙ୍ଗାଲୁରୁ,୧୦।୧**

ବେଙ୍ଗାଲୁରୁରେ ନିର୍ମାଣାଧୀନ ଏକ ମେଟ୍ରୋ ପିଲାର ଭୁଶୁଡ଼ି ପଡ଼ିବାରୁ ଜଣେ ମହିଳା ଓ ତାଙ୍କର ଅଢ଼େଇ ବର୍ଷର ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଛି। ମହିଳାଙ୍କ ସ୍ୱାମୀ ଓ ଝିଅ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେମାନେ ମଙ୍ଗଳବାର ସକାଳେ ଏକ ବାଇକରେ ଉକ୍ତ ଅଞ୍ଚଳ ଦେଇ ଯାଉଥିବାବେଳେ ୪୦ ଫୁଟ ଲମ୍ବ ମେଟ୍ରୋ ପିଲାର ଭୁଶୁଡ଼ି ସେମାନଙ୍କ ଉପରେ ପଡ଼ିଥିଲା। ଏହି ଦୁର୍ଘଟଣାରେ ତେଜସ୍ୱିନୀ ଓ ତାଙ୍କ ପୁଅ ବିହାନ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ ହେଁ ସେଠାରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ତେଜସ୍ୱିନୀଙ୍କ ସ୍ୱାମୀ ଲୋହିଥ ଓ ଝିଅ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଲାଗିରହିଥିବାବେଳେ ମେଟ୍ରୋ କାମକୁ ଦୁଇଦିନ ବନ୍ଦ ରଖାଯାଇଛି।

## ଚଳିତବର୍ଷରୁ ଓଡ଼ିଆରେ ଓସିଏସ୍ ପରୀକ୍ଷା

**କଟକ ଅଫିସ,୧୦।୧**

ଚଳିତବର୍ଷରୁ ପ୍ରଥମଥର ପାଇଁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)-୨୦୨୨ ପରୀକ୍ଷା ଓଡ଼ିଆରେ ହେବ। ପୂର୍ବରୁ କେବଳ ଇଂଲିଶ୍ ଭାଷାରେ ଏହି ପରୀକ୍ଷା ହେଉଥିଲା। କିନ୍ତୁ ଚଳିତବର୍ଷରୁ ଆଶାୟୀ ପ୍ରାର୍ଥୀମାନେ ଉଭୟ ଓଡ଼ିଆ ଏବଂ ଇଂଲିଶ୍ ଭାଷା ମଧ୍ୟରୁ ଯେ କୌଣସି ଗୋଟିଏକୁ ବିକଳ୍ପ ଭାବେ ଚୟନ କରିପାରିବେ। ପ୍ରିଲିମିନାରୀ, ମୁଖ୍ୟ ଲିଖିତ ପରୀକ୍ଷା ଓ ବ୍ୟକ୍ତିଗତ ସାକ୍ଷାତ୍କାର ପରୀକ୍ଷା ନିମନ୍ତେ ଏହି ବ୍ୟବସ୍ଥା ପ୍ରଯୁଜ୍ୟ ହେବ ବୋଲି ମଙ୍ଗଳବାର ଓପିଏସ୍ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ପାଇଁ ଅନ୍ଲାଇନ୍ରେ ଆବେଦନବେଳେ ପରୀକ୍ଷାର୍ଥୀମାନେ ଯେକୌଣସି ଗୋଟିଏ ଭାଷାକୁ ଚୟନ କରିବେ। ହେଲେ ଆବେଦନପତ୍ରରେ ଥରେ ଚୟନ କରିସାରିବା ପରେ ତାହାକୁ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି।

# ୩ ଦିନରେ ୭ ମହାଦେଶ ବୁଲିଲେ

**ନୂଆଦିଲ୍ଲୀ,୧୦।୧**

ଦୁଇଜଣ ଭାରତୀୟ ମାତ୍ର ୩ ଦିନରେ ୭ ମହାଦେଶ ବୁଲି ନୂଆ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସେମାନେ ହେଲେ ଡ. ଅଲୀ ଇରାନୀ ଏବଂ ସୁଜୟ କୁମାର ମିତ୍ର। ବିଶ୍ୱର ୭ଟି ଯାକ ମହାଦେଶ ଭ୍ରମଣ କରିବା ପାଇଁ ଉଭୟଙ୍କୁ ୩ ଦିନ ୧ ଘଣ୍ଟା ୫ ମିନିଟ ୪ ସେକେଣ୍ଡ ଲାଗିଥିଲା। ଗତ ଡିସେମ୍ବର ୪ରେ ଅଷ୍ଟ୍ରେଲିଆର ମେଲବୋର୍ନରୁ ବାହାରି ମାତ୍ର ୭ ତାରିଖ (୭୩ ଘଣ୍ଟା) ମଧ୍ୟରେ ଏସିଆ, ଆଫ୍ରିକା, ୟୁରୋପ, ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, ଆଣ୍ଟାର୍କଟିକା ଏବଂ ଓସେନିଆ ଭ୍ରମଣ କରିଥିବା ଏହି ଦୁଃସାହସୀ


ସୁଜୟ କୁମାର ମିତ୍ର ଏବଂ ଡ. ଅଲୀ ଇରାନୀ

## ୨ ଭାରତୀୟଙ୍କ ବିଶ୍ୱ ରେକର୍ଡ

ଭାରତୀୟ ଦ୍ୱୟଙ୍କ ବିରଳ ପଦକ୍ଷେପକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ ସ୍ୱୀକୃତି ଦେଇଛି। ଏହା ପୂର୍ବରୁ ଏତେ କମ୍ ସମୟ ମଧ୍ୟରେ ବିଶ୍ୱର କେହି ୭ ମହାଦେଶ ଭ୍ରମଣ କରି ନ ଥିଲେ ବୋଲି ଏହାର ୱେବ୍ସାଇଟ୍ରେ ଉଲ୍ଲେଖ କରାଯାଇଛି। ନିଜ ସଫଳତା ସମ୍ପର୍କରେ ଅଲୀ ଓ ସୁଜୟ କହିଛନ୍ତି, ଆଜି ଆମେ ରେକର୍ଡ ଭାଙ୍ଗିବାରେ ସଫଳ ହୋଇଛୁ। କିନ୍ତୁ ଆସନ୍ତାକାଲି ଆଉ କେହି ଆମ ରେକର୍ଡ ଭାଙ୍ଗିବାରେ ସକ୍ଷମ ☞ପୃଷ୍ଠା-୫



## ସଂକ୍ଷେପରେ

### ଇମ୍ରାନ ଖାନ୍ଙ୍କ ବିରୋଧରେ ଗିରଫ ପରୱାନା

**ଇସ୍‌ଲାମାବାଦ,୧୦ା୧:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଏବଂ ତାଙ୍କ ଦଳର ୪ ଜଣ ଶୀର୍ଷ ନେତାଙ୍କ ବିରୋଧରେ ସେଠାର ନିର୍ବାଚନ କମିଶନ ମଙ୍ଗଳବାର ଜାମିନଯୋଗ୍ୟ ଗିରଫ ପରୱାନା ଜାରି କରିଛନ୍ତି। ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍‌ର ଏହି ନେତାମାନେ ପାକିସ୍ତାନ ନିବାଚନ କମିଶନ ଏବଂ ମୁଖ୍ୟ ନିର୍ବାଚନ କମିଶନର ସିକନ୍ଦର ସୁଲ୍‌ତାନ ରାଜାଙ୍କ ବିରୋଧରେ ମନ୍ତବ୍ୟ ଦେଇଥିବାରୁ ସେମାନଙ୍କ ବିରୋଧରେ ଅବମାନନା ମାମଲା ରୁଜୁ ହୋଇଛି। ନିସାର ଦୁରାନିଙ୍କ ଅଧକ୍ଷାରେ ୪ ସଦସ୍ୟ ବିଶିଷ୍ଟ ନିର୍ବାଚନ କମିଶନ ବେଞ୍ଚ୍ ଇମ୍ରାନ ଓ ତାଙ୍କ ଘନିଷ୍ଠ ସହଯୋଗୀ ଫୱାଦ ଚୌଧରୀ, ଅସାଦ ଉମରଙ୍କ ବିରୋଧରେ ୱାରେଣ୍ଟ ଜାରି କରିଛି। ଗତବର୍ଷ ଅଗଷ୍ଟ ଓ ସେପ୍ଟେମ୍ବରରେ ନିର୍ବାଚନ କମିଶନ ସେମାନଙ୍କୁ ନୋଟିସ୍ କରିଥିଲା। ସେମାନେ ହାଜର ନ ହେବାରୁ ଗିରଫ ପରୱାନା ଜାରି ହୋଇଛି।

### ଶେହଲାଙ୍କ ନାଁରେ ମାମଲା ଲାଗି ଦିଲ୍ଲୀ ଉପରାଜ୍ୟପାଳଙ୍କ ଅନୁମତି

**ନୂଆଦିଲ୍ଲୀ,୧୦ା୧(ପି.ଟି.):** ଭାରତୀୟ ସେନା ବିରୋଧରେ ଟୁଇଟ୍ କରିଥିବା ଜେଏନ୍‌ୟୁ ଛାତ୍ର ସଂଗଠନର ପୂର୍ବତନ ଉପ ସଭାନେତ୍ରୀ ଶେହଲା ରଶିଦଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ମଙ୍ଗଳବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆଇନଜୀବୀ ଅଲଖ ଆଲୋକ ଶ୍ରୀବାସ୍ତବଙ୍କ ଅଭିଯୋଗକ୍ରମେ ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ୨୦୧୯ରେ ଶେହଲାଙ୍କ ବିରୋଧରେ ଏତଲା ଦାଏର କରିଥିଲା। ସିଆର୍‌ପିସିର ଧାରା ୧୯୬ରେ ଉପରାଜ୍ୟପାଳ କାର୍ଯ୍ୟାନୁଷ୍ଠାନ ଲାଗି ମଞ୍ଜୁରୀ ଦେଇଛନ୍ତି। ରାଷ୍ଟ୍ର ବିରୋଧୀ ଅପରାଧ ଏବଂ ଆପରାଧିକ ଷଡ଼ଯନ୍ତ୍ର ଘଟଣାରେ ମକଦ୍ଦମା ଲାଗି ଉକ୍ତ ଧାରାରେ ମଞ୍ଜୁରୀର ଆବଶ୍ୟକତା ପଡ଼ିଥାଏ। ଜେଏନ୍‌ୟୁ ଛାତ୍ର ସଂଗଠନର ପୂର୍ବତନ ଉପ ସଭାନେତ୍ରୀ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତାକୁ ବଢ଼ାଇବା ସହ ସଦ୍‌ଭାବନା ପ୍ରତି କ୍ଷତି ପହଞ୍ଚାଉଥିଲେ। ସେନା ଯବାନମାନେ କଶ୍ମୀର ଲୋକଙ୍କ ଘରେ ପଶି ନିର୍ଯାତନା ଦେଉଥିବା ୨୦୧୯ ଅଗଷ୍ଟ ୧୮ରେ ସେ ଟୁଇଟ୍ କରିଥିଲେ। ଏହା ସମ୍ପୂର୍ଣ୍ଣ ଭିତ୍ତିହୀନ କହି ସେନ୍ୟବାହିନୀ ଅଭିଯୋଗକୁ ଖଣ୍ଡନ କରିଥିଲା।



### ମହିଳାଙ୍କୁ ଝୁଣି ମାରିଦେଲେ କୁକୁର

**ଧରୱାଡ୍(କର୍ଣାଟକ),୧୦ା୧:** କର୍ଣାଟକର ଧରୱାଡ୍ ଜିଲାରେ ମଙ୍ଗଳବାର ଜଣେ ନିରାଶ୍ରୟା ମହିଳାଙ୍କୁ କୁକୁର ଝୁଣି ମାରିଦେଇଛନ୍ତି। ମହିଳାଙ୍କ ପରିଚୟ ମିଳିପାରି ନାହିଁ। ସେ ମଙ୍ଗଳବାର ସକାଳେ ଉପିନା ବେଟାଗେରି ଖବରସ୍ଥାନ ଗ୍ରାମରେ ଭିକ୍ଷା ମାଗିଥିଲେ। ପରେ ସେ ଗାଁର ଏକ ଘର ନିକଟରେ ଶୋଇଥିବାବେଳେ ପଲେ କୁକୁର ତାଙ୍କୁ ଆକ୍ରମଣ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ସେଠାରେ ପହଞ୍ଚି ମହିଳାଙ୍କ ଶେଷକୃତ୍ୟ ବ୍ୟବସ୍ଥା କରିଛନ୍ତି। ଉକ୍ତ ଅଞ୍ଚଳରେ କୁକୁରମାନଙ୍କ ଦୌରାତ୍ମ୍ୟ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ନ ଥିବାରୁ ଗ୍ରାମବାସୀ ନିନ୍ଦା କରିଛନ୍ତି।



ଭୂମଧ୍ୟ ସାଗର ଉପରେ ବଜ୍ରପାତ ବେଳେ ଇସ୍ରାଏଲ୍‌ର ଉପକୂଳ ସହର ଆଶ୍କେଲୋନ୍‌ସ୍ଥିତ ରୁ୍ୟଟନ୍‌ବର୍ଗ ପାୱାର ଷ୍ଟେଶନର ଦୃଶ୍ୟ।

# ପୂର୍ବତନ ରାଷ୍ଟ୍ରପତିଙ୍କ ଝିଅଙ୍କୁ ୫ ବର୍ଷ ଜେଲ

**ତେହେରାନ,୧୦ା୧**



ଫାଏଜେ ହାସେମି

ଇରାନର ପୂର୍ବତନ ରାଷ୍ଟ୍ରପତି ଆକବର ହାସେମି ରଫ୍‌ସାନ୍‌ଜାନିଙ୍କ ଝିଅ ଫାଏଜେ ହାସେମିଙ୍କୁ ୫ ବର୍ଷ ଜେଲଦଣ୍ଡ ହୋଇଛି। ତେବେ କେଉଁ ଅପରାଧରେ ତାଙ୍କୁ ଦଣ୍ଡିତ କରାଯାଇଛି, ତାହା ଜଣାପଡ଼ିନାହିଁ। ତାଙ୍କ ବିରୋଧରେ ସରକାର ବିରୋଧୀ ପ୍ରଚାର ଅଭିଯୋଗ ଅଣାଯାଇଥିବା ତେହରାନର ସରକାରୀ ଓକିଲ ସୂଚନା ଦେଇଥିଲେ। ଗତବର୍ଷ ସେପ୍ଟେମ୍ବରରେ ୨୨ ବର୍ଷୀୟ ମହିଳା ମହସା ଅମିନିଙ୍କର ହାଜତରେ ମୃତ୍ୟୁ ଘଟିବା ପରେ ଇରାନରେ ହିଜାବ ବିରୋଧୀ ଆନ୍ଦୋଳନ ଜୋର୍ ଧରିଥିଲା। ଏହି ସମୟରେ ଦଙ୍ଗାକୁ ଉସୁକାଇବା ଅଭିଯୋଗରେ ଫାଏଜେଙ୍କୁ ଗିରଫ କରାଯାଇଥିଲା। ୧୯୭୯ ବିପ୍ଳବ ପରେ ଏହି ଆନ୍ଦୋଳନ ଇରାନ ସରକାରଙ୍କ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଥିଲା। ୩ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଆନ୍ଦୋଳନ ଜାରି ରହିଥିବାବେଳେ ଏହାକୁ ଦମନ କରିବା ଲାଗି ସରକାର ବଳ ପ୍ରୟୋଗ କରିଥିଲେ। ସୁରକ୍ଷା ବଳର କାର୍ଯ୍ୟାନୁଷ୍ଠାନରେ ଅନେକଙ୍କ ଜୀବନ ଯାଇଥିବାବେଳେ ବହୁସଂଖ୍ୟାରେ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଥିଲା। ଇତିମଧ୍ୟରେ କେତେଜଣଙ୍କୁ ମିଥ୍ୟା ଅଭିଯୋଗରେ ଦୋଷୀସାବ୍ୟସ୍ତ କରାଯାଇ ଫାଶୀ ଦିଆଗଲାଣି। ଫାଏଜେଙ୍କୁ ୫ ବର୍ଷ ଜେଲଦଣ୍ଡ ମିଳିଥିବାବେଳେ ଏହା ଚୂଡ଼ାନ୍ତ ନୁହେଁ ବୋଲି ପ୍ରତିପକ୍ଷ ଓକିଲ ଟୁଇଟ୍ କରିଛନ୍ତି।

# ରାଜ୍ୟପାଳଙ୍କୁ ନେଇ ପୋଷ୍ଟର ଯୁଦ୍ଧ

**ଚେନ୍ନାଇ,୧୦ା୧**




ତାମିଲନାଡୁ ବିଧାନସଭାରେ ଅଭିଭାଷଣକୁ ନେଇ ଶାସକ ଦଳ ଡିଏମ୍‌କେ ଏବଂ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ମଧ୍ୟରେ ବିବାଦର ଦିନକ ପରେ ଚେନ୍ନାଇର ବିଭିନ୍ନ ସ୍ଥାନରେ 'ରବି ବାହାରିଯାଅ' ପୋଷ୍ଟର ଲଗାଯାଇଛି। ଉକ୍ତ ପୋଷ୍ଟରରେ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଫଟୋ ରହିଛି। ଶାସକ ଦଳର ଟୁଇଟର ହ୍ୟାଣ୍ଡଲରେ ମଧ୍ୟ ରାଜ୍ୟପାଳଙ୍କୁ ସମାଲୋଚନା କରାଯାଇଛି। ଏହାର ପ୍ରତିବାଦରେ ପୁଡୁକୋଟ୍ଟାଇଠାରେ ସ୍ଥାନୀୟ ଭାଜପା କାର୍ଯ୍ୟକର୍ତ୍ତାମାନେ ରାଜ୍ୟପାଳଙ୍କୁ ପ୍ରଶଂସା କରି ପୋଷ୍ଟର ଲଗାଇଛନ୍ତି। ଅନେକ ଭାଜପା ଟୁଇଟର ହ୍ୟାଣ୍ଡଲରେ ଶାସକ ଦଳକୁ ନିନ୍ଦା କରାଯାଇଛି।

ସୋମବାର ବିଧାନସଭାରେ ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା। ସରକାରୀ ପ୍ରସ୍ତୁତ ଭାଷଣକୁ ବାଦ୍ ଦେଇ ରାଜ୍ୟପାଳ ବିଧାନସଭାରେ ନିଜସ୍ୱ ଭାଷଣ ଦେବାରୁ ଏହାକୁ ବିରୋଧ କରି ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ଅଧକ୍ଷ ଷ୍ଟାଲିନ ରାଜ୍ୟପାଳଙ୍କ ବିରୋଧରେ ପ୍ରସ୍ତାବ ଗୃହୀତ କରାଇଥିଲେ। ଫଳରେ ରାଜ୍ୟପାଳ ଭାଷଣ ଅଧାରୁ ବିଧାନସଭା ଛାଡ଼ି ପଳାଇଥିଲେ। ସୋମବାର ବିଧାନସଭାରେ ଯାହା ଘଟିଲା ତାହାକୁ ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧି ପ୍ରଶଂସା କରିଛନ୍ତି। ବିଧାନସଭା ଇତିହାସରେ ଏହା ଅଭୂତପୂର୍ବ ବୋଲି ସେ କହିଛନ୍ତି। ସାଧାରଣତଃ ଷ୍ଟାଲିନ୍‌ଙ୍କ ଉତ୍ତରରେ ବିରୋଧୀ ଦଳ କକ୍ଷତ୍ୟାଗ କରିଥାନ୍ତି। କିନ୍ତୁ ଏଥର ରାଜ୍ୟପାଳ ଗୃହ ଛାଡ଼ି ପଳାଇଲେ ବୋଲି ଉଦୟନିଧି କହିଛନ୍ତି।

ପ୍ରକାଶ ଯେ, ସୋମବାର ରାଜ୍ୟପାଳ ବିଧାନସଭାରେ ପାଖାପାଖି ୫୦ ମିନିଟ ଭାଷଣ ଦେଇଥିଲେ। ତାଙ୍କ ଭାଷଣର ତାମିଲ ଭର୍ସନକୁ ବାଚସ୍ପତି ପଢ଼ିଥିଲେ। ସରକାର ରାଜ୍ୟପାଳଙ୍କ ପାଖକୁ ଚିଠା ଅଭିଭାଷଣ ପଠାଇଥିଲେ ଏବଂ ଏହାକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ। ଏହା ଛପାଯାଇ ସବୁ ସଦସ୍ୟଙ୍କ ଟାବ୍‌ରେ ରଖାଯାଇଥିଲା। ଯେଉଁମାନେ ହାର୍ଡକପି ଚାହିଁଥିଲେ, ସେମାନଙ୍କୁ ଯୋଗାଇ ଦିଆଯାଇଥିଲା। ସରକାରଙ୍କ ଦ୍ରାବିଡୀୟ ମଡେଲ୍ ନୀତିର ବିରୋଧୀ ରାଜ୍ୟପାଳଙ୍କ କାର୍ଯ୍ୟ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ କହିଥିଲେ। ଆମେ ବିଧାନସଭାର ନୀତିନିୟମକୁ ଅନୁପାଳନ କରିଥିଲୁ ଏବଂ ରାଜ୍ୟପାଳଙ୍କ ଭାଷଣ ଆରମ୍ଭରୁ ବିରୋଧ କରି ନ ଥିଲୁ। ସାମ୍ବିଧାନିକ ନିୟମ ଅନୁଯାୟୀ ଗୃହକୁ ଉଦ୍‌ବୋଧନ ଦେବାକୁ ଆସୁଥିବା ରାଜ୍ୟପାଳଙ୍କ ପ୍ରତି ଶାସକ ଦଳର ପୂର୍ଣ୍ଣ ସମ୍ମାନ ରହିଛି। ତେବେ ରାଜ୍ୟପାଳ କେବଳ ଡିଏମ୍‌କେ ନୀତି ବିରୋଧରେ କାର୍ଯ୍ୟ କଲେ ତାହା ନୁହେଁ, ସେ ସରକାରଙ୍କ ବିରୋଧରେ ଗଲେ। ସରକାର ପ୍ରସ୍ତୁତ କରିଥିବା ଚିଠା ଭାଷଣକୁ ସେ ନ ପଢ଼ିବା ବିଧାନସଭା ପରମ୍ପରାର ଉଲ୍ଲଂଘନ ବୋଲି ଷ୍ଟାଲିନ୍ ସମାଲୋଚନା କରିଥିଲେ।

# ୪,୨୭୬ କୋଟି ଟଙ୍କାର ମିଶାଇଲ୍, ଏୟାର ଡିଫେନ୍ସ ଅସ୍ତ୍ର କିଣାକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୧୦ା୧(ପି.ଟି.)**

ହେଲିକପ୍ଟରରୁ ନିକ୍ଷେପ କରାଯାଇପାରୁଥିବା ଟ୍ୟାଙ୍କ ବିଧ୍ୱଂସୀ ଗାଇଡେଡ୍ ମିଶାଇଲ, ଏୟାର ଡିଫେନ୍ସ ଅସ୍ତ୍ର ସମେତ ୪,୨୭୬ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର କ୍ରୟ ପ୍ରସ୍ତାବକୁ ଡିଫେନ୍ସ ଆକ୍ୟୁଜିଶନ କାଉନ୍‌ସିଲ୍ (ଡିଏସି) ମଞ୍ଜୁରୀ ପ୍ରଦାନ କରିଛି। ସ୍ଥଳସେନା ଓ ନୌସେନା ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଥିଲା। ମଙ୍ଗଳବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧକ୍ଷତାରେ ଡିଏସି ବୈଠକ ବସି ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରାଯାଇଛି। ଆଣ୍ଟିଟ୍ୟାଙ୍କ ଗାଇଡେଡ୍ ମିଶାଇଲ ହେଲିନାକୁ ଅତ୍ୟାଧୁନିକ ହାଲୁକା ହେଲିକପ୍ଟରରେ ଖଞ୍ଜାଯିବ। ଏହା ୭ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ହେଲିନା କ୍ଷେପଣାସ୍ତ୍ର ସହ ଲଞ୍ଚର ଏବଂ ଅନ୍ୟାନ୍ୟ ସହାୟକ ଉପକରଣ କିଣାକୁ ମଞ୍ଜୁରୀ ମିଳିଛି। ଏଗୁଡିକ ସାମିଲ ହେବା ପରେ ସ୍ଥଳସେନାର କ୍ଷମତା ବୃଦ୍ଧି ପାଇବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ଇଣ୍ଡୋନେସିଆ ଭୂକମ୍ପ: ବହୁ ଘର କ୍ଷତିଗ୍ରସ୍ତ

**ଜାକର୍ତ୍ତା,୧୦ା୧**



ପୂର୍ବ ଇଣ୍ଡୋନେସିଆ ଅନ୍ତର୍ଗତ ସମୁଦ୍ର ଗର୍ଭରେ ସୋମବାର ବିଳମ୍ବିତ ରାତିରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଥିଲା। ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭.୬ ଥିଲା। ଭୂକମ୍ପ ଯୋଗୁ ପୂର୍ବ ଇଣ୍ଡୋନେସିଆ ଅନ୍ତର୍ଗତ ଦ୍ୱୀପପୁଞ୍ଜର ଅନେକ ଘର କ୍ଷତିଗ୍ରସ୍ତ ହୋଇଛି। ଭୂକମ୍ପ ଝଟ୍‌କା ପପୁଆ ଓ ପୂର୍ବ ନୁସା ଟେଙ୍ଗରା ପ୍ରଦେଶ ସମେତ ଉତ୍ତର ଅଷ୍ଟ୍ରେଲିଆରେ ମଧ୍ୟ ଅନୁଭୂତ ହୋଇଥିଲା। ଇଣ୍ଡୋନେସିଆରେ ତାନିମ୍ବର ଦ୍ୱୀପ ଏବଂ ମାଲୁକୁ ଜିଲାରେ ୨ଟି ସ୍କୁଲ୍ ବିଲ୍ଡିଂ ଓ ୧୨୪ଟି ଘର ଭାଙ୍ଗିଥିବାବେଳେ ଜଣେ ଆହତ ହୋଇଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା (ଏନ୍‌ଡିଏମ୍‌ଏ) ପକ୍ଷରୁ କୁହାଯାଇଛି। ୩ରୁ ୫ ସେକେଣ୍ଡ ପର୍ଯ୍ୟନ୍ତ କମ୍ପନରେ ବିଲ୍ଡିଂଗୁଡ଼ିକ ଦୋହଲିବାରୁ ସ୍ଥାନୀୟ ଲୋକେ ଭୟରେ ଘର ଛାଡ଼ି ପଳାଇଯାଇଥିଲେ। ଭୂକମ୍ପର କେନ୍ଦ୍ରସ୍ଥଳ ତାନିମ୍ବର ଦ୍ୱୀପ ନିକଟ ବନ୍ଦା ସମୁଦ୍ରରେ ବୋଲି ଏନ୍‌ଡିଏମ୍‌ଏ ମୁଖପାତ୍ର ଅବଦୁଲ ମୁହାରି କହିଛନ୍ତି। ଇଣ୍ଡୋନେସିଆ ପାଣିପାଗ ବିଭାଗ ଓ ଜିଓଫିଜିକାଲ ଏଜେନ୍ସି ପକ୍ଷରୁ ସୁନାମୀ ସତର୍କ ସୂଚନା ଜାରି ହୋଇଥିବାବେଳେ ୩ ଘଣ୍ଟା ପରେ ଏହାକୁ ପ୍ରତ୍ୟାହାର କରିନିଆଯାଇଥିଲା।

# ନାସାର ମୁଖ୍ୟ ପ୍ରଯୁକ୍ତିବିତ୍ ହେଲେ ଭାରତୀୟ ବଂଶୋଦ୍ଭବ

**ନୂଆଦିଲ୍ଲୀ,୧୦ା୧**

ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡମିନିଷ୍ଟ୍ରେଶନ (ନାସା) ଭାରତୀୟ-ଆମେରିକୀୟ ଏ.ସି. ଚରଣିଆଙ୍କୁ ଏହାର ମୁଖ୍ୟ ପ୍ରଯୁକ୍ତିବିତ୍ ଭାବେ ନିଯୁକ୍ତି ପ୍ରଦାନ କରିଛି। ସେ ମହାକାଶ ସଂସ୍ଥାର ପ୍ରଶାସକ ବିଲ୍ ନେଲ୍‌ସନଙ୍କୁ ବୈଷୟିକ ନୀତି ଓ କାର୍ଯ୍ୟକ୍ରମ ଉପରେ ପରାମର୍ଶ ଦେବେ। ସେ ଗତ ୩ ତାରିଖରେ ନାସାରେ ଯୋଗଦେଇଥିଲେ। ନାସାରେ ଯୋଗଦେବା ପୂର୍ବରୁ ସେ ରିଲାଏବ୍‌ଲ ରୋବୋଟିକ୍ସର ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ଏହା ପୂର୍ବରୁ ସେ ବ୍ଲୁ ଅରିଜିନ୍‌ରେ ବ୍ଲୁ ମୁନ୍ ଲୁନାର ଲ୍ୟାଣ୍ଡର ପ୍ରୋଗ୍ରାମ ଓ ନାସାର ବିଭିନ୍ନ ବୈଷୟିକ ଉପକ୍ରମ ପାଇଁ କାମ କରିଥିଲେ।



ଏ.ସି. ଚରଣିଆ

# ଏୟାର ଇଣ୍ଡିଆ ଖାଦ୍ୟରେ ଗୋଡ଼ି

**ନୂଆଦିଲ୍ଲୀ,୧୦ା୧**

ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିବା ଘଟଣାକୁ ନେଇ ଏୟାର ଇଣ୍ଡିଆ ବଦ୍‌ନାମ ହୋଇଥିବାବେଳେ ଏବେ ବିମାନରେ ପରିବେଷଣ କରାଯାଉଥିବା ଖାଦ୍ୟରେ ଗୋଡ଼ି ବାହାରିଥିବା ଅଭିଯୋଗ ସାମ୍‌ନାକୁ ଆସିଛି। ଜଣେ ମହିଳା ଯାତ୍ରୀଙ୍କୁ ଦିଆଯାଇଥିବା ଖାଦ୍ୟର ଦୁଇଟି ଫଟୋ ସେ ଟୁଇଟରରେ ଶେୟାର କରି ସେଥିରେ ଥିବା ଗୋଡ଼ିକୁ ଦେଖାଇଛନ୍ତି। ଏଭଳି ଅବହେଳା ଗ୍ରହଣୀୟ ନୁହେଁ ବୋଲି ଅନେକ ଟୁଇଟର ବ୍ୟବହାରକାରୀ କହିବା ସହ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଟାଟା ଗ୍ରୁପ୍ ମାଲିକାନାରେ ଥିବା ଏୟାର ଇଣ୍ଡିଆର ସେବା ମାନକୁ ନେଇ ପ୍ରଶ୍ନ ଉଠିଛି। ସର୍ବପ୍ରିୟା ସଙ୍ଗୱାନ ନାମ୍ନୀ ଏହି ଯାତ୍ରୀ ଏୟାରଇଣ୍ଡିଆ ଫ୍ଲାଇଟ୍ ୨୧୫ରେ ଯାତ୍ରା କରୁଥିବାବେଳେ ତାଙ୍କୁ ଦିଆଯାଇଥିବା ଖାଦ୍ୟରୁ ଗୋଡ଼ି ବାହାରିଥିଲା। ଏ ସମ୍ପର୍କରେ ସେ ବିମାନର କ୍ରିଉ ମେମ୍ବର ମିସେସ୍ ଜାଡୋନ୍‌ଙ୍କୁ ଜଣାଇଥିଲେ। ଏୟାର ଇଣ୍ଡିଆ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ଏ ସମ୍ପର୍କରେ କ୍ୟାଟରିଂ ଟିମ୍‌କୁ ତୁରନ୍ତ ଜଣାଇ ଦିଆଯାଇଥିବା କହିଛି।

# ଆସ୍ଥା ଜିତିଲେ ପ୍ରଚଣ୍ଡ

**କାଠମାଣ୍ଡୁ,୧୦ା୧(ପି.ଟି.)**

ନେପାଳ ପ୍ରଧାନମନ୍ତ୍ରୀ ପୁଷ୍ପ କମଲ ଦହଲ 'ପ୍ରଚଣ୍ଡ' ମଙ୍ଗଳବାର ଆସ୍ଥାଭୋଟ ଜିତିଛନ୍ତି। ସିପିଏନ୍-ମାଓଇଷ୍ଟ ସେଣ୍ଟର ନେତା ଗତ ମାସ ୨୬ରେ ନେପାଳ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିଲେ। ନିର୍ବାଚନ ପୂର୍ବରୁ ସେ ନେପାଳୀ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟରୁ ଓହରିଯାଇ ବିରୋଧୀ ଦଳ ନେତା କେ.ପି. ଶର୍ମା ଓଲିଙ୍କ ସହ ହାତ ମିଳାଇଥିଲେ। ନିର୍ବାଚନରେ କୌଣସି ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ପ୍ରଚଣ୍ଡ ନେପାଳୀ କଂଗ୍ରେସ ଓ ଅନ୍ୟ ସହଯୋଗୀ ଦଳ ସମର୍ଥନରେ ସରକାର ଗଢ଼ିଥିଲେ। ସେଥିପାଇଁ ତାଙ୍କୁ ସଂଖ୍ୟାଗରିଷ୍ଠତାର ପ୍ରମାଣ ଦେବା ଆବଶ୍ୟକ ପଡ଼ିଥିଲା। ପ୍ରତିନିଧି ସଭାରେ ମଙ୍ଗଳବାର ୨୭୦ ସଦସ୍ୟ ଉପସ୍ଥିତ ଥିବାବେଳେ ପ୍ରଚଣ୍ଡଙ୍କ ସପକ୍ଷରେ ୨୬୮ ଭୋଟ ପଡ଼ିଥିଲା ଓ ବିରୋଧରେ ୨ଟି ଭୋଟ ଯାଇଥିଲା।



# ନାଗରିକତ୍ୱ ଆଇନ ଧାରା ୬ଏର ସାମ୍ବିଧାନିକ ବୈଧତା ଉପରେ ପ୍ରଥମେ ନିଷ୍ପତ୍ତି: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦ା୧**

ନାଗରିକତ୍ୱ ଆଇନର ଧାରା ୬ଏ'କୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନଗୁଡ଼ିକର ଶୁଣାଣି ମଙ୍ଗଳବାର ହୋଇଥିଲା। ଉକ୍ତ ଧାରାରେ ରହିଥିବା ବ୍ୟବସ୍ଥାଗୁଡ଼ିକର ସାମ୍ବିଧାନିକ ବୈଧତା ଉପରେ ପ୍ରଥମେ ନିଷ୍ପତ୍ତି ନିଆଯିବ ଓ ପରେ ଅନ୍ୟ ପ୍ରସଙ୍ଗ ଉପରେ ବିଚାର ହେବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ନାଗରିକତ୍ୱ ଆଇନ, ୧୯୫୫ର ଧାରା ୬ଏ'ରେ କୌଣସି ସାମ୍ବିଧାନିକ ଦୁର୍ବଳତା ରହିଛି କି ନାହିଁ ତାହା ଉପରେ ପ୍ରଥମେ ବିଚାର ହେବ ବୋଲି ୫ ଜଣିଆ ସାମ୍ବିଧାନିକ ପୀଠର ମୁଖ୍ୟ ଥିବା ଭାରତର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ଉକ୍ତ ପୀଠରେ ସିଜେଆଇ ଚନ୍ଦ୍ରଚୂଡ଼ଙ୍କ ବ୍ୟତୀତ ଜଷ୍ଟିସ୍ ଏମ୍.ଆର୍. ଶାହା, କ୍ରିଷ୍ଣା ମୁରାରୀ, ହିମା କୋହଲି ଏବଂ ପି.ଏସ୍. ନରସିଂହ ରହିଛନ୍ତି। ଶିବସେନା ବିଭାଜନ ଉପରେ ପିଟିଶନର ଶୁଣାଣି ଶେଷ ହେବା ପରେ ନାଗରିକତ୍ୱ ଆଇନର ଶୁଣାଣି ହେବ ବୋଲି ସାମ୍ବିଧାନିକ ପୀଠ କହିଛନ୍ତି।

# ହସ୍ପିଟାଲରେ ଥିବା ଫଟୋ ଟୁଇଟ୍ କଲେ ବୋଲସୋନାରୋ

**ୱାଶିଂଟନ,୧୦ା୧**



ବ୍ରାଜିଲର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋ ଆମେରିକାର ଫ୍ଲୋରିଡାସ୍ଥିତ ଓର୍ଲାଣ୍ଡୋର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳର ଫଟୋକୁ ମଙ୍ଗଳବାର ଟୁଇଟ୍ କରିଛନ୍ତି। ୨୦୧୮ରେ ଏକ ରାଜନୈତିକ ରାଲି ବେଳେ ପେଟରେ ଛୁରାମାଡ଼ ଯୋଗୁ ସୃଷ୍ଟି ହୋଇଥିବା ପୁରୁଣା କ୍ଷତ ପାଇଁ ସେ ଚିକିତ୍ସାଧୀନ ଥିବା ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ସୋମବାର ବୋଲସୋନାରୋଙ୍କ ସମର୍ଥକମାନେ ନବନିର୍ବାଚିତ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ଇସ୍ତଫା ଦାବିରେ ପାର୍ଲାମେଣ୍ଟରେ ଧସେଇ ପଶି ଭଙ୍ଗାରୁଜା କରିଥିଲେ। ଏହି ମାମଲାରେ ବ୍ରାଜିଲ ପୋଲିସ ୧,୫୦୦ରୁ ଉର୍ଦ୍ଧ୍ୱ ବୋଲସୋନାରୋ ସମର୍ଥକଙ୍କୁ ଗିରଫ କରିଛି। ସେପଟେ ପୂର୍ବତନ ରାଷ୍ଟ୍ରପତିଙ୍କୁ ଦେଶରୁ ତୁରନ୍ତ ବିଦା କରାଯାଉ ବୋଲି ଅନେକ ଆମେରିକୀୟ ଆଇନପ୍ରଣେତା ଦାବି କରିଛନ୍ତି। ଏଭଳି ସମୟରେ ବୋଲସୋନାରୋଙ୍କ ଫଟୋକୁ ନେଇ ନାନା ଚର୍ଚ୍ଚା ହେଉଛି।

# ମେକ୍ସିକୋରେ ବାଇଡେନ୍, ଟ୍ରୁଡୋ

## 'ଥ୍ରୀ ଏମିଗୋଜ୍' ସମିଟ୍

**ମେକ୍ସିକୋ ସିଟି,୧୦ା୧**

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ତାଙ୍କ କାନାଡା ପ୍ରତିପକ୍ଷ ଜଷ୍ଟିନ୍ ଟ୍ରୁଡୋ ମଙ୍ଗଳବାର ମେକ୍ସିକୋରେ ପହଞ୍ଚିଛନ୍ତି। ମେକ୍ସିକୋ ସହ ଦୁଇ ରାଷ୍ଟ୍ରର ସମ୍ପର୍କ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସେମାନେ ସେଠାକାର ରାଷ୍ଟ୍ରପତି ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ ଓବ୍ରାଡରଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ତ୍ରିପାକ୍ଷିକ ଆଲୋଚନାକୁ 'ଥ୍ରୀ ଏମିଗୋଜ୍' ବା 'ତିନି ବନ୍ଧୁ' ସମ୍ମିଳନୀ ରୂପେ ନାମକରଣ କରାଯାଇଛି।



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ କାନାଡା ରାଷ୍ଟ୍ରପତି ଜଷ୍ଟିନ୍ ଟ୍ରୁଡୋଙ୍କ ସହ ମେକ୍ସିକୋ ପ୍ରତିପକ୍ଷ ଆଣ୍ଡ୍ରେସ୍ ମାନୁଏଲ୍ ଲୋପେଜ ଓବ୍ରାଡର (ବାମ)।

ମେକ୍ସିକୋ ରାଷ୍ଟ୍ରପତି ଓବ୍ରାଡର ତାଙ୍କ ଦୁଇ ବନ୍ଧୁ ବାଇଡେନ୍ ଓ ଟ୍ରୁଡୋଙ୍କୁ ଆପ୍ୟାୟିତ କରିଛନ୍ତି। ବାଣିଜ୍ୟିକ ଉତ୍ତେଜନାକୁ ଏଡ଼ାଇ ଆର୍ଥିକ ସହଭାଗିତା କ୍ଷେତ୍ରରେ ସମ୍ପର୍କକୁ ସୁଦୃଢ଼ କରିବା ନେଇ ୩ ନେତାଙ୍କ ମଧ୍ୟରେ କଥାବର୍ତ୍ତା ହୋଇଛି। ସେହିପରି ଡ୍ରଗ୍ସ ଚାଲାଣ, ସୁରକ୍ଷା ଓ ପ୍ରବାସୀ ଶରଣାର୍ଥୀ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଏସିଆଭିତ୍ତିକ ଉତ୍ପାଦନକାରୀମାନଙ୍କ ଉପରେ ନିଜ ନିର୍ଭରଶୀଳତା ହ୍ରାସ ସକାଶେ ମେକ୍ସିକୋ ୱାଶିଂଟନର ଉଦ୍ୟମରୁ ସୁଫଳ ମିଳିବା ନେଇ ଆଶାବାଦୀ।






ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ସାକ୍ଷାତ କରିଛନ୍ତି ବଲିଉଡ୍ ଅଭିନେତା ରଣବୀର ସିଂ ଓ ଅଭିନେତ୍ରୀ ଦିଶା ପଟାନୀ।

# ଆଜି ଦୁଲୁକିବ ବାରବାଟୀ ଷ୍ଟାଡିୟମ

## ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ

### ରଣବୀର ଓ ଦିଶାଙ୍କ ନାଚ ଗୀତରେ ଝୁମିବେ ଦର୍ଶକ

କଟକ ଅଫିସ,୧୦।୧

ହକି ବିଶ୍ୱକପର ଉଦଘାଟନୀ ଉତ୍ସବ ପାଇଁ ଆରମ୍ଭ ହୋଇ ଯାଇଛି କାଉଣ୍ଟଡାଉନ। ଉଦଘାଟନୀ ସନ୍ଧ୍ୟା କାର୍ଯ୍ୟକ୍ରମ ପାଇଁ ଶେଷ ହୋଇଛି ସମସ୍ତ ପ୍ରସ୍ତୁତି। ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ପୁରୁଷ ହକି ବିଶ୍ୱକପର ଶୁଭାରମ୍ଭ ଉତ୍ସବକୁ ଦେଖିବ ସାରା ବିଶ୍ୱ। ଉଦ୍‌ଘାଟନୀ ସଂଧ୍ୟାରେ ମୁଖ୍ୟ ଆକର୍ଷଣ ସାଜିବେ ବଲିଉଡ୍ ଷ୍ଟାର ଆଇକନ୍ ଅଭିନେତା ରଣବୀର ସିଂ ଓ ଅଭିନେତ୍ରୀ ଦିଶା ପଟାନୀ। ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରୀତମଙ୍କ ମ୍ୟୁଜିକ୍‌ରେ ଝୁମିବେ ଦର୍ଶକ। ଏଥିସହ ପ୍ରଥମ ଥର ପାଇଁ କଟକରେ ଦେଖିବାକୁ ମିଳିବ ଅତ୍ୟାଧୁନିକ ଡ୍ରୋନ୍ ଶୋ। ଦୁଲୁକିବ କଟକର ବାରବାଟୀ ଷ୍ଟାଡିୟମ। ମତୁଆଲା କରିବ ରଣବୀର, ଦିଶାଙ୍କ ନାଚ। ପ୍ରୀତମଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ। ଐତିହାସିକ ବାରବାଟୀ ଷ୍ଟାଡିୟମ ଇତିହାସରେ ଯୋଡ଼ି ହେବାକୁ ଯାଉଛି ଆଉ ଏକ ନୂଆ ଅଧ୍ୟାୟ।

ଉଦ୍‌ଘାଟନୀ ସମାରୋହର ଗୋଟିଏ ଦିନ ପୂର୍ବରୁ ମଙ୍ଗଳବାର ଦିନ ତମାମ ବିଭିନ୍ନ ଡ୍ୟାନ୍ସ ଗ୍ରୁପ ଓ କଳାକାର ମାନେ ଶେଷ ଥର ପାଇଁ ମଞ୍ଚରେ ଅଭ୍ୟାସ ଶେଷ କରିଛନ୍ତି। ବୁଧବାର ଅପରାହ୍ନ ୩ଟାରୁ ରାତି ୯ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ବଲିଉଡ ତାରକା ମାନେ ଅଭ୍ୟାସ ପାଇଁ ଷ୍ଟାଡିୟମରେ ପହଞ୍ଚିଥିଲେ। ଦିଶା ପଟାନି ସନ୍ଧ୍ୟା ୫ଟାରୁ ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ରିହର୍ସଲ କରିଥିଲେ। ଏହାପରେ ପ୍ରୀତମଙ୍କ ବ୍ୟାଣ୍ଡ ରିହର୍ସାଲ ଆରମ୍ଭ ହୋଇଥିଲା। ସେହପରି ରଣବିର ସିଂ ରାତି ୧୦ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ରିହର୍ସାଲ କରିଥିଲେ। ଜିପ୍‌ଲାଇନ୍ ଜରିଆରେ ରଣବୀର ମଞ୍ଚକୁ ପ୍ରବେଶ କରିବାର ଯୋଜନା ରଖାଯାଇଛି। ତାଙ୍କ ଅଭ୍ୟାସ ପାଇଁ ଜିପଲାଇନ୍ ପ୍ରସ୍ତୁତ କରାଯାଇଛି ରଣବୀରଙ୍କ ସହିତ ସାଇମାକ୍ ଡ୍ୟାନ୍ସ ଗ୍ରୁପ ମଞ୍ଚରେ ଦେଖିବାକୁ ମିଳିବ। ଉଦ୍‌ଘାଟନୀ ଉତ୍ସବ ଦେଖିବା ପାଇଁ ପ୍ରାୟ ୪୦ ହଜାରରୁ ଅଧିକ ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ରହିବେ। ସେଥିମଧ୍ୟରୁ ୫ ହଜାର ଭିଭିଆଇପିଙ୍କ ପାଇଁ ପଡ଼ିଆ ମଧ୍ୟରେ ବସି ଉତ୍ସବକୁ ଉପଭୋଗ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଉଦଘାଟନ ଉତ୍ସବ ପାଇଁ ଅପରାହ୍ନ ୨ଟା ବେଳେ ଷ୍ଟାଡିୟମକୁ ସାଧାରଣ ଦର୍ଶକମାନଙ୍କ ପାଇଁ ଖୋଲାଯିବ। ଉଦଘାଟନ ଉତ୍ସବକୁ ଲାଇଭ ଦେଖିବା ପାଇଁ କଟକ ସହର ୧୬ ଟି ସ୍ଥାନ ରେ ଫ୍ୟାନ କ୍ଳବ କରାଯାଇଛି ଯେଉଁଠି ୫ ହଜାର ଦର୍ଶକ ବସି ଏକା ସଙ୍ଗେ ସ୍କ୍ରିନ ମାଧମରେ ସମସ୍ତ କାର୍ଯ୍ୟକ୍ରମ ଦେଖିପାରିବେ।

# ଆଜିଠୁ ଧବଳେଶ୍ୱରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ

- ୨ ମାସର କଟକଣା ପରେ ସୁଯୋଗ
- ଅସ୍ଥାୟୀ ବାଲିବନ୍ଧ ରାସ୍ତାରେ ଚାଲିବେ ୨ କି.ମି.

ଖୁଣ୍ଟୁଣୀ,୧୦।୧(ଡି.ଏନ୍.ଏ.)

ସବୁ ଅପେକ୍ଷାର ଅନ୍ତ ଘଟିଛି, ଶେଷରେ କଟକ ମହାନଦୀ ପଠାରେ ଥିବା ପ୍ରସିଦ୍ଧ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିବାର ଭକ୍ତଙ୍କୁ ସୁଯୋଗ ମିଳିଛି। ଦିନେ, ସପ୍ତାହେ କି ମାସେ ନୁହେଁ, ପ୍ରାୟ ଦୁଇ ମାସର ବ୍ୟବଧାନ ପରେ ବୁଧବାର ପୂର୍ବାହ୍ନ ୧୧ଟାରୁ ଧବଳେଶ୍ୱର ପୀଠକୁ ଯାଇ ଠାକୁରଙ୍କୁ ଦର୍ଶନ କରିବେ ଶ୍ରଦ୍ଧାଳୁ। ଏଥିପାଇଁ ମହାନଦୀ ପଠାରେ ଚାଲିଥିବା ଅସ୍ଥାୟୀ ବାଲିବନ୍ଧ ରାସ୍ତା ନିର୍ମାଣ କାର୍ଯ୍ୟ ସରିଛି। ଏହି ରାସ୍ତାରେ ଶ୍ରଦ୍ଧାଳୁ ପ୍ରାୟ ୨କି.ମି. ଚାଲିକରି କିମ୍ବା ବାଇକ୍ ଓ ଅଟୋ ମାଧମରେ ମନ୍ଦିରକୁ ଯାଇପାରିବେ ବୋଲି ମଙ୍ଗଳବାର ଆଠଗଡ଼ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି। ତେବେ ୩୫ ଲକ୍ଷ ଟଙ୍କାରେ ନିର୍ମିତ ଏହି ବାଲିବନ୍ଧ ରାସ୍ତା ପାଇକେରାପୁର ତୁଠରୁ ଧବଳେଶ୍ୱରଙ୍କ ପଠାରେ ଥିବା ପର୍ଯ୍ୟଟନ ବିଭାଗ କମ୍ୟୁନିଟି ସେଣ୍ଟର ପର୍ଯ୍ୟନ୍ତ ୨କିଲୋମିଟର ଲମ୍ବ ହେବ।

ସୂଚନାଯୋଗ୍ୟ, ଗୁଜରାଟ ଝୁଲାପୋଲ ଅଘଟଣ ପରେ କଟକ ଜିଲା ପ୍ରଶାସନ ତତ୍ପରତା ଦେଖାଇ ଧବଳେଶ୍ୱର ପୀଠକୁ ସଂଯୋଗ କରୁଥିବା ଝୁଲାପୋଲର ମରାମତି କରିବାକୁ କହି ପୀଠ ପରିସରରେ ଅନିର୍ଦ୍ଦିଷ୍ଟକାଳ ପାଇଁ ୧୪୪ ଧାରା ଲଗାଯାଇଥିଲା। କେବଳ ଠାକୁରଙ୍କ ନୀତିକାନ୍ତି ପାଇଁ ସେବାୟତଙ୍କ ବ୍ୟତୀତ ସର୍ବସାଧାରଣଙ୍କ ଲାଗି ଦର୍ଶନ ବ୍ୟବସ୍ଥା ବନ୍ଦ ରହିଥିଲା। ଫଳରେ ଏହାକୁ ସବୁଆଡୁ ବାଦ ପ୍ରତିବାଦ ହେଲା। ବହୁ ଶ୍ରଦ୍ଧାଳୁ ଧବଳେଶ୍ୱରଙ୍କ ନିକଟକୁ ଆସି ନିରାଶ ହୋଇ ଫେରିଥିଲେ। କାର୍ତ୍ତିକ ମାସ ଥିବାରୁ ହଜାର ବର୍ଷ ଧରି ବିନା ପ୍ରତିବନ୍ଧକରେ ଧବଳେଶ୍ୱରଙ୍କ ସେବା ପୂଜା କରି ନିଜ ପରିବାରକୁ ପ୍ରତିପୋଷଣ କରି ଆସୁଥିବା ବଂଶାନୁକ୍ରମିକ ସେବାୟତ ସମାଜର ମଧ୍ୟ କ୍ଷୋଭ ପ୍ରକାଶ କଲେ। ଏଥିଯୋଗୁ ସେବାୟତ ସାଙ୍ଗକୁ ସ୍ଥାନୀୟ ମଞ୍ଚେଶ୍ୱର ପଞ୍ଚାୟତର ଶହଶହ ଛୋଟବଡ଼ ବ୍ୟବସାୟୀମାନେ ଜୀବିକା ହରାଇଥିଲେ। ସବୁ ପକ୍ଷରୁ ଏହାର ପ୍ରତିବାଦ ହେବା ପରେ ଶେଷରେ ପ୍ରଶାସନ ବାଧହୋଇ ମହାନଦୀ ପଠାରେ ଅସ୍ଥାୟୀ ବାଲିବନ୍ଧ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ଗତ ଡିସେମ୍ବର ୪ରେ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ଡକାଗଲା। ଟେଣ୍ଡର ୯ ତାରିଖରେ ଖୋଲାଯାଇ କଟକର ଏକ ସଂସ୍ଥା ଦ୍ୱାର ୩୫ ଲକ୍ଷ ଟଙ୍କାରେ ବାଲି କାମ ଆରମ୍ଭ ହୋଇ ପ୍ରାୟ ମାସକ ମଧ୍ୟରେ ଶେଷ ହେଲା।

# ମଣ୍ଡିରେ ଉପାସ ରହିବେନି ଚାଷୀ

## ଗଜପତି ଜିଲା ପ୍ରଶାସନ ପକ୍ଷରୁ ଖାଦ୍ୟ ବ୍ୟବସ୍ଥା

ପାରଳାଖେମୁଣ୍ଡି,୧୦।୧(ଡି.ଏନ୍.ଏ.)



ଏକ ମଣ୍ଡିରେ ଚାଷୀମାନଙ୍କୁ ଖାଦ୍ୟ ଦିଆଯାଉଛି।

ଗଜପତି ଜିଲାରେ ମଣ୍ଡିକୁ ଧାନବିକ୍ରି କରିବାକୁ ଆସୁଥିବା ଚାଷୀମାନେ ଆଉ ଉପାସ ରହିବେନି। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ମହିଳା ସଶକ୍ତୀକରଣ ଓ ଚାଷୀଙ୍କ ସୁବିଧା ପାଇଁ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଏହି ଅଭିନବ ପ୍ରୟାସ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ଗଜପତି ଜିଲା ପ୍ରଶାସନ ଚଳିତଥର ଗ୍ରାମାଞ୍ଚଳରେ ୨୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଧାନ ସଂଗ୍ରହ କରିବା ପାଇଁ ଅନୁମତି ଦେଇଛି। ଅନ୍ୟପଟେ ଚାଷୀଙ୍କ ସୁବିଧା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ନିୟନ୍ତ୍ରଣ ବଜାର କମିଟି ମଣ୍ଡିରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଜିଲାରେ ୪୫ଟି ମଣ୍ଡି ରହିଛି। ସେଥିମଧ୍ୟରୁ ପ୍ରାଥମିକ ପର୍ଯ୍ୟାୟରେ ୪ଟି ସ୍ଥାନ ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଥିବା ମଣ୍ଡି, କାଶୀନଗର, ଗାରାବନ୍ଧ, ଉପଲଡ଼ା ମଣ୍ଡିରେ ଜିଲା ପ୍ରଶାସନ ପରୀକ୍ଷା ମୂଳକଭାବେ ଚାଷୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିଛି। ଆଗକୁ ଅନ୍ୟ ମଣ୍ଡିଗୁଡିକରେ ଏଭଳି ବ୍ୟବସ୍ଥା କରାଯିବ ବୋଲି ଯୋଗାଣ ଅଧିକାରୀ ପ୍ରଫୁଲ କୁମାର ବେହେରା ସୂଚନା ଦେଇଛନ୍ତି।






# ଯୁକ୍ତ୨ ପରୀକ୍ଷା କେନ୍ଦ୍ରରେ ସିସିଟିଭି ବାଧ୍ୟତାମୂଳକ

### ପଦକ୍ଷେପ ନ ନେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୦।୧(ବ୍ୟୁରୋ)

ଚଳିତବର୍ଷ ଯୁକ୍ତ୨ ପରୀକ୍ଷା ପରିଚାଳନାକୁ ଅଧିକ କଡ଼ାକଡ଼ି କରାଯିବ। ପରୀକ୍ଷାରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉଥିବାବେଳେ ମେଧାବୀ ପରୀକ୍ଷାର୍ଥୀ ଯେପରି ଠିକ୍ ମାର୍କ ପାଇବେ ସେଥିଲାଗି ପ୍ରାଥମିକ ସ୍ତରରୁ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷର ପଦକ୍ଷେପ ନିଆଯାଇଛି। ଚଳିତବର୍ଷ ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭିକୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ଗତ ନଭେମ୍ବରରେ ସମସ୍ତ କଲେଜକୁ ଅବଗତ କରାଯାଇଥିବାବେଳେ ଡିସେମ୍ବର ୩୦ ସୁଦ୍ଧା ସିସି କ୍ୟାମେରା ନ ଥିବା ଶିକ୍ଷାନୁଷ୍ଠାନକୁ ମହଲତ ଦିଆଯାଇଥିଲା। ତେବେ ଡିସେମ୍ବର ୩୧ ପରେ ଜୋନ୍‌ୱାରି ହୋଇଥିବା ଯାଞ୍ଚ ରିପୋର୍ଟରେ ରାଜ୍ୟର ୪ଟି ଜୋନ୍‌ରେ ୪୬୧ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିସିଟିଭି ନ ଥିବା ଦର୍ଶାଯାଇଥିଲା। ଏପରିକି ଅନେକ କେନ୍ଦ୍ରରେ ପୂର୍ବରୁ ଥିବା ସିସିଟିଭି ଅଚଳ ହୋଇଥିବା ଜଣାପଡ଼ିଥିଲା। ତେଣୁ ଆସନ୍ତା ୧୩ତାରିଖ ସୁଦ୍ଧା ସବୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସିସିଟିଭି ଇନ୍‌ଷ୍ଟଲ ହେବା ସହ ସ୍ଥିତି ସମ୍ପର୍କରେ ଜଣାଇବାକୁ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ୨୫ତାରିଖ ସୁଦ୍ଧା ଯେପରି ସମସ୍ତ କ୍ୟାମେରା କାର୍ଯ୍ୟକ୍ଷମ ହେବ ସେନେଇ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ଯଦି ଏପରି ନ କରନ୍ତି ତେବେ ପରିଷଦ ପକ୍ଷରୁ ଏ ସମ୍ପର୍କରେ ଗଣଶିକ୍ଷା ବିଭାଗକୁ ଅବଗତ କରାଯିବା ସହ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବିରୋଧରେ ଅଭିଯୋଗ ମଧ୍ୟ କରାଯିବ।

ରାଜ୍ୟରେ ୨,୦୬୫ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଥିବାବେଳେ ଏଥର ୧,୧୫୦ରୁ ଅଧିକ ବିଦ୍ୟାଳୟକୁ ପରୀକ୍ଷା କେନ୍ଦ୍ର ଭାବେ ମନୋନୀତ କରାଯିବ। ପରୀକ୍ଷା କେନ୍ଦ୍ର, ଲାବରେଟୋରି ସମେତ ପରୀକ୍ଷା ପରିଚାଳନା ହବ୍‌ର ଷ୍ଟ୍ରଙ୍ଗରୁମ୍ ଆଦିରେ ସିସିଟିଭି ସ୍ଥାପନ ହେବ। ଆସନ୍ତା ୧୩ ତାରିଖ ସୁଦ୍ଧା ସିସିଟିଭି ସ୍ଥାପନ କରି ସାମ୍ସ ଇ-ସ୍ପେସ୍‌ରେ ଶିକ୍ଷାନୁଷ୍ଠାନର ସ୍ଥିତି ଅପ୍‌ଡେଟ୍ କରିବାକୁ କୁହାଯାଇଛି। ସେହିପରି ଯେଉଁଠି ସିସିଟିଭି ଅଚଳ ହୋଇପଡ଼ିଛି ସେ ସବୁକୁ ୨୫ତାରିଖ ସୁଦ୍ଧା ସଜାଡ଼ି ରିପୋର୍ଟ ଦାଖଲ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଯଦି ସିସିଟିଭି ନ ଥାଏ କିମ୍ବା ଅଚଳ ହୋଇ କାର୍ଯ୍ୟକ୍ଷମ ହେଉ ନ ଥିବା ଅଭିଯୋଗ ହୁଏ ତେବେ ସମ୍ପୃକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଟ୍ୟାଗ୍ ତାଲିକାରୁ ବାଦ୍ ଦିଆଯିବ ଏବଂ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଯୁକ୍ତ୨ ଥିଓରି ପରୀକ୍ଷା ମାର୍ଚ୍ଚ ୧ରୁ ଆରମ୍ଭ ହେବ। ଦୁଇଟି ପର୍ଯ୍ୟାୟରେ ଏପ୍ରିଲ ୫ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ସେହିପରି ପ୍ରାକ୍ଟିକାଲ ପରୀକ୍ଷା ଫେବୃଆରୀ ୧ରୁ ଆରମ୍ଭ ହୋଇ ୧୦ ତାରିଖ ଯାଏ ଚାଲିବ। ଚଳିତବର୍ଷ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ମୋଟ୍ ୩,୫୬,୪୪୯ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମପୂରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୩,୩୮,୭୪୭ଜଣ ରେଗୁଲାର ଏବଂ ୧୭,୭୦୨ଜଣ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ରେଗୁଲାର ଛାତ୍ରୀଛାତ୍ରଙ୍କ ମଧ୍ୟରୁ କଳାରେ ୨,୧୯,୧୧୦ଜଣ ଥିବାବେଳେ ବିଜ୍ଞାନରେ ୯୧,୩୭୯, ବାଣିଜ୍ୟରେ ୨୩,୧୪୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫,୧୧୦ଜଣ ରହିଛନ୍ତି। ତେବେ କୌଣସି କାରଣରୁ ଯଦି ଛାତ୍ରୀଛାତ୍ର ଫର୍ମ ପୂରଣ କରି ନ ଥିବେ ତେବେ ସେମାନେ ଆସନ୍ତା ୧୬ରୁ ୧୯ ତାରିଖ ମଧ୍ୟରେ ୪୫୦ଟଙ୍କା ଫାଇନ୍ ଦେଇ ଫର୍ମପୂରଣ କରିପାରିବେ। ୧୫ ତାରିଖ ସୁଦ୍ଧା ପରୀକ୍ଷା କେନ୍ଦ୍ର ଓ ପରୀକ୍ଷା ପରିଚାଳନା ହବ୍ ସ୍ଥିର କରାଯିବ।








## ଆସନ୍ତୁ ଆମେ ଏଚ.ଆଇ.ଭି./ ଏଡ୍‌ସ୍ ସଂକ୍ରମଣକୁ ରୋକିବା

**ଏଚ.ଆଇ.ଭି. କିପରି ବ୍ୟାପେ**
- ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା
- ବିଶୋଧିତ ହୋଇ ନ ଥିବା ଛୁଞ୍ଚି ବା ପୂର୍ବରୁ ବ୍ୟବହୃତ ଛୁଞ୍ଚି ଦ୍ୱାରା
- ଏଚ.ଆଇ.ଭି. ସଂକ୍ରମିତ ରକ୍ତ କିମ୍ବା ରକ୍ତଜାତ ପଦାର୍ଥ ବ୍ୟବହାର ଦ୍ୱାରା
- ଏଚ.ଆଇ.ଭି. ସଂକ୍ରମିତ ମା' ଠାରୁ ତା'ର ଶିଶୁକୁ ବ୍ୟାପିଥାଏ

**ଏଚ.ଆଇ.ଭି. କିପରି ବ୍ୟାପେ ନାହିଁ**
- ହାତ ମିଳେଇବା ଦ୍ୱାରା
- ସଂକ୍ରମିତ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ସରଞ୍ଜାମ ବ୍ୟବହାର କରିବା ଦ୍ୱାରା
- ସଂକ୍ରମିତ ବ୍ୟକ୍ତିଙ୍କର ବାସନ ବା କପଡା ବ୍ୟବହାର କଲେ
- ସଂକ୍ରମିତ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ପାଇଖାନା ବ୍ୟବହାର ଦ୍ୱାରା

ଯଦି ଆପଣଙ୍କ ମନରେ ସନ୍ଦେହ ଥାଏ, ତେବେ ନିକଟସ୍ଥ ସରକାରୀ ଡାକ୍ତରଖାନାରେ ଥିବା ଆଇ.ସି.ଟି.ସି. (ସମନ୍ୱିତ ପରାମର୍ଶ ଓ ପରୀକ୍ଷା କେନ୍ଦ୍ର)ରେ ରକ୍ତ ପରୀକ୍ଷା ନିଶ୍ଚୟ କରାନ୍ତୁ ଏବଂ ଏଚ.ଆଇ.ଭି. ମୁକ୍ତ ରାଜ୍ୟ ଗଢିବାରେ ସାମିଲ ହୁଅନ୍ତୁ।

ତେଣୁ ଏଚ.ଆଇ.ଭି. ସଂକ୍ରମିତ ବ୍ୟକ୍ତିଙ୍କ ସହ ମିଳାମିଶା ଦ୍ୱାରା କୌଣସି ବିପଦର ଆଶଙ୍କା ନ ଥାଏ।

**ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର 1097ରେ ଯୋଗାଯୋଗ କରନ୍ତୁ**

AIDS Helpline 1097
ଜାଣନ୍ତୁ, ବୁଝନ୍ତୁ, ସୁସ୍ଥ ରୁହନ୍ତୁ।
DOWNLOAD

ୱେବସାଇଟ www.osacs.nic.in
OSACS
NACO National AIDS Control Organisation, India's Voice against AIDS, Ministry of Health & Family Welfare, Government of India, www.naco.gov.in

**ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି**
(ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର)
ଅଏଲ ଓଡ଼ିଶା ବିଲ୍ଡିଂ, ନୟାପଲ୍ଲୀ, ଭୁବନେଶ୍ୱର
ଫୋନ୍: ୦୬୭୪-୨୩୯୩୨୩୫/୨୩୯୫୪୧୫


ସାମନ୍ଥା ରୁଥ୍ ପ୍ରଭୁ

# ସମାଲୋଚନାର ଉତ୍ତର ରଖିଲେ

**ମୁମ୍ବାଇ:** ନିଜ ରୋଗକୁ ନେଇ ସମାଲୋଚନାର ଶିକାର ହେବା ପରେ ଏବେ ଏହାର ଉତ୍ତର ରଖିଛନ୍ତି ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ। ସେ କହିଛନ୍ତି, 'ମୁଁ ମାୟୋସାଇଟିସ୍ ରୋଗରେ ପୀଡ଼ିତ। ଭଗବାନ କରନ୍ତୁ ଆଉ କେହି ଏହି ରୋଗରେ ପୀଡ଼ିତ ନ ହୁଅନ୍ତୁ। ଆଉ କାହାକୁ ଏହି ରୋଗର ଚିକିତ୍ସା ପ୍ରଣାଳୀ ଦେଇ ଗତି କରିବାକୁ ନ ପଡୁ। ସେ କିଛିଦିନ ପୂର୍ବେ ମାୟୋସାଇଟିସ୍ ରୋଗରେ ପୀଡ଼ିତ ଥିବା ନେଇ ସୋସିଆଲ ମିଡିଆରେ ଜଣାଇଥିଲେ। ଏହି ରୋଗ ଯୋଗୁ ସେ ତାଙ୍କ ଚେହେରାର ଗ୍ଲୋ ହରାଇ ବସିଥିବା ନେଇ ସୋସିଆଲ ମିଡିଆରେ ଶେୟାର କରି କହିଛନ୍ତି। ସାମନ୍ଥାଙ୍କ ଏପରି କଥାରେ ଫ୍ୟାନ୍ସମାନେ 'କେବଳ ଆପଣ ନୁହନ୍ତି, ଆପଣଙ୍କ ହୃଦୟ ବହୁତ ସୁନ୍ଦର' ବୋଲି ଟୁଇଟ୍ କରିଛନ୍ତି। ସାମନ୍ଥାଙ୍କ ଫିଲ୍ମ 'ଶକୁନ୍ତଲମ୍'ର ଟ୍ରେଲର ସୋମବାର ରିଲିଜ୍ ହୋଇଥିବାବେଳେ ଫିଲ୍ମଟି ଆସନ୍ତା ଫେବୃୟାରୀ ୧୭ରେ ରିଲିଜ୍ ହେବାକୁ ଯାଉଛି। ସାଉଥ୍ ଇଣ୍ଡଷ୍ଟ୍ରିରେ ତାଙ୍କର ଯାଦୁ ଦେଖାଇବା ପରେ ଏବେ ସେ 'ଦି ଫ୍ୟାମିଲି ମ୍ୟାନ ୨' ଜରିଆରେ ଡିଜିଟାଲ ଡେବ୍ୟୁ କରିବାକୁ ଯାଉଛନ୍ତି।

# କବର ପାଇଁ ଦେବାକୁ ପଡ଼େ ଭଡ଼ା

ଗୁଆଟେମାଲା ସିଟି



ଦୁନିଆର ବିଭିନ୍ନ ସ୍ଥାନରେ ଭିନ୍ନ ରୀତିନୀତି ରହିଥାଏ। ସେଥିମଧ୍ୟରୁ କିଛି ରୀତିନୀତି ବହୁତ ଅଜବ ହୋଇଥାଏ। ବିଦେଶରେ ଲୋକେ ମରିବା ପରେ ତାଙ୍କୁ କବର ଦିଆଯାଇଥାଏ। କିନ୍ତୁ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ କବର ପାଇଁ ଭଡ଼ା ଦେବାକୁ ପଡ଼ିଥାଏ। ମଧ୍ୟଆମେରିକାର ଗୁଆଟେମାଲା ଦେଶରେ ଏପରି ରୀତିନୀତି ଦେଖିବାକୁ ମିଳେ। ସେଠାରେ ପ୍ରିୟଜନଙ୍କ ମୃତ୍ୟୁ ପରେ କବରସ୍ଥାନରେ କବର ଦିଆଯିବା ପରେ ଭଡ଼ା ଦେବାକୁ ପଡ଼ିଥାଏ। ଯଦି କେହି ଭଡ଼ା ଦେବାକୁ ସମର୍ଥ ନୁହେଁ, ତେବେ କବରରୁ ମୃତଦେହକୁ ବାହାର କରି ସାମୂହିକ ସ୍ଥାନରେ କବର ଦିଆଯାଏ। ତା' ବଦଳରେ ଅନ୍ୟ ଏକ ମୃତଦେହକୁ ସେହି ସ୍ଥାନରେ କବର ଦିଆଯାଇଥାଏ। ପ୍ରକୃତରେ ଗୁଆଟେମାଲାରେ ସ୍ଥାନ ଅଭାବ ଯୋଗୁ ଅନେକ ମହଲାବିଶିଷ୍ଟ କବରସ୍ଥାନ କରାଯାଇ ଏପରି ନୀତି ଲାଗୁ କରାଯାଇଛି।

# ଓସ୍କାର ଦୌଡ଼ରେ ଆଉ ୩ ଫିଲ୍ମ

**ମୁମ୍ବାଇ:** ରିଷଭ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ଫିଲ୍ମ 'କାନ୍ତାରା', ବିବେକ୍ ଅଗ୍ନିହୋତ୍ରୀଙ୍କ ଫିଲ୍ମ 'ଦି କଶ୍ମୀର ଫାଇଲ୍‌ସ' ଏବଂ ସଞ୍ଜୟଲୀଲା ଭଁସାଲିଙ୍କ 'ଗଙ୍ଗୁବାଈ କାଠିଆୱାଡ଼ି' ଏବେ ଓସ୍କାର ଦୌଡ଼ରେ ସାମିଲ ହୋଇଛି। ଓସ୍କାର ୨୦୨୩ ପାଇଁ 'କାନ୍ତାରା' ବେଷ୍ଟ ପିକ୍ଚର ଏବଂ ବେଷ୍ଟ ଆକ୍ଟର ବର୍ଗରେ କ୍ୱାଲିଫାଏ ହୋଇଛି। ଏହା ପୂର୍ବରୁ ରାଜମୌଲିଙ୍କ ସିନେମା 'ଆର୍‌ଆର୍‌ଆର୍' ବେଷ୍ଟ ଅରିଜିନାଲ୍ ସଙ୍ଗ୍ ବର୍ଗରେ 'ନାଟୁନାଟୁ' ସ୍ଥାନ ପାଇଛି। ଏହି ଓସ୍କାର ସମ୍ମାନ ପାଇଁ 'କାନ୍ତାରା'ର ବିଳମ୍ବରେ ପ୍ରବେଶ ହୋଇଥିଲା। 'କାନ୍ତାରା' ଲିଷ୍ଟରେ ସ୍ଥାନ ପାଇବା ନେଇ ନିର୍ଦ୍ଦେଶକ ରିଷଭ ଟୁଇଟ୍ କରି ଖୁସି ବ୍ୟକ୍ତ କରିଛନ୍ତି। ୨ଟି ବର୍ଗରେ ଏହି ଫିଲ୍ମ ସ୍ଥାନ ପାଇଥିବା ସେ ଜଣାଇଛନ୍ତି। 'ଦି କଶ୍ମୀର ଫାଇଲ୍‌ସ' ବେଷ୍ଟ ଫିଲ୍ମ ଓ ବେଷ୍ଟ ଆକ୍ଟର ବର୍ଗରେ କ୍ୱାଲିଫାଏ ହୋଇଛି। ବିବେକ ଅଗ୍ନିହୋତ୍ରୀ ଏବଂ ଅନୁପମ୍ ଖେର୍ ଟୁଇଟ୍ କରି ଖୁସିବ୍ୟକ୍ତ କରିଛନ୍ତି।



# ମହିଳାଙ୍କ ବ୍ୟାଗ୍‌ରେ ୪ ଫୁଟିଆ ସାପ

ମୁମ୍ବାଇ

ବିମାନ ଯାତ୍ରା ସମୟରେ ବିଭିନ୍ନ ଜିନିଷ ସାଙ୍ଗରେ ନେବାକୁ ବାରଣ ରହିଥାଏ। ଏଥିସହ ସମସ୍ତ ଜିନିଷକୁ ଭଲଭାବେ ଯାଞ୍ଚ କରାଯାଇଥାଏ। ଗତ ଡିସେମ୍ବର ୧୫ରେ ଆମେରିକାର ଟାମ୍ପା ଅନ୍ତର୍ଜାତୀୟ ବିମାନବନ୍ଦରରେ ଜଣେ ମହିଳା ଯାତ୍ରୀଙ୍କ ବ୍ୟାଗ୍‌ରୁ ୪ ଫୁଟ ଲମ୍ବର ଏକ ସାପ ବାହାରିଥିଲା, ସେଥିପାଇଁ ତାଙ୍କୁ ବିମାନରେ ଯିବାକୁ ବାରଣ ହୋଇଥିଲା। ମହିଳା ଜଣକ ବ୍ୟାଗ୍‌ରେ ସାପ ନେଇ ବିମାନ ଯାତ୍ରା କରିବାକୁ ଚେଷ୍ଟା କରୁଥିଲେ। ସେ ବିମାନରେ ଚଢ଼ିବା ପୂର୍ବରୁ ତାଙ୍କ ବ୍ୟାଗ୍‌ର ସ୍କ୍ରିନିଂ କରାଯାଇଥିଲା। ସ୍କ୍ରିନିଂରେ ଜୋତା, ଲାପ୍‌ଟପ୍ ସହ କିଛି ଅଜବ ସାମଗ୍ରୀ ଦେଖିବାକୁ ମିଳିଥିଲା। ପରେ ତାଙ୍କ ବ୍ୟାଗ୍ ଖୋଲିବାରୁ ସେଥିରୁ ୪ ଫୁଟ ଲମ୍ବର ସାପ ବାହାରିଥିଲା। ଏହା ଦେଖି ଯାଞ୍ଚ କରୁଥିବା ଅଧିକାରୀ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମହିଳାଙ୍କୁ ଅଟକ ରଖାଯିବା ସହ ତାଙ୍କ ବିମାନ ଯାତ୍ରାକୁ ବାରଣ କରାଯାଇଥିଲା।




**OFFICE OF THE SUPERINTENDING ENGINEER**
**CUTTACK (R&B) DIVISION NO.II, CUTTACK**
E-mail ID- eepwdcuttack2@gmail.com, Tele/Fax No. (0671)- 2973399
No.B-1103:- **GOVERNMENT OF ODISHA "e" procurement Notice**

**e-procurement Notice for Building Work**
**Bid identification No. S.E. CTC (R&B)-II-21 of 2022-23**

| | | | |
|---|---|---|---|
| 1. | Name of the work | :- | **02 Nos. of Building Work** |
| 2. | Estimated Cost | :- | **Rs.97,89,004/- (Civil+E.I.+P.H.)** |
| 3. | Period of completion | :- | **9 (Nine) calendar Months** |
| 4. | Date & time of sale & receipt of bid document | :- | **From 10.01.2023 to 5 PM of 24.01.2023** |
| 5. | Last date/time of receipt of bids | :- | **5 PM of 24.01.2023** |
| 6. | Date & time of Opening of Bids | :- | **11 AM of 25.01.2023** |
| 7. | Name and address of the Officer Inviting Bid | :- | **Superintending Engineer, Cuttack (R&B) Division-II, Cuttack** |

Further details can be seen from the e-procurement portal **http://www.tendersorissa.gov.in**. Any addendum/ corrigendum/ cancellation of tender can also be seen in the said website.

**Sd./- Superintending Engineer,**
**Cuttack (R&B) Division No.II**
OIPR-34137/11/0014/2223



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**CENTRAL (R&B) CIRCLE, BHUBANESWAR**
**Mail id: seccbbsr@gmail.com**

**E-Procurement Tender Call Notice No. 12 of 2022-23**
**No. 37 (Estg.) Bhubaneswar the 5th January 2023**

No. B-1109: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for one number Composite Building works to be received in online bidding, double cover system for construction work as detailed in **https://tendersorissa.gov.in**. The details of bid documents will be available in the above website from **5.00 P.M. of 12.01.2023 to 3.00 P.M. of 21.01.2023**. The bidders must possess compatible Digital Signature Certificate of Class II or III. Bids received online shall be opened at **5.00 P.M. of 21.01.2023** in the Office of the Chief Construction Engineer, Central (R&B) Circle, Bhubaneswar.
Further details can be seen from the e-procurement portal **www.tendersorissa.gov.in**.
Addendum/Corrigendum, if required, will be available only in the website.

**Sd./- Er. T.K. Panda**
**Chief Construction Engineer**
OIPR-34156/11/0015/2223 **Central (R&B) Circle, Bhubaneswar**


# ଶୁଟିଂ ସେଟ୍‌ରେ ଆହତ ହେଲେ କାର୍ତ୍ତିକ ଆର୍ଯ୍ୟନ



ମୁମ୍ବାଇ

ବଲିଉଡ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ବିଷୟରେ ଏକ ବଡ ଖବର ସାମ୍ନାକୁ ଆସିଛି। ଫିଲ୍ମ 'ଶେହଜାଦା'ର ଶୁଟିଂ ସମୟରେ କାର୍ତ୍ତିକ ଏକ ଛୋଟ ଦୁର୍ଘଟଣାର ଶିକାର ହୋଇଛନ୍ତି। ଫଳରେ ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। କାର୍ତ୍ତିକ ଆର୍ଯ୍ୟନ ନିଜେ ସୋସିଆଲ ମିଡିଆରେ ଏକ ଫଟୋ ଶେୟାର କରି ଉକ୍ତ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନାଚିବା ସମୟରେ ଆଣ୍ଠୁରେ ଆଘାତ ଲାଗିଛି। ୨୦୨୩ ବର୍ଷର ଆଇସ ବକେଟ ଚ୍ୟାଲେଞ୍ଜ ବର୍ତ୍ତମାନ ଆରମ୍ଭ ହେଉଛି। ଏଭଳି ପରିସ୍ଥିତିରେ କାର୍ତ୍ତିକ ଆର୍ଯ୍ୟାନଙ୍କ ଏହି ଇନଷ୍ଟା ପୋଷ୍ଟରୁ ଜଣାପଡୁଛି ଯେ ତାଙ୍କ ଆଘାତ ଏତେ ଗୁରୁତର ନୁହେଁ। ଅନ୍ୟପକ୍ଷରେ କାର୍ତ୍ତିକଙ୍କ ଏହି ଫଟୋ ଦେଖି ତାଙ୍କ ପ୍ରଶଂସକମାନେ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।


**GOVERNMENT OF ODISHA** No.O-1587
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**
E-Mail- rw_sundargarh@yahoo.co.in

**E-PROCUREMENT NOTICE**
**BID IDENTIFICATION NO. ONLINE-SESNG-21 OF 2022-23**

| | | | |
|---|---|---|---|
| 1. | Name of the Work | :- | Road & Building Works |
| 2. | Total No. of works | :- | 06 nos. Roads & 11 nos. Buildings |
| 3. | Estimated cost | :- | Rs.1.68 Lakhs & 18.55 Lakhs |
| 4. | Class of contractor | :- | 'D' & 'C' |
| 5. | Period of completion | :- | 01 calendar month |
| 6. | Type of Tender | :- | Single Cover |
| 7. | Other details | | |

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Superintending Engineer, Rural Works Division, Sundargarh** | **Online-SESNG-21 of 2022-23** | **13.01.2023 from 10.00 A.M.** | **30.01.2023 upto 5.30 P.M.** |

Further details can be seen from the website www.tendersorissa.gov.in
**Sd./- Executive Engineer,**
OIPR-25046/11/0026/2223 **Rural Works Division, Sundargarh**



**କଟକ ସ୍ୱତନ୍ତ୍ର ବିଦ୍ୟୁତ୍ ଥାନା, ଯୋବ୍ରା, କଟକ**
**(ବୃହତ୍ ବନ୍ଦୋବସ୍ତ କାର୍ଯ୍ୟାଳୟ)**
**ନିଲାମ ବିଜ୍ଞପ୍ତି**

No. D-281: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ବିଗତ ଦିନରେ କଟକ ସ୍ୱତନ୍ତ୍ର ବିଦ୍ୟୁତ୍ ଥାନା ଦ୍ୱାରା ୨୦୦୭ ମସିହାରୁ ୨୦୨୧ ମସିହା ପର୍ଯ୍ୟନ୍ତ ବିଭିନ୍ନ ମକଦ୍ଦମାରେ ଜବତ ହୋଇଥିବା ଆଲୁମିନିୟମ ତାର, ତମ୍ବା ତାର, ବୈଦ୍ୟୁତିକ ଉପକରଣଗୁଡ଼ିକ ମାନ୍ୟବର ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ତା୨୦।୦୧।୨୦୨୩, ସମୟ ଦିବା ୧୧ ଘଟିକାରେ ବୃହତ୍ ବନ୍ଦୋବସ୍ତ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ସ୍ୱତନ୍ତ୍ର ବିଦ୍ୟୁତ୍ ଥାନା ପ୍ରାଙ୍ଗଣରେ ସର୍ବ ସମ୍ମୁଖରେ ନିଲାମ କରାଯିବ। ଏହି ବୈଦ୍ୟୁତିକ ଉପକରଣ ଗୁଡ଼ିକର ମୂଲ୍ୟ ଟ୩୯,୫୧୩/-ଙ୍କା କମିଟି ଦ୍ୱାରା ଧାର୍ଯ୍ୟ କରାଯାଇଅଛି। ଏଥିପାଇଁ ସର୍ବସାଧାରଣଙ୍କୁ ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଅବଗତ କରାଯାଉଅଛି। ଇଚ୍ଛୁକ ପ୍ରାର୍ଥୀମାନେ ତା୨୦।୦୧।୨୦୨୩ଦିନ ସିଧା ସଳଖ ନିଲାମ ପ୍ରକ୍ରିୟାରେ ଭାଗ ନେଇ ପାରିବେ। ଇଚ୍ଛୁକ ପ୍ରାର୍ଥୀମାନେ ମଧ୍ୟ ନିଲାମ ହେବାକୁ ଥିବା ଜିନିଷକୁ ନିଲାମ ପୂର୍ବରୁ ଉକ୍ତ ଥାନା ପରିସରରେ ଦେଖିପାରିବେ। ଯିଏ ସର୍ବାଧିକ ନିଲାମ ଡାକିବେ ତାଙ୍କୁ ସଙ୍ଗେ ସଙ୍ଗେ ନିଲାମ ଟଙ୍କାର ୨୫% ନଗଦ ଟଙ୍କା ଆକାରରେ ଦାଖଲ ଦେବାକୁ ପଡ଼ିବ ଏବଂ ବାକି ୭୫% ଟଙ୍କା ୭ (ସାତ)ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ। ନଚେତ୍ ପରବର୍ତ୍ତୀ ସର୍ବୋଚ୍ଚ ନିଲାମଧାରୀଙ୍କୁ ଉକ୍ତ ପ୍ରକ୍ରିୟା ଅନୁସାରେ ଅଗ୍ରାଧିକାର ଦିଆଯିବ। ଏହି ନିଲାମ ପ୍ରକ୍ରିୟା ଗଠନ କରାଯାଇଥିବା କମିଟିର ଅଧିକାରୀ ଶ୍ରୀ ଚନ୍ଦନ ଘଡ଼ାଇ, ଓପିଏସ୍, ଏସିପି, ଜୋନ-୪ଙ୍କ ଅଧ୍ୟକ୍ଷତାରେ, ଆଇଆଇସି, ସ୍ୱତନ୍ତ୍ର ବିଦ୍ୟୁତ୍ ଥାନା ଓ ଶ୍ରୀ ବିଶ୍ୱନାଥ ସ୍ୱାଇଁ, Asst. Manager (Finance) TPCODLଙ୍କ ଉପସ୍ଥିତିରେ ସମ୍ପାଦନ କରାଯିବ। ଆବଶ୍ୟକସ୍ଥଳେ ନିମ୍ନ ସ୍ୱାକ୍ଷରକାରୀ କୌଣସି କାରଣ ନ ଦର୍ଶାଇ ଯେ କୌଣସି ନିଲାମ ଗ୍ରହଣ କିମ୍ବା ନାକଚ କରିପାରିବେ। ନିଲାମ ପ୍ରକ୍ରିୟା ସମାପ୍ତ ହେଲା ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ।

**ସ୍ୱା./- (ପିନାକ ମିଶ୍ର, ଭା.ପୁ.ସେ.)**
**ଆରକ୍ଷୀ ଉପ ଆୟୁକ୍ତ, କଟକ**
OIPR-12015/11/0007/2223



**GOVERNMENT OF ODISHA** No. B-1099
**OFFICE OF THE SUPERINTENDING ENGINEER**
**PARALAKHEMUNDI (R&B) DIVISION, PARALAKHEMUNDI**
Tel.Ph.No.: 06815-222542, E-mail I.D.: eerbparala@yahoo.com

**e-Procurement Notice**
**Bid Identification No.S.E., PKD. R&B DIVN. - 20/2022-23**
**No.55** **Date: 7.1.2023**

**INVITATION FOR BIDS**

| | | | |
|---|---|---|---|
| 1. | The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in **Double/Single cover** system to be received in on **ONLINE MODE** only for the construction of works as detailed in the table below: | | |
| 2. | Nature of works | : | Building works |
| 3. | No. of works | : | 1 [One] no. of work |
| 4. | Estimated cost (Approximately) | : | Rs.16.47 Lakhs |
| 5. | Bid cost | : | Rs.6000/- |
| 6. | Class of contractor | : | "D"/"C" Class |
| 7. | Availability of Bid Documents in the website | : | 10.00 Hrs of **Dt.16.01.2023** To 17.00 Hrs. of **Dt.24.01.2023** |
| 8. | Date of opening of the Bid | : | 12.00Hrs. of **Dt.25.01.2023** |
| 9. | The Bidders have to participate in **ONLINE** bidding only. Further details can be seen from the website **http://tendersorissa.gov.in.** Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | | |

**Sd./- Superintending Engineer,**
OIPR-34065/11/0020/2223 **Paralakhemundi (R&B) Division**



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER**
**LOWER SUKTEL IRRIGATION PROJECT, BALANGIR**
**AT- LALTIKRA, DIST:- BALANGIR, PIN-767002**
**No.A-995:** **email-Id- ccelsp@gmail.com**

**Government of Odisha "e" PROCUREMENT NOTICE**
**Bid Identification No. 10/2022-23 of CCE, LSP, Balangir**

| | | |
|---|---|---|
| i | Name of work | CONSTRUCTION OF SUB-BASE FORMATION FOR MAIN ROAD AND BRANCH ROAD INCLUDING CROSS DRAINAGE WORKS (BOX CULVERTS) AND FIXING DEMARCATION PILLARS FOR PLOTTING IN RR COLONY OF LSIP, BALANGIR AT JHANKARPALI. |
| ii | Estimated Cost | Rs.16945526.89 |
| iii | Period of completion | 8 (Eight) Calendar Months |
| iv | Date & Time of availability of bid document in the portal | 11.01.2023 at 10.30 AM |
| v | Last date/time for receipt of bid in the portal | 25.01.2023 up to 5.30 PM |
| vi | Name & Address of the Officer Inviting Bid | Chief Construction Engineer, Lower Suktel Irrigation Project, Balangir, At-Laltikra,Dist- Balangir, PIN-767002 |

Further details can be seen from the e-Procurement Portal http://tendersodisha.gov.in. Any corrigendum / addendum/ cancellation will be displayed in the Govt. Website only.

**Sd./- Chief Construction Engineer**
**Lower Suktel Project, Balangir**
OIPR-32333/11/0014/2223



**OFFICE OF THE ADDITIONAL CHIEF ENGINEER**
**CENTRAL MINOR IRRIGATION CIRCLE: BHUBANESWAR**
**Letter No.84** **Date:07.01.2023**
**1st Corrigendum to e-procurement Tender Call Notice No. SECMIC-04/2022-23**

**No.A-989:** It is to notify that the provision regarding Bid Security shall be kept in Bid documents as the provision of "Bid security declaration" was upto 31.12.2022 only. Hence, the modified Annexure to Bid Notice may be read as follows vide Tender Call Notice No SECMIC-04/2022-23.

**ANNEXURE TO BID NOTICE**

| Sl. No. | Name of the Project & Location | Approx. Estd. Cost Rs. in Lakhs | Bid Security @ 1% in Rs. (through online) | Cost of Bid documents in Rs. | Class of Contractor | Time for completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | "Construction of Matellia IV Check Dam in Banarapal Block of Angul District under MATY Grant for the year 2022-23." | 125.36 | 1,25,400/- | 10000/- | A & B | 11 (Eleven) Calendar Months |
| 2 | "Improvement of Ragadinalla in Bhuban N.A.C of Dhenkanal District under DIP for the year 2022-23" | 122.19 | 1,22,200/- | 10000/- | A & B | 11 (Eleven) Calendar Months |

**1. Modified Sale and Receipt of Tender (Online): From 10.00 Hrs on 13.01.2023 to 17.00 Hrs on 30.01.2023.**
**2. Tender Opening (Technical) : 11.00 A.M onwards on 31.01.2023 in the O/o ACE, Central M.I.Circle, Bhubaneswar.**

Further notified that the Sl No-06 of Tender Call Notice No SECMIC-04/2022-23 may be read as "The Cost of Bid Documents & Bid security must be uploaded by the bidders in online mode failing which the tender will be rejected" All other terms and conditions of the above tender call notice will remain unchanged. Further details can be seen from the e-procurement market place-http.//tendersodisha.gov.in.

OIPR-32047/11/0007/2223 **Sd./- Additional Chief Engineer, C.M.I. Circle, Bhubaneswar**



**GOVERNMENT OF ODISHA**
**DEPARTMENT OF AGRICULTURE AND FARMERS' EMPOWERMENT,**
**DIRECTORATE OF AGRICULTURE & FOOD PRODUCTION, ODISHA**
**KRUSHI BHAWAN, BHUBANESWAR**
**Notice No. DE/AGR-54** **Date: 09.01.2023**

**NOTICE INVITING EXPRESSION OF INTEREST**

**No. L-115:** Expression of Interest is invited in two bid system i.e. Technical Bid & Financial Bid from reputed Manufacturers/MSME Units for procurement & supply of Tractor operated Rubber Roll Rice Sheeler-cum-Polishers & Mini Dal Mills (As per details in Annexure-1A and Annexure - 1B) to selected WSHG/FPO/FPCs/SHGs/FPOs/FPCs in different districts of Odisha. The details of the machines to be supplied and Cost of EoI document are indicated in the following table:

| Sl. No. | Name of the Post-Harvest Machine to be Procured and Supplied | Approximate Nos. to be Procured and Supplied | Cost of EoI Document |
|---|---|---|---|
| 1 | Tractor operated Rubber Roll Sheeler-cum-Polisher for Rice | 80 | Rs.10000.00 + Rs.1800.00 (GST), Non-refundable |
| 2 | Mini Dal Mill with Single Phase, 1 HP Electric Motor (I/F Model) | 220 | Rs.10000.00 + Rs.1800.00 (GST), Non-refundable |

The EoI documents can be downloaded from the website of Government of Odisha **(www.odisha.gov.in / https//agrisnetodisha.ori.nic.in)** from **11.01.2023 to 30.01.2023**. The cost of EoI documents is Rs.10000/- + 18% GST to be deposited in shape of Bank Draft drawn in favour of "Development Engineer, OFMRDC, Bhubaneswar" payable at Bhubaneswar. The EoI documents may be sent through **Registered Post/Speed Post** only addressed to the Development Engineer OFMRDC, Satyanagar, Bhubaneswar - 751007. A bidder/firm can put up EoI documents for both the items mentioned at Sl. No. 1 & 2 above, but separate bids comprising bid documents and cost of EoI document in separate envelopes to be submitted. The last date of receipt of the EoI documents is **31.01.2023 upto 5.30 P.M.** The Technical Bid submitted in the EoI documents shall be opened on next working day i.e. **on 01.02.2023 at 3.00 P.M.** in presence of the bidders or their authorized representatives. Any clarification may be obtained from the Office of the Development Engineer **(Mobile No. 9778312631)** on working days only from **11.01.2023 to 30.01.2023** during office hours between 11 A.M. to 5 P.M. The undersigned reserves the right to cancel any or all bids without assigning any reason and without incurring any liabilities thereof. The undersigned also reserves the right to relax any clauses as in technical & financial bids.

**Sd./- Director of Agriculture & Food Production, Odisha, Bhubaneswar**
OIPR-01051/11/0009/2223

# ଜଗତ୍‌ସିଂହପୁର ବନବିଭାଗ ରେଞ୍ଜରୁ ୨୦୬୨ପକ୍ଷୀ ଚିହ୍ନଟ

**ଜଗତ୍‌ସିଂହପୁର ଅଫିସ, ୧୦।୧**

କଟକ ବନଖଣ୍ଡ ଅଧୀନ ଜଗତ୍‌ସିଂହପୁର ରେଞ୍ଜ ଅଞ୍ଚଳର ସନ୍ତସନ୍ତିଆ ସ୍ଥାନରେ ମଙ୍ଗଳବାର ପକ୍ଷୀ ଗଣନା କରାଯାଇଛି। ଏହି ଗଣନାରେ ବିଭିନ୍ନ ପ୍ରଜାତିର ମୋଟ ୨୦୬୨ଟି ପକ୍ଷୀ ଚିହ୍ନଟ ହୋଇଛନ୍ତି। କଟକ ବନଖଣ୍ଡ ଏସ୍‌ଟିଏଫ୍ ସୌଭାଗ୍ୟ କୁମାର ସାହୁ ଓ ଜଗତ୍‌ସିଂହପୁର ରେଞ୍ଜ ଅଫିସର ରବିନାରାୟଣ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ଦଳ ପୃଥକ୍ ସ୍ଥାନରେ ଗଣନା କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଏହି ଅବସରରେ ତାରପୁର ନାରାୟଣୀ ମନ୍ଦିର ନିକଟ ମହାନଦୀରୁ, କମାରଶାସନ ରାହାସବଟ ବଗୁଲାଘାଇସ୍ଥିତ ଦେବୀ ନଦୀରୁ, ଏହି ନଦୀର ଶଙ୍ଖାରିସାହି ନିକଟରୁ ଓ ଦଳେଇଘାଇ ପାଖରୁ ୧୬ ପ୍ରଜାତିର ପକ୍ଷୀ ଚିହ୍ନଟ ହୋଇଥିଲେ। ଏହି ପକ୍ଷୀଗୁଡିକ ମଧ୍ୟରେ ଲିଟିଲ କର୍ମୋରାଣ୍ଟ (ପାଣି କୁଆ), ଲିଟିଲ ଇଗରେଟ୍ (ଛୋଟ ବଗ), ଇଣ୍ଟରମିଡିଏଟ୍ ଇଗରେଟ (ଗେଣ୍ଡାଳିଆ), କ୍ରେ ହିରୋନ (ବଡ଼ ବଗ), ବ୍ରାହ୍ମନି ରିଡଲ ସ୍ଲେଡକ୍ (ଚକୁଆ ଚଢ଼େଇ), ଇଣ୍ଡିଆନ କଟନ ଟିଲ୍ (ବତକ ଜାତୀୟ), ରେଡ ୱାଟଲେଡ୍ (ନାଲି ପାଦ ଥିବା ମାଛରଙ୍କା ଭଳିଆ) ଓ ଲୋଟେଡ୍ ବ୍ରେଷ୍ଟେଡ୍ କିଙ୍ଗଫିସର (ଗଙ୍ଗେଇ ଚଢ଼େଇ), ଇଣ୍ଡିଆନ ସଗ (ବଗ ଭଳି), ଇଣ୍ଡିଆନ ପଣ୍ଡ ହିରନ୍, କର୍ଟଲ ଇଗରେଟ୍ , ଏସିଆନ ଓପନ ବିଲ୍ (ଚେଁ ଚେଁକିଆ ବଣି), କମନ କିଙ୍ଗ ଫିସର (ସାଧାରଣ ମାଛରଙ୍କା), ସଲରୀ (ଡାଉକ),ରିଭର ଲାପୋକିଙ୍ଗ (ଡାଉକ ଜାତୀୟ) ଇଣ୍ଡିଆନ ଓପନ ବିଲ୍ ପ୍ରମୁଖ ରହିଛନ୍ତି। ସେଥିମଧ୍ୟରେ ବ୍ରାହ୍ମନି ରିଡଲ ସ୍ଲେଡକ୍ (ଚକୁଆ ଚଢ଼େଇ) ଓ ଇଣ୍ଡିଆନ ସଗ (ବଗ ଭଳି) ସଂଖ୍ୟା ଅଧିକ ରହିଛି। ଏହି ପକ୍ଷୀଗଣନା କାର୍ଯ୍ୟରେ ବନ ବିଭାଗ ପକ୍ଷରୁ ପୀତବାସ ମହାପାତ୍ର, ବିଜୟିନୀ ବିଶ୍ୱାଳ, ଲୋକନାଥ ମହାନ୍ତି, ଦୀପ୍ତିରଞ୍ଜନ ଗୁରୁ, ସୁପ୍ରଭା ଜେନାମଣି, ଭାରତୀ କାଣ୍ଡି, ରଞ୍ଜନ କୁମାର ଭୋଇ, ବାମନ ଚରଣ ରାଉତ, ସରୋଜ ନାଥ, ସତ୍ୟପ୍ରକାଶ ବାରିକ, ସୁକାନ୍ତ କୁମାର ବେହେରା, ରୀନାରାଣୀ ମଲ୍ଲିକ ଓ ଦିଲୀପ କୁମାର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।



# ସୁରମଣିରେ ଭୟାବହ ଅଗ୍ନିକାଣ୍ଡ

## ୧୪ ପରିବାରର ୪୨ ବଖରା ଭସ୍ମୀଭୂତ

**ସୋରଡା,୧୦।୧(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସୋରଡା–ଆସିକା ଜାତୀୟ ରାଜପଥ ପାର୍ଶ୍ୱ ସୁରମଣି ଗ୍ରାମରେ ସୋମବାର ମଧ୍ୟରାତ୍ରରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ୧୪ ପରିବାରର ୪୨ ବଖରା ଘର ସଂପୂର୍ଣ୍ଣ ଜଳିପୋଡି ପାଉଁଶ ହୋଇଯାଇଛି। ନିଆଁ କିଭଳି ଲାଗିଲା ତାହା ଜଣାପଡ଼ିନାହିଁ। ରାତିରେ ଉକ୍ତ ରାସ୍ତା ଦେଇ ଦାରିଙ୍ଗବାଡି ଯାଉଥିବା ପର୍ଯ୍ୟଟକମାନେ ନିଆଁ ଜଳୁଥିବା ଦେଖି ଅଟକିଥିଲେ। ସେମାନେ ପୋଡିଯାଉଥିବା ଘରେ ଶୋଇଥିବା ଲୋକଙ୍କ କବାଟ ବାଡ଼େଇ, ପାଟିକରି ଉଠେଇଥିଲେ। ନିଆଁ ବ୍ୟାପୁଥିବା ଖବରପାଇ ଆଇଆଇସି ରମେଶ କୁମାର ପ୍ରଧାନଙ୍କ ସମେତ ଦମକଳ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ ଚଳାଇଥିଲା । ରାତି ପ୍ରାୟ ୧୨ଟାରୁ ୯ ଘଣ୍ଟା ପର୍ଯ୍ୟନ୍ତ ଦମକଳବାହିନୀ ନିଆଁଲିଭା କାର୍ଯ୍ୟରେ ଲାଗିଥିଲା। ଅଗ୍ନିକାଣ୍ଡରେ ଦମୟନ୍ତୀ ନାଇକ, ଦୟାନିଧି ନାଇକ, ପରୀ ନାଇକ, ଚିନ୍ତାମଣି ନାଇକ, ବସୁଦେବ ନାଇକ, ଗନ୍ତେଇ ନାଇକ, ଧୋବା ନାଇକ, କାଳିଆ ନାଇକ, ସୁରେନ୍ଦ୍ର ନାଇକ, କନ୍ଧ ନାଇକ, ସଞ୍ଜୟ ନାଇକ, ଭାଗ୍ୟ ନାଇକ, ରଚନା ନାଇକ ଓ ପ୍ରତିମା ନାଇକଙ୍କ ଗଚ୍ଛିତ ଧାନଚାଉଳ, ଲୁଗାପଟା, ଆସବାବପତ୍ର ଆଦି ପୋଡିଯାଇଛି। ବିପନ୍ନ ପରିବାର ଶୀତ କାକରରେ ଦୟନୀୟ ଅବସ୍ଥାରେ ଅଛନ୍ତି। ମଙ୍ଗଳବାର ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ସୁରମଣିରେ ପହଞ୍ଚି ବିପନ୍ନ ପରିବାରକୁ ଆଶ୍ୱାସନା ଦେବାସହ ସମସ୍ତ ସୁବିଧା ଯୋଗାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ରାଜସ୍ୱ ନିରୀକ୍ଷକଙ୍କ ସହ ପହଞ୍ଚି କ୍ଷତି ଆକଳନ ଆରମ୍ଭ କରିଛନ୍ତି। ସମସ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ବିଭିନ୍ନ ସହାୟତା ଯୋଗାଇବାକୁ ପ୍ରଶାସନକୁ ଅନୁରୋଧ କରାଯାଇଛି। ସୋରଡା ଲାଏନ୍ସ କ୍ଲବର ସଦସ୍ୟମାନେ ସମସ୍ତ ଅଗ୍ନି ବିପନ୍ନ ପରିବାରକୁ ଶୁଖିଲା ଖାଦ୍ୟ, ବାଲ୍ଟି, ରୋଷେଇ ସରଞ୍ଜାମ ଆଦି ବଣ୍ଟନ କରିଛନ୍ତି। ସଭ୍ୟ ଶିବଶଙ୍କର ପଣ୍ଡା, ବିଜୟ ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ସହଯୋଗ କରିଥିଲେ ।



ବିଧାୟକ ଅଗ୍ନିବିପନ୍ନ ପରିବାରକୁ ଭେଟୁଛନ୍ତି ।


## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.18-SBP-TRD-OT-2022-23, ତା.04.01.2023ରିଖ

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳରେ ବିଶ୍ୱମକଟକ ଟ୍ରାକ୍ସନ ସବ୍‌ଷ୍ଟେସନ (TSS) ଏବଂ ଲାଞ୍ଜିଗଡ଼ ରୋଡ୍ ଟ୍ରାକ୍ସନ ସବ୍‌ଷ୍ଟେସନ (TSS) ସମ୍ମୁଖରେ ଅପ୍ ଲାଇନ୍, ଡାଉନ୍ ଲାଇନ୍ ଏବଂ ତୃତୀୟ ଲାଇନ୍ ନିମନ୍ତେ PTFE ସର୍ଟ ନ୍ୟୁଟ୍ରଲ ସେକ୍ସନ ବ୍ୟବସ୍ଥା ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 3,57,57,409.95, EMD (ଟଙ୍କାରେ): 3,28,800/-, ଶେଷ ହେବା ଅବଧି : 7 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.27.01.2023 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-889/N/22-23



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.19-SBP-TRD-OT-2022-23, ତା.05.01.2023ରିଖ

**କାର୍ଯ୍ୟର ନାମ:** ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା-ବରଗଡ଼ ରୋଡ୍ ସେକ୍ସନରେ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ସଂ.JT-30, JT-34 ଏବଂ JT-43 ପରିବର୍ତ୍ତେ 03 ଗୋଟି ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)/ରୋଡ୍ ଅଣ୍ଡର ବ୍ରିଜ୍ (RUB) ର ବ୍ୟବସ୍ଥା ସମ୍ବନ୍ଧୀୟ TRD ସମ୍ପର୍କିତ କାର୍ଯ୍ୟ ।

**ଆନୁମାନିକ ମୂଲ୍ୟ (ଟଙ୍କାରେ):** 21,80,258.04, EMD(ଟଙ୍କାରେ): 43,600/-,ଶେଷ ହେବା ଅବଧି: 08 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.27.01.2023 ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ । ନିର୍ଦ୍ଦେଶାବଳୀ ଅନୁଯାୟୀ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜାତ ନିଶ୍ଚିତ ଭାବେ ଅପଲୋଡ୍ ହେବା ଆବଶ୍ୟକ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-894/N/22-23


## ପ୍ରଥମ ପୃଷ୍ଠାରୁ...

### ୩ ଦିନରେ ୭ ...

ହୋଇପାରନ୍ତି। ଭ୍ରମଣ ପ୍ରିୟ ଅଲୀ ଓ ସୁଜୟ ହାସଲ କରିଥିବା ଗିନିଜ୍ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ୍‌କୁ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି। ୬୪ ବର୍ଷୀୟ ଡ. ଅଲୀ ଜଣେ ଜଣାଶୁଣା ଫିଜିଓଥେରାପିଷ୍ଟ। ସେ ଭାରତୀୟ କ୍ରିକେଟ ଟିମ୍‌ର ଖେଳାଳିମାନଙ୍କୁ ଚିକିତ୍ସା କରିଥାଆନ୍ତି। ଅଦ୍ୟାବଧି ଅଲୀ ୯୦ ଦେଶ ଭ୍ରମଣ କରିସାରିଲେଣି। ଅଲୀ କହିଛନ୍ତି, ଭ୍ରମଣ କେବେ ସୀମାର ବାଧା ବନ୍ଧନ ମାନେ ନାହିଁ। ଏହା ବିଶ୍ୱବାସୀଙ୍କୁ ଏକାଠି କରିଥାଏ। ଅଲୀଙ୍କ ପଦାଙ୍କ ଅନୁସରଣ କରିବା ପରେ ଯାତ୍ରା ପ୍ରତି ସୁଜୟଙ୍କ ଆଗ୍ରହ ବଢ଼ିଥିଲା। କର୍ପୋରେଟ୍ ଜୀବନଶୈଳୀ ଛାଡ଼ି ସେ ମଧ୍ୟ ଏହି ଆଡ୍‌ଭେଞ୍ଚରରେ ସାମିଲ ହୋଇଥିଲେ। ବିଶ୍ୱର ୧୯୮ ଦେଶ ମଧ୍ୟରୁ ୧୭୨ ରାଷ୍ଟ୍ର ଭ୍ରମଣ ଅଭିଯାନରେ ସେ ଲାଗିଛନ୍ତି। ପ୍ରକାଶ ଯେ, ପୂର୍ବରୁ ଦ୍ରୁତତମ ଭ୍ରମଣକାରୀ ଭାବେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ)ର ଡ.ଖୱ୍ଲା ଅଲ୍ ରୋମାଇଥି ରେକର୍ଡ ହାସଲ କରିଥିଲେ। ୨୦୨୦ ଫେବୃୟାରୀରେ ସେ ୩ ଦିନ ୧୪ ଘଣ୍ଟା ୪୬ ମିନିଟ୍ ୪୮ ସେକେଣ୍ଡରେ ୭ ମହାଦେଶ ବୁଲିଥିଲେ। ତାଙ୍କଠାରୁ ୧୩ ଘଣ୍ଟା କମ୍ ସମୟ ନେଇ ଏହି ଦୁଇଜଣ ବିରଳ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଯାତ୍ରା ପାଇଁ ଉଭୟଙ୍କୁ ସାଇକେଲଠୁ ନେଇ ବିମାନ ପର୍ଯ୍ୟନ୍ତ ମାଧ୍ୟମର ସହାୟତା ନେବାକୁ ପଡ଼ିଥିଲା।

### ତ୍ୱରିତ ଶୁଣାଣି ...

ଗମ୍ଭୀରତାକୁ ଦୃଷ୍ଟିରେ ରଖି ବୁଧବାର ତ୍ୱରିତ ଶୁଣାଣି କରିବାକୁ ଖଣ୍ଡପୀଠଙ୍କୁ ନିବେଦନ କରିଥିଲେ। ଜୋଶୀମଠରେ ଦ୍ରୁତ ଶିଳ୍ପାୟନ ଓ ଅନ୍ୟ ନିର୍ମାଣ କାର୍ଯ୍ୟ ଯୋଗୁ ଭୂସ୍ଖଳନ ହେଉଛି। ତେଣୁ ପ୍ରଭାବିତ ଲୋକଙ୍କୁ ତତ୍କାଳ ଆର୍ଥିକ ସହାୟତା ଓ କ୍ଷତିପୂରଣ ପ୍ରଦାନ କରାଯାଉ। ଏଭଳି ଆହ୍ୱାନପୂର୍ଣ୍ଣ ସମୟରେ ସ୍ଥାନୀୟ ଲୋକଙ୍କୁ ତତ୍ପରତା ସହ ସହାୟତା ପ୍ରଦାନ ଲାଗି ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ)କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆଇନଜୀବୀ ପରମେଶ୍ୱର ଯୁକ୍ତି ବାଢ଼ିଥିଲେ। ଖଣ୍ଡପୀଠ କହିଥିଲେ, ସାମ୍ପ୍ରତିକ ସ୍ଥିତିରେ ମୁକାବିଲା ପାଇଁ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସଂସ୍ଥାଗୁଡ଼ିକ ରହିଛନ୍ତି। ତେଣୁ ସବୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆମ ପାଖକୁ ଆସିବା ଅନୁଚିତ। ଆସନ୍ତା ୧୬ ତାରିଖରେ ଶଙ୍କରାଚାର୍ଯ୍ୟଙ୍କ ଆବେଦନର ଶୁଣାଣି ପାଇଁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

### ଜୋଶୀମଠ ପରେ ...

ଜୋଶୀମଠ ଟାଉନ୍‌ର ୬୭୮ ବିଲ୍ଡିଂରେ ଫାଟ ସୃଷ୍ଟି ହୋଇଛି। ସୁରକ୍ଷା ଦୃଷ୍ଟିରୁ ୮୧ ପରିବାରକୁ ଅସ୍ଥାୟୀ ଭାବେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜୋଶୀମଠ ଅଞ୍ଚଳର ୨୧୩ଟି ରୁମ୍‌କୁ ଅସ୍ଥାୟୀ ବାସୋପଯୋଗୀ ଭାବେ ଚିହ୍ନଟ କରାଯାଇଛି, ଯେଉଁଠି ୧,୧୯୧ ଜଣଙ୍କୁ ରଖାଯାଇପାରିବ। ଏଥିସହ ସହର ବାହାରେ ଥିବା ପିପଲକୋଟିରେ ୪୯୧ ରୁମ୍/ହଲ୍ ଚିହ୍ନଟ କରାଯାଇଛି, ଯାହାର ଧାରଣ କ୍ଷମତା ୨,୨୦୫। ପ୍ରଭାବିତ ଲୋକଙ୍କୁ ଜିଲା ପ୍ରଶାସନ ଖାଦ୍ୟ ପୁଡ଼ିଆ, କମ୍ବଳ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦେଇଛି। ଏଥିସହ ପ୍ରତି ପରିବାରକୁ ୫,୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍‌ଡିଆର୍‌ଏଫ୍) ଯବାନମାନେ ବିପଦପୂର୍ଣ୍ଣ କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ଅଭିଯାନ ଚଳାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ହୋଟେଲ ମଲାରି ଇନ୍ ଏବଂ ମାଉଣ୍ଟ ଭ୍ୟୁକୁ ବୁଲ୍‌ଡୋଜର ଲଗାଇ ଭାଙ୍ଗିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ଇତିମଧ୍ୟରେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି)ର ତପୋବନ–ବିଷ୍ଣୁଗଡ଼ ଜଳବିଦ୍ୟୁତ୍ ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭୂବିଜ୍ଞାନ ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି, ଜୋଶୀମଠରେ ବୁଧବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ମାଇକ୍ରୋ ସେସ୍‌ମିକ୍ ଅବ୍‌ଜର୍ଭେଶନ୍ ସିଷ୍ଟମ୍ ପ୍ରତିଷ୍ଠା କରାଯିବ। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ଭୂସ୍ଖଳନର କାରଣ ସମ୍ପର୍କରେ ଗବେଷଣା କରାଯାଇପାରିବ। ଭାରତର ପ୍ରାକୃତିକ ବିପର୍ଯ୍ୟୟର ମାନବୀୟ ପରିଣାମ ଦ୍ରୁତଗତିରେ ବୃଦ୍ଧିପାଉଛି। ଏଥିପାଇଁ ଉପଯୁକ୍ତ ପ୍ରଶମନ ରଣନୀତି ପ୍ରସ୍ତୁତ କରାଯିବା ଜରୁରୀ ହୋଇପଡ଼ିଛି। ଗତ ୨ ବର୍ଷ ମଧ୍ୟରେ ଭୂବିଜ୍ଞାନ ମନ୍ତ୍ରଣାଳୟ ଦେଶରେ ୩୭ଟି ସେସ୍‌ମୋଲୋଜିକାଲ୍ ସେଣ୍ଟର ପ୍ରତିଷ୍ଠା କରିଛି, ଯହିଁରୁ ଭୂକମ୍ପ ଓ ଭୂସ୍ଖଳନ ସମ୍ପର୍କିତ ବିସ୍ତୃତ ଡେଟାବେସ୍ ପ୍ରସ୍ତୁତ କରାଯାଇପାରିବ। ଆଗାମୀ ୫ ବର୍ଷରେ ଏପରି ଶତାଧିକ ସେଣ୍ଟର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଥିବା ଜିତେନ୍ଦ୍ର ସୂଚନା ଦେଇଛନ୍ତି।

# ୯ ଜିଲାରେ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୧୦।୧(ବ୍ୟୁରୋ)**

ରାଜ୍ୟରେ ଗତ କିଛିଦିନ ହେବ ଶୀତର ପ୍ରକୋପ ବୃଦ୍ଧି ପାଇଥିଲା। ତେବେ ମଙ୍ଗଳବାରଠାରୁ ଶୀତ କମିବା ଆରମ୍ଭ କରିଛି। ପାରଦ ଉପରମୁହାଁ ହୋଇଛି। ସର୍ବନିମ୍ନ ତାପମାତ୍ରା ୩ରୁ ୪ ଡିଗ୍ରୀ ସେଲ୍‌ସିୟସ ଯାଏ ବଢ଼ିଛି । ମଙ୍ଗଳବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ କୋରାପୁଟ ୬, ଝାରସୁଗୁଡ଼ା ୭.୮, କେନ୍ଦୁଝର ୯.୩, ସୁନ୍ଦରଗଡ ୮.୫, ଭବାନୀପାଟଣା ୮.୮, ଦାରିଙ୍ଗବାଡି ୮.୫, ଢେଙ୍କାନାଳ ୮, ନବରଙ୍ଗପୁର ୯.୨, ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ୧୨ ତାରିଖରୁ ସର୍ବନିମ୍ନ ତାପମାତ୍ରା ଆହୁରି ବଢ଼ିବ। ଆସନ୍ତା ୧୯ ତାରିଖ ଯାଏ ହାଲୁକା ଶୀତ ରହିବ। ବୁଧବାର ରାଜ୍ୟର କେତେକ ସ୍ଥାନରେ କୁହୁଡ଼ି ହେବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ କନ୍ଧମାଳ, କୋରାପୁଟ, ଗଞ୍ଜାମ, ବୌଦ୍ଧ, ପୁରୀ, ଖୋର୍ଦ୍ଧା, କଟକ, ଅନୁଗୋଳ, ଢେଙ୍କାନାଳ ଆଦି ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି।

# ସାଥୀ ଯବାନଙ୍କ ଗୁଳିରେ ଆହତ

**ମାଲକାନଗିରି,୧୦।୧(ଡି.ଏନ୍.ଏ)**

ମାଲକାନଗିରି ଜିଲା ଏମ୍‌ଭି୭୯ ଥାନା ଅନ୍ତର୍ଗତ ୧୪୨ ବାଟାଲିୟନରେ ମଙ୍ଗଳବାର ଅଭାବନୀୟ ଘଟଣା ଘଟିଛି। ବନ୍ଧୁକ ସଫା କରିବାବେଳେ ଗୁଳି ଫୁଟି ସାଥୀ ଯବାନ ଆହତ ହୋଇଛନ୍ତି। ସେ ହେଲେ ବିଏସ୍‌ଏଫ୍ ଯବାନ ଭାସ୍କର ନାରାୟଣ। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଯବାନଙ୍କ ଚିକିତ୍ସା ଚାଲିଛି। ଭାସ୍କର କ୍ୟାମ୍ପ ନିକଟରେ ବଗିଚା ସଫା କରୁଥିବାବେଳେ ତାଙ୍କ ପେଟରେ ଗୁଳି ବାଜିଥିଲା। ଭୁଲ୍‌ବଶତଃ ଏହି ଘଟଣା ଘଟିଛି। ତେବେ ଏ ନେଇ ବିଭାଗୀୟ ତଦନ୍ତ ହେବ ବୋଲି ବିଏସ୍‌ଏଫ୍ ଅଧିକାରୀ ପ୍ରକାଶ କରିଛନ୍ତି। ଏବେ ସେ ସୁସ୍ଥ ଥିବା ଜଣାପଡ଼ିଛି।


## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୩-୦୧/୦୨/୦୩ ତାରିଖ: ୦୯।୦୧।୨୩**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ–ନିଲାମ ଆହ୍ୱାନ କରୁଛନ୍ତି; ଯାହା https://www.ireps.gov.in ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍–କେଜିପି–୨୩–୦୧ | ୧୭।୦୧।୨୦୨୩ | ୧୨.୦୦ ଘଟିକା | ୧୩.୦୦ ଘଟିକା |
| ପାର୍ସଲ | ଲିଜ୍–କେଜିପି–୨୩–୦୨ | ୨୦।୦୧।୨୦୨୩ | ୧୨.୦୦ ଘଟିକା | ୧୩.୧୦ ଘଟିକା |
| ପାର୍ସଲ | ଲିଜ୍–କେଜିପି–୨୩–୦୩ | ୨୪।୦୧।୨୦୨୩ | ୧୦.୩୦ ଘଟିକା | ୧୫.୩୦ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-997) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



## idco | ODISHA OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Your power to grow. ISO 9001 & 14001 Corporation. NEW OPPORTUNITIES
No. CAD-4421
Tender Call Notice No. BBSR/ELECT-II/E-98/22-23/65 Dated: 06.01.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Supply, Installation, Testing and Commissioning of electrical distribution boards for Kalamandala, BBSR.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-09/22-23 | 17.01.2023 at 12.00 Hrs. | 24.01.2023 at 17.00 hrs. |

Further details can be seen from the e-Procurement Portal: www.tendersorissa.gov.in. Corrigendum or addendum if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0257/2223 Sd./- Divisional Head (Elect.-II), IDCO, Bhubaneswar



## Government of Odisha — No. MM-405
## "e" Procurement Notice
## OFFICE OF THE DIVISIONAL FOREST OFFICER DHENKANAL DIVISION, DHENKANAL

Bid Identification No. 14-DFO/DKL of 2022-23

1. Name of the Work : Construction of Watch Tower, Earthen Check Dam & Concrete Check Dam (SMC Structure) near Purunapani Bandha in Koi under Hindol Range of Dhenkanal Forest Division
2. Estimate Cost : Rs.26,18,130/- (Approximate)
3. Period of Completion : 2 Months
4. Date & time of availability of the Bid documents in the portal : 10.00 A.M. of 09.01.2023 to 5.00 P.M. of 18.01.2023
5. Last date/time of receipt of the bid in portal : 18.01.2023 upto 5.00 P.M.
6. Date of Opening : 19.01.2023 at 11.00 A.M.
7. Name and Address of the Office : Office of the Divisional Forest Officer, Dhenkanal Division, Dhenkanal

Further details can be seen from the e-procurement portal **"https://tendersorissa.gov.in"**.

**Sd./- Conservator of Forests**
**I/c Dhenkanal Division**
OIPR-08037/11/0044/2223



## idco | ODISHA
## OFFICE OF THE DIVISIONAL HEAD, IDCO, BERHAMPUR DIVISION
## ANKULI INDUSTRIAL ESTATE,BERHAMPUR-760008

Your power to grow. ISO 9001 & 14001 Corporation. NEW OPPORTUNITIES

**Tender Call Notice No.IDCO/BAM/CIVIL-23 Dt.06.01.2023**
**NOTICE INVITING UNDER NATIONAL COMPETITIVE BIDDING THROUGH e-Procurement**

**No.CAD-4424:**1. Name of the Work: Construction of RCC road at Industrial Estate, Berhampur, Dist-Ganjam, Odisha. 2. Estimated Cost: 68.70 Lakhs (Approx.) 3. Period of Completion: 03 (Three) Calendar Months.4. Other details:

| Procurement Officer | Bid ID/ Tender reference No. | Availability of Tender online for bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Berhampur | Bid ID/Tender reference no-_ IDCO:BAM:CIVIL- 01/2022-23 | 14.01.2023 at 17.00 hrs. | 30.01.2023 at 17.00 hrs. |

Further details can be seen from the e-Procurement Portal. www.tendersodisha.gov.in. and corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in. and www.idco.in.

**Sd./- Divisional Head, IDCO, Berhampur**
OIPR-14003/11/0254/2223



## idco | ODISHA OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Your power to grow. ISO 9001 & 14001 Corporation. NEW OPPORTUNITIES
No. CAD-4417
Tender Call Notice No. BBSR/ELECT-II/E-98/22-23/45 Dated: 06.01.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Supply, Installation, Testing and Commissioning towards external illumination work for Kalamandala, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-05/22-23 | 16.01.2023 at 12.00 Hrs. | 23.01.2023 at 17.00 hrs. |

Further details can be seen from the e-Procurement Portal: www.tendersorissa.gov.in. Corrigendum or addendum if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0261/2223 Sd./- Divisional Head (Elect.-II), IDCO, Bhubaneswar



## OFFICE OF THE TREASURY OFFICER DISTRICT TREASURY, KHORDHA BHUBANESWAR

**Advertisement for engagement of retired Group D Employee for the Office of District Treasury, Khordha, Bhubaneswar**

**No.S-31:**Applications in the prescribed format are invited from the intending retired Group-D Govt. employees below 65 years of age for contractual engagement in the District Treasury, Khordha, Bhubaneswar.
One retired Govt. employee will be selected as Peon who will be engaged to work for a contract period of one year or till regular candidate are selected, whichever is earlier. Consolidated remuneration @ Rs.10,000/- p.m. will be paid during the period of his/her engagement as peon.
The application duly filled in should reach the undersigned by 25.01.2023

**FORMAT**

1. Name in full, 2-Father's / Husband's Name, 3. Date of Birth, 4. Permanent Address, 5. Present Address for correspondences, 6. Mobile No., 7. Date of entry into Govt. service, 8.Date of Retirement from Govt. Service, 9. Designation at the time of retirement, 10. Name of the Office from which he/she retired, 11. Recent Passport Size Photograph, 12. Supported documents to be attached in respect of his/her appointment and retirement.
**Undertaking :-** I do hereby declare that the information furnished above are true to the best of my knowledge and belief. **Full Signature of the Candidate**, Place: Date :-

**Sd./-Treasury Officer**
District Treasury, Khordha, Bhubaneswar
OIPR-05017/11/0006/2223



## GOVT. OF ODISHA — No. i-331
## OFFICE OF THE PANCHAYAT SAMITI, NARSINGHPUR, CUTTACK

Email: ori-Narsinghpur@nic.in

**'e' Procurement Notice No. - 01 (NRB-01)/2022-23**

1. Name of Work : 1. Construction of Day Care Sub-Centre cum Health & Wellness Centre at Regeda. 2. Construction of Day Care Sub-Centre cum Health & Wellness Centre at Padamal
2. Total No. of Works : 02 (Two) Nos. of works
3. Tender Cost : Rs.2847547.00 for each work
4. Period of Completion : 08 (Eight) Calendar Months
5. Other details as follows :
(i) Procurement Officer : Block Development Officer, Narsinghpur, Cuttack
(ii) Availability of Tender online for Bidding : 11.01.2023 from 10.00 A.M. to 21.01.2023 upto 3.00 P.M. (Selling) : 11.01.2023 from 10.00 A.M. to 21.01.2023 upto 5.00 P.M. (Submission)
(iii) Date, time & Venue of opening of Bid through Online : Dtd.24.01.2023 - 11.30 A.M. in the Office of the Panchayat Samiti, Narsinghpur
(iv) Date of Transparent Lottery to be conducted (if required) : On 25.01.2023 at 11.30 A.M. in the Office Chamber of Block Development Officer, Narsinghpur, Cuttack (Bidders shall furnish their present e-mail id, address and Telephone No. for further correspondence)

Further details can be seen from the Govt. website: **www.tendersodisha.gov.in**.

**Sd./- Block Development Officer**
**Narsinghpur, Cuttack**
OIPR-19046/11/0001/2223



## idco | ODISHA OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Your power to grow. ISO 9001 & 14001 Corporation. NEW OPPORTUNITIES
No. CAD-4419
Tender Call Notice No. BBSR/ELECT-II/E-99/22-23/55 Dated: 06.01.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Making of cable trench, laying of pipes, supply and laying of cables with terminations, earthing works and safety equipments for Kalamandal at BBSR.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.-II), IDCO, IDCO Tower, Janpath, Bhubaneswar | Bid ID No. BBSR/ ELECT-II/e-07/22-23 | 16.01.2023 at 12.00 Hrs. | 23.01.2023 at 17.00 hrs. |

Further details can be seen from the e-Procurement Portal: www.tendersorissa.gov.in. Corrigendum or addendum if any will not be published in Newspapers and can be seen in e-Procurement portal as well as in IDCO website.
OIPR-14003/11/0259/2223 Sd./- Divisional Head (Elect.-II), IDCO, Bhubaneswar



## ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
## OFFICE OF THE EXECUTIVE ENGINEER LIFT IRRIGATION DIVISION: BHAWANIPATNA

E-mail ID: liftirrigation_bpt@yahoo.in

**"E"-Procurement Notice**

**BID IDENTIFICATION NO.OLIC-BPT-02/2022-23 Dt.07.01.2023**

**No.CAD-4413:**The **Executive Engineer, Lift Irrigation Division, Bhawanipatna** on behalf of OLIC invites **Percentage Rate** bids in single cover system to be received in **Online Mode only** for the work **Installation and Energisation of Revival LIPs under different Blocks in Kalahandi District** as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways/ C.P.W.D. for execution of Civil Works with valid Electrical (H.T) License issued by ELBO Odisha through On-line in the Govt. website www.tendersodisha.gov.in. The bidders should have necessary portal enrollment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State. 1.Name of the Works: Installation & Energisation of River Lift Irrigation Projects with supply of all materials on Turnkey basis. 2.Total Nos. of Package: 4, 3. Approximate Estimated Cost: Rs.5.03 Lakhs to Rs.8.03 Lakhs. 4. Class of Contractor: As mentioned against each package, 5. Period of Completion: 90 days for all projects from the date of issue of work order, 6. Other details as follows:

| Procurement Officer | Bid Identification No. | Availability of Tender On-line for Bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I. Division, Bhawanipatna |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division,Bhawanipatna | OLIC-BPT-02/2022-23 | 17.01.2023 at 11.00 Hrs. | 27.01.2023 upto 17.00 Hrs. | 21.01.2023 upto 17.00 Hrs. | 31.01.2023 at 11.00 Hrs. |

(5% GST (CGST 2.5% & SGST 2.5%) on the paper cost should be deposited in the GSTIN No.21AAACO5986G1ZF in legal name/trade name: Odisha Lift Irrigation Corporation Ltd. through e-challan)
• Details can be seen from the website: www.tenderodisha.gov.in. • Any corrigendum/ Addendum will be displayed in the above website only.

OIPR-32148/11/0003/2223 **Sd./- Executive Engineer, L.I.Division, Bhawanipatna**

ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ । ଯେଉଁସବୁ କଥା ତୁମକୁ ଉତ୍ତ୍ୟକ୍ତ କରୁଛନ୍ତି– ସେଗୁଡିକୁ ଦେଖି ନିଜେ ଶିକ୍ଷା କର । ତା'ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇପାରିବ । –ଶ୍ରୀମା



# ବ୍ରାସିଲିଆରେ କାପିଟୋଲ୍ ଛାପ

ଜାତିସଂଘ ଅନୁବନ୍ଧିତ ୧୯୩ ରାଷ୍ଟ୍ର ମଧ୍ୟରୁ ପ୍ରାୟ ୧୬୭ ଦେଶରେ ଗଣତନ୍ତ୍ର ଚାଲିଛି ବୋଲି ନଭେମ୍ବର ୨୦୨୨ରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଥିଲା । କିନ୍ତୁ ଗଭୀର ଭାବେ ଦେଖିଲେ ଗଣତନ୍ତ୍ରକୁ ଅନୁସରଣ କରୁଥିବା ଏହିସବୁ ଦେଶ ମଧ୍ୟରୁ କେତେକ ରାଷ୍ଟ୍ରରେ ଏକଚ୍ଛତ୍ରବାଦର ଗନ୍ଧ ଉକୁଟି ଉଠୁଛି । ଯେତେବେଳେ ତାହା ଉତ୍କଟ ରୂପ ଧାରଣ କରୁଛି ସେତେବେଳେ ଗଣତନ୍ତ୍ରର ବାସ୍ତବ ଚିତ୍ର ପଦାକୁ ଆସୁଛି । ଉତ୍ତର ଆମେରିକୀୟ ମହାଦେଶ ଯୁକ୍ତରାଷ୍ଟ୍ର ଆମେରିକାକୁ ସର୍ବପୁରାତନ ଗଣତାନ୍ତ୍ରିକ ଦେଶ ଭାବେ ଗଣାଯାଇଥାଏ । ହେଲେ ଦୁଇବର୍ଷ ତଳେ ଅର୍ଥାତ୍ ୬ ଜାନୁୟାରୀ ୨୦୨୧ରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ କାପିଟୋଲ ହିଲ୍‌କୁ ପ୍ରବେଶ କରି ଭଙ୍ଗାରୁଜା କରିଥିଲେ । ଜୋ ବାଇଡେନ୍ ନିର୍ବାଚନରେ ଜିତିବାକୁ ଟ୍ରମ୍ପ ସାଧାରଣରେ ଗ୍ରହଣ କରିପାରି ନ ଥିବାରୁ ଏଭଳି ଅରାଜକତା ଦେଖାଦେଇଥିଲା । ଏବେ ଦକ୍ଷିଣ ଆମେରିକୀୟ ଦେଶ ବ୍ରାଜିଲରେ ସମାନ ସ୍ଥିତି । ପୂର୍ବତନ ସେନା ଅଧିକାରୀ ତଥା ବ୍ରାଜିଲ୍‌ର ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ସମର୍ଥକମାନେ ୯ ଜାନୁୟାରୀ ୨୦୨୩ରେ ସେଠାକାର ରାଷ୍ଟ୍ରପତି ଭବନ ଉପରେ ଆକ୍ରମଣ କରିଛନ୍ତି । ନୂଆ ରାଷ୍ଟ୍ରପତି ଭାବେ ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ବା ସାଧାରଣରେ ଲୁଲା ଭାବେ ପରିଚିତ ଏହି ଶ୍ରମିକ ନେତା ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଏକ ସପ୍ତାହ ପରେ ବ୍ରାଜିଲ୍‌ରେ ଯେଉଁ ବିଶୃଙ୍ଖଳା ସୃଷ୍ଟି ହୋଇଛି, ସେଥିରେ ବୋଲସୋନାରୋଙ୍କ ଭଳି ଏକଚ୍ଛତ୍ରବାଦୀଙ୍କ ପ୍ରଚ୍ଛନ୍ନ ହାତ ଥିବା ଜଣାପଡ଼ିଛି । କେବଳ ଲୋକଦେଖାଣିଆ ଭାବେ ବୋଲସୋନାରୋ ଟୁଇଟ୍ କରି କହିଛନ୍ତି, ବିକ୍ଷୋଭ ଶାନ୍ତିପୂର୍ଣ୍ଣ ଭାବେ କରାଯିବାର ଥିଲା । ବିଶୃଙ୍ଖଳିତ ଆଚରଣ ଲାଗି ସେ ତାଙ୍କ ସମର୍ଥକମାନଙ୍କୁ ଗାଳି କରିଛନ୍ତି । ତେବେ ଗିରଫ ହେବା ଭୟରେ ବୋଲସୋନାରୋ କ୍ଷମତା ଶେଷ ହେବାର କିଛି ଦିନ ପୂର୍ବରୁ ଦେଶ ଛାଡ଼ି ଆମେରିକାରେ ରହିବା ତାଙ୍କ ଭୀରୁତାର ପ୍ରମାଣ ମିଳୁଛି ।

ବୋଲସୋନାରୋଙ୍କ ଚରିତ୍ର ଭଲ ଭାବେ ବିଶ୍ୱବାସୀ ଜାଣିଛନ୍ତି । କ୍ଷମତା ଜାବୁଡ଼ି ଧରିବା ସକାଶେ ସେ ଯେଉଁ ପ୍ରୟାସ କରିଥିଲେ ତାହାକୁ ଦେଶବାସୀ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏକବିଂଶ ଶତାବ୍ଦୀରେ ବିଶ୍ୱରେ ଏମିତି ଅନେକ ନେତା ଅଛନ୍ତି, ଯେଉଁମାନେ ଆଜୀବନ ରାଷ୍ଟ୍ରର ସର୍ବେସର୍ବା ହୋଇ ରହିବାକୁ ଚାହୁଁଛନ୍ତି । ସଦ୍ୟ ଦୃଷ୍ଟାନ୍ତ ଭାବେ ଚାଇନାର ଶି ଜିନ୍‌ପିଙ୍ଗ ଓ ରୁଷିଆର ଭ୍ଲାଡିମିର୍ ପୁଟିନ୍‌ଙ୍କ ଚରିତ୍ର ସ୍ପଷ୍ଟ ପ୍ରତୀୟମାନ ହେଉଛି । ଆଉ ଟିକେ ଘର ନିକଟକୁ ଆସିଲେ ଭାରତର ପଡ଼ୋଶୀ ପାକିସ୍ତାନ ନିଜକୁ ଗଣତାନ୍ତ୍ରିକ ରାଷ୍ଟ୍ର ବୋଲି କହୁଛି । ସେହିଭଳି ମ୍ୟାନ୍‌ମାର ମଧ୍ୟ ସାମରିକ ନିୟନ୍ତ୍ରଣାଧୀନ ରହି ନିର୍ବାଚନ ମାଧ୍ୟମରେ ତଥାକଥିତ ଗଣତନ୍ତ୍ରର ମୋହର ମାରିବାକୁ ଚେଷ୍ଟା କରୁଛି । କିନ୍ତୁ ମନେପକାଇ ଦିଆଯାଇପାରେ ଯେ, ଅଧିକାଂଶ ଏକଚ୍ଛତ୍ରବାଦୀ ନେତା କ୍ଷମତାରେ ଥିବା ପର୍ଯ୍ୟନ୍ତ ଷଣ୍ଢ ଭଳିଆ ଏକତରଫା ବ୍ୟବହାର କରି ନିଜ ଲୋକଙ୍କ ଉପରେ ଅତ୍ୟାଚାର କରିଥାଆନ୍ତି । ଯେତେବେଳେ କ୍ଷମତାଚ୍ୟୁତ ହୁଅନ୍ତି ସେତେବେଳେ ମୂଷା ଭଳି ଦୌଡ଼ି ପଳାନ୍ତି । ନର୍ଦ୍ଦମା ଭିତରେ ମଧ୍ୟ ଲୁଚିବାକୁ ଚେଷ୍ଟା କରନ୍ତି ।

ବ୍ରଜିଲ୍ କର୍ତ୍ତୃପକ୍ଷ ଆମେରିକାର କାପିଟୋଲ ହିଲ୍ ଉପରେ ଟ୍ରମ୍ପଙ୍କ ସମର୍ଥକଙ୍କ ଆକ୍ରମଣ ଘଟଣାରୁ କିଛି ଶିଖିଲା ଭଳି ମନେହେଉ ନାହିଁ । କାରଣ ଟ୍ରମ୍ପଙ୍କ ଭଳି ବୋଲସୋନାରୋ ଆଉ ଜଣେ ଏକଜିଦିଆ ନେତା । ଏକଚ୍ଛତ୍ରବାଦର ଆଭିମୁଖ୍ୟ ରଖି ଗତି କରୁଥିବା ଏଇ ଧରଣର ନେତାମାନେ କ୍ଷମତାରୁ ଅପସରି ଯିବାକୁ ସାଧାରଣରେ ଗ୍ରହଣ କରିପାରି ନ ଥାନ୍ତି । ଲୁଲା କ୍ଷମତାକୁ ଆସିବା ବ୍ରାଜିଲ୍ ପାଇଁ ଶୁଭଙ୍କର କୁହାଯାଉଛି । ହେଲେ ବୋଲସୋନାରୋଙ୍କ ନକାରାତ୍ମକ ଚିନ୍ତାଧାରାକୁ ଲୁଲା ତାଙ୍କ ଶାସନର ପ୍ରତି ପଦକ୍ଷେପରେ ଜଗିବା ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ବ୍ରାଜିଲ୍, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ 'ବ୍ରିକ୍ସ' ଅନ୍ତର୍ଜାତୀୟ ସ୍ତରରେ ଅନ୍ୟତମ ଶକ୍ତିଶାଳୀ ମଞ୍ଚ ହୋଇଥିବାରୁ ବ୍ରାସିଲିଆରେ କ୍ଷମତା ପାଇଁ ଦେଖାଦେଇଥିବା ବିଦ୍ରୋହକୁ ଅନ୍ତର୍ଜାତୀୟ ସମୁଦାୟ ସୂକ୍ଷ୍ମ ସ୍ତରରେ ଅନିଶା କରିବା ଦରକାର । ଇତିମଧ୍ୟରେ ସର୍ବାଧିକ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ଲୁଲାଙ୍କୁ ସମର୍ଥନ କରିଛି । ଅନୁରୂପ ଭାବେ ସର୍ବପୁରାତନ ଗଣତାନ୍ତ୍ରିକ ଦେଶ ଆମେରିକା ବୋଲସୋନାରୋ ସମର୍ଥକଙ୍କ କାର୍ଯ୍ୟକଳାପକୁ ନିନ୍ଦା କରିଛି । ଏବର ସମୟରେ ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ବୋଲସୋନାରୋଙ୍କ ଭଳି ମାନସିକତା ପୋଷଣ କରୁଥିବା ନେତାଙ୍କୁ କ୍ଷମତାରୁ ଦୂରେଇ ରଖିବା ଆବଶ୍ୟକ ହୋଇପଡ଼ିଲାଣି ।

# ଅଣଦେଖା ଜଳଭଣ୍ଡାର

ପୁରାତନ ଯୁଗରୁ ନଦୀ ମାନବ ଜୀବନଜୀବିକା ଓ ପରିବେଶ ସୁରକ୍ଷାର ପ୍ରମୁଖ ଅଙ୍ଗ ଭାବେ ରହିଆସିଛି । ସମ୍ପ୍ରତି ଆଧୁନିକ ଯୁଗରେ କୃଷି, ଶିଳ୍ପ, ସ୍ୱାସ୍ଥ୍ୟ ଓ ଆର୍ଥିକ ବିକାଶ କ୍ଷେତ୍ରରେ ନଦୀଜଳର ବ୍ୟାପକ ବ୍ୟବହାର କରାଯାଉଛି । ଏହିସବୁ ଲକ୍ଷ୍ୟ ହାସଲ କରିବାରେ ଜଳଭଣ୍ଡାରରେ ଗଚ୍ଛିତ ଜଳର ଭୂମିକା ଅଧିକ । କିନ୍ତୁ ନିକଟରେ ଜାତିସଂଘର ଜଳ ପରିବେଶ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ୟୁନିଭର୍ସିଟି ଇନ୍‌ଷ୍ଟିଚ୍ୟୁଟ(ୟୁଏନୟୁ-ଆଇଏନ୍‌ଡବ୍ଲ୍ୟୁଇଏଚ୍) ଦ୍ୱାରା ଜଳଭଣ୍ଡାରର ଜଳଧାରଣ କ୍ଷମତାକୁ ନେଇ ପ୍ରକାଶିତ ତଥ୍ୟ ଉଦ୍‌ବେଗଜନକ । ଏଥିରେ କୁହାଯାଇଛି ଯେ, ପୃଥିବୀର ପ୍ରାୟ ୫୦ ହଜାର ଜଳଭଣ୍ଡାର ଶଯ୍ୟା ମାଟି, ବାଲି ଗୋଡ଼ିରେ ପୋତି ହୋଇଯିବା ଯୋଗୁ ଏଗୁଡ଼ିକର ଜଳଧାରଣ କ୍ଷମତା ୧୩ରୁ ୧୯ ପ୍ରତିଶତ ହ୍ରାସ ପାଇଛି । ଫଳରେ ୧୫୦ ଦେଶର ୪୭,୪୦୩ ବୃହତ୍ ଡ୍ୟାମ୍‌ର ମୂଳ ଜଳଧାରଣ କ୍ଷମତା ୬,୩୧୬ ବିଲିୟନ ଘନ ମିଟର ହ୍ରାସ ପାଇ ୨୦୫୦ ସୁଦ୍ଧା ୪,୬୬୫ ବିଲିୟନ ଘନମିଟରରେ ପହଞ୍ଚିବ । ହ୍ରାସ ପାଇବାକୁ ଥିବା ୧,୬୫୧ ବିଲିୟନ ଘନ ମିଟର ଜଳ ଭାରତ, ଚାଇନା, ଇଣ୍ଡୋନେସିଆ, ଫ୍ରାନ୍ସ ଓ କାନାଡା ବର୍ଷକୁ ବ୍ୟବହାର କରୁଥିବା ଜଳ ପରିମାଣ ସହ ସମାନ । ଉଲ୍ଲେଖଯୋଗ୍ୟ ଯେ, ଏସିଆ ପ୍ରଶାନ୍ତ ମହାସାଗରୀୟ ଦେଶଗୁଡ଼ିକରେ ସବୁଠୁ ଅଧିକ ନଦୀବନ୍ଧ ରହିଛି । ୨୦୫୦ ସୁଦ୍ଧା ଉକ୍ତ ନଦୀବନ୍ଧଗୁଡ଼ିକର ଜଳଧାରଣ କ୍ଷମତା ଏକ ଚତୁର୍ଥାଂଶ ହ୍ରାସ ପାଇବ ବୋଲି ରିପୋର୍ଟରୁ ପ୍ରକାଶ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଅଞ୍ଚଳରେ ବିଶ୍ୱ ଜନସଂଖ୍ୟାର ୬୦ ପ୍ରତିଶତ ଲୋକ ବାସ କରୁଛନ୍ତି । ଉକ୍ତ ରିପୋର୍ଟ ସ୍ପଷ୍ଟ କରିଛି ଯେ, ନଦୀଶଯ୍ୟା ପୋତି ହୋଇଯିବା କାରଣରୁ ୨୦୫୦ ସୁଦ୍ଧା ଭାରତର ପ୍ରାୟ ୩,୭୦୦ ନଦୀବନ୍ଧ ୨୬ ପ୍ରତିଶତ ଜଳଧାରଣ କ୍ଷମତା ହରାଇବ । ୨୦୧୫ରେ ମଧ୍ୟ କେନ୍ଦ୍ରୀୟ ଜଳ ଆୟୋଗ ରିପୋର୍ଟରେ ଦର୍ଶାଯାଇଥିଲା ଯେ ଭାରତର ୫୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ୧୫୦ ବୃହତ୍ ଜଳଭଣ୍ଡାର ମଧ୍ୟରୁ ଏକ ଚତୁର୍ଥାଂଶ ସେମାନଙ୍କ ମୂଳ ଜଳଧାରଣ କ୍ଷମତାର ୩୦ ପ୍ରତିଶତ ହରାଇ ସାରିଲେଣି । ଉକ୍ତ ଦୁଇ ରିପୋର୍ଟକୁ ଦେଖିଲେ ଭାରତ ଭବିଷ୍ୟତରେ ଗମ୍ଭୀର ଜଳ, ପରିବେଶ ଓ ଆର୍ଥିକ ସଙ୍କଟର ସାମ୍ନା କରିବାକୁ ଯାଉଥିବା ସଙ୍କେତ ମିଳୁଛି । ସଦ୍ୟତମ ହାଇଡ୍ରୋଲୋଜି ସର୍ଭେ ଅନୁଯାୟୀ ଏସିଆର ଦୀର୍ଘତମ ନଦୀବନ୍ଧ ହୀରାକୁଦର ଜଳଧାରଣ କ୍ଷମତା ୨୪ ପ୍ରତିଶତ କମିଛି ; ଯାହାର ପରିଣାମ ଏହାର ଅବବାହିକାରେ ଦେଖିବାକୁ ପାଉଛୁ ।

୨୦୫୦ ବେଳକୁ ଭାରତର ଲୋକସଂଖ୍ୟା ୧୬୦ କୋଟିକୁ ଟପିଯିବ ଏବଂ ସବୁ ଦିଗରୁ ଜଳ ଆବଶ୍ୟକତା ପୂରଣ କରିବା ଏକ ଆହ୍ୱାନ ହୋଇପାରେ । କାରଣ ନଦୀଜଳ ଭାରତର ଅର୍ଥ ବ୍ୟବସ୍ଥାର ଏକ ପ୍ରମୁଖ ସଞ୍ଚାଳକ । ସେହିଭଳି ଜଳଭଣ୍ଡାରରେ ଜଳ ପରିମାଣ କମିଲେ ଖାଦ୍ୟ, ଶକ୍ତି, ପରିବେଶ, ସ୍ୱାସ୍ଥ୍ୟ, ଆର୍ଥିକ ସୁରକ୍ଷା ଅତ୍ୟଧିକ ପ୍ରଭାବିତ ହେବ । ଗ୍ରମୀଣ ଅର୍ଥନୀତି ଭୁଶୁଡ଼ି ପଡ଼ିବ । ଭାରତରେ ଉଭୟ ଭୂପୃଷ୍ଠ ଓ ଭୂଗର୍ଭର ମୋଟ ୬୩୪ ବିଲିୟନ ଘନ ମିଟର ଜଳ ଶକ୍ତି, ଖାଦ୍ୟ, ଶିଳ୍ପ କ୍ଷେତ୍ରରେ ବ୍ୟବହାର ହେଉଛି ବୋଲି ନୀତି ଆୟୋଗ ପକ୍ଷରୁ କୁହାଯାଉଛି । କିନ୍ତୁ ଏହି ଆବଶ୍ୟକତା ବୃଦ୍ଧି ପାଇବା ଓ ଅନ୍ୟ ପକ୍ଷରେ ଜଳଭଣ୍ଡାରର ଜଳଧାରଣ କ୍ଷମତା କମିବା ନିଶ୍ଚିତ ଭବିଷ୍ୟତ ପାଇଁ ବିପଦ । ବାସ୍ତବରେ ଭାରତରେ ଡ୍ୟାମ୍‌ଗୁଡ଼ିକ ସୁଦୃଢ ହୋଇପାରୁନାହିଁ । ଏହା ବ୍ୟତୀତ ବିଭିନ୍ନ ସଂସ୍ଥା ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଭାରତର ନଦୀବନ୍ଧଗୁଡ଼ିକରେ ସେଡିମେଣ୍ଟେଶନ ସାଇନ୍ସକୁ କମ୍ ଗୁରୁତ୍ୱ ଦିଆଯାଉଛି । ଅର୍ଥାତ ଭାରତରେ ନଦୀଶଯ୍ୟା ଓ ଜଳଭଣ୍ଡାରଗୁଡ଼ିକକୁ ଦୀର୍ଘଦିନ ଧରି ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାହୋଇଆସୁଛି । ୨୦୨୧ର ସରକାରୀ ତଥ୍ୟ ଅନୁଯାୟୀ ଦେଶରେ ୫,୨୬୪ ବୃହତ୍ ଡ୍ୟାମ୍ ଅଛି ଓ ଆଉ ୫୦୦ ନିର୍ମାଣ ଜାରି ରହିଛି । ଏହାବାଦ୍ ଅନେକ ହଜାର ମଧ୍ୟମ ଓ କ୍ଷୁଦ୍ର ଜଳଭଣ୍ଡାର କାର୍ଯ୍ୟକ୍ଷମ ଅଛି । ତଥାପି ଏବେ ଆମେ ଆବଶ୍ୟକ ପାନୀୟ ଜଳ ଯୋଗାଇବା ଲାଗି ଅକ୍ଷମ । ଜନସଂଖ୍ୟା ବୃଦ୍ଧି, ଆର୍ଥିକ ଅଭିବୃଦ୍ଧି, ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଓ ସହରୀକରଣ ଆଦି ଜଳନୀତିର ପ୍ରମୁଖ ଅଂଶ ହୋଇଛି । ଏ କ୍ଷେତ୍ରରେ ୨୦୧୮ରେ ନୀତି ଅୟୋଗଙ୍କ ଆକଳନ କହେ ଯେ, ୨୦୩୦ ସୁଦ୍ଧା ଭାରତର ଜଳ ଯୋଗାଣ ଚାହିଦା ୨ଗୁଣ ବଢ଼ିଯିବ । ତେବେ ଜଳଭଣ୍ଡାରରେ ଜଳ ବିନା ଯଦି ଧୋଇଲା ବାଲିମାଟି ଭର୍ତ୍ତି ହେବ ତେବେ ଭାରତ ଜଳବାୟୁ ପରିବର୍ତ୍ତନର ଆହ୍ୱାନଗୁଡ଼ିକୁ ମୁକାବିଲା କରି ଶତତ ବିକାଶ ଲକ୍ଷ୍ୟ ହାସଲ କରିବା ଅସମ୍ଭବ ହୋଇପଡ଼ିବ । ଏହାକୁ ଲକ୍ଷ୍ୟକରି ଏବେଠାରୁ ଅତିରିକ୍ତ ଜଳ ଗଚ୍ଛିତ କରିବା ଲଗି ନୂଆ ଯୋଜନା କରିବାକୁ ହେବ । ଏଥିରେ ଛୋଟ ଡ୍ୟାମ୍ ନିର୍ମାଣ, ବର୍ଷା ଜଳ ଅମଳ ଓ ଭୂତଳ ଜଳ ସ୍ତର ରିଚାର୍ଜ କରିବା କାର୍ଯ୍ୟକ୍ରମ ହାତକୁ ନେବାକୁ ପଡ଼ିବ ।

# ଆମ ସମ୍ବିଧାନପ୍ରଣେତାଙ୍କ ବିଲାତୀ ମନୋଭାବ



ସହଦେବ ସାହୁ

ଗତ ପ୍ରବନ୍ଧ 'ମୂଳ ଭାରତୀୟଙ୍କୁ ସମ୍ବିଧାନରେ ଉପେକ୍ଷା'ରେ ଆଲୋଚନା ଛଳରେ କହିଥିଲି କିପରି ଆମ ସମ୍ବିଧାନପ୍ରଣେତାମାନଙ୍କ ବିଲାତୀ ପାଠପଢ଼ା ସେମାନଙ୍କ ମାନସିକତାକୁ ଅଭାରତୀୟ କରିଦେଇଥିଲା – ତା' ପଢ଼ି କେତେକ ପାଠକ ମନ୍ତବ୍ୟ ଦେଇଛନ୍ତି ଏ ଆମ ମାଟିର ଗୁଣ । କେବେ ଆମେ ଆମ ମାଟିର ଗୁଣକୁ ବଦଳାଇବା ତାହା ନିର୍ଭର କରେ ଆମ ନେତାମାନଙ୍କ ଉପରେ । କେବଳ ବ୍ରିଟିଶ୍ ନୁହେଁ, ସବୁ ୟୁରୋପୀୟମାନେ ସେମାନଙ୍କ ଉପନିବେଶରେ (ଆମେରିକାରେ ବି) ମୂଳ ଅଧିବାସୀମାନଙ୍କୁ ଘୃଣା କରିଆସିଛନ୍ତି, ବାଧାଦେଇଥିବା ମୂଳଅଧିବାସୀମାନଙ୍କୁ ହତ୍ୟା କରିଛନ୍ତି ଏବଂ ସେମାନଙ୍କୁ 'ସଭ୍ୟ କରିବା' ପାଇଁ ସେମାନେ ଜନ୍ମ ହୋଇଛନ୍ତି ଭାବି ଖ୍ରୀଷ୍ଟଧର୍ମୀୟ ଢାଞ୍ଚାରେ ବିଦ୍ୟାଳୟ ମାନ ଖୋଲିଛନ୍ତି, ମୂଳଅଧିବାସୀମାନଙ୍କ ପିଲାମାନଙ୍କୁ ଜବରଦସ୍ତ ଟେକିଆଣି ପଢ଼ାଇଛନ୍ତି ଓ ଅମାନିଆମାନଙ୍କୁ ସ୍କୁଲ ଭୂଇଁରେ କବର ଦେଇଛନ୍ତି ବୋଲି କାନାଡାରୁ ଏବେ ତଥ୍ୟ ମିଳିଛି । ଆମ ସମ୍ବିଧାନର ପ୍ରଣେତାମାନଙ୍କ ମାନସିକତାକୁ ୟୁରୋପୀୟ ଶିକ୍ଷାର ଚିନ୍ତାଧାରା ପ୍ରଭାବିତ କରିଥିଲା, ସେମାନେ ବ୍ରିଟିଶ୍ ଶାସନ ସମୟର ଆଇନଗୁଡ଼ିକୁ ଆଦର୍ଶ ମନେକରୁଥିଲେ, ତେଣୁ ସମ୍ବିଧାନରେ ୨୧ଶ ଅଧ୍ୟାୟ (ପାର୍ଟ ଏକ୍ସଏକ୍ସଆଇ) ଯୋଡ଼ି 'ଟେମ୍ପରାରୀ, ଟ୍ରାଞ୍ଜିଶନାଲ୍ ଆଣ୍ଡ ସ୍ପେସାଲ୍ ପ୍ରୋଭିଜନ୍ସ' ଶିରୋନାମା ତଳେ ଆର୍ଟିକ୍ଲ ୩୭୨ ରଖିଦେଲେ, ଯାହା କହୁଛି ପୂର୍ବରୁ ଚାଲିଆସିଥିବା ସବୁ ଆଇନ ପୂର୍ବବତ୍ ଚାଲୁ ରହିବ । ତାହା ସବୁ ଦମନକାରୀ ବ୍ୟବସ୍ଥାରେ ବି ଥିଲା ବୋଲି ପ୍ରଣେତାମାନେ ଭାବିଲେ ନାହିଁ । ସମ୍ବିଧାନ ତିଆରି କରି ଆମ ନେତାମାନେ ଶାସନପଦ୍ଧତିକୁ 'ରିପବ୍ଲିକ୍' କରିଦେଲେ, ମାନେ ଆମେ ଆମର ଦେଶମୁଖ୍ୟଙ୍କୁ ବାଛିବୁ, ସେତେବେଳର ବ୍ରିଟିଶ୍ ରାଣୀ ଆମର ରାଷ୍ଟ୍ରମୁଖ୍ୟ ରହିବେ ନାହିଁ । ମାତ୍ର ଯେଉଁସବୁ କଳା ଆଇନ ବିରୁଦ୍ଧରେ ଆମ ସ୍ୱାଧୀନତା ସଂଗ୍ରାମୀମାନେ ଲଢୁଥିଲେ ତାହା ସବୁ ରହିଗଲା । ଗତ ଡିସେମ୍ବର ୨୨ରେ ଲୋକ ସଭାରେ 'ଜନ ବିଶ୍ୱାସ ବିଲ୍' ଉପସ୍ଥାପନ କରି କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି – ଆଗରୁ ଯେପରି ସାଧାରଣ ଲୋକଙ୍କୁ ବିଶ୍ୱାସକୁ ନିଆଯାଉ ନ ଥିଲା ଏବଂ ଛୋଟ ଛୋଟ ଭୁଲ୍ ପାଇଁ ସେମାନଙ୍କୁ ଦଣ୍ଡିତ କରାଯାଉଥିଲା ତାହାର ସଂଶୋଧନ ଦରକାର । ସ୍ୱାଧୀନତାଲାଭର ୭୫ ବର୍ଷ – ଅମୃତ ମହୋତ୍ସବ – ପାଳନ ଅବସରରେ ଆମ ନେତାମାନେ ବିଲାତୀମନୋଭାବର ପ୍ରାୟଶ୍ଚିତ୍ତ କରୁଛନ୍ତି ।

ଚାରି ପାଞ୍ଚ ହଜାର ବର୍ଷ ତଳର ତଥାକଥିତ ଆର୍ଯ୍ୟମାନେ ଭାରତଭୂଖଣ୍ଡରେ ତୁହାକୁ ତୁହା ପ୍ରବେଶ କରୁଥିବା କାଳରେ ମୂଳ ଅଧିବାସୀମାନଙ୍କୁ ତଡ଼ିଥିବେ, ପ୍ରକୃତି ସହିତ ମିଳିମିଶି ଚଳୁଥିବା ସେହି ଲୋକେ ଅଭ୍ୟନ୍ତର ପାହାଡ ଜଙ୍ଗଲରେ ଲୁଚିବାକୁ ବାଧ୍ୟ ହେଲେ । ଅପହଞ୍ଚ ଇଲାକାରେ ଓ ପ୍ରକୃତି କୋଳରେ ସେମାନେ ବଢ଼ିଲେ ; ବ୍ରିଟିଶ୍‌ମାନେ ସେମାନଙ୍କୁ ଆନିମିଷ୍ଟ (ପ୍ରକୃତି–ଧର୍ମୀ) ଅଭିହିତ କଲେ । ଆତ୍ମରକ୍ଷା ପାଇଁ ଲୁଚିରହୁଥିବା ଲୋକେ ବାହାରର ଲୋକଙ୍କୁ ଶତ୍ରୁ ମନେକରି ମାରିଗୋଡ଼ାଉଥିଲେ । ସେମାନଙ୍କର ଏପରି ସ୍ୱଭାବର କାରଣ ନ ବୁଝି ଇଂରେଜ ଶାସକମାନେ ସେମାନଙ୍କୁ ଜନ୍ମଗତ ଅପରାଧୀ ଘୋଷଣା କରି ୧୮୭୧ର କ୍ରିମିନାଲ୍ ଟ୍ରାଇବ୍‌ସ ଆକ୍ଟ ପାସ୍ କରିନେଲେ । ସେ ଆକ୍ଟକୁ ଆମ ସମ୍ବିଧାନପ୍ରଣେତାମାନେ ସମ୍ବିଧାନର ଧାରା ୩୭୨ରେ ବଳବତ୍ତର ରଖିଲେ । ଆମ ଦେଶକୁ ଲୁଟ୍ କରୁଥିବା ସ୍ୱୟଂ ବ୍ରିଟିଶ୍‌ମାନେ ଏହି ମର୍ମରେ କ୍ରିମିନାଲ ଟ୍ରାଇବ୍ ହେବା କଥା ! ୧୯୧୯ରେ ମଣ୍ଟେଗୁ ଚେମ୍‌ସ୍‌ଫୋର୍ଡ ରିଫର୍ମ ଆସିଲା ପର୍ଯ୍ୟନ୍ତ ଅନ୍ୟ ଆଦିବାସୀଙ୍କୁ ଆଉଟ୍‌କାଷ୍ଟ ବା ଗୋଠଛଡ଼ା ଧରାଯାଉଥିଲା, ସେମାନେ ତାଲିକାଭୁକ୍ତ ସମ୍ପ୍ରଦାୟ ଓ ଦଳିତମାନେ ତାଲିକାଭୁକ୍ତ ଜାତି (ସ୍କିଡୁଲ୍‌ଡ ଟ୍ରାଇବ୍ ଓ କାଷ୍ଟ) ହୋଇଗଲେ । ୧୯୩୫ର ଗଭର୍ନମେଣ୍ଟ ଆକ୍ଟରେ ତାହା ହିଁ ରହିଲା । ଆମ ସମ୍ବିଧାନ ପ୍ରଣେତା ଭାରତୀୟ ସାହେବମାନେ ନୀଚ ଜାତିକୁ ସ୍କିଡୁଲ୍‌ଡକାଷ୍ଟ ରଖିଦେଲେ । ମହାତ୍ମା ଗାନ୍ଧୀ ସ୍କିଡୁଲ୍‌ଡକାଷ୍ଟ ଲୋକଙ୍କୁ ହରିଜନ ନାମ ଦେଲା ବେଳେ ଆମ୍ବେଡକର ପ୍ରତିବାଦ କରିଥିଲେ ଯେ ହରିଙ୍କ ଜନ କହି ସେମାନଙ୍କୁ ଭଣ୍ଡାଯାଉଛି । ସୁପ୍ରିମ୍ କୋର୍ଟ ୧୯୮୨ ମାର୍ଚ୍ଚ ୧୭ର ଏକ ରାୟରେ 'ହରିଜନ ଏକ ଅପମାନ ସୂଚକ ଶବ୍ଦ' କହିବା ପରଠାରୁ ହରିଜନ ଶବ୍ଦ ଲଗାଯାଉନାହିଁ । ସ୍ୱାଧୀନତାର ୫ ବର୍ଷ ପରେ ୧୯୫୨ ଅଗଷ୍ଟ ୩୧ରେ ହିଁ ଆମର ସାଧାରଣତନ୍ତ୍ର ସରକାର ଟ୍ରାଇବ୍‌ସମାନଙ୍କୁ କ୍ରିମିନାଲ୍ କୁହାଯିବ ନାହିଁ ବୋଲି ନୋଟିଫିକେସନ କଲେ । କିନ୍ତୁ ଦାଗ ରହିଗଲା, ଏବେ ବି ଆମେ ସେମାନଙ୍କୁ ଘୃଣା ଚକ୍ଷୁରେ ଦେଖୁଛୁ !



ବ୍ରିଟିଶ୍ ଶାସକମାନେ ଦେଖିଲେ ଭାରତୀୟମାନଙ୍କ ଭିତରେ ଜାତି ଜାତି ଭେଦରେ ଅସୂୟା ଭାବ ଅଛି, ତେଣୁ 'ଡିଭାଇଡ୍ ଆଣ୍ଡ ରୁଲ୍' ନୀତି ଗ୍ରହଣ କଲେ । ଦୁଃଖର କଥା ଆମର ଧର୍ମଗ୍ରନ୍ଥମାନ ସେମାନଙ୍କୁ ସାହାଯ୍ୟ କଲା– ଜାତିପ୍ରଥା ହେଉଛି ଭଗବାନଙ୍କ ଡିଜାଇନ୍ (ଚାତୁଃବର୍ଣ୍ଣମ୍ ମୟା ସୃଷ୍ଟମ୍ ଗୁଣକର୍ମବିଭାଗଶଃ), କାଳକ୍ରମେ ବାପା ଯାହା କରୁଥିଲା ପିଲା ସେଇଆ କରିବା କଥା ବୋଲି ପଣ୍ଡିତମାନେ କହିଦେଲେ– ତାହା ହିଁ ଜାତି ତିଆରି କଲା । ସଫାସୁତରା ରଖିବା କାମ କରୁଥିବା ଲୋକେ ଘୃଣ୍ୟ ହୋଇଗଲେ, କେତେକ ଅସ୍ପୃଶ୍ୟ ହୋଇଗଲେ । ହଜାର ହଜାର ବର୍ଷ ଧରି ଶୂଦ୍ରମାନଙ୍କୁ ଦାସ ଭଳି ଖଟାଇ ଉଚ୍ଚ ଜାତିର ଲୋକେ ସେମାନଙ୍କଠୁ ମାନବ ଅଧିକାର ଛଡ଼ାଇ ନେଲେ ! ମଝିରେ ମଝିରେ ସଂସ୍କାରକ ସାଧୁମାନେ ବାହାରି ଆମ ସମାଜରେ ଅସମାନତା ଦୂର କରିବା ପାଇଁ ଚେଷ୍ଟା କରିଥିଲେ ବି ଜାତିପ୍ରଥା ଦୂର ହେଲାନାହିଁ । ଜାତିଆଣ ପ୍ରଥା ବିରୁଦ୍ଧରେ ବୌଦ୍ଧ, ଜୈନ ଓ ଶିଖ୍‌ଧର୍ମ ବାହାରିଥିଲେ ବି ଭାରତୀୟ ସମାଜ ବଦଳିନାହିଁ । ବ୍ୟବସାୟ କରିବାକୁ ଆସିଥିବା ବିଲାତୀ ଲୋକେ ଯେତେବେଳେ ଶାସନଭାର ନେଇଗଲେ ଅବହେଳିତ ଜାତିର ଲୋକଙ୍କୁ ସାଗରପାରି କୃଷିକାର୍ଯ୍ୟରେ ଶ୍ରମିକ ଭାବେ ଖଟାଇବାର ଚେଷ୍ଟା କଲେ । ଆମେରିକାରେ ନିଗ୍ରୋମାନଙ୍କୁ କ୍ରୀତଦାସ କରିବାର ପ୍ରଥା ୧୮୩୩ ବେଳକୁ ଉଠିଯାଇଥିଲା, ଏପରି କି ବିଲାତରେ ଏହି ଦାସତ୍ୱ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା । ବିଲାତୀ ବଣିକମାନେ ଇଣ୍ଡେଞ୍ଚର୍ଡ ଲେବର୍ (ଚୁକ୍ତିଭିତ୍ତିକ ଶ୍ରମିକ) ନାମରେ ଭାରତରେ ମାନବ ଚାଲାଣ ଚାଲୁ କରିଦେଲେ, ତାହା କ୍ରୀତଦାସ ପ୍ରଥାଠାରୁ କମ୍ ନ ଥିଲା, କାରଣ ଚୁକ୍ତି ସରିଗଲା ପରେ ସେମାନଙ୍କୁ ଭାରତ ଫେରାଇ ଆଣିବାର ବ୍ୟବସ୍ଥା କରାଗଲାନାହିଁ । ଔପନିବେଶିକ ଶକ୍ତିମାନେ ୧୮୩୮ରୁ ୧୯୧୬ ଭିତରେ ପ୍ରାୟ ୧୨ ଲକ୍ଷ ଦଳିତ ଭାରତୀୟଙ୍କୁ ଦରିଆପାରି ଉପନିବେଶକୁ ଚାଲାଣ କରିଥିଲେ । ଏବେ ଆମେ ଗର୍ବ କରୁଛୁ ଯେ ଫିଜି, ଗୁଆନା, ଜାମାଇକା, ମରିସସ୍, ନାଟାଲ, ରିୟୁନିୟନ, ସୁରିନାମ୍, ତ୍ରିନିଦାଦ୍ ଭଳି ଦେଶମାନଙ୍କରେ ପ୍ରବାସୀ ଭାରତୀୟମାନେ (ଇଣ୍ଡେଞ୍ଚର୍ଡ ଲେବର୍‌ମାନଙ୍କ ଦାୟାଦମାନେ !) ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଭଳି ଉଚ୍ଚତମ ପଦ ଲାଭ କରିପାରିଛନ୍ତି । କାରଣ ସେଠାରେ ଜାତିଭେଦରେ ଅବହେଳା ନାହିଁ । ଏବେ ଯେଉଁ ପ୍ରବାସୀମାନେ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି ସେମାନେ ଭାରତରେ ଥିଲେ ଏପରି ହୋଇଥାନ୍ତେ କି ବୋଲି ସନ୍ଦେହ ହେଉଛି । ଏସବୁର କାରଣ ଭାରତର 'ସନାତନ' (ଅର୍ଥ ପରମ୍ପରା) ଧର୍ମ ସୋସିଆଲ ମୋବିଲିଟି (ଉପରକୁ ଉଠିବାର ସୁଯୋଗ) ଯୋଗାଏନାହିଁ । ଏ ତ ଆମ ମାଟିର ଗୁଣ ! ଆମ ସମ୍ବିଧାନ–ପ୍ରଣେତାମାନଙ୍କ ଔପନିବେଶିକ ମନୋଭାବ ଆମ ସମ୍ବିଧାନକୁ ଉଚ୍ଚ ବଂଶଜ ହିନ୍ଦୁମାନଙ୍କ ଦଲିଲ କରିଦେଇଛି ! ଯେ ପର୍ଯ୍ୟନ୍ତ ଆମ ନେତାଏ ଏ ମନୋଭାବ ନ ଛାଡ଼ିଛନ୍ତି ସେ ଯାଏ ଆମ ଦେଶର ୬୦%ରୁ ବେଶି ଲୋକେ ଅବହେଳାର ଶିକାର ହୋଇ ରହିଥିବେ ।

sahadevas@yahoo.com

# ଭଣ୍ଡ ଦର୍ଶନ



ହରେକୃଷ୍ଣ ଦାସ

ଛଦ୍ମ ମୁନିବେଶ ଧାରଣ କରି ରାବଣ ସୀତାଙ୍କ ହରଣ କଲା ପରେ ଏବଂ ମାରିଚ ରାକ୍ଷସ ସୁନା ହରିଣ ରୂପ ଧାରଣ କରି ଶ୍ରୀରାମଙ୍କ ବୁଦ୍ଧି ଭ୍ରଂଶ କଲା ପରେ ଅନ୍ତତଃ ଏ କଥାଟି ସ୍ପଷ୍ଟ ହୋଇଗଲା ଯେ ଚତୁରତାର ସହ ଛଳନାପୂର୍ଣ୍ଣ ଅଭିନୟ କରିପାରିଲେ ଜଣେ ବୁଦ୍ଧିମାନ ଲୋକକୁ ବି ଧୋକା ଦିଆଯାଇପାରେ । ଏ କଥା ଅବଶ୍ୟ ଭିନ୍ନ ଯେ ଶ୍ରୀରାମଙ୍କର ଏଭଳି ଆଚରଣ ପାଇଁ 'ବିନାଶ କାଳେ ବିପରୀତ ବୁଦ୍ଧି' ଉକ୍ତିଟିକୁ ତାଙ୍କ ସପକ୍ଷରେ ସଫେଇ ଆକାରରେ ପ୍ରଦାନ କରାଯାଏ । କିନ୍ତୁ ଅସଲ କଥା ହେଲା ଛଦ୍ମବେଶ ଧାରଣ କରି ଜଣେ ବୁଦ୍ଧିମାନ ଲୋକକୁ ମଧ୍ୟ ବୋକା ବନେଇ ଦିଆଯାଇପାରେ । ଏଇ କାରଣରୁ ଅନେକ ଲୋକଙ୍କର ଭଣ୍ଡ ଚେହେରା ସହଜରେ ଧରାପଡ଼େନି ଏବଂ ସମାଜ ଆଖିରେ ସେମାନେ ଅତ୍ୟନ୍ତ ସାଧୁ ପ୍ରକୃତିର ହୋଇଥିବା ପରିଚୟ ହାସଲ କରିପାରନ୍ତି ।

ବନ୍ଧୁ ଜଣକ କଥା କଥାକେ ସଂସାର ଓ ଜୀବନର ଅଳିକତା ବିଷୟରେ ବିଭିନ୍ନ ଶ୍ଳୋକ ଆବୃତ୍ତି କରି ଦାର୍ଶନିକ ଭାଷଣ ମାରି ନିଜକୁ ଏମିତି ନିରାସକ୍ତ ଦେଖେଇ ହୁଅନ୍ତି ସତେ ଯେମିତି ବୈରାଗ୍ୟ ଜର୍ଜରିତ ଜ୍ଞାନୀ ସନ୍ଥ ଜଣେ । କିନ୍ତୁ ଗୋଟେ ଭାବବିହ୍ୱଳ ମୁହୂର୍ତ୍ତରେ ଆମେ ପରସ୍ପରର ପାରିବାରିକ ଜୀବନର ଭଲମନ୍ଦ କଥା ହେଲାବେଳେ ବନ୍ଧୁଙ୍କ ଆଖି ଓଦା ହୋଇଯିବା ଦେଖି କାରଣ ପଚାରିବାରୁ ସେ ଯାହା ବଖାଣିଲେ, ସେସବୁ ଶୁଣି ଦୁଃଖ ଯେତିକି ଲାଗିଲା ତାଙ୍କ ପ୍ରତି ଦୟା ସେତିକି ଆସିଲା । ତାଙ୍କ ସ୍ତ୍ରୀ ଖୁବ୍ ଜିଦଖୋର, ସନ୍ଦେହୀ ଓ ସ୍ୱେଚ୍ଛାଚାରୀ । ଏମିତିକି ତାଙ୍କ ମୁଡ୍ ଠିକ୍ ନ ଥିଲେ ରୋଷେଇବାସ କରନ୍ତିନି, କରିଥିଲେ ବି ସ୍ୱାମୀଙ୍କୁ ଖାଇବାକୁ ଦିଅନ୍ତିନି । ଅଳ୍ପ ବୟସର ପୁଅ ତା' ବାପାଙ୍କୁ ଡରାଇ ଧମକାଇ ନିଜ ଇଚ୍ଛାରେ ସମୟ ବରବାଦ କରୁଛି । ଏ ଉଭୟଙ୍କର ଉତ୍ପାତରେ ଅତିଷ୍ଠ ହେଇ ବନ୍ଧୁ ଜଣକ ମାନସିକ ସ୍ତରରେ ରୁଗ୍ଣ । ତାଙ୍କର ଏ ଅବସ୍ଥା ହେଉଛି କାହାକୁ ଦେଖେଇ ହେଉ ନ ଥିବା ଅଜାଗା ଘାଆ ବୋଲି କହି ବନ୍ଧୁ ଆଖି ପୋଛିଲେ । ପରିସ୍ଥିତି ହାଲୁକା କରିବାକୁ ଯାଇ କହିଲି "ଏତେ ସିରିୟସ ହୁଅନି । ଏମିତିଆ କାହାଣୀ ସମସ୍ତଙ୍କ ଘରେ ଅଛି । ହେଲେ ତମେ ଯେମିତି ଜ୍ଞାନ ଚର୍ଚ୍ଚା କର, ଶୁଣିଲେ ଲାଗେ ଯେ ତମେ ହଉଛ ସଂସାରରେ ଥିବା ଗୋଟେ ଯୋଗୀ । ତମର କିଛି ଦୁଃଖ ଥିଲାଭଳି ଲାଗେନି ।" ଲାଗିବ କେମିତି ? ଫୁଟାଣି ଦେଖେଇ ଗୁଡ଼ାଏ ଗପି, ଭିତରେ ସବୁ କଷ୍ଟକୁ ଚାପି ରଖିବାକୁ ଚେଷ୍ଟା କରୁଛି ।

ବନ୍ଧୁ ଜଣକ ନିଜକୁ ବିଦ୍ୱାନ ଦେଖେଇବାକୁ ଚେଷ୍ଟା କରି ଅନେକ ସମୟରେ ବିଭିନ୍ନ ବିଷୟରେ ଲେଖନ୍ତି ଯଦିଓ ସେସବୁ ଉଚ୍ଚମାନର ହୋଇପାରେନି । ଅନ୍ୟମାନଙ୍କ ଲେଖାପଢ଼ା ତଥା ଏଥି ସମ୍ପର୍କିତ ସଫଳତା ପ୍ରତି ନିଜର ଈର୍ଷା ଅସୂୟାକୁ ଲୁଚେଇ ରଖି ସେମାନଙ୍କ ପ୍ରତି ସମ୍ବେଦନଶୀଳ ବୋଲି ଦେଖେଇ ବେଳେବେଳେ କହନ୍ତି, "ଏତେ ଲେଖାଲେଖିରେ ମାଟି ଦେହ ଉପରେ କାହିଁକି ଅତ୍ୟାଚାର କରୁଛ ? ଅସଲ ଜ୍ଞାନ ପଛରେ ଧାଇଁଲେ ଜାଣିବ ଯେ ଏ ସବୁ



ମାନସମ୍ମାନ, ପୁରସ୍କାର, ପ୍ରତିଷ୍ଠା ପୂରା ମୂଲ୍ୟହୀନ । ଏ ଭ୍ରମ ପଛରେ କାହିଁକି ପଡ଼ିଛ ? ଦେହର ଯତ୍ନ ନିଅ, ସୁସ୍ଥ ରୁହ ।" ଖୁବ୍ ଚତୁରତାର ସହିତ ସେ ନିଜ ବିଫଳତାଜନିତ କ୍ଷୋଭ ଓ ଅସହିଷ୍ଣୁତାକୁ ନିଜ ବାକଚାତୁରିରେ ଲୁଚାଇବାକୁ ଚେଷ୍ଟା କରନ୍ତି । ଅନେକ ସମୟରେ ବାକପଟୁତା ବଳରେ ସେ ଲୋକଙ୍କୁ ପ୍ରଭାବିତ କରି ନିଜ ପାଇଁ ମିଛ ପରିଚୟ ତିଆରି କରିପାରନ୍ତି । ବନ୍ଧୁଙ୍କ ଚରିତ୍ରର ଏ ବାସ୍ତବତା ମୁଁ ଜାଣେ ବୋଲି କେବେ ତାଙ୍କୁ ସୂଚାଇ ଦେବାକୁ ଇଚ୍ଛା କରେନି । ତେଣୁ ସେ ବି ଏ ଭ୍ରମରେ ଥିଲେ ଯେ ତାଙ୍କ ମିଛ ପରିଚୟକୁ ତାଙ୍କ ବାସ୍ତବ ଚରିତ୍ର ବୋଲି ହୁଏତ ମୁଁ ମାନି ନେଇଥିବି । ଆଜି ନିଜ ବାସ୍ତବତାର ଦୟନୀୟ ଚିତ୍ର ସେ ମୋ ସାମ୍ନାରେ ରଖିବା ବେଳେ ମୁଁ ତାଙ୍କୁ ଉପହାସ କରିପାରୁ ନ ଥାଏ, ବରଂ ତାଙ୍କ ପ୍ରତି ସ୍ୱତଃ ସମବେଦନା ଚାଲିଆସିଲା ।

ଆମ ଗପସପର ବିବରଣୀ ଶୁଣିବା ପରେ ଝିଅ ପଚାରିଲା, "ସତରେ କ'ଣ ଲୋକମାନେ ବାହାରକୁ ଯାହା ଦେଖା ଯାଆନ୍ତି ଭିତରେ ସେୟା ନୁହନ୍ତି ? ମୁଁ ଭାବୁଥିଲି ଏସବୁ କେବଳ ଫିଲ୍ମରେ ଥାଏ ବୋଲି ।" ହଁ, ଫିଲ୍ମର ଷ୍ଟୋରି ସବୁ ଆଉ କୋଉଠୁ ଆସେ କି ? ଗୁଡ଼ାଏ ଲୋକ ଅନ୍ୟମାନଙ୍କ ପାଖରେ ନିଜକୁ ଧର୍ମାବତାର ବୋଲି ଦେଖେଇ ହୁଅନ୍ତି । କିନ୍ତୁ ପ୍ରକୃତରେ ସେମାନେ ପାପୀ ହୋଇଥିବେ । ଅନ୍ୟମାନଙ୍କ ସୁଖ ଶାନ୍ତି ସହି ନ ପାରି ଈର୍ଷାରେ ଜଳୁଥିବେ, ସେମାନଙ୍କୁ କେମିତି ଖାଲରେ ପକେଇବେ ସେଇ ଯୋଜନାରେ ମାତିଥିବେ । ମୁଁ କାହାର ମିଛ ସହିପାରେନି କହୁଥିବା ଲୋକଟା ପ୍ରକୃତରେ ପରମ ମିଛୁଆ ହାଇଥିବ । ଏଭଳି ଲୋକଙ୍କଠାରୁ ଦୂରେଇ ରହିବା ଦରକାର । ଅଧିକାଂଶ ଲୋକ ଜହ୍ନ ଭଳିଆ ନିଜ ଅନ୍ଧାରୀ ଦିଗ ଲୁଚେଇ ବାହାରକୁ କେବଳ ସଫା ଦେଖେଇ ହୁଅନ୍ତି । ବାହାରେ ଖୁବ୍ ଦରଦି ଓ ମେଳାପି ବୋଲାଉଥିବା ଲୋକ ଯେ ପ୍ରକୃତରେ କେମିତି ରୁକ୍ଷ ଓ ଅବିବେକୀ ଭଳି ଆଚରଣ କରେ, ସେ କଥା କେବଳ ତା' ଘର ଲୋକ ହିଁ ଜାଣନ୍ତି । ଏଗୁଡ଼ାକ ସବୁ ଭଣ୍ଡ ।

କାହାର କଅଁଳ, ଆତ୍ମୀୟତା ଭରା କଥା କି ତା'ର ଚିକ୍କଣ ବାଆଜିଆ ବେଶଭୂଷାକୁ ତା'ର ପ୍ରକୃତ ପରିଚୟ ନ ଭାବି ତା'ର ଅନ୍ତର ପଢ଼ିବାକୁ ଚେଷ୍ଟା କରିବା ଉଚିତ । ନ ହେଲେ ଠକି ହେଇଯିବା ନିଶ୍ଚିତ । ଆମ ଗାଁର ସୁର ସାର୍‌ଙ୍କୁ ମନେରଖିଛୁ ? ଦେଖିଲେ ଧାର୍ମିକ ଲାଗନ୍ତି । ତାଙ୍କ ପୁଅ ବି ଗାଁରେ ଗୋଟେ ମନ୍ଦିର ତୋଳିଛନ୍ତି ନା ? ରୁଦ୍ରାକ୍ଷ ମାଳ ପକେଇ, ଗୁଡ଼ାଏ ଚିତା ଚଇତନ ହେଇ ପ୍ରବଚନ ଦେଉଥିବା ସୈତାନ ସେ । ଗୋଟେ ଗାଁରେ ପ୍ରବଚନ ଶେଷରେ ଅନୈତିକ କାର୍ଯ୍ୟରେ ଧରାପଡ଼ିଥିଲା । ତା' ପୁଅ ବି ସେମିତି ପାକିସ୍ତାନୀ ଏଜେଣ୍ଟଙ୍କୁ ଆମ ସିକ୍ୟୁରିଟି ତଥ୍ୟ ବିକି ପୁଳାଏ ଟଙ୍କା ଆଣି ଚାକିରି ଛାଡ଼ି ଚାଲିଆସି ସେଇ ଟଙ୍କାରେ ମନ୍ଦିର ତୋଳି ବଦାନ୍ୟ ଦେଖେଇ ହେଉଥିଲା । କିନ୍ତୁ ବିନାଶ କାଳେ ବିପରୀତ ବୁଦ୍ଧି ଘୋଟିବାର ଫଳ ବାପ ମାଡ଼ଖାଇ ଭୋଗିଲା, ପୁଅ ଜେଲ ଯାଇ ଭୋଗିଲା ।' ଏକଥା ଶୁଣି ଝିଅ କହିଲା,'ଏଥର ବୁଝିଲି, ଭଣ୍ଡ ଦର୍ଶନ କହିବା ଦ୍ୱାରା ସେଦିନ ତମେ କ'ଣ ବୁଝେଇବାକୁ ଚାହୁଁଥିଲ ।'

ଅଧ୍ୟାପକ, ଇଂରାଜୀ ବିଭାଗ
ନିଆଳି କଲେଜ
ମୋ:୯୮୬୧୩୪୫୬୫୮

## ଏଇ ଭାରତରେ

ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ବର୍ଷ କି ଦୁଇ ବର୍ଷ ନୁହେଁ ତାରିଖ ପରେ ତାରିଖ ଗଡ଼ି ୭୦ ବର୍ଷ ଧରି ବିଚାରାଧୀନ ରହିଛି ମହାରାଷ୍ଟ୍ରର ଏକ ମାମଲା । ୭୦ ବର୍ଷ ତଳେ ଯେତେବେଳେ ଏହି ମାମଲା ଦାଏର କରାଯାଇଥିଲା, ସେତେବେଳେ ବର୍ତ୍ତମାନ ସୁପ୍ରିମକୋର୍ଟରେ କାର୍ଯ୍ୟ କରୁଥିବା କୌଣସି ବିଚାରପତି ଜନ୍ମ ହୋଇ ନ ଥିଲେ । ଏବେ ସୁପ୍ରିମକୋର୍ଟରେ ୨୭ ଜଣ ବିଚାରପତିଙ୍କ ମଧ୍ୟରୁ ଜଷ୍ଟିସ ଏସ୍‌ସି ଗୁପ୍ତାଙ୍କ ବୟସ ସର୍ବାଧିକ । ୧୫ ମେ ୧୯୫୮ରେ ଜଷ୍ଟିସ ଗୁପ୍ତା ଜନ୍ମ ଗ୍ରହଣ କରିଥିଲେ । ଏହି ଆପରାଧିକ ମାମଲା ମହାରାଷ୍ଟ୍ରର ରାୟଗଡ଼ ପୋଲିସ ଦ୍ୱାରା ୧୮ ମଇ ୧୯୫୩ରେ ପଞ୍ଜୀକୃତ ହୋଇଥିଲା । ଅର୍ଥାତ୍ ଜଷ୍ଟିସ ଗୁପ୍ତାଙ୍କ ଜନ୍ମଠାରୁ ଉକ୍ତ ଆପରାଧିକ ମାମଲା ୫ ବର୍ଷର ପୁରୁଣା । ଆର୍ଶ୍ଚର୍ଯ୍ୟର କଥା ଉକ୍ତ ମାମଲା ୯ ଫେବୃୟାରୀରେ ଶୁଣାଣି ହେବା ଲାଗି ତାରିଖ ଧାର୍ଯ୍ୟ ହୋଇଛି ।

## ୨୫ ବର୍ଷ ତଳର ଧରିତ୍ରୀ

୧୧ ଜାନୁୟାରୀ ୧୯୯୮

- ଉତ୍ତର ଚୀନର ହେନେଇ ପ୍ରଦେଶରେ ଭୂମିକମ୍ପ ଘଟି ୪୬ ଜଣଙ୍କ ପ୍ରାଣହାନି ।
- ଉତ୍ତର କଲମ୍ବିଆରେ ରାଜନୈତିକ ସଂଘର୍ଷ ଘଟି ନିରାପତ୍ତା କର୍ମଚାରୀ, ଗେରିଲା ଓ ୧୨ ନାଗରିକଙ୍କ ସମେତ ୨୪ ଜଣଙ୍କ ମୃତ୍ୟୁ ।

## ଚିରନ୍ତନୀ

ସେ କିବା ମୋହର ପ୍ରଥମ ଆଲୋକ–କଥା
ଅନନ୍ତ ଯୁଗର ଆଦିମ ଏକ ବାରତା
ପ୍ରାଚୀନତମ ସେ ପ୍ରାଣର ପରାସ
ଅସୀମ କାଳର ଏକ ଇତିହାସ,
ଅତଳୁଁ ଅତଳେ ଲୁଚିଛି କାହିଁ ସେ ବ୍ୟଥା
ସଞ୍ଜ ଆକାଶେ ଶୁଣିଲି ଆଜି ଯେ କଥା !
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 5 | | | | | | | 7 | 3 |
| | | 2 | | | | 1 | | 9 |
| 6 | 1 | | | 8 | | | | |
| | 3 | | | | | | | |
| | | | | | 2 | 6 | 3 | |
| 7 | | | | | 1 | 4 | | |
| | 7 | | | | | | 2 | |
| | | | | | 9 | | 1 | |
| | | 9 | 7 | 3 | | | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 1 | 8 | 2 | 5 | 7 | 6 | 4 | 9 |
| 4 | 9 | 6 | 1 | 8 | 3 | 7 | 2 | 5 |
| 2 | 7 | 5 | 6 | 4 | 9 | 8 | 1 | 3 |
| 8 | 3 | 9 | 4 | 7 | 2 | 5 | 6 | 1 |
| 1 | 2 | 4 | 5 | 3 | 6 | 9 | 8 | 7 |
| 5 | 6 | 7 | 9 | 1 | 8 | 2 | 3 | 4 |
| 9 | 5 | 3 | 8 | 2 | 4 | 1 | 7 | 6 |
| 6 | 4 | 2 | 7 | 9 | 1 | 3 | 5 | 8 |
| 7 | 8 | 1 | 3 | 6 | 5 | 4 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାଘ୍ର ପ୍ରକଳ୍ପ ଏବେ ସଙ୍କଟରେ

ମହାଶୟ, ଅର୍ଥାଭାବରୁ ଭାରତର ବ୍ୟାଘ୍ର ପ୍ରକଳ୍ପଗୁଡ଼ିକ ସଙ୍କଟର ସମ୍ମୁଖୀନ ହେଲେଣି । ୭୦ବର୍ଷ ତଳେ ଭାରତରୁ ଚିତାବାଘ ଲୋପ ପାଇଯାଇଥିବାରୁ କେନ୍ଦ୍ର ସରକାର ନାମିବିୟାରୁ ଚିତାବାଘ ଆମଦାନୀ କରିଛନ୍ତି । ଦେଶରେ ପ୍ରତି ଟାଇଗର ରିଜର୍ଭ ପାଇଁ ବର୍ଷକୁ ହାରାହାରି ୧୦କୋଟି ଟଙ୍କା ଲୋଡ଼ା । ଚଳିତବର୍ଷ ଏହି ଅର୍ଥ ମଞ୍ଜୁରରେ ବିଳମ୍ବ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଣୁ ସବୁ ବ୍ୟାଘ୍ର ପ୍ରକଳ୍ପରେ ସଂରକ୍ଷଣ କାମ ଅଟକିଯାଇଛି । ରାଜ୍ୟ ସରକାର ଆବଶ୍ୟକ ଅର୍ଥ ଦେଲେ ବି ଏନ୍‌ପିସିରେ ଅନୁମୋଦନ ବିନା କୌଣସି ବଡ଼ କାମ ହାତକୁ ନିଆଯାଇପାରିନାହିଁ ।

–ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ମାଛ ସହ କୁକୁଡ଼ା ପାଳନ କରୁଥିଲେ

**ମା**ଛଚାଷ ସହ କୁକୁଡ଼ା ପାଳନ ଏକ ଲାଭଜନକ ବ୍ୟବସାୟ । କୁକୁଡ଼ାର ମଳ ପୋଖରୀର ଏକ ଉତ୍କୃଷ୍ଟ ଜୈବିକଖତର ଆବଶ୍ୟକତା ପୂରଣ କରିଥାଏ। କୁକୁଡ଼ାର ମଳ ସିଧାସଳଖ ପୋଖରୀରେ ପକାଇଲେ ସେଥିରୁ ଅଧିକ ପ୍ଲାଙ୍କ୍ଟନ ବା ପ୍ଲବକ ସୃଷ୍ଟି ହୋଇଥାଏ । ମାଛମାନେ ତାକୁ ଖାଇ ବଞ୍ଚନ୍ତି । କୁକୁଡ଼ାମାନେ ନଷ୍ଟ କରୁଥିବା ଦାନାକୁ ମଧ୍ୟ ମାଛମାନେ ଖାଇଥାନ୍ତି । କୁକୁଡ଼ାଘର ପୋଖରୀ ହୁଡ଼ା ଉପରେ ବା ପୋଖରୀ ଭିତରକୁ ଅଧା ଝୁଲାଇ ତିଆରି କଲେ କୁକୁଡ଼ା ମଳ ଓ ନଷ୍ଟ ହେଉଥିବା ଖାଦ୍ୟ ସିଧାସଳଖ ପୋଖରୀରେ ପଡ଼େ ଓ ମାଛମାନେ ତାକୁ ଖାଇଥାନ୍ତି । ଏକ ଏକର ପୋଖରୀରେ ମାଛଚାଷ ପାଇଁ ଦରକାର ହେଉଥିବା ଖତସାର ୨୦୦ ରୁ ୨୪୦ଟି କୁକୁଡ଼ାଙ୍କଠାରୁ ମିଳିଥାଏ । ଗୋବର ଖତ ସହିତ ତୁଳନା କଲେ, କୁକୁଡ଼ା ଖତରେ ଅଧିକ ୬ଗୁଣ ଯବକ୍ଷାରଜାନ, ୧୦ ଗୁଣ ଫସ୍‌ଫରସ୍ ଓ ୪ ଗୁଣ ପୋଟାସିୟମ ନିହିତ ଥାଏ । ଏକ ଏକର ଜମିରେ ମାଛ–କୁକୁଡ଼ା ସମନ୍ୱିତ ଚାଷ କଲେ ବର୍ଷକୁ ପ୍ରାୟ ୧୮୦୦ ରୁ ୨୦୦୦ କି.ଗ୍ରା ମାଛ, ୨୮୦୦୦ ଅଣ୍ଡା ଓ ୪୦୦ କି.ଗ୍ରା. କୁକୁଡ଼ା ମାଂସ ମିଳିଥାଏ । ସେହିପରି ପ୍ରତି ଏକ ହେକ୍ଟର ପାଣି ଆକାର ପାଇଁ ୫୦୦ରୁ ୬୦୦ ସଂଖ୍ୟାକୁ କୁକୁଡ଼ା ପାଳନ କରାଯାଏ ।



# ଡାଲୁଅ ଧାନ ପାଇଁ...

**ଡା**ଲୁଅ ଧାନ ତଳି ପ୍ରସ୍ତୁତି (ଏକ ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳି ପଡ଼େ) ପାଇଁ ତଳି କିଆରୀକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍, ୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ । ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଉଚିତ। ୧୨–୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ । ବିହନରୁ କଣ୍ଡା, ଅଗାଡ଼ି ବାହାର କରିବା ପାଇଁ ଏହାକୁ ଲୁଣ ପାଣି ଉପଚାର କରନ୍ତୁ । ଧାନ ବିହନକୁ ଭଲଭାବରେ ଧୋଇ ୨୪ ଘଣ୍ଟା ପାଣିରେ ଭିଜାଇ ଛାଣି ଚଟାଣରେ ଘୋଡ଼ାଇ ଦିଅନ୍ତୁ । ଗାଲି ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ । ଡାଲୁଅ ଧାନର ଉନ୍ନତ କିସମ ବିହନ ମଧ୍ୟରେ ରହିଛି :ସହଳ – ଖଣ୍ଡଗିରି, ପାରିଜାତ, ଯୋଗେଶ, ସିଦ୍ଧାନ୍ତ ଓ ସହଭାଗୀ ଧାନ । ମଧ୍ୟମ –ଲଲାଟ, ମନସ୍ୱିନୀ, ମନ୍ଦାକିନୀ, ଜ୍ୟୋତିର୍ମୟୀ, କୋଣାର୍କ, ପ୍ରତିଭା, ତପସ୍ୱିନୀ, ଗଜପତି ଓ ନବୀନ। କିଆରିରେ ପାଣି ଚାଲିବା ନିମନ୍ତେ ନାଳି ମାନ ରଖନ୍ତୁ । ଏହାଦ୍ୱାରା ବି ସାର ଓ କୀଟନାଶକ ଦ୍ରବ୍ୟ ବ୍ୟବହାର କରିବା ସହଜ ହୋଇଥାଏ।



## ଜାଣିରଖନ୍ତୁ



➤ବିହନ ବିଶୋଧନ କରି ତରଭୁଜ ଲଗାନ୍ତୁ । କିସମ ଅନୁସାରେ ଧାଡ଼ିକୁ ଧାଡ଼ି ୨.୦ ରୁ ୨.୫ ମିଟର ଏବଂ ମନ୍ଦାକୁ ମନ୍ଦା ୧.୫ ମିଟର ଦୂରତାରେ ଅନୁମୋଦିତ ପ୍ରଣାଳୀରେ ଲଗାନ୍ତୁ । ଶୀଘ୍ର ଗଜା ହେବା ପାଇଁ ମନ୍ଦା ଉପରେ କିଛି ପାଳ କିମ୍ବା ଖଣ୍ଡିଏ ଜରି ଘୋଡ଼ାଇ ଦିଅନ୍ତୁ । ଗଜା ବାହାରିବା ପରେ ଏଗୁଡ଼ିକୁ ହଟେଇ ଦେବା ଆବଶ୍ୟକ। ତରଭୁଜର ଉନ୍ନତ କିସମଗୁଡ଼ିକ ହେଲା – ସୁଗାରବେବି, ଆର୍କାମାଣିକ, ଲାଲ୍‌ସେନା। ଏହାର ସଙ୍କର କିସମ ମଧ୍ୟରେ ରହିଛି – ମାଧୁରୀ, ମାୟା, ସୁଗାରବଏ, ସୁଇଟ୍‌ରୁବି, ମମତାଜ୍ ଏବଂ ଆଣ୍ଡାମାନ୍।



➤ସୋରିଷ ଚାଷ କରୁଥିଲେ ଆବଶ୍ୟକତା ଅନୁଯାୟୀ ଜଳସେଚନ କରନ୍ତୁ। ଜଉପୋକର ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡ଼ାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ କିମ୍ବା ୧୦୦୦ ମି.ଲି. କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



➤ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।



➤ଗାଈମାନଙ୍କ ଠାରେ ପ୍ରସୂତି ସମସ୍ୟା ତଥା ଭୂତାଣୁଜନିତ ଫାଟୁଆ ରୋଗ ଦେଖାଦେଲେ, ଏହାର ପ୍ରତିକାର ପାଇଁ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ । ଚର୍ମବିଣ୍ଡି ରୋଗ ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ପରାମର୍ଶ ନିଅନ୍ତୁ। ଗାଈକୁ ଚରାଇବାକୁ ଛାଡ଼ନ୍ତୁ ନାହିଁ ଏବଂ ଅନ୍ୟ ପ୍ରାଣୀଙ୍କଠାରୁ ଦୂରରେ ରଖନ୍ତୁ।

## ମଟର ଚାଷ



**ପା**ଇରା ଫସଲ ଭାବେ ଚାଷ କରାଯାଇଥିବା ମଟର ୧ମାସ ହୋଇଯାଇଥିଲେ ୨% ଡିଏପି କିମ୍ବା ୨% ଏନ୍–ପି–କେ (୧୯–୧୯–୧୯) ସାର ସିଞ୍ଚନ କରନ୍ତୁ। ମଟର ଓ ବୁଟର ଝାଉଁଳା ରୋଗ ଦମନ ସକାଶେ ହେକ୍ଟର ପ୍ରତି ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦମନ ଲାଗି ହେକ୍ଟର ପ୍ରତି ୧ ଲିଟର ପାଣି ପ୍ରତି ୩ ଗ୍ରାମ୍ ସଲ୍‌ଫର ସେଟିତଗୁଣ୍ଡ କିମ୍ବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ସିଞ୍ଚନ କରନ୍ତୁ । ମୁଗ, ବିରି ଆଦି ଫସଲରେ ଜଉପୋକ ଲାଗିବା ଆଶଙ୍କା ଅଛି । ଏହାର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. କିମ୍ବା ୧୦୦୦ ମିଲି ଡାଇମିଥୋଏଟ୍ ୩୦ ଇ.ସି. ମିଶାଇ ସିଞ୍ଚନ କରନ୍ତୁ ।

# ମଇଁଷି ପାଳନ



**ଭା**ରତରେ ମଇଁଷିଙ୍କୁ ଗୃହପାଳିତ ପ୍ରାଣୀ ଭାବରେ ପାଳନ କରାଯାଇଥାଏ। ଦୁଗ୍ଧ ଉତ୍ପାଦନରେ ମଇଁଷିଙ୍କର ଭୂମିକାକୁ ପ୍ରମୁଖ ଭାବରେ ବିବେଚନା କରାଯାଏ। ଏବେ ଆଧୁନିକ ଏବଂ ନୂତନ ପ୍ରଜାତିରେ ମଇଁଷିମାନଙ୍କୁ ସଙ୍ଗୀକରଣ ଓ କୃତ୍ରିମ ପ୍ରଜନନ ପାଇଁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଏହାଦ୍ୱାରା ଚାଷୀ ଉପକୃତ ହେଉଛନ୍ତି। ୨୦୧୯ ଗଣନା ଅନୁଯାୟୀ ଆମ ଦେଶରେ ୧୦୯.୮୫ ମିଲିୟନ ମଇଁଷି ଅଛନ୍ତି। ସମସ୍ତ ପ୍ରାଣୀଧନ ସଂଖ୍ୟା ୫୩୫.୭୮ ମିଲିୟନର ୨୧ ପ୍ରତିଶତ ହେଉଛନ୍ତି ମଇଁଷି। ଗାଈଙ୍କ ତୁଳନାରେ ୩୫ ପ୍ରତିଶତ । କିନ୍ତୁ ଦୁଗ୍ଧ ଉତ୍ପାଦନରେ ଗାଈଙ୍କ ତୁଳନାରେ ମଇଁଷିମାନଙ୍କର ଭୂମିକା ଅଧିକ। ୨୦୨୦–୨୧ ମସିହା ତଥ୍ୟ ଅନୁସାରେ ମଇଁଷି ୪୫ ପ୍ରତିଶତ ଦୁଗ୍ଧ ଉତ୍ପାଦନରେ ଭାଗୀଦାର । ଅନ୍ୟ ପ୍ରଜାତିର ପ୍ରାଣୀ ଯେପରିକି ଦେଶୀଗାଈ ୨୧ ପ୍ରତିଶତ, ସଙ୍କରଜାତୀୟ ଗାଈ ୨୮ ପ୍ରତିଶତ, ବିଦେଶୀ ପ୍ରଜାତିର ଗାଈ ୩ ପ୍ରତିଶତ ଏବଂ ଛେଳି ୩ ପ୍ରତିଶତ ଦୁଗ୍ଧ ଉତ୍ପାଦନରେ ଭାଗୀଦାର ଅଟନ୍ତି। ସେହିପରି ୨୦୨୧ ତଥ୍ୟ ଅନୁସାରେ ଭାରତରେ ସର୍ବମୋଟ ୨୦୯.୯୬ ମିଲିୟନ ଟନ୍ ଦୁଗ୍ଧ ଉତ୍ପାଦନ ହୋଇଥିଲା ଏବଂ ମଇଁଷି ପ୍ରଜାତି ସର୍ବମୋଟ ୪୪.୪୮୨ ମିଲିୟନ ଟନ୍ ଦୁଗ୍ଧ ଉତ୍ପାଦନ କରିବାରେ ଭାଗୀଦାର ଅଟନ୍ତି। ଓଡ଼ିଶା ସରକାର ମଧ୍ୟ ଅନ୍ୟ ପ୍ରାଣୀଙ୍କ ଭଳି ମଇଁଷି ପାଳନକୁ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି।

**ମଇଁଷି ପ୍ରଜାତି**

ଭାରତୀୟ ପଶୁ ଆନୁବଂଶିକ ସାଧନ ସଂସ୍ଥା ତଥ୍ୟ ଅନୁସାରେ ଭାରତରେ ମୁଖ୍ୟତଃ ୨୦ ପ୍ରଜାତିର ମଇଁଷି ସହ ଅନ୍ୟ କିଛି ଅଞ୍ଚଳରେ ଦେଶୀ ମଇଁଷି ଦେଖିବାକୁ ମିଳିଥାଏ।

**ମୁରାହ :** ଏହି ପ୍ରଜାତିର ମଇଁଷି ମୁଖ୍ୟତଃ ହରିୟାଣା, ପଞ୍ଜାବ ଏବଂ ଉତ୍ତର ପ୍ରଦେଶରେ ଦେଖିବାକୁ ମିଳିଥାଆନ୍ତି। ୨୦୧୯ ଗଣନା ଅନୁସାରେ ଏହି ପ୍ରଜାତି ସଂଖ୍ୟା ୪୭.୦୬୫ ମିଲିୟନ, ଯାହାକି ସମୁଦାୟ ମଇଁଷିର ୪୨.୮ ପ୍ରତିଶତ। ଏହି ପ୍ରଜାତିର ମଇଁଷି ଦେଖିବାକୁ କଳା, ଶିଙ୍ଗ ଛୋଟ ଓ ଗୋଲାକାର। ଏମାନଙ୍କର କ୍ଷୀର ଉତ୍ପାଦନ କ୍ଷମତା ୧୩୬୦ରୁ୨୨୭୦ ଲିଟର। ଏମାନେ ୩୩୫ ଦିନ ବ୍ୟବଧାନରେ ବାଛୁରି ଜନ୍ମ କରିଥାଆନ୍ତି ଏବଂ ସାଢ଼େ ୩ ବର୍ଷରେ ବାଛୁରି ଜନ୍ମ କରିଥାଏ।

**ଜାଫ୍ରାବାଦି :** ଏଭଳି ପ୍ରଜାତିର ମଇଁଷି ଗୁଜରାଟରେ ଦେଖାଯାଇଥାଆନ୍ତି। ଏମାନଙ୍କର ସଂଖ୍ୟା ହେଉଛି ୨୧୪୯ ମିଲିୟନ, ଯାହାକି ସମୁଦାୟ ମଇଁଷିର ୧.୯ ପ୍ରତିଶତ। ଏମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୧୩୦୦–୧୪୦୦ ଲିଟର ଏବଂ ସ୍ନେହର ମାତ୍ରା ହେଉଛି ୯–୧୯ ପ୍ରତିଶତ। ଏହି ପ୍ରଜାତିର ମଇଁଷି ୪ ବର୍ଷରେ ପ୍ରଥମ ବାଛୁରି ଜନ୍ମ ସହ ୪୪୭ ଦିନ ବ୍ୟବଧାନରେ ବାଛୁରି ଜନ୍ମ ଦେଇଥାଏ।

**ଭାବଭରି :** ଏହି ପ୍ରଜାତିର ମଇଁଷି ଉତ୍ତର ପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ଦେଖାଯାଇଥାଆନ୍ତି। ଏମାନଙ୍କର ସଂଖ୍ୟା ହେଉଛି ୧୯୮୧ ମିଲିୟନ, ଯାହାକି ସମୁଦାୟ ମଇଁଷିର ୧.୮ ପ୍ରତିଶତ। ଏହି ପ୍ରଜାତିର ମଇଁଷିମାନଙ୍କର ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୧୧୦୦–୧୩୦୦ ଲିଟର ଏବଂ ସ୍ନେହସାରର ମାତ୍ରା ହେଉଛି ୭–୧୩ ପ୍ରତିଶତ। ଏମାନେ ସାଢ଼େ ୪ ବର୍ଷରେ ପ୍ରଥମ ବାଛୁରି ଜନ୍ମ କରିବା ସହ ପରେ ୪୪୫ ଦିନ ବ୍ୟବଧାନରେ ପୁଣି ବାଛୁରି ଜନ୍ମ ଦେଇଥାଆନ୍ତି।

**ସୁରତି :** ଏହି ପ୍ରଜାତିର ମଇଁଷି ଗୁଜରାଟରେ ବେଶି ଦେଖାଯାଇଥାଆନ୍ତି। ଏମାନଙ୍କର ସଂଖ୍ୟା ହେଉଛି ୨୪୫୨ ମିଲିୟନ, ଯାହାକି ସମୁଦାୟ ମଇଁଷିର ୨.୨ ପ୍ରତିଶତ। ଏମାନେ ଦେଖିବାକୁ କଳା କିନ୍ତୁ ମୁଣ୍ଡ, ଗୋଡ଼ ଏବଂ ଲାଞ୍ଜର ରଙ୍ଗ ଧଳା। ୩ବର୍ଷରେ ଏମାନେ ପ୍ରଥମ ବାଛୁରି ଜନ୍ମ କରିବା ସହ ୪୬୪ ଦିନ ବ୍ୟବଧାନରେ ଦ୍ୱିତୀୟ ବାଛୁରି ଜନ୍ମ ଦେଇଥାଆନ୍ତି। ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୧୩୦୦–୧୪୦୦ ଲିଟର ଏବଂ ସେଥିରେ ସ୍ନେହ ମାତ୍ରା ହେଉଛି ୭.୫ ପ୍ରତିଶତ।

**ମେହସନା :** ଏହି ପ୍ରଜାତି ମଇଁଷି ଗୁଜରାଟରେ ବେଶି ଦେଖାଯାଆନ୍ତି। ଏମାନଙ୍କର ସଂଖ୍ୟା ହେଉଛି ୪୩୭୮ ମିଲିୟନ, ଯାହାକି ସମୁଦାୟ ମଇଁଷିର ୪.୦ ପ୍ରତିଶତ। ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୧୮୦୦–୨୨୦୦ ଲିଟର। ସ୍ନେହ ୬.୬–୮.୧ ପ୍ରତିଶତ। ଏମାନେ ସାଢ଼େ ତିନି ବର୍ଷରେ ପ୍ରଥମ ବାଛୁରିକୁ ଜନ୍ମ ଦିଅନ୍ତି ଏବଂ ଦ୍ୱିତୀୟ ବାଛୁରି ୪୮୪ ଦିନ ବ୍ୟବଧାନରେ ହୋଇଥାଏ। ଏହି ୫ ପ୍ରଜାତି ବ୍ୟତୀତ ଅନ୍ୟ ମଇଁଷି ପ୍ରଜାତିଗୁଡ଼ିକ ନୀଳଗିରି, ନାଗପୁରା, ବନ୍ନି, ପାଣ୍ଡରାପୁରୀ, ମରାଠବାଡ଼ି ଆଦିରେ ଦେଖିବାକୁ ମିଳନ୍ତି। ସେହିପରି ଓଡ଼ିଶାରେ ମଧ୍ୟ କିଛି ପ୍ରଜାତିର ମଇଁଷି ଦେଖାଯାଆନ୍ତି।

**ଚିଲିକା ମଇଁଷି :** ଏହି ପ୍ରଜାତିର ମଇଁଷି ଚିଲିକା ହ୍ରଦ ନିକଟ ଅଞ୍ଚଳରେ ଦେଖାଯାଆନ୍ତି। ଏମାନେ ସାଢ଼େ ୩ ବର୍ଷରୁ ୪ ବର୍ଷ ମଧ୍ୟରେ ପ୍ରଥମ ବାଛୁରି ଜନ୍ମ ଦେଇଥାଆନ୍ତି। କୌଣସି ଖର୍ଚ୍ଚ ବିନା ବା ସ୍ୱଳ୍ପ ଖର୍ଚ୍ଚରେ ଏହି ପ୍ରଜାତିର ମଇଁଷିଙ୍କ ଶରୀର ଉତ୍ତମ ବିକାଶ ହୋଇଥାଏ। ଏମାନେ ୪୩୦ ଦିନ ବ୍ୟବଧାନରେ ଦ୍ୱିତୀୟ ବାଛୁରି ଜନ୍ମ ଦେଇଥାଆନ୍ତି। ଏମାନେ ରାତିରେ ଚିଲିକା ହ୍ରଦରେ ବଢୁଥିବା ଘାସ ଏବଂ ଶିଉଳିକୁ ଖାଦ୍ୟ ଭାବରେ ଖାଇଥାଆନ୍ତି। ଏମାନଙ୍କର ରଙ୍ଗ କଳା ଓ ଖଇରିଆ। ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୫୦୦ ଲିଟର। ସ୍ନେହସାର ୮.୭ ପ୍ରତିଶତ।

**କଳାହାଣ୍ଡି ମଇଁଷି :** ଏମାନେ ମୁଖ୍ୟତଃ କଳାହାଣ୍ଡି ଜିଲାରେ ଦେଖାଯାଆନ୍ତି। ଏମାନଙ୍କର ରଙ୍ଗ କଳା ଏବଂ ଦୁଗ୍ଧ ଉତ୍ପାଦନ କ୍ଷମତା ହେଉଛି ୯୦୦ ଲିଟର। ଏହି ପ୍ରଜାତିର ମଇଁଷି ୪ବର୍ଷରେ ପ୍ରଥମ ବାଛୁରିକୁ ଜନ୍ମ ଦେଇଥାନ୍ତି। ଏମାନଙ୍କ ଦୁଗ୍ଧରେ ସ୍ନେହସାର ମାତ୍ରା ରହିଛି ୮ ପ୍ରତିଶତ। ଏମାନେ ୫୦୦ ଦିନ ବ୍ୟବଧାନରେ ବାଛୁରି ଜନ୍ମ କରିଥାଏ। ଏହି ପ୍ରଜାତିର ମଇଁଷିଙ୍କୁ ସ୍ୱଳ୍ପ ଖର୍ଚ୍ଚରେ ପାଳନ କରାଯାଇଥାଏ।

**ମାଣ୍ଡା ମଇଁଷି :** ଏହି ପ୍ରଜାତିର ମଇଁଷି କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଜିଲାରେ ଦେଖାଯାଆନ୍ତି। ଏମାନଙ୍କର ରଙ୍ଗ ଧୂସର ଏବଂ ଦୁଗ୍ଧ ସ୍ନେହ ମାତ୍ରା ୮.୪ ପ୍ରତିଶତ। ଏମାନେ ପ୍ରତି ୪ ବର୍ଷରେ ପ୍ରଥମ ବାଛୁରି ଏବଂ ୫୫୦ ଦିନ ବ୍ୟବଧାନରେ ଦ୍ୱିତୀୟ ବାଛୁରି ଜନ୍ମ କରିଥାଏ। ଏହି ପ୍ରଜାତି ମଇଁଷିମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅଧିକ। (କ୍ରମଶଃ...)

–ଡା. ହିମାଂଶୁ ବେହେରା
ସହକାରୀ ପ୍ରାଧ୍ୟାପକ, ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗ, ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ, ଓୟୁଏଟି, ଭୁବନେଶ୍ୱର

# ଗହମରେ ରୋଗ-ପୋକ ନିୟନ୍ତ୍ରଣ



**ଗ**ହମ ଫସଲରେ କାଳିଗୁଣ୍ଡି ରୋଗ ହୋଇଥିଲେ, ଏହାର ଦମନ ସକାଶେ ଆକ୍ରାନ୍ତ ଗଛଗୁଡ଼ିକୁ ମାଟିରେ ପୋତି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ ଏବଂ ଏକର ପ୍ରତି ୨୦୦ଗ୍ରାମ୍ କାର୍ବେଣ୍ଡାଜିମ୍ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ଲଗାଯାଇଥିବା ଫସଲରେ ଶସ୍ୟତ୍ୟାଗ ରୋଗ ଲାଗିବାର ଆଶଙ୍କା ଅଛି। ଏହାର ଦମନ ପାଇଁ ଏକର ପ୍ରତି ୬୦୦ଗ୍ରାମ୍ ମାଙ୍କୋଜେବ୍ ୨୦୦ଲିଟର ପାଣିରେ ସିଞ୍ଚନ କରନ୍ତୁ। ବର୍ଷା ନ ଥିଲେ ଫସଲରେ ଜଳସେଚନର ଆବଶ୍ୟକତା ବଢ଼ିଯାଇଥାଏ, ଫୁଲ ଓ କ୍ଷୀର ଢୋକିବା ଅବସ୍ଥାରେ ଜଳସେଚନ ପ୍ରତି ଧ୍ୟାନ ଦିଅନ୍ତୁ।

# ଶୀଘ୍ର ଶଣ୍ଢା ବାହାରିବା ଲାଗି..

**ପି**ଆଜର ପତ୍ରପୋଡ଼ା ସହ ଆଞ୍ଚୁଡ଼ା ଦାଗ ଦେଖାଦେଲେ ଉକୁଣିଆ ପୋକ ଲାଗିଥିବାର ଜଣାଯାଏ। ଏହାର ଦମନ ପାଇଁ ଏକର ପ୍ରତି ୪୦୦ ମିଲି ଡାଇମେଥୋଏଟ୍ କିମ୍ବା ୫୦ ମିଲି ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଆଗରୁ ଲଗାଯାଇଥିବା ପିଆଜରେ ଅଲ୍‌ଟର୍‌ନାରିଆ ଜନିତ ପତ୍ରପୋଡ଼ା ରୋଗ ଲାଗିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ। ଆଗରୁ ଲଗାଇ ନ ଥିଲେ ବର୍ତ୍ତମାନ ଲଗାଇବା କାମ ଶେଷ କରନ୍ତୁ। ତଳିଗୁଡ଼ିକ ୧୨–୧୫ସେ.ମି. ଉଚ୍ଚା ହୋଇଗଲେ ସେଗୁଡ଼ିକୁ ଉପରବେଳା ଓପାଡ଼ି ଲଗାନ୍ତୁ। ଏହି ଋତୁରେ ୬–୮ ସପ୍ତାହର ଚାରା ଲଗାନ୍ତୁ। ଛୋଟ ତଳି ଲଗାଇଲେ ଜମିରେ ଗଛ ଦୁର୍ବଳ ରୁହେ ଓ ବଡ଼ ତଳି ଲଗାଇଲେ ଶୀଘ୍ର ଶଣ୍ଢା ବାହାରିଥାଏ।



# ଆମ୍ବ ବଉଳର ଯତ୍ନ

**ଆ**ମ୍ବବଉଳ ଆସିଥିଲେ ଆସିବାର ସାତ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ । ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍–୪୫ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ ।



# 'ହକିପାଇଁ ଭାରତ ପ୍ରକୃଷ୍ଟ ସ୍ଥାନ'

ଭୁବନେଶ୍ୱର, ୧୦।୧
(କ୍ରୀଡ଼ା ପ୍ରତିନିଧି)



ମଙ୍ଗଳବାର ରାଉରକେଲାର ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ୍‌ରେ ପହଞ୍ଚିବା ପରେ ନେଦରଲାଣ୍ଡ୍ସ ଦଳ।

## ପ୍ରଭାବୀ ପ୍ରଦର୍ଶନ ଲକ୍ଷ୍ୟରେ ଇଂଲଣ୍ଡ, ନେଦରଲାଣ୍ଡ୍ସ, ଚିଲି

ହକି ବିଶ୍ୱକପ ଖେଳିବା ପାଇଁ କିଛି ଦିନ ପୂର୍ବରୁ ଭୁବନେଶ୍ୱର ଆସିଥିବା ଇଂଲଣ୍ଡ, ନେଦରଲାଣ୍ଡ୍ସ ଓ ଚିଲି ଦଳ ମଙ୍ଗଳବାର ରାଉରକେଲାରେ ପହଞ୍ଚିଛନ୍ତି। ସେଠାରେ ଦଳ ଗୁଡ଼ିକୁ ଭବ୍ୟ ସ୍ୱାଗତ କରାଯାଇଛି। ଭାରତ ସାମିଲ ଥିବା ପୁଲ୍ 'ଡି'ରେ ରହିଛି ଇଂଲଣ୍ଡ। ଏହି ଗ୍ରୁପ୍‌ର ଅନ୍ୟ ୨ ଦଳ ହେଲେ ସ୍ପେନ୍ ଓ ୱେଲ୍ସ। ୱେଲ୍ସ ବିପକ୍ଷରେ ଚଳିତ ମାସ ୧୩ ତାରିଖରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ ଇଂଲଣ୍ଡ। ଏହାପରେ ୧୫ରେ ଭାରତକୁ ଭେଟିବ। ରାଉରକେଲାରେ ଏହି ଦୁଇ ମ୍ୟାଚ ଖେଳିବାପରେ ଦଳ ଭୁବନେଶ୍ୱର ଆସି ୧୯ରେ ସ୍ପେନ୍ ସହିତ ମୁକାବିଲା କରିବ। "ହକିପାଇଁ ଭାରତ ହେଉଛି ପ୍ରକୃଷ୍ଟ ସ୍ଥାନ। ଆମେ ବଡ଼ ଦଳ ଗୁଡ଼ିକ ବିପକ୍ଷରେ ଖେଳି ସ୍ମରଣୀୟ ବିଜୟ ହାସଲ କରିବାକୁ ଲକ୍ଷ୍ୟ ରଖିଛୁ। ଆମେ ଟ୍ରଫି ପାଇଁ ଦାବିଦାର ବୋଲି ଦୃଢ଼ଭାବେ କହିପାରିବୁ। ଦଳର ପ୍ରତି ଖେଳାଳିଙ୍କ ମନରେ ଆତ୍ମବିଶ୍ୱାସ ରହିଛି" ବୋଲି ଇଂଲଣ୍ଡ ଅଧିନାୟକ ଡେଭିଡ ଆମିସ ପ୍ରକାଶ କରିଛନ୍ତି। ଇଂଲଣ୍ଡର ମୁଖ୍ୟ କୋଚ୍ ଅଛନ୍ତି ପଲ୍ ରେଭିଙ୍ଗଟନ। "ଆମେ ଦୀର୍ଘସମୟ ଧରି ବିମାନରେ ଆସିଥିବାରୁ ବିଶ୍ରାମକୁ ପ୍ରାଥମିକତା ଦେଇଥିଲୁ। ଏବେ ସମ୍ପୂର୍ଣ୍ଣ ସତେଜ ମନରେ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତ। ବିଶ୍ୱକପକୁ ଦୃଷ୍ଟିରେ ରଖି ଦଳ ଗତ ୧ ବର୍ଷ ଧରି କଠିନ ପରିଶ୍ରମ କରି ଆସୁଛି" ବୋଲି ସେ କହିଛନ୍ତି।

ନେଦରଲାଣ୍ଡ୍ସ ଦଳର ନେତୃତ୍ୱ ନେବେ ଥିଏରୀ ବ୍ରିଙ୍କମାନ। ଏହି ଦଳ ନିଜର ପ୍ରଥମ ମ୍ୟାଚରେ ୧୪ ତାରିଖରେ ମାଲେସିଆକୁ ଭେଟିବ। ଏହାପରେ ପୁଲ୍ 'ସି'ର ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ନ୍ୟୁଜିଲାଣ୍ଡକୁ ୧୬ରେ ଭେଟିବ। କାର୍ଯ୍ୟସୂଚୀ ଅନୁସାରେ ଏହି ଦଳ ତୃତୀୟ ତଥା ଅନ୍ତିମ ଲିଗ୍ ମ୍ୟାଚ ଖେଳିବାପାଇଁ ଭୁବନେଶ୍ୱର ଆସି ୧୯ରେ ଚିଲିକୁ ଭେଟିବ। "ଗତ କିଛି ମାସଧରି ଆମେ ବିଶ୍ୱକପ ପ୍ରସ୍ତୁତିରେ ଥିଲୁ। ଭାରତକୁ ଆସି ଖୁସି ଅନୁଭବ କରୁଛୁ। ଏଠାକାର ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ଆମେ ବ୍ୟଗ୍ର" ବୋଲି ବ୍ରିଙ୍କମାନ କହିଛନ୍ତି। ସେହିପରି ମୁଖ୍ୟ କୋଚ୍ ଜେରେନ ଡେଲମି କହିଛନ୍ତି ଯେ, ରାଉରକେଲାର ନୂଆ ଷ୍ଟାଡିୟମ ବହୁତ ସୁନ୍ଦର ଦେଖାଯାଉଛି। ବହୁ ସଂଖ୍ୟାରେ ଦର୍ଶକଙ୍କ ସମ୍ମୁଖରେ ଖେଳିବାରେ ଭିନ୍ନ ମଜା ଆସିବ। ଆମେ ମ୍ୟାଚପରେ ମ୍ୟାଚ ଆଗକୁ ବଢ଼ିବୁ। କ୍ୱାର୍ଟର ଫାଇନାଲ ପ୍ରବେଶ ଆମର ପ୍ରଥମ ଲକ୍ଷ୍ୟ ରହିବ। ଏହାପରେ ପରିସ୍ଥିତି ଅନୁସାରେ ସେମିଫାଇନାଲ ଓ ଫାଇନାଲ କଥା ଚିନ୍ତା କରାଯିବ।

ହକି ବିଶ୍ୱକପ୍



ଆଉ ୨ ଦିନ

ପ୍ରଥମଥରପାଇଁ ବିଶ୍ୱକପରେ ପଦାର୍ପଣ କରିବାକୁ ଯାଉଥିବା ଚିଲି ଦଳର ନେତୃତ୍ୱ ନେଉଛନ୍ତି ଫର୍ନାଣ୍ଡୋ ରେଞ୍ଜ। ୧୪ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳି ଏହି ଦଳ ଅଭିଯାନ ଆରମ୍ଭ କରିବ। "ଆମେ ପ୍ରଥମଥରପାଇଁ ଏହି ବଡ଼ ପ୍ରତିଯୋଗିତାରେ ଖେଳିବାକୁ ଯାଉଛୁ। ଏକବର୍ଷ ତଳେ ସାଣ୍ଟିଆଗୋ ଟୁର୍ଣ୍ଣାମେଣ୍ଟରେ ଆମେ ଏହି ବିଶ୍ୱକପ ପାଇଁ ଯୋଗ୍ୟତା ପାଇଥିଲୁ। ସେହିଦିନଠାରୁ କଠିନ ପରିଶ୍ରମ କରି ଆସିଛୁ ଏବଂ ଭଲ ଫଳାଫଳ ଆଶା ରଖିଛୁ" ବୋଲି ରେଞ୍ଜ୍ ପ୍ରକାଶ କରିଛନ୍ତି। ଚିଲି ଏହାର ଦ୍ୱିତୀୟ ମ୍ୟାଚରେ ମାଲେସିଆକୁ ୧୬ ତାରିଖରେ ଭେଟିବ। ଏହାପରେ ଭୁବନେଶ୍ୱର ଆସି ୧୯ରେ ନେଦରଲାଣ୍ଡ୍ସକୁ ଭେଟିବ। ମୁଖ୍ୟ କୋଚ୍ ଜର୍ଜ ଡାବାଞ୍ଚ୍ ଦଳର ଭଲ ପ୍ରଦର୍ଶନକୁ ନେଇ ବେଶ୍ ଆଶାବାଦୀ। "ନୂଆ ଷ୍ଟାଡିୟମରେ ଖେଳିବାକୁ ଆମେ ବ୍ୟଗ୍ରତାର ସହ ଅପେକ୍ଷା କରିଛୁ। ଏଠାକାର ଦର୍ଶକ ହକିକୁ ବହୁତ ଭଲପାଆନ୍ତି ବୋଲି ଶୁଣିଛୁ। ପ୍ରତିଯୋଗିତାରେ ଭାଗ ନେଉଥିବା ସମସ୍ତ ଦଳ ଶକ୍ତିଶାଳୀ ହୋଇଥିବାରୁ ଆମେ କେବଳ ବିଜୟ ଲକ୍ଷ୍ୟନେଇ ଖେଳିବୁ" ବୋଲି ଡାବାଞ୍ଚ ପ୍ରକାଶ କରିଛନ୍ତି।

# ବାଲୁକାକଳାରେ ବିଶ୍ୱର ସବୁଠାରୁ ବଡ଼ ହକି ଷ୍ଟିକ

କଟକ ଅଫିସ,୧୦।୧

ଭୁବନେଶ୍ୱର ଓ ରାଉରକେଲାରେ ହେବାକୁଥିବା ହକି ବିଶ୍ୱକପ ଉଦ୍‌ଘାଟନୀ ଉତ୍ସବର ଗୋଟିଏ ଦିନ ପୂର୍ବରୁ ବାଲିଯାତ୍ରା ପଡିଆରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ବଡ ବାଲୁକା କଳାର ହକି ଷ୍ଟିକ। ଏହାକୁ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ନିର୍ମାଣ କରିଛନ୍ତି। ହକିର ପ୍ରଚାର ଓ ପ୍ରସାର କରିବା ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି ସୁଦର୍ଶନ। ବାଲିରେ ନିର୍ମିତ ହୋଇଥିବା ଏହି ହକି ଷ୍ଟିକର ଲମ୍ବ ୧୦୫ ଫୁଟ। ଏଥିରେ ପ୍ରାୟ ୫ ହଜାର ବଲ ବ୍ୟବହାର କରାଯାଇଛି। ସୁଦର୍ଶନ ପଟ୍ଟନାୟକଙ୍କ ସହିତ ତାଙ୍କର ୧୫ ଜଣ ଛାତ୍ର ଏହି ବାଲୁକା କଳା ନିର୍ମାଣରେ ସାମିଲ ଥିଲେ। ଏଥିରେ ହକିଷ୍ଟିକ ସମେତ ହକି ବଲ, ଟ୍ରଫି ଏବଂ ବିଭିନ୍ନ ଦେଶର ଜାତୀୟ ପତାକାକୁ ସ୍ଥାନିତ କରାଯାଇଛି। ଏନେଇ ସୁଦର୍ଶନ କହିନ୍ତି ଯେ, ଆମେ କିଛି ନୂଆ ପ୍ରକାର ବାଲୁକା କଳା ପ୍ରସ୍ତୁତ କରିବାକୁ ଯୋଜନା କରିଥିଲୁ। ଯାହାକି ସାରା ପୃଥିବି ଓଡ଼ିଶା ପକ୍ଷରୁ ବାର୍ତ୍ତା ଦେବ। ବାଲିରେ ନିର୍ମିତ ୧୦୫ ଫୁଟର ହକି ଷ୍ଟିକ ବିଶ୍ୱରେ ପ୍ରଥମ। ଏହା ବିଶ୍ୱ ରେକର୍ଡ ବୋଲି ଆମେ ଦାବି କରିଛୁ ବୋଲି ସେ କହିଛନ୍ତି।





ମୋର ନାମ ଅଶୋକ କୁମାର ସୈନ୍, ବୟସ 57 ବର୍ଷ, ଜିଲ୍ଲା ଚିତ୍ତୋରଗଡ଼, ରାଜସ୍ଥାନର ବାସିନ୍ଦା । ବିଗତ ଅନେକ ସମୟ ଧରି ମୋ ଆଖିରେ କ୍ଲାନ୍ତି ଓ ଭାରିପଣ ରହୁଥିଲା । ଏହାଦ୍ୱାରା ମୁଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଥିଲି । ଖବରକାଗଜ ପଢ଼ିବା ସମୟରେ ବି ଆଖି ଉପରେ ଅତ୍ୟଧିକ ଚାପ ପଡୁଥିଲା । ହେଲେ, ଦିନେ ମୋତେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ସ ବିଷୟରେ ସୂଚନା ମିଳିଲା । ଯାହାର ନିୟମିତ ବ୍ୟବହାର କରିବା ଦ୍ୱାରା ମୋର ଆଖି ସମ୍ବନ୍ଧୀୟ ସବୁ ସମସ୍ୟାରେ ମୋତେ ବହୁତ ଉପଶମ ମିଳିଲା । ଏବେ ପଢ଼ିବା ସମୟରେ ଆଖିରେ କୌଣସି କ୍ଲାନ୍ତି ଅନୁଭୂତ ହେଉନାହିଁ । **ଧନ୍ୟବାଦ ଆଇ ମନ୍ତ୍ରା ।**

ମୋର ନାମ ସୁନୀଲ କୁମାର, ବୟସ 27 ବର୍ଷ, ଜିଲ୍ଲା ମେରଠ, ଉତ୍ତରପ୍ରଦେଶର ବାସିନ୍ଦା । ମୁଁ ଜଣେ ବିଦ୍ୟାର୍ଥୀ ଅଟେ, ପଢ଼ିବା ସମୟରେ ମୋ ଆଖିରେ କ୍ଲାନ୍ତି, ଜ୍ୱାଳା ଓ ଆଖି ଉପରେ ଚାପ ପଡ଼ିବା ଭଳି ସମସ୍ୟା ଆରମ୍ଭ ହୋଇଯାଇଥିଲା । ଦିନେ ମୋର ଜଣେ ସାଙ୍ଗ ମୋତେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ସ ବ୍ୟବହାର କରିବା ପାଇଁ ପରାମର୍ଶ ଦେଲେ । ମାତ୍ର 2 ମାସ ଦୈନିକ ବ୍ୟବହାର ଦ୍ୱାରା ହିଁ ବହୁତ ଭଲ ପରିଣାମ ମୋ ସାମ୍ନାରେ ଥିଲା । ଆଖିର କ୍ଲାନ୍ତି, ଜ୍ୱାଳା ଓ ପଢ଼ିବା ସମୟରେ ଆଖି ଉପରେ ଚାପ ପଡ଼ିବା ବି ଅପେକ୍ଷାକୃତ କମିଗଲା । **ମୁଁ ଆୟୁର୍ବେଦିକ 'ଆଇ ମନ୍ତ୍ରା'କୁ ଆନ୍ତରିକ ଧନ୍ୟବାଦ ଦେଉଛି ।**

ମୁଁ ବିସନଦାସ, ବୟସ 63 ବର୍ଷ, ଜିଲ୍ଲା ସାମ୍ବା, ଜମ୍ମୁର ବାସିନ୍ଦା । କାର୍ଯ୍ୟସ୍ଥଳରେ ସେଠାକାର ଧୂଳି କାରଣରୁ ମୋ ଆଖିରେ ଥକାପଣ, ଝାପ୍‌ସାପଣ ଏବଂ ଆଖିରୁ ପାଣି ବହିବା ଭଳି ସମସ୍ୟା ଦେଖାଦେବା ଆରମ୍ଭ ହୋଇଯାଇଥିଲା । ଦିନେ ମୁଁ ଖବରକାଗଜ ମାଧ୍ୟମରେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ସ ବିଷୟରେ ଜାଣିବାକୁ ପାଇଲି । ଏହାକୁ ମୁଁ ନିର୍ଦ୍ଦେଶ ଅନୁସାରେ ବ୍ୟବହାର କରିବା ଆରମ୍ଭ କରିଦେଲି । ମାତ୍ର 2 ମାସର ନିୟମିତ ବ୍ୟବହାରରୁ ହିଁ ମୋର ଆଖିର ସମସ୍ୟାରୁ ମୋତେ ଅନେକ ମାତ୍ରାରେ ଉପଶମ ମିଳିବାକୁ ଲାଗିଲା । ଯଦି ଆଉ କେହି ଏପରି ସମସ୍ୟାରେ ପୀଡ଼ିତ ତେବେ **ଥରେ 'ଆଇ ମନ୍ତ୍ରା' ନିଶ୍ଚୟ ବ୍ୟବହାର କରି ଦେଖନ୍ତୁ ।**

ମୋର ନାମ କିଶନ ସ୍ୱରୂପ ଶର୍ମା, ବୟସ 80 ବର୍ଷ, ଦିଲ୍ଲୀର ବାସିନ୍ଦା । ବିଗତ ଅନେକ ସମୟ ଧରି ମୋ ଆଖିରେ ପାଣି ଆସିବା, ଶୁଷ୍କତା ଏବଂ କ୍ଲାନ୍ତି ଭଳି ସମସ୍ୟା ରହୁଥିଲା । ଯେଉଁ କାରଣରୁ ମୁଁ ବହୁତ କଷ୍ଟ ଭୋଗୁଥିଲି । ଅନେକ ଔଷଧ ବ୍ୟବହାର କଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ହେଲେ, ଦିନେ ଜଣେ ଭଦ୍ରବ୍ୟକ୍ତି ମୋତେ ଆୟୁର୍ବେଦିକ 'ଆଇ ମନ୍ତ୍ରା' ଆଇ ଡ୍ରପ୍ସ ବ୍ୟବହାର କରିବାର ପରାମର୍ଶ ଦେଲେ । ଯାହାକୁ ନିୟମିତ ବ୍ୟବହାର କରିବା ଦ୍ୱାରା ଏବେ ମୋ ଆଖିରୁ ପାଣି ଝରିବା, ଆଖିର କ୍ଲାନ୍ତି ଭଳି ସମସ୍ୟାରୁ ଅପେକ୍ଷାକୃତ ଲାଭ ମିଳିଛି । **ସବୁଠାରୁ ଭଲ କଥା ହେଉଛି କି ଏହା ଏକ ଆୟୁର୍ବେଦିକ ଉତ୍ପାଦ ଅଟେ ।**

24x7 Helpline: 8196822222 • www.eyemantra.com • Available at all leading medical stores

Orissa S.S. : Orissa Drug Distributor (Cuttack) : 2308926, 2308090, Mahendra Pharma : 06712308204, Angul : 9861121114, 9439138737, Aska : 9437424001, 272476, Balasore : 9040605196, 266871, 9437754792, 9437296785, 260025, 263459, Bamra : 229249, 229266, Barbil : 277283, 9437141103, Bargarh : 9437344300, 9777189794, 233089, Baripada : 9861138256, 9437188717, 9437320602, Begunia (Khurda) : 9437429268, Berhampur : 9437438256, 9438430070, 2250508, 2250732, 2250789, 9437114236, 2250815, 2250741, Bhadrak : 9437215761, Bhawanipatna : 233203, Bhubaneswar : 2530442, 9437353502, 9437359374, 9040057896, 9437307031, 2507586, Bolangir : 9437093264, 235303, Boudh : 9437154867, Cuttack : 9437247237, 6548643, 2530531, 9438480599, Dhenkanal : 223261, 224856, Jagatsingpur : 9437541060, Jajpur Town : 224690, Jaraka : 273230, 9437073032, Jatni : 9437162097, Jeypore : 9437215425, 231405, 232864, 241824, Jharsuguda : 9040747137, 8763776324, 9438641888, 9437050322, 9437250042, Kendrapada : 9668286960, Keonjhar : 256465, 9437136317, 253202, Keshinga : 222059, 9583251313, 9437327273, Khandapada : 7873439046, Khelar : 9437884540, Khurda : 9437230385, Malkangiri : 9437435213, 230906, Nayagarh : 9853101011, Padampur : 9938550551, Panikoili : 9437086941, Paralakhemundi : 222746, Phulbani : 9853525181, Puri : 9937071720, 225819, Rayagada : 9437643418, 222791, 9937060531, Rourkela : 2522187, 9438143234, 2511093, 2501092, 6532369, 2510913, 2509104, Sambalpur : 2540227, 2522075, 2521445, 9937065848, 9437256336, Talcher : 9937060364, Tirtol : 9776355057, Titlagarh : 9437151725, 222385



## ସୁବିଧା ଜନକ ପାର୍କିଂ ପାଇଁ ସୂଚନା

DSPL-412




ଦର୍ଶକଙ୍କ ପ୍ରବେଶ ଗେଟ୍ - ୧, ୨, ୩, ୪, ୫, ୯, ୧୦, ୧୨, ୧୩

ପାର୍କିଂ ସ୍ଥଳ ଲୋୱେର ବାଲି ଯାତ୍ରା ପଡିଆ

ବିଶ୍ୱ ହକି କପ ଉତ୍ସବ ର ଠିକ ଟିକେଟ ଯେଉଁ ଦର୍ଶକ ପାଖରେ ଥିବ ସେମାନେ ଫ୍ରି ରେ ବସ (CRUT) ରେ ଯାତ୍ରା କରି ପାରିବେ

FIH ODISHA HOCKEY MEN'S WORLD CUP 2023 BHUBANESWAR - ROURKELA
CELEBRATIONS
11th JANUARY 2023
Barabati Stadium, Cuttack, Odisha


1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୧/୨୦୨୩ (୮+୮=୧୬ ପୃଷ୍ଠା) | Bhubaneswar, Wednesday, January 11/2023 | Page 16 | ₹ 7.00







ଉଲ୍ଲାସ...ଉତ୍ସାହ...ଉତ୍ସବର ମହାପର୍ବ ଆରମ୍ଭ



ପୁରୁଷ ହକି ବିଶ୍ୱକପ୍ ଅବସରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରରେ ମଙ୍ଗଳବାର ଖୋଲିଥିବା 'ଓଲି ରାଇଜ' । (ଫଟୋ: ବିକାଶ)

# ଖୋଲିଲା ଓଲି ରାଇଜ

ଭୁବନେଶ୍ୱର, ୧୦।୧ (ବ୍ୟୁରୋ)

ଏଫ୍ଆଇଏଚ୍ ଓଡ଼ିଶା ପୁରୁଷ ହକି ବିଶ୍ୱକପ୍ ୨୦୨୩ ପାଇଁ ଉତ୍ସବମୁଖର ହୋଇ ଉଠିଛି ରାଜଧାନୀ ଭୁବନେଶ୍ୱର। କଟକ ବାରବାଟୀ ଷ୍ଟାଡିୟମରେ ବୁଧବାର ଉଦ୍‌ଘାଟନୀ ଉତ୍ସବ ପରେ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଖେଳ ଆରମ୍ଭ ହେବ। ଏହାପରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳ ସହ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଉଲ୍ଲାସ...ଉତ୍ସାହ...ଉତ୍ସବର ମହାପର୍ବ। ଆଉ ସର୍ବସାଧାରଣଙ୍କ ପାଇଁ ଖୋଲିଛି 'ଓଲି ରାଇଜ'। ହକି ବିଶ୍ୱକପ୍‌ର ମାସ୍କଟ ଓଲିକୁ ନେଇ ଭଳିକି ଭଳି ଆଲୋକମାଳା, କଳାକୃତି, ପୋଷ୍ଟରରେ ସଜେଇ ହୋଇଛି କଳିଙ୍ଗ ଷ୍ଟାଡିୟମ। ବିଶ୍ୱକପ୍ ହକି ଟ୍ରଫିଠାରୁ ଆରମ୍ଭ କରି ହରିଣ, ଷ୍ଟାର ଭଳି ବିଭିନ୍ନ ଆକୃତିର ରଙ୍ଗିନ ଲାଇଟ୍‌ରେ ଝଲସୁଛି ଓଲି ରାଇଜ। ଷ୍ଟାଡିୟମ୍‌ର ବିଭିନ୍ନ ଗେଟ୍‌ରୁ ଷ୍ଟେଜ୍ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଥିବା ଗଛକୁ ରଙ୍ଗିନ ☞ପୃଷ୍ଠା-୪

## ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ଆଜି

### ରାଜ୍ୟରେ ଅପରାହ୍ନ ୧ରୁ ସ୍କୁଲ ଛୁଟି

ଭୁବନେଶ୍ୱର, ୧୦।୧(ବ୍ୟୁରୋ)

ହକି ବିଶ୍ୱକପ୍-୨୦୨୩ର ଉଦ୍‌ଘାଟନୀ ଉତ୍ସବ ବୁଧବାର କଟକ ବାରବାଟୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଅପରାହ୍ନ ୧ଟାରୁ ରାଜ୍ୟର ସମସ୍ତ ସ୍କୁଲ ଛୁଟି ରହିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏନେଇ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗର ସୂଚନାନୁସାରେ, ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ ତଥା ପରମ୍ପରା ଉପରେ ଆକର୍ଷଣୀୟ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବ। ଛାତ୍ରୀଛାତ୍ରମାନେ ଉକ୍ତ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖିବା ପାଇଁ ରାଜ୍ୟ ସରକାର ☞ପୃଷ୍ଠା-୪


ଆଜିର ସମ୍ପାଦକୀୟ
ବ୍ରାସିଲିଆରେ କାପିଟୋଲ୍ ଛାପ









DSPL-410

ORMAS
Panchayati Raj & Drinking Water Department
Government of Odisha
सरस आजीविका
FIH ODISHA HOCKEY MEN'S WORLD CUP 2023 BHUBANESWAR - ROURKELA
ମିଶନ ଶକ୍ତି

## ୨୦୨୩ ହକି ବିଶ୍ୱ କପ୍ ମହାକୁମ୍ଭ
ସହ ଯୋଡ଼ି ହେଉଛି ମନୋରଞ୍ଜନର ଆଉ ଏକ ଫର୍ଦ୍ଦ

## ଶିଶିର ସରସ ୨୦୨୩

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ଓର୍‌ମାସ୍ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର ମିଳିତ ଆନୁକୂଲ୍ୟରେ, ଭୁବନେଶ୍ୱର ଏବଂ ରାଉରକେଲା ସମେତ ରାଜ୍ୟର ୨୮ଟି ଜିଲ୍ଲାରେ ଆୟୋଜନ ହେବ ଜାତୀୟସ୍ତରୀୟ ପ୍ରଦର୍ଶନୀ ଶିଶିର ସରସ, ଆଞ୍ଚଳିକ ସରସ ଓ ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା ।

### ଜାତୀୟସ୍ତରୀୟ ପ୍ରଦର୍ଶନୀ ଶିଶିର ସରସ ୨୦୨୩
୧୩-୨୯ ଜାନୁୟାରୀ, ୨୦୨୩ | ବିଜୁ ପଟ୍ଟନାୟକ ଖେଳ ପଡ଼ିଆ, ବରମୁଣ୍ଡା, ଭୁବନେଶ୍ୱର

### ଆଞ୍ଚଳିକ ସରସ ୨୦୨୩
୧୫-୨୭ ଜାନୁୟାରୀ, ୨୦୨୩ | ପ୍ରଦର୍ଶନୀ ପଡ଼ିଆ, ଭଞ୍ଜ ଭବନ, ରାଉରକେଲା



### ପଲ୍ଲିଶ୍ରୀ ମେଳା ଏବଂ ଜିଲ୍ଲା ମହୋତ୍ସବ ୨୦୨୩ର ନିର୍ଦ୍ଧାରିତ ସ୍ଥାନ ଓ ତାରିଖ

| | | |
|---|---|---|
| ଅନୁଗୋଳ | ୧୮-୨୨ ଜାନୁୟାରୀ ୨୦୨୩ | ଅନୁଗୋଳ ଷ୍ଟାଡିୟମ |
| ବଲାଙ୍ଗିର | ୨୦-୨୪ ଜାନୁୟାରୀ ୨୦୨୩ | କଳାମଣ୍ଡଳ ପଡ଼ିଆ |
| ବାଲେଶ୍ୱର | ୧୩-୧୬ ଜାନୁୟାରୀ ୨୦୨୩ | ଆଇ.ଟି.ଆଇ ପଡ଼ିଆ |
| ଭଦ୍ରକ | ୨୫-୨୯ ଜାନୁୟାରୀ ୨୦୨୩ | ନେହେରୁ ଷ୍ଟାଡିୟମ |
| ବୌଦ୍ଧ | ୧୨-୧୬ ଜାନୁୟାରୀ ୨୦୨୩ | ପ୍ୟାରେଡ୍ ପଡ଼ିଆ |
| ଦେବଗଡ଼ | ୨୦-୨୪ ଜାନୁୟାରୀ ୨୦୨୩ | ପ୍ରଧାନପାଟ୍ |
| ଢେଙ୍କାନାଳ | ୨୭-୨୯ ଜାନୁୟାରୀ ୨୦୨୩ | ମିନି ଷ୍ଟାଡିୟମ |
| ଗଜପତି | ୧୮-୨୨ ଜାନୁୟାରୀ ୨୦୨୩ | ଷ୍ଟାଡିୟମ ପଡ଼ିଆ, ପାରଳାଖେମୁଣ୍ଡି |
| ଗଞ୍ଜାମ | ୧୩-୧୭ ଜାନୁୟାରୀ ୨୦୨୩ | ୟୁ.ସି.ପି ଇଂଜିନିୟରିଂ ସ୍କୁଲ ପଡ଼ିଆ, ବ୍ରହ୍ମପୁର |
| ଜଗତସିଂହପୁର | ୧୫-୨୧ ଜାନୁୟାରୀ ୨୦୨୩ | ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ |
| ଯାଜପୁର | ୨୦-୨୨ ଜାନୁୟାରୀ ୨୦୨୩ | ଚନ୍ଦମା ପଡ଼ିଆ, ବ୍ୟାସନଗର |
| ଝାରସୁଗୁଡ଼ା | ୧୪-୧୮ ଜାନୁୟାରୀ ୨୦୨୩ | ସରବାହାଲ ଉଚ୍ଚ ବିଦ୍ୟାଳୟ ପଡ଼ିଆ |
| କଳାହାଣ୍ଡି | ୧୪-୧୮ ଜାନୁୟାରୀ ୨୦୨୩ | ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ |
| କନ୍ଧମାଳ | ୨୫-୨୯ ଜାନୁୟାରୀ ୨୦୨୩ | କନ୍ଧମାଳ ଷ୍ଟାଡିୟମ |
| କେନ୍ଦ୍ରାପଡ଼ା | ୧୬-୨୦ ଜାନୁୟାରୀ ୨୦୨୩ | କଲେଜ ପଡ଼ିଆ |
| କେନ୍ଦୁଝର | ୨୨-୨୬ ଜାନୁୟାରୀ ୨୦୨୩ | କାଳୀ ପଡ଼ିଆ |
| କୋରାପୁଟ | ୨୭-୨୯ ଜାନୁୟାରୀ ୨୦୨୩ | ସରକାରୀ ହାଇସ୍କୁଲ ପଡ଼ିଆ, ଜୟପୁର |
| ମାଲକାନଗିରି | ୧୫-୧୯ ଜାନୁୟାରୀ ୨୦୨୩ | ଡି.ଏନ୍.କେ ପଡ଼ିଆ |
| ମୟୂରଭଞ୍ଜ | ୨୫-୨୭ ଜାନୁୟାରୀ ୨୦୨୩ | ସହୀଦ ସ୍ମୃତି ଭବନ, ବାରିପଦା |
| ନବରଙ୍ଗପୁର | ୧୫-୧୭ ଜାନୁୟାରୀ ୨୦୨୩ | ସର୍କିଟ ହାଉସ ସାମ୍ନା |
| ନୟାଗଡ଼ | ୨୫-୨୭ ଜାନୁୟାରୀ ୨୦୨୩ | ଦକ୍ଷିଣକାଳୀ ମନ୍ଦିର ପଡ଼ିଆ |
| ନୂଆପଡ଼ା | ୧୩-୧୭ ଜାନୁୟାରୀ ୨୦୨୩ | ମିନି ଷ୍ଟାଡିୟମ |
| ପୁରୀ | ୨୭-୩୧ ଜାନୁୟାରୀ ୨୦୨୩ | ଶରଧାବାଲି, ଶ୍ରୀଗୁଣ୍ଡିଚା ମନ୍ଦିର ସାମ୍ନା |
| ରାୟଗଡ଼ା | ୧୮-୨୨ ଜାନୁୟାରୀ ୨୦୨୩ | ଜି.ସି.ଡି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ |
| ସମ୍ବଲପୁର | ୧୧-୧୬ ଜାନୁୟାରୀ ୨୦୨୩ | ପି. ଏଚ୍. ଡି ପଡ଼ିଆ |
| ସୁବର୍ଣ୍ଣପୁର | ୧୪-୧୮ ଜାନୁୟାରୀ ୨୦୨୩ | ମିନି ଷ୍ଟାଡିୟମ, ସୋନପୁର |

**ବିଶେଷ ଆକର୍ଷଣ**
• ହସ୍ତଶିଳ୍ପ ଓ ହସ୍ତତନ୍ତ ସାମଗ୍ରୀର ଷ୍ଟଲ୍ • ଗ୍ରାମୀଣ କାରିଗରଙ୍କ ସାମଗ୍ରୀର ସମ୍ଭାର • ଗ୍ରାହକ ଓ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଯୋଗିତା
• ସ୍ୱତନ୍ତ୍ର ଫୁଡ୍ କୋର୍ଟ • ଥିମ୍ ଓ ଡେମୋ ଷ୍ଟଲ୍ • ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ • ଏଲ.ଇ.ଡି ସ୍କ୍ରିନରେ ହକି ବିଶ୍ୱ କପ୍‌ର ସିଧାପ୍ରସାରଣ



OIPR- 19004/13/0012/2223











କଟକ ବାରବାଟୀ ଷ୍ଟାଡିୟମ୍‌ରେ ବିଶ୍ୱକପ୍ ଟ୍ରଫିର ପ୍ରତିକୃତି।



କଳିଙ୍ଗ ଷ୍ଟାଡିୟମ୍ ପରିସରରେ ବିଭିନ୍ନ ପ୍ରକାର ଆଲୋକମାଳାକୁ ଦର୍ଶକ ବୁଲି ଦେଖୁଛନ୍ତି।



ଆଲୋକରେ ସଜ୍ଜିତ ବିଶ୍ୱକପ୍ ଟ୍ରଫି ନିକଟରେ ଲୋକେ ଫଟୋ ଉଠାଉଛନ୍ତି।



ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ଆୟୋଜିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ମଙ୍ଗଳବାର ଅଭ୍ୟାସ ଚାଲିଛି।




କଳିଙ୍ଗ ଷ୍ଟାଡିୟମ୍‌ର ପ୍ରବେଶ ପଥକୁ ଆଲୋକମାଳାରେ ସଜାଯାଇଛି।



ଓଲି ମାସ୍କଟ୍ ସହ ମହିଳା ଓ ଯୁବତୀ ସେଲ୍‌ଫି ନେଉଛନ୍ତି।




ବିଭିନ୍ନ ଆଲୋକମାଳାରେ ସଜ୍ଜିତ କଳିଙ୍ଗ ଷ୍ଟାଡିୟମ୍ ପରିସର।



ଓଲି ସହ ସେଲ୍‌ଫି।



ବାରବାଟୀ ଷ୍ଟାଡିୟମ୍‌ରେ ଓଲିଉଡ୍ ଅଭିନେତା ସବ୍ୟସାଚୀ ଓ ଅର୍ଚ୍ଚିତାଙ୍କ ନୃତ୍ୟାଭ୍ୟାସ।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ମ୍ୟୁଜିକ୍ କମ୍ପୋଜର ପ୍ରୀତମ୍ ଚକ୍ରବର୍ତ୍ତୀ।

# ଖୁସି ବାଣ୍ଟିଲା ଓଲି ରାଇଜ



ଓଡ଼ିଶାରେ ଦ୍ୱିତୀୟଥର ପାଇଁ ହକି ବିଶ୍ୱକପ୍ ଆୟୋଜିତ ହେଉଥିବାରୁ ଗର୍ବ ଅନୁଭବ ହେଉଛି। ଷ୍ଟାଡିୟମ୍ ପାଖରେ ଆମ ଘର। ହକି ପାଇଁ ଏଠାରେ କାମ ଚାଲୁଥିବା ଦେଖୁଥିଲୁ, ଆଜି ଭିତରକୁ ଆସି ଷ୍ଟାଡିୟମ୍‌ର ସାଜସଜ୍ଜା ପରିବାର ସହ ଦେଖିବାକୁ ସୁଯୋଗ ମିଳିଲା। ବହୁତ ଖୁସି ଲାଗୁଛି। ଖୁବ୍ ସୁନ୍ଦର ଭାବେ ସାଜସଜ୍ଜା ହୋଇଛି।

- ପୂଜା କୁମାରୀ, ଭୁବନେଶ୍ୱର ବାସିନ୍ଦା



ମାଗଣାରେ ଷ୍ଟାଡିୟମ୍ ଭିତରକୁ ଆସି ଆୟୋଜନକୁ ଉପଭୋଗ କରିବା ନିହାତି ପକ୍ଷେ ଖୁସିର କଥା। ସମସ୍ତେ ଟିକେଟ କିଣି ଖେଳ ଦେଖିପାରିବେ ନାହିଁ। ମାତ୍ର ହକି ବିଶ୍ୱକପ୍‌ର ମାହୋଲରେ ସମସ୍ତେ କିପରି ସାମିଲ ହେବେ ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି, ଯାହାକି ସ୍ୱାଗତଯୋଗ୍ୟ।

- ସରୋଜିନୀ ମହାପାତ୍ର, ଭୁବନେଶ୍ୱର ବାସିନ୍ଦା



ହକିର ମାହୋଲ ପୂରା ବାରି ହୋଇ ପଡୁଛି। କଳିଙ୍ଗ ଷ୍ଟାଡିୟମ୍‌କୁ ନୂଆ ରୂପରେ ଦେଖୁଛୁ। ବହୁତ ସୁନ୍ଦର, ଆକର୍ଷଣୀୟ ହୋଇଛି ସାଜସଜା। ଗତଥର ଅପେକ୍ଷା ଏଥର ଆହୁରି ଭଲ ଆୟୋଜନ କରାଯାଇଛି।

- ମନୋଜ ସାହୁ, ଖେଳପ୍ରେମୀ



ଷ୍ଟାଡିୟମ୍ ବୁଲିଲୁ, ଭଲ ଲାଗିଲା। ଏକ ମାହୋଲ ତିଆରି ହୋଇଛି ଯେଉଁଥିରେ ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ହକିରେ ସାମିଲ ହୋଇ ପାରିବେ। ଓଲି ସହ ସେଲ୍‌ଫି ନେଇ ଆହୁରି ମଜା ଲାଗୁଛି।

- କେ.କେ. ମହାପାତ୍ର, ବରିଷ୍ଠ ନାଗରିକ



ଓଲି ସହ ଜଣେ ମହିଳା ତାଙ୍କ ଛୋଟ ପିଲାକୁ ଧରି ମଜା ନେଉଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
SALES EXECUTIVE
Padma Assets Pvt. Ltd. is looking for an immediate placement in Bhubaneswar
REQUIREMENTS: • Age 22 yrs. & above (Male/Female) • Salary- 7000 - 12000 with attractive incentive!!! • MBA • Graduation (Min. 1 Yr. experience in Real Estate Sector) • Must have 2 wheeler & DL
Please send CV with recent photograph
Ph.- 9437216666
Mail: assetspadma@gmail.com

ek और baar WANTED
Position: Salesman (2 Nos.)
Salary: 6,500/- (P/M)
Experience: Minimum 1 year in Salesmanship & Stitching Knowledge
Date of Interview:12th & 13th January, 2023
Address:45, Ashok Nagar, Janpath, Bhubaneswar- 751009, Near "Steps" Shoe Store,
Mob:9938002236

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ ନମ୍ବର
9583494854

WANTED
Lady Office Executive
Best Fooding+
Good Accommodation with Attached Bath at Cuttack.
Nakhara +
10 to 15000 + Bonus
7809525452

GMR Institute of Technology
An Autonomous Institute Affiliated to JNTU-GV, Vizianagaram
GMRIT Training Tomorrow's Engineers Today
FACULTY RECRUITMENT
EMBARK ON AN UNIQUE WORKING EXPERIENCE FOR A BETTER CAREER
Promoted by GMR group, GMRIT is one of the leading Engineering Institutions in the country, which is accredited by NAAC with 'A' Grade and NBA. To strengthen its intellectual capital and create a diversified work culture, it seeks qualified and committed professionals from across the country for the following positions:
Professors/ Associate Professors/ Assistant Professors:

| Department | Qualification & Specializations |
| --- | --- |
| Computer Science and Engineering/ Information Technology | M.Tech / M.E. (CSE, CSE-AI&ML, CSE-AI&DS and IT) |

Qualifications: Ph.D. from IITs/NITs/Foreign Universities/Reputed Universities and candidates submitted thesis shall be given preference. As per AICTE/UGC norms; Research orientation & Career 1st class.
A COMPLETE WORK – LIFE BALANCE SCENARIO FOR SELF DEVELOPMENT
Interested Candidates are requested to send their detailed resume along with all supporting documents with regard to their qualification, experience and last pay drawn by mail to opportunities@gmrit.edu.in on or before 18th January 2023.
For further details contact: 9866903004 / 9949578454 /9182128714
Please refer to the HR policies in the Institution website for additional benefits.
S/d PRINCIPAL
Visit us at: www.gmrit.org
GMR Nagar, Rajam-532127, Vizianagaram Dist., A.P, Ph.: 08941-251592/593
GMR GROUP–IT/29/PREM ASSOCIATES

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-VI)/20 Dated, the 4th January, 2023
Advertisement
Applications are invited from Indian Nationals for engagement of 01 (one) Chief Manager (Corporate Relations & Communications) on contractual basis in Paradip Port Authority.
For further details, visit our website: www.paradipport.gov.in.
Sd/- Dy Secretary
Paradip Port Authority
PPA/PR/218/2022-23 Dt. 05.01.2023

WANTED
ଧରିତ୍ରୀ DHARITRI Oriya daily
is looking for
BACK OFFICE EXECUTIVES
• Graduates with 1-3 yrs experience in back office work.
• Responsibility will include maintaining data, billing and schedule of advertisements.
• Candidates should be well equipped with Excel, MS Office & should have basic knowledge of Tally.
Apply immediately to :
recruitment@dharitri.com
Attractive salary commensurate with experience

# ବିରୂପା ସେତୁ ନିର୍ମାଣରେ ନିମ୍ନମାନର ବାଲି

■ ଜମି ଅଧିଗ୍ରହଣକୁ ଆଳ କରି କଚ୍ଛପ ଗତିରେ ଚାଲିଛି କାମ

■ ଠିକାସଂସ୍ଥାକୁ ତାଗିଦା କଲେ ଯନ୍ତ୍ରୀ

ଯାଜପୁର ଅଫିସ/ଚଣ୍ଡିଖୋଲ (ଡି.ଏନ.ଏ.),୧୦।୧

ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ କରିବାକୁ ବିଭିନ୍ନ ନଦୀନାଳରେ ବ୍ରିଜ୍ ନିର୍ମାଣ କରାଯାଉଛି। ଏଥିପାଇଁ ସାଧାରଣ ଲୋକଙ୍କ ଟିକସରୁ ବ୍ୟାପକ ଅର୍ଥ ଆବଣ୍ଟିତ ହେଉଛି। ଉନ୍ନତମାନର ବ୍ରିଜ୍ ପ୍ରକଳ୍ପ ନିର୍ମାଣ ଆଶାରେ ବିଭାଗ ପକ୍ଷରୁ ସୁପରକ୍ଲାସ କଣ୍ଟ୍ରାକ୍ଟରଙ୍କୁ ନିୟୋଜିତ କରାଯାଉଛି। ହେଲେ ଲୋକଙ୍କ ସ୍ୱାର୍ଥକୁ ଭୁଲି ଯାଇ କଣ୍ଟ୍ରାକ୍ଟରମାନେ ଅତି ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରି କେବଳ ନିଜର ଲାଭ ପାଇଁ ବ୍ୟଗ୍ର। ବିରୂପା ନଦୀ ଉପରେ ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାରେ ନିର୍ମାଣାଧୀନ ହାଇଲେବୁଲ ବ୍ରିଜ୍ ଅଗ୍ରଗତି ସଂକ୍ରାନ୍ତରେ ହୋଇଥିବା କଣ୍ଟ୍ରାକ୍ଟ ମ୍ୟାନେଜମେଣ୍ଟ ମିଟିଂରେ ଏଭଳି ମତ ପ୍ରକାଶ ପାଇଛି। ଚାରଭାଟିଆ ପୂର୍ତ୍ତ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ହୋଇଥିବା ଉକ୍ତ ସମୀକ୍ଷା ବୈଠକରେ ଅତି ନିମ୍ନମାନର ବାଲି ବ୍ୟବହାର ହେଉଥିବା ନେଇ ଆଲୋଚନା ହୋଇଥିଲା। ବିଭାଗୀୟ ଯନ୍ତ୍ରୀ ସମ୍ପୃକ୍ତ ଠିକାସଂସ୍ଥା ବିରଜା କନଷ୍ଟ୍ରକ୍ସନ କର୍ତ୍ତୃପକ୍ଷଙ୍କୁ ନିମ୍ନମାନର ବାଲି ବ୍ୟବହାର ନ କରିବାକୁ ତାଗିଦା କରିବା ସହ ଅନ୍ୟ ଖାଦାନରୁ ବାଲି ଆଣି ନିର୍ମାଣ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିବା ନେଇ ବୈଠକରେ ସୂଚନା ଦେଇଥିଲେ। ଏହାବାଦ୍ ବେସରକାରୀ ଜମି ଅଧିଗ୍ରହଣକୁ ଆଳ କରି ପ୍ରକଳ୍ପର ଅଗ୍ରଗତି ଅତି ନୈରାଶ୍ୟଜନକ ହୋଇଛି ବୋଲି ବୈଠକରେ ମତପ୍ରକାଶ ପାଇଥିଲା।



ବିରୂପା ନଦୀରେ ନିର୍ମାଣାଧୀନ ସେତୁ।

ଚାରଭାଟିଆ ପୂର୍ତ୍ତ ଡିଭିଜନ ପକ୍ଷରୁ ବିରୁପା ନଦୀ ଉପରେ ହାଇଲେବୁଲ ବ୍ରିଜ୍ ନିର୍ମାଣ୨୦୨୧ ଡିସେମ୍ବରରୁ ଆରମ୍ଭ ହୋଇଛି। ତେବେ ବ୍ରିଜ୍‌ର ପିଲର ନିର୍ମାଣ କରିବାକୁ ପି(୬) ଏବଂ ଏ(ଆର୍) ନମ୍ବର କୂପ ଖନନ କାର୍ଯ୍ୟରେ ଜମି ଅଧିଗ୍ରହଣ ବାଧକ ସାଜିଛି। ତେବେ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏହାର ସମ୍ପୂର୍ଣ୍ଣ କରିବାକୁ କିଛି ସମୟ ଲାଗିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଉକ୍ତ ବେସରକାରୀ ଜମିକୁ ବ୍ୟବହାର କରି ଠିକାସଂସ୍ଥା କାମ ଆରମ୍ଭ କରି ସାରିଛି। କିନ୍ତୁ ପ୍ରକଳ୍ପର ଅଗ୍ରଗତି ଅତି ନୈରାଶଜନକ ବୋଲି ବିଭାଗ ପକ୍ଷରୁ ତାଗିଦା କରାଯାଇଛି। ଇତିମଧ୍ୟରେ ଚୁକ୍ତି ହେବାର ୧ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଗୋଟିଏ କୂପ ନିର୍ମାଣ ହୋଇ ପାରିନାହିଁ। ତେଣୁ ନିର୍ମାଣାଧୀନ ୬ଟି ପିଲର ପାଇଁ କୂପଗୁଡ଼ିକ ସମ୍ପୂର୍ଣ୍ଣ କରି ପରବର୍ତ୍ତୀ କାମ ଆରମ୍ଭ କରିବାକୁ ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକାସଂସ୍ଥାକୁ ନିର୍ଦ୍ଦେଶ ହୋଇଛି। ଏହି ପ୍ରକଳ୍ପ ପାଇଁ ନାବାର୍ଡ ସହାୟତାରୁ ୧୭ କୋଟି ୩୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ତେବେ ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ସୁଯୋଗରେ ଠିକାସଂସ୍ଥା ବିରଜା କନଷ୍ଟ୍ରକ୍ସନ ମନମୁଖୀ କାର୍ଯ୍ୟ କରି ଚାଲିଛି। ଏନେଇ ଅଭିଯୋଗ ପାଇବା ପରେ ଖଣି, ଇସ୍ପାତ୍ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଗତ ଡିସେମ୍ବର ପ୍ରଥମ ସପ୍ତାହରେ ବିରୁପା ସେତୁ ପରିଦର୍ଶନ କରିଥିଲେ। ତାଙ୍କ ସହ ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥୀ ଏବଂ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ। ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାବାଦ୍ ନିର୍ମାଣ ସାମଗ୍ରୀ ରଡ, ସିମେଣ୍ଟ ଓ ବାଲିର ମାନକୁ ନେଇ ପ୍ରଶ୍ନ କରିବା ସହ ଉପଯୁକ୍ତ ଭାବେ କାମ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ବିଭାଗ ପକ୍ଷରୁ କଣ୍ଟ୍ରାକ୍ଟ ମ୍ୟାନେଜମେଣ୍ଟ ମିଟିଂ କରାଯାଇ ଏହି ପ୍ରକଳ୍ପର ଅଗ୍ରଗତି ଉପରେ ସମୀକ୍ଷା କରିବା ସହ ତୁରନ୍ତ କାମ ଶେଷ କରିବାକୁ ଠିକାସଂସ୍ଥାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

### ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

ଧର୍ମଶାଳା,୧୦।୧(ଡି.ଏନ.ଏ.):

ଧର୍ମଶାଳା ଥାନା ସିନ୍ଦୁରିଆ ଗ୍ରାମର ମହିଳା ସ୍ୱର୍ଣ୍ଣଲତା ସୂତାର(୨୨)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଯୌତୁକ ଲାଗି ଶାଶୁଘର ଲୋକେ ତାଙ୍କୁ ହତ୍ୟା କରିଥିବା ସ୍ୱର୍ଣ୍ଣଲତାଙ୍କ ବାପା ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ସ୍ୱର୍ଣ୍ଣଲତାଙ୍କ ସ୍ୱାମୀ ବିଜୟ ମହାରଣାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ଅଭିଯୋଗ ଅନୁସାରେ, ଭଦ୍ରକ ଜିଲା ଧାମନଗର ଅଞ୍ଚଳର ପରମାନନ୍ଦ ସୂତାରଙ୍କ ଝିଅ ସ୍ୱର୍ଣ୍ଣଲତାଙ୍କ ଗତ ବର୍ଷ ଜାନୁୟାରୀରେ ବିଜୟଙ୍କ ସହ ବିବାହ ହୋଇଥିଲା। ପରେ ଶାଶୁଘର ଲୋକେ ସ୍ୱର୍ଣ୍ଣଲତାଙ୍କୁ ନିର୍ଯାତନା ଦେଉଥିଲେ। ସୋମବାର ରାତିରେ ଦେହ ଅସୁସ୍ଥ ଅଛି ବୋଲି ସ୍ୱର୍ଣ୍ଣଲତା ବାପାଙ୍କୁ ଫୋନ କରି ଜଣାଇଥିଲେ। ମଙ୍ଗଳବାର ସକାଳୁ ପରମାନନ୍ଦ ଆସି ପହଞ୍ଚିବାବେଳକୁ ଝିଅର ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ତେଣୁ ଝିଅକୁ ଯୌତୁକ ଲାଗି ତାଙ୍କ ଶାଶୁଘର ଲୋକେ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ପରମାନନ୍ଦ ଥାନାରେ ଦେଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ପୋଲିସ ଏକ ଯୌତୁକ ଜନିତ ହତ୍ୟା ମାମଲା ନଂ.୧୦/୨୩ ରୁଜୁ କରିଛି। ଏଥିସହିତ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଅମ୍ରିତା


@ ବିଶ୍ୱପ୍ରକାଶ


@ ଅନିତା


@ ସୁପ୍ରିୟା


@ ଚିନ୍ମୟ


@ ଦୀପକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୧୧ ସିରିଜ୍ ଚୋରି ପରେ ୫ ଗିରଫ


ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ପୋଲିସ ସୂଚନା ଦେଉଛି।

କଳିଙ୍ଗନଗର,୧୦।୧(ଡି.ଏନ.ଏ.):

କିଛିଦିନ ହେଲା ଯାଜପୁର ରୋଡ୍ ଆଦର୍ଶ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରିରେ ସମ୍ପୃକ୍ତ ଥିବା ଏକ ଗ୍ୟାଙ୍ଗକୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ଏଥିସହିତ ପୋଲିସ ସେମାନଙ୍କଠାରୁ ୨ ଚୋରି ବାଇକ୍ ନଂ.ଓଡି-୩୪-ଇ-୮୨୪, ଓଡି-୨୨-ଏଲ-୯୧୬୮, ୨ ଲାପଟପ, ୨ ମୋବାଇଲ, ଗୋଟିଏ ପାୱାର ବ୍ୟାଙ୍କ, ୪ ମୋବାଇଲ ଟାୱାର ବ୍ୟାଟେରି, ୩ ରୂପା କଏନ ଓ ଗୋଟିଏ କାର ଚାବି ସହ ଚୋରିରେ ବ୍ୟବହୃତ ରଡ୍ ଏବଂ ହାମର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ହୁଡ଼ିସାହିର ଚଗଲା ପାତ୍ର ଓରଫ୍ ପପୁ(୩୫), କ୍ରିଷ୍ଣା ଦାସ ଓରଫ୍ ବୁଚୁରୁ (୨୧), ଲିବା ଜେରାଇ ଓରଫ ଟାକୁଲୁ(୨୮), ଯୋଡ଼ବର ଅଞ୍ଚଳର ରାଜୁ ବାଲାମୁଚ ଓରଫ୍ ନାଲୁଆ (୩୩) ଓ ଦାନଗଦିର ପ୍ରଶାନ୍ତ ପାତ୍ର ଓରଫ୍ କାହ୍ନୁ (୨୪)। ଗିରଫ ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ମଙ୍ଗଳବାର ଯାଜପୁର ରୋଡ୍ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଥାନା ପରିସରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଯାଜପୁର ରୋଡ୍ ଥାନାରେ ୧୧ଟି ସିରିଜ ଚୋରି ଅଭିଯୋଗ ହୋଇଥିଲା। ତେଣୁ ଏସ୍‌ପି ବିନୀତ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଯାଜପୁର ରୋଡ୍ ଥାନା ଅଞ୍ଚଳରେ ଘଟିଥିବା ବିଭିନ୍ନ ଚୋରିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ଟିମ ଗଠନ କରାଯାଇଥିଲା। ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଏସ୍‌ଆଇ ଜ୍ୟୋତିରଞ୍ଜନ ମହାପାତ୍ର, ନିର୍ମଳ ଚନ୍ଦ୍ର ସାହୁ ଓ ଅଜୟ ସାହୁଙ୍କୁ ନେଇ ଗଠିତ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚୋରି ଘଟଣାରେ ସମ୍ପୃକ୍ତ ଥିବା ଗ୍ୟାଙ୍ଗ ମଧ୍ୟରୁ ପୋଲିସ ଟିମ୍ ଦାନଗଦିରୁ ଜଣକୁ ଗିରଫ କଲାପରେ ଅନ୍ୟ ଚାରିଜଣଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ଡିପିଓ ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ଶ୍ରମିକ ନେତା ମାୟାଧର ନାୟକ ଗିରଫ

ଯାଜପୁର ଅଫିସ,୧୦।୧

■ ୩ ଘଣ୍ଟା ପରେ ଜାମିନରେ ଖଲାସ

■ ୩୧ ବର୍ଷର ପୁରୁଣା ମାମଲା ଖୋଲତାଡ

■ ରାଜନୈତିକ ପ୍ରତିହିଂସା ପରାୟଣ

ବିଶିଷ୍ଟ ଶ୍ରମିକନେତା ମାୟାଧର ନାୟକଙ୍କ ନାମରେ ଥିବା ୩୧ ବର୍ଷ ପୁରୁଣା ଏକ ମାମଲାର ଖୋଲତାଡ କରି ସୋମବାର ତାଙ୍କୁ ଗିରଫ କରାଯାଇଥିଲା। ହେଲେ ୩ ଘଣ୍ଟା ପୋଲିସ ହାଜତରେ ରହିବା ପରେ ତାଙ୍କୁ ଜାମିନରେ ଛାଡି ଦିଆଯାଇଛି। ସୂଚନା ଅନୁଯାୟୀ, ୧୯୯୨ ପଞ୍ଚାୟତ ନିର୍ବାଚନ ସମୟରେ ସୁକିନ୍ଦା ବ୍ଲକ କୁହିକା ପଞ୍ଚାୟତରେ ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ବୁଥ ଦଖଲ ହୋଇଥିଲା। ଏସ୍‌ୟୁସିଆଇ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲାବେଳେ ପ୍ରବଳ ଗଣ୍ଡଗୋଳ ହୋଇଥିଲା। ପୋଲିସ ଫାଙ୍କା ଗୁଳିଚାଳନା କରି ଏସ୍‌ୟୁସିଆଇ ନେତା କର୍ମୀମାନଙ୍କୁ ଗୋଡାଇ ଗୋଡାଇ ପିଟିଥିଲା। ଫଳରେ ସେତେବେଳର ଏସ୍‌ୟୁସିଆଇ ନେତା ବିଳାସ କୁମାର ବେହୁରାଙ୍କୁ ପ୍ରବଳ ମାଡମାରି ରକ୍ତାକ୍ତ କରାଯାଇଥିଲା। ଏହି ଖବର ପାଇ ମାୟାଧର ନାୟକ ବିଳାସଙ୍କୁ ସୁକିନ୍ଦାଗଡକୁ ଆଣି ଚିକିତ୍ସା କରାଇ ଥିଲେ। ସେତେବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଗଣ୍ଡଗୋଳ ସମୟରେ ଉପସ୍ଥିତ ନ ଥିବା ମାୟାଧରଙ୍କ ସମେତ ୧୬ ଜଣଙ୍କ ନାଁରେ ସୁକିନ୍ଦା ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ସଙ୍ଗୀନ ଦଫାରେ ସମସ୍ତଙ୍କ ନାଁରେ ମାମଲା ରୁଜୁ କରିଥିଲେ।


ମାୟାଧର ନାୟକ

ଇତିମଧ୍ୟରେ ୩୧ ବର୍ଷ ବିତିଗଲାଣି। ଜଣେ ଅଭିଯୁକ୍ତ ପିମ୍ପୁଡିଆ ଗ୍ରାମର ଉପେନ୍ଦ୍ର ମହାନ୍ତଙ୍କ ମୃତ୍ୟୁ ହୋଇସାରିଛି। ଏବେ ସୁକିନ୍ଦା କୋର୍ଟରୁ ଫାଇଲ ଖୋଲତାଡ କରି ୧୯୯୨ ବର୍ଷର କେସକୁ ବାହାର କଲେ। ସେହି ୧୬ ଜଣଙ୍କ ମଧ୍ୟରୁ ପ୍ରାଣକୃଷ୍ଣ ମହନ୍ତଙ୍କୁ ଗିରଫ କରି ୫ ଦିନ ରଗଡି ଜେଲରେ ରଖିଲେ। ଅନ୍ୟମାନଙ୍କ ନାଁରେ ୱାରେଣ୍ଟ ଜାରି ହୋଇଗଲା। ଗତ ୯ ତାରିଖରେ ମାୟାଧର ନାୟକଙ୍କ ସମେତ ବିଳାସ ବେହୁରା, ରାଜକିଶୋର ବାରିକ, ପରେଶ ମହନ୍ତ, ଶ୍ରୀକାନ୍ତ ନାୟକ ପ୍ରମୁଖ ୧୫ ଜଣ ସୁକିନ୍ଦା କୋର୍ଟରେ ଆତ୍ମସମର୍ପଣ କରିଥିଲେ। ହେଲେ କୋର୍ଟ ଅଭିଯୁକ୍ତମାନଙ୍କୁ ଜେରା କରି କୋର୍ଟ ହାଜତକୁ ପଠାଇଲେ। ହେଲେ ଅପରାହ୍ନ ୫ଟା ବେଳେ ସମସ୍ତ ଅଭିଯୁକ୍ତମାନଙ୍କୁ ଜାମିନରେ ଖଲାସ କରିଦେଲେ।

ଏ ସଂକ୍ରାନ୍ତରେ ମାୟାଧର କହିଛନ୍ତି, କଲରଙ୍ଗୀ ଖଣି ଶ୍ରମିକଙ୍କ ବକେୟା ପାଉଣା ୫୦ କୋଟି ଟଙ୍କା ଦାବି କରାଯିବାରୁ ସାରା ରାଜ୍ୟରେ ପ୍ରବଳ ଆଲୋଡନ ସୃଷ୍ଟି କରିଛି। ବର୍ଷ ବର୍ଷ ଧରି ଓଡିଶାର ଖଣିଖାଦାନ, କଳକାରଖାନା, ଶିଳ୍ପାଞ୍ଚଳର ନିର୍ଯାତିତ, ଶୋଷିତ ଶ୍ରମିକ କର୍ମଚାରୀମାନଙ୍କ ମଧ୍ୟରେ ନୂତନ ଆଶାର ଆଲୋକ ଜାଗରଣ ହୋଇଛି। ସବୁ ସ୍ଥାନରେ ଶ୍ରମିକ କର୍ମଚାରୀମାନେ ସେମାନଙ୍କ ନ୍ୟାର୍ଯ୍ୟ ଆଇନଗତ ଗଣତାନ୍ତ୍ରିକ ଅଧିକାର ଦାବି ତେଜିବାରେ ଲାଗିଛି। ମାଲିକ, ନେତା ଓ ଅଫିସରମାନଙ୍କ ଅସାଧୁ ମେଣ୍ଟରେ ଓଡ଼ିଶାର ଗରିବ ଶ୍ରମିକଙ୍କ ବିପୁଳ ଅର୍ଥ ଆତ୍ମସାତ୍ କରାଯାଇଛି। ଏଥିପାଇଁ ଅସାଧୁ ମେଣ୍ଟ ଶ୍ରମିକ ନେତା ମାୟାରଧଙ୍କ ଉପରେ ପ୍ରବଳ ରାଗ ରଖି ରାଜନୈତିକ ପ୍ରତିହିଂସା ପରାୟଣ ହୋଇ ଦୀର୍ଘ ୩୧ ବର୍ଷର ମାମଲାର ଖୋଲତାଡ କରାଯାଇଛି। ଯେତେ ଯାହା ଷଡଯନ୍ତ୍ର କଲେ ବି ସାରା ରାଜ୍ୟର ଶ୍ରମିକ କର୍ମଚାରୀମାନଙ୍କ ପ୍ରାପ୍ୟ ପାଇବାର ବାକି ପଡିଛି ତାକୁ ଦେବାକୁ ହେବ ହିଁ ହେବ। ନଚେତ୍ ବ୍ୟାପକ ଆନ୍ଦୋଳନ ହେବ ବୋଲି ସେ ସୂଚାଇ ଦେଇଛନ୍ତି।

## ପାଣିକୋଇଲି ମହୋତ୍ସବ-୨୦୨୩ ଉଦ୍‌ଯାପିତ

ପାଣିକୋଇଲି,୧୦।୧(ଡି.ଏନ.ଏ.):

ପାଣିକୋଇଲି ମହୋତ୍ସବ-୨୦୨୩ ଉଦ୍‌ଯାପିତ ହୋଇଯାଇଛି। ରାକେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅତିଥି ଭାବେ ସୂର୍ଯ୍ୟମଣି ପଣ୍ଡା, ସେକ୍ ଜହର ଅଲ୍ଲୀ, ସ୍ୱପ୍ନାନନ୍ଦ ଦାସ, ଦେବେନ୍ଦ୍ର ସ୍ୱାଇଁ, ଆଲୋକ ପରିଡ଼ା, ରମେଶ ଚନ୍ଦ୍ର ସାହୁ, ଜଗଦୀଶ୍ୱର ମଲ୍ଲିକ, ବିପିନ ଧଳ ପ୍ରମୁଖ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଫୁଲ୍ଲ କୁମାର ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷ ଦିବସରେ ଗଞ୍ଜାମର ପ୍ରିନ୍ସ ଡ୍ୟାସ ଗ୍ରୁପ ଦର୍ଶକଙ୍କ ମନମୋହିଥିଲା। ମହୋତ୍ସବ ମୀନା ବଜାରରେ ଦର୍ଶକଙ୍କ ଭିଡ ଜମିଥିଲା। ପ୍ରଫୁଲ୍ଲ ଦାଶ, ଅଜିତ ବାରିକ, ବିକାଶ ମଲ୍ଲିକ, ପଙ୍କଜ ସାହୁ, ପ୍ରଶାନ୍ତ ବିଶ୍ୱାଳ, ରୁଦ୍ର ବେହେରା, ପରେଶ ଛୋଟରାୟ, ମାନସ ରାୟ, ରବିନ୍ଦ୍ର ଘଡାଇ, ସନ୍ତୋଷ ରାୟ, ଅକ୍ଷୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ତାରିଣୀ ରାୟ ଧନ୍ୟବାଦ ଦେଇଥିଲେ।

## ଯାଜପୁର ରୋଡ୍-ଧାମରା ରେଳପଥ ପାଇଁ ସ୍ମାରକପତ୍ର

ପାଣିକୋଇଲି,୧୦।୧(ଡି.ଏନ.ଏ.):

ଯାଜପୁରରୋଡ-ଧାମରା ରେଳପଥକୁ ତୁରନ୍ତ ମଞ୍ଜୁରୀ ପ୍ରଦାନ ସହ ୨୦୨୩-୨୪ର ବଜେଟରେ ଏଥିପାଇଁ ବ୍ୟୟବରାଦ କରିବାକୁ ଦାବି ହୋଇଛି। ଏନେଇ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ରୂପନାରାୟଣ ସୁନାକରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ଓ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ଆବାହକ ସନ୍ତୋଷ ଦାସଙ୍କ ସମେତ ଡ. ରବି ବେହେରା, ଆଇନଜୀବୀ ଶ୍ୟାମସୁନ୍ଦର ମହାପାତ୍ର ଓ ଯୁବ ଆଇନଜୀବୀ ସତ୍ୟ ପ୍ରକାଶ ବେଉରିଆଙ୍କୁ ନେଇ ଗଠିତ ୫ ଜଣିଆ ପ୍ରତିନିଧି ଦଳ ଜେନେରାଲ ମ୍ୟାନେଜରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସ୍ମାରକପତ୍ର ଦେବା ସହ ଏହି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଥିଲେ। ୯୫.୯୫ କିଲୋମିଟର ଦୈର୍ଘ୍ୟବିଶିଷ୍ଟ ଏହି ରେଳପଥ ନିର୍ମାଣ କରାଗଲେ ଯାଜପୁର ଜିଲାର ସଦର ମହକୁମା ସହ ରେଳ ସଂଯୋଗ ପ୍ରତିଷ୍ଠା ହୋଇପାରିବ। ଯାଜପୁରର ବିରଜା କ୍ଷେତ୍ର, ଆଖଣ୍ଡଳମଣିର ଶୈବପୀଠ, ଧାମରାର ଧାମରାଇ ମନ୍ଦିର ଓ ଭିତରକନିକାର କୁମ୍ଭୀର ଅଭୟାରଣ୍ୟକୁ ନେଇ ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିପାରିବ। କଳିଙ୍ଗନଗର ଓ ନାଲ୍‌କୋ (ଅନୁଗୋଳ)ର ଶିଳ୍ପାଞ୍ଚଳ ସହ ଧାମରା ବନ୍ଦର ସଂଯୁକ୍ତ ହୋଇପାରିବ। ଧାମରାରେ ଥିବା ଡିଆର୍‌ଡିଓ ପ୍ରତିରକ୍ଷା ଗବେଷଣାର ବିକାଶ ପାଇଁ ରେଳପଥ ସହାୟକ ହେବ। ସୁକିନ୍ଦା, ତାଳଚେର ଓ କେନ୍ଦୁଝର ଜିଲାର ଖଣିଜ ସମ୍ପଦ ସରବରାହ ତ୍ୱରାନ୍ୱିତ ହୋଇପାରିବ। ବୈତରଣୀ, ଖରସ୍ରୋତା ଓ ସାଳନ୍ଦୀର ଅବବାହିକା ଅଞ୍ଚଳର କୃଷିଜାତ ଦ୍ରବ୍ୟ ସାଙ୍ଗକୁ ନଦୀ ଓ ସମୁଦ୍ରର ମତ୍ସ୍ୟ ସମ୍ପଦର ପରିବହନ ସୁବିଧାଜନକ ହେବ। ଏହି ରେଳପଥ ହେଲେ ୬୫.୩୬୫ କିଲୋମିଟର ରେଳପଥ ଉପରେ ରେଳପଥ ହରାଉଥିବା ରାଜସ୍ୱ ସଞ୍ଚୟ କରିପାରିବ।


ରେଳବାଇର ଜେନେରାଲ ମ୍ୟାନେଜରଙ୍କୁ ସ୍ମାରକପତ୍ର ଦିଆଯାଉଛି।

ଏହି ନୂତନ ରେଳପଥ ମନ୍ତ୍ରଣାଳୟକୁ ୨୭.୪୩% ଲାଭ ପ୍ରଦାନ କରିବ ଓ ପ୍ରତ୍ୟକ୍ଷ ତଥା ପରୋକ୍ଷଭାବେ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ହେବ। କେବଳ ପୂର୍ବତଟ ରେଳପଥରୁ ରେଳବାଇ ବାର୍ଷିକ ୨୦ ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହେଉଥିବାବେଳେ ୯୫.୯୫ କିଲୋମିଟରର ନୂତନ ରେଳପଥ ନିର୍ମାଣ ପାଇଁ ଅଟକଳ ମୁତାବକ ୧୦୪୨ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟ କରିବାକୁ ରେଳପଥ ଆଦୌ କୁଣ୍ଠିତ ହେବା ଉଚିତ ନୁହେଁ ବୋଲି ପ୍ରତିନିଧି ଦଳ ଦର୍ଶାଇଥିଲେ। ଜାତୀୟସ୍ତରରେ ପ୍ରତି ଏକ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ୨୧ କିଲୋମିଟର ରେଳପଥ ଥିଲାବେଳେ ଓଡ଼ିଶାରେ ମାତ୍ର ୧୮ କିଲୋମିଟର ରହିଛି ବୋଲି ପ୍ରତିନିଧିଦଳ କହିଛନ୍ତି। ମ୍ୟାନେଜର ପ୍ରତିନିଧି ଦଳର ବକ୍ତବ୍ୟ ଶୁଣିବା ସହ ସ୍ମାରକପତ୍ର ଗ୍ରହଣ କରିବା ପରେ ପ୍ରକଳ୍ପ ସମ୍ପର୍କରେ ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## କେଡିଏମ୍ କ୍ରିକେଟ: ରାଇଛନ୍ଦା, କଣ୍ଟିଗଡ଼ିଆ ବିଜୟୀ

ଧର୍ମଶାଳା,୧୦।୧(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅଧୀନ କଣ୍ଟାମାଳିଆ ଖେଳପଡ଼ିଆରେ ଚାଲିଥିବା କଳ୍ପତରୁ ଦାସ ମେମୋରିଆଲ(କେଡିଏମ୍) କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ୨ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଆରୁହା ଟିମକୁ ୨ ଉଇକେଟରେ ପରାସ୍ତ କରି ରାଇଛନ୍ଦା ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ କୁମାରୀ ଟିମକୁ ୫୪ ରନରେ ପରାସ୍ତ କରି କଣ୍ଟିଗଡ଼ିଆ ଟିମ୍ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଆରୁହା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚିତ୍ତରଞ୍ଜନ ଖିଲାର ୫୩ ଓ ଆଶୁତୋଷ ଦାସ ୩୩ ରନ କରିଥିଲେ। ବିପକ୍ଷ ରାଇଛନ୍ଦା ଟିମ୍‌ର ସନ୍ତୋଷ ସାହୁ ୫ ଓ ହେମାନ୍ତ ସାହୁ ୨ ଉଇକେଟ ନେଇଥିଲେ। ଜବାବରେ ରାଇଛନ୍ଦା ଟିମ୍ ବ୍ୟାଟିଂ କରି ୧୪.୨ ଓଭରରେ ୮ ଉଇକେଟ ହରାଇ ୧୪୮ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ହେମନ୍ତ ମହାନ୍ତି ୨୪ ଓ ବାସୁଦେବ ସାହୁ ୨୨ରନ କରିଥିଲେ। ବିପକ୍ଷ ଆରୁହା ଟିମ୍‌ର ଚନ୍ଦନ ସାମଲ ୪ ଓ ସୁବାଶିଷ ସେନାପତି ୨ ଉଇକେଟ ନେଇଥିଲେ।

ଦ୍ୱିତୀୟ ମ୍ୟାଚ୍‌ରେ କଣ୍ଟିଗଡ଼ିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୨୧୧ରନ କରିଥିଲା। ଦଳପକ୍ଷରୁ ଜେ.କେ. ରାୟ ୯୭ ଓ କୈବଲ୍ୟ ଦାସ ୬୦ ରନ କରିଥିଲେ। ବିପକ୍ଷ କୁମାରୀ ଟିମର ରାକେଶ ରଞ୍ଜନ ରାୟ ୨ ଓ ମନୋଜ ପଲେଇ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ କୁମାରୀ ଟିମ୍ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୧୫୭ ରନ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ସମ୍ପିତ ପରିଡ଼ା ୪୨ ଓ ରାଜେଶ ଶାନ୍ତି ୨୬ ରନ କରିଥିଲେ। ବିପକ୍ଷ ଦଳର ଦୀପକ ନାୟକ ୩ ଓ କୈବଲ୍ୟ ଦାସ ୨ ଉଇକେଟ ନେଇଥିଲେ। ଉଭୟ ମ୍ୟାଚ୍‌କୁ ପ୍ରତାପ ନାୟକ, ନିକୁଞ୍ଜ ବେହେରା ଓ କାର୍ତ୍ତିକ ଗୁରୁ ପରିଚାଳନା କରିଥିଲେ। ବୁଧବାର ପ୍ରଥମ ମ୍ୟାଚ୍ ଗଙ୍ଗାଧରପୁର ସହିତ ରାଇଛନ୍ଦା ଓ ଦ୍ୱିତୀୟ ମ୍ୟାଚ ହରିଦାସପୁର ଏବଂ କଣ୍ଟିଗଡ଼ିଆ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।

# ହକି ମାସ୍କଟରେ ଓଲି ହସୁଛି, ଗହୀରମଥାରେ ମରୁଛି

ଜଗନ୍ନାଥ ଧଳ
କେନ୍ଦ୍ରାପଡ଼ା ଅଫିସ, ୧୦।୧



କେନ୍ଦ୍ରାପଡ଼ାରେ ମାସ୍କଟ ଓଲି ସହ ପିଲାମାନେ।


ଗହୀର ମଥା ବେଳାଭୂମିରେ ମୃତ ଅଲିଭ ରିଡ୍‌ଲେ କଇଁଛ।

ଓଡ଼ିଶାରେ ହକି ବିଶ୍ୱକପ ଆୟୋଜନ ପରେ ଏହାର ଡେମୋ କପ କେନ୍ଦ୍ରାପଡ଼ା ଜିଲାକୁ ସୋମବାର ଆସିଛି। ୨ଦିନ ଧରି ଜିଲାର ବିଭିନ୍ନ ସ୍ଥାନରେ ଏହାକୁ ସ୍ୱାଗତ କରାଯାଇଛି। ଏହି ଅବସରରେ ହକିର ମାସ୍କଟ ଓଲିକୁ ନେଇ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି। ଅଲିଭ୍ ରିଡ୍‌ଲେ କଇଁଛର ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରସ୍ତୁତ ମାସ୍କଟ ଓଲି ସହ ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସେଲଫି ଉଠାଉଛନ୍ତି। ଅପରପକ୍ଷରେ ଓଲିର ଅନ୍ତୁଡିଶାଳ ଭାବେ ବିଶ୍ୱରେ ପରିଚିତ ଗହୀରମଥା ଏହି ଜୀବଙ୍କ ଶ୍ମଶାନ ପାଲଟିଛି। ତଟକ୍ଷୟ ଅନ୍ତୁଡିଶାଳକୁ ସୀମିତ କରୁଛି। ସେହିପରି ସୀମିତ ସ୍ଥାନ ହେତୁ ଅଣ୍ଡା ନଷ୍ଟ ହେବା ସହ କୁଆ, କୁକୁର, କୋକିଶିଆଳିଙ୍କ ଆହାର ହେଉଛି। ସମୁଦ୍ରରେ ମଧ୍ୟ ବିପଦ କମୁନାହିଁ। ସାମୁଦ୍ରିକ ଜୀବଙ୍କ ଆହାର ସହ ବୋଟ, ଟ୍ରଲରର ଜାଲ ମାଡରେ ଜୀବନ ଯାଉଛି।

ଏ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ, ପ୍ରଭୁ ପ୍ରସାଦ ମହାପାତ୍ର, ଅଶୋକ ସ୍ୱାଇଁ, ସମରେନ୍ଦ୍ର ମାହାଳି କହିଛନ୍ତି ଯେ, ଇଣ୍ଟର ନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେଶନ ଅଫ ନେଚର (ଆଇୟୁସିଏନ) ରେଡ ଡାଟା ଲିଷ୍ଟରେ ଅଲିଭ୍ ରିଡ୍‌ଲେ ରହିଛି। ଭାରତୀୟ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ୧୯୭୨ରେ ଅଲିଭ୍ ରିଡ୍‌ଲେକୁ ସିଡ୍ୟୁଲ ୧ରେ ରଖାଯାଇ ଏହାର ସୁରକ୍ଷା ଯୋଗାଇ ଦିଆଯାଉଛି। ଏହାସହ ଓଡ଼ିଶା ମେରାଇନ ଫିସିଂ ରେଗ୍ୟୁଲେଶନ ଆକ୍ଟ ୧୯୮୧ରେ ତଟଠାରୁ ୨୦ କିଲୋମିଟର ପର୍ଯ୍ୟନ୍ତ ନୋ ଫିସିଂ ଜୋନ, ପରିବେଶ ସୁରକ୍ଷା ଆଇନ ୧୯୮୬, କୋଷ୍ଟାଲ ରେଗ୍ୟୁଲେଶନ ଜୋନ ୧, ୨, ୩ ଏବଂ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଆଇନ ୧୯୮୨ ପରି ଏହି ବିରଳ ଜୀବଙ୍କ ସୁରକ୍ଷା ପ୍ରଦାନ କରୁଛି।

ଜାତୀୟ ଉଦ୍ୟାନ ଭିତରକନିକାରେ ବଉଳା କୁମ୍ଭୀରଙ୍କ ସୁରକ୍ଷା ଓ ପ୍ରଜନନ ସମ୍ପର୍କରେ ଅନୁଧ୍ୟାନ ପାଇଁ ବରିଷ୍ଠ ପ୍ରାଣୀ ବିଶେଷଜ୍ଞ ଡ. ଏଚ. ଆର. ବର୍ଣ୍ଣାଡ ୧୯୭୪ ଜାନୁୟାରୀ ୨ରେ ଆସିଥିଲେ।

- ତଟରେ କୁଆରୁ କୋକିଶିଆଳି, ସମୁଦ୍ରରେ ଟ୍ରଲର
- ପ୍ରଥମ ୩୬ ଘଣ୍ଟା ଅଣ୍ଡା ସଂଗ୍ରହ ପାଇଁ ଉଠିଲାଣି ସ୍ୱର

ଏହି ସମୟରେ ଗହୀରମଥାରେ ଅଲିଭ୍ ରିଡ୍‌ଲେଙ୍କ ସମାଗମକୁ ଦେଖି ବିଶ୍ୱସ୍ତରରେ ଏ ସମ୍ପର୍କରେ ବାର୍ତ୍ତା ପହଞ୍ଚାଇଥିଲେ। ଏହାର ସୁରକ୍ଷା ପାଇଁ ୧୯୯୭ ମସିହାରେ ଗହୀରମଥାର ୧୪୩୫ ବର୍ଗ କିଲୋମିଟର ସାମୁଦ୍ରିକ ଅଞ୍ଚଳ ନିଷିଦ୍ଧାଞ୍ଚଳ ଘୋଷଣା ହୋଇଥିଲା। ନିଜର ରଙ୍ଗ ପାଇଁ ଅଲିଭ୍ ରିଡ୍‌ଲେ ସ୍ୱତନ୍ତ୍ର ଭାବେ ଜଣାପଡେ। ଏହାସହ ଏମାନଙ୍କ ଓଜନ ୫୫ରୁ ୬୫ କେଜି ମଧ୍ୟରେ ସୀମିତ। ସେହିପରି ପ୍ରକୃତିରେ ଏହି ବିସ୍ମୟ ଜୀବ ଗହୀରମଥାକୁ ନଭେମ୍ବରରୁ ଆସି ମେ ମାସ ଶେଷ ମଧ୍ୟରେ ସମୁଦ୍ରକୁ ଫେରିଥାନ୍ତି। ଅବଶିଷ୍ଟ ସମୟର ଜୀବନ ପ୍ରଣାଳୀକୁ ଜାଣିବା ପାଇଁ ସାମୁଦ୍ରିକ ଗବେଷଣାଗାର ନିମନ୍ତେ ବାରମ୍ବାର ଦାବି ହୋଇଥିଲେ ମଧ୍ୟ ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲାରେ ପ୍ରତିଷ୍ଠା ହୋଇପାରିଲା ନାହିଁ। ସେହିପରି ପୂର୍ଣ୍ଣ ଯୌବନ ପ୍ରାପ୍ତ ଓ ଶାବକ କଇଁଛଙ୍କ ବ୍ୟତୀତ ଗହୀରମଥା ଅଞ୍ଚଳରେ ଏହି ପ୍ରଜାତିଙ୍କୁ କେବେ ବି ଦେଖିବାକୁ ମିଳୁନାହିଁ। ନଭେମ୍ବରରୁ ଜାନୁୟାରୀ ମଧ୍ୟରେ ସମୁଦ୍ରରେ ମିଳନ ପର୍ବ ପରେ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଅଣ୍ଡା ଦାନ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ସମୁଦ୍ର ଢେଉଠାରୁ ପ୍ରାୟ ୧୫୦ ମିଟର ଦୂର ବେଳାଭୂମିରେ ମାଆ କଇଁଛ ଆଗ ୨ ଗୋଡରେ ବାଲି ଆଡେଇ ଥାଏ। ପରେ ସେଠାରେ ୧୦୦ରୁ ୧୮୦ ପର୍ଯ୍ୟନ୍ତ ଅଣ୍ଡା ଦେଇଥାଏ। ଅଣ୍ଡାକୁ ବାଲିରେ ଘୋଡାଇ ମାଆ କଇଁଛ ସମୁଦ୍ରକୁ ଫେରି ଯାଇଥାଏ। ମେ ଶେଷ ସୁଦ୍ଧା ଅଣ୍ଡାରୁ ଶାବକ ବାହାରି ମାଆଙ୍କ ପଥ ଅନୁସରଣ କରିଥାନ୍ତି। ସମ୍ପ୍ରତି ଏହି ଜୀବଙ୍କ ଅଣ୍ଡା ସୁରକ୍ଷା ଏକ ଚିନ୍ତାର ବିଷୟ ହୋଇଛି। ତଟକ୍ଷୟ ଯୋଗୁ ଅଗରନାଶୀ ଦ୍ୱୀପ ସମ୍ପୂର୍ଣ୍ଣ ସମୁଦ୍ର ଗର୍ଭରେ ଲୀନ ହୋଇଥିବା ବେଳେ ଗହୀରମଥାର ବିଭିନ୍ନ ବେଳାଭୂମି ସଙ୍କୁଚିତ ହୋଇଛି। ଲକ୍ଷାଧିକ କଇଁଛ ଅଣ୍ଡା ଦେଇ ଫେରିବା ପରେ ଅନ୍ୟ କଇଁଛ ସେହି ସ୍ଥାନକୁ ଆଡେଇ ଅଣ୍ଡାଦାନ କରୁଛନ୍ତି। ଫଳରେ ପୂର୍ବ ଅଣ୍ଡାଗୁଡିକ ନଷ୍ଟ ହେଉଛି। ୧୯୮୭ ମସିହାଠାରୁ ସେଣ୍ଟ୍ରାଲ ଆମେରିକାର କୋଷ୍ଟାରିକା ଦ୍ୱୀପରେ ସ୍ଥାନୀୟ ଲୋକଙ୍କୁ ପ୍ରଥମ ୩୬ ଘଣ୍ଟା ମଧ୍ୟରେ କଇଁଛଙ୍କ ଅଣ୍ଡା ସଂଗ୍ରହ ପାଇଁ ଅନୁମତି ମିଳୁଛି। ସେହିପରି ବ୍ୟବସ୍ଥା କରାଗଲେ ଜିଲାକୁ ଆର୍ଥିକ ସହଯୋଗ ମିଳିବ ବୋଲି ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଗହୀରମଥା ରେଞ୍ଜର ମାନସ କୁମାର ଦାସଙ୍କୁ ପଚାରିବାରେ ନଭେମ୍ବରଠାରୁ ମେ ମାସ ପର୍ଯ୍ୟନ୍ତ ଗହୀରମଥା ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଅଲିଭ୍ ରିଡେଲ ପାଇଁ ମତ୍ସ୍ୟଜୀବୀଙ୍କ ପ୍ରବେଶ ଉପରେ କଟକଣା ଲାଗିଛି। ବନ ବିଭାଗ ପକ୍ଷରୁ ଅଲିଭ୍ ରିଡ୍‌ଲେ କଇଁଛ ସୁରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅମ୍ରିତା


@ ବିଶ୍ୱପ୍ରକାଶ


@ ଅନିତା


@ ସୁପ୍ରିୟା


@ ଚିନ୍ମୟ


@ ଦୀପକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ଚେତନା ଯୁକ୍ତ ଶିକ୍ଷା ବିଦ୍ୟାର୍ଥୀଙ୍କୁ ବିନୟୀ କରିଥାଏ'


ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

ମାର୍ଶାଘାଇ, ୧୦।୧ (ଡି. ଏନ. ଏ.)

ପ୍ରଥମେ ଶିକ୍ଷା ଗ୍ରହଣ କରିବାକୁ ହେଲେ ଶିଶୁକୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କ ନାମରେ ୩ଟି ଛକାଆଖି ସଦୃଶ୍ୟ ବୁଲାଇବାକୁ ପଡିଥାଏ। ଜୀବନରେ ମୋହକୁ ତ୍ୟାଗ କରନ୍ତୁ। ଆପଣଙ୍କୁ ଆନନ୍ଦ ଆସିବ ତାହା ମହୋତ୍ସବ, ପ୍ରେମ ଉତ୍ସବ ହୋଇପାରିବ। ସମଗ୍ର ବିଶ୍ୱକୁ ଭାରତ ଦିଗ୍‌ଦର୍ଶନ ଦେଇଛି। ପିଲାମାନେ ବିନୟୀ ସଂସ୍କାରି ହେବାକୁ ହେଲେ ସେମାନଙ୍କୁ ଚେତନା ଯୁକ୍ତ ତଥା ମାନବୀୟ କୈନ୍ଦ୍ରିକ ଶିକ୍ଷା ଗ୍ରହଣ କରିବାକୁ ପଡିବ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତ। ମଙ୍ଗଳବାର ମାର୍ଶାଘାଇ ବ୍ଲକ କରିଲୋପାଟଣା ଜୟରାମ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଲାଲ ଯୋଗଦେଇ ରାମାୟଣ, ମହାଭାରତ, ଗୀତା ଉପରେ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଉପାଦେୟ ତଥ୍ୟ ରଖିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ଡ. ନବଘନ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ପ୍ରଫେସର ନିରଞ୍ଜନ ପାଢ଼ୀ ଯୋଗଦେଇ ବଡ଼ ମଣିଷ ନ ହୋଇ ଜଣେ ଭଲ ମଣିଷ ହେଲେ ତାହା ପାଠ ପଢିଥିବା ବିଦ୍ୟାଳୟର ଗାରିମା ବୃଦ୍ଧି କରିଥାଏ ବୋଲି କହିଥିଲେ। ସାମ୍ମାନିତ ଅତିଥି ଭାବେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ଯୋଗ ଦେଇଥିଲେ। ଏହି ଅବସରରେ ମୁଖପତ୍ର 'ସୁହୃଦ'କୁ ରାଜ୍ୟପାଳ ଉନ୍ମୋଚନ କରିବା ସହ ପୁରାତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ବିପିନ ବିହାରୀ ବାରିକ. ଉପସଭାପତି ଅନ୍ନଦା ତ୍ରିପାଠୀ, ହରିହର କାନୁନ୍‌ଗୋ, ନଟବର ଶତପଥୀ ଓ ସଞ୍ଜୟ ସାମନ୍ତରାୟ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ ସଭା ପରିଚାଳନା କରିଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ତାଲିମ

ରଘୁନାଥପୁର, ୧୦।୧ (ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ଜୁନିୟର କଲେଜରେ ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ୧୪୧ ଜଣ ଯୁକ୍ତ ୨ ଛାତ୍ରୀ ଏଥିରେ ସାମିଲ ହୋଇଛନ୍ତି। ଏନେଇ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରତ୍ୟେକ ଛାତ୍ରୀ ଏହି କୌଶଳକୁ ନିଜେ ଶିଖି ନିଜ ପରିବାର କିମ୍ବା ଅନ୍ୟଜଣଙ୍କୁ ଶିଖାଇ ପାରିଲେ ଆତ୍ମସନ୍ତୋଷ ମିଳେ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ କେଦାର ମୁଦୁଲି, ଗଦାଧର ପାଣି, ବୀରକିଶୋର ପରିଡା, ହିମାଂଶୁ ଜେନା, ସ୍ୱାଗତିକ ଦାସ ଓ ସ୍ମିତାରାଣୀ ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ଏହାର ଉପାଦେୟତା ଓ କାର୍ଯ୍ୟକାରିତା ସମ୍ପର୍କରେ କହିଥିଲେ। ସଂଯୋଜକ ବଳରାମ ପାଳ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଓ ସଂଯୋଜିକା ସୌମ୍ୟଶ୍ରୀ ମହାନ୍ତି ସଭା ପରିଚାଳନା କରିଥିଲେ। ଏଥିରେ ଶିକ୍ଷା କର୍ମଚାରୀ ନକୁଳ ଚରଣ ନାୟକ ଓ ବାବୁଲି ଚରଣ ସ୍ୱାଇଁ ସହଯୋଗ କରିଥିଲେ। ୮ ଦିନ ଧରି ଆୟୋଜିତ ହେଉଥିବା ଏହି ତାଲିମ ଶିବିରରେ ମାଷ୍ଟର ଟ୍ରେନର ଭାବେ ପ୍ରିୟଙ୍କା ନାୟକ ଓ ପୁରାତନ ଛାତ୍ରୀ ପ୍ରତ୍ୟୁଶା ଭୋଳ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିବେ।


ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ଶିଖୁଛନ୍ତି।

# ଲଗାତର ଷଷ୍ଠ ବର୍ଷରେ ପିପିଏର ୧୦୦ ଏମ୍‌ଏମ୍‌ଟି ପଣ୍ୟ କାରବାର


ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ କେକ୍ କାଟି ଉତ୍ସବ ମନାଉଛନ୍ତି।

ପାରାଦୀପ, ୧୦।୧ (ସ୍ୱ.ପ୍ର.)

ପାରାଦୀପ ବନ୍ଦର ଅଥରିଟି (ପିପିଏ) ଲଗାତାର ୬ ବର୍ଷ ହେବ ୧୦୦ ଏମ୍‌ଏମ୍‌ଟି (ମିଲିୟନ ମେଟ୍ରିକ ଟନ) ପଣ୍ୟ କାରବାର କରି ଦେଶର ଦ୍ରୁତତମ ଅଭିବୃଦ୍ଧି ବନ୍ଦର ଭାବେ ମାନ୍ୟତା ପାଇଛି। ଚଳିତ ଆର୍ଥିକବର୍ଷ ଜାନୁୟାରୀ ୯ ସୁଦ୍ଧା ୧୦୦.୨୨ ମେଟ୍ରିକ ଟନ ପଣ୍ୟ କାରବାର କରିଛି। ଗତ ବର୍ଷ ୧୦୦ ଏମ୍‌ଏମ୍‌ଟି ପଣ୍ୟ କାରବାର ପାଇଁ ପିପିଏକୁ ଫେବୃୟାରୀ ୧୮ ପର୍ଯ୍ୟନ୍ତ ସମୟ ଲାଗିଥିଲା। ଚଳିତବର୍ଷ ୪୦ ଦିନ ପୂର୍ବରୁ ଏପରି ସଫଳତା ହାସଲ କରିଛି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ୧୦୦ ଏମ୍‌ଏମ୍‌ଟି ମାଇଲଖୁଣ୍ଟ ଛୁଇଁବା ପରେ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ବୋର୍ଡ ରୁମରେ ଅଧ୍ୟକ୍ଷ ପି.ଏଲ. ହାରାନ୍ଧ ଏକ କେକ୍ କାଟି ଉତ୍ସବ ପାଳନ କରିଥିଲେ। ଏଥିସହ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ଗତବର୍ଷ ତୁଳନାରେ ଅଧିକ ପଣ୍ୟ କାରବାର ହେବ ବୋଲି ଆଶାବ୍ୟକ୍ତ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଏ.କେ. ବୋଷଙ୍କ ସମେତ ଅନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ହାରାନ୍ଧ ଏହି ସଫଳତା ପାଇଁ ବନ୍ଦର ବ୍ୟବହାରକାରୀ ସଂସ୍ଥା, କର୍ମଚାରୀ, ଶ୍ରମିକ, ବନ୍ଦର ଉପରେ ନିର୍ଭରଶୀଳ ସମସ୍ତ କମ୍ପାନୀ, ଏମ୍‌ଏମ୍‌ଡି (ମେରାଇନ ମର୍କାଣ୍ଟାଇଲ ଡିପାର୍ଟମେଣ୍ଟ), ଡକ୍‌ସେଫ୍ଟି, ଇମିଗ୍ରେଶନ, ଓଡ଼ିଶା ସରକାର, କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ କୃତଜ୍ଞତା ଜଣାଇଛନ୍ତି।

# ୩ ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ

ତିର୍ତ୍ତୋଲ, ୧୦।୧ (ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ସାମନ୍ତରାୟପୁର ସେବା ସମବାୟ ସମିତି ସମେତ ୩ ସ୍ଥାନରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସାମନ୍ତରାପୁର ଧାନମଣ୍ଡିକୁ ତିର୍ତ୍ତୋଲ ତହସିଲଦାର ଅମୂଲ୍ୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ସୂର୍ଯ୍ୟ ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ଏବିଡିଓ ସତ୍ୟଜିତ ସ୍ୱାଇଁ, ରଞ୍ଜିତା ସିଂ, ମିନତି ସୂତାର, କେଦାର କୁମାର ପଟ୍ଟନାୟକ, ରଞ୍ଜିତ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସେହିଭଳି କନକପୁରସ୍ଥିତ ଜନ କଲ୍ୟାଣ ସେବା ସମବାୟ ସମିତିରେ ସରପଞ୍ଚ ରେବତୀ ମହାନ୍ତି, ମୂଳିସିଓ ସରପଞ୍ଚ ସାଫି ଆଜମ୍, ସମିତିସଭ୍ୟ ରଞ୍ଜନ ସାହୁ, କୋଷ୍ଠିମଲ୍ଲିକାପୁର ସରପଞ୍ଚ ବିଭୁପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଅଜୟ କୁମାର ରାଉଳ, ପରମାନନ୍ଦ ଦାସ, ଚିରଞ୍ଜୀବୀ ରାଉତ, ଶୁଭକାନ୍ତ ବେହେରା ଓ ଅଶୋକ କୁମାର ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ।

# ରାଜସ୍ୱ, ବନ ବିଭାଗ ଅଗୋଚରରେ ଚାଲିଛି ଗଛକଟା

**କୋକିଡିହ-ତେଲସରା ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ**

- କଟାଯିବାପରେ ଗଛ ଗଣ୍ଡି ନେଇଯାଉଛନ୍ତି ଦୁର୍ବୃତ୍ତ
- ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ
- ସରକାରୀ ନିୟମ ଉଲ୍ଲଂଘନ


ପୂର୍ତ୍ତ ବିଭାଗ ପକ୍ଷରୁ କଟାଯାଇଥିବା ଗଛ।

ନାଉଗାଁ, ୧୦।୧ (ସ୍ୱ.ପ୍ର)

ନାଉଗାଁ ବ୍ଲକ ଅନ୍ତର୍ଗତ କୋକିଡିହ-ତେଲସରା ୧୨ କିମି ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ପୂର୍ବରୁ ଏହି ରାସ୍ତାର ଚଉଡା ୩.୭୫ ମିଟର ଥିବାବେଳ ଏବେ ସମ୍ପ୍ରସାରଣ ପରେ ୫.୭୫ ମିଟର କରାଯିବ। ଏହି ରାସ୍ତାକୁ ସମ୍ପ୍ରସାରଣ କରିବା ପାଇଁ ଉଭୟ ପାର୍ଶ୍ୱକୁ ସଫା କରାଯିବା ସହ ଏଠାରେ ଥିବା ବହୁ ମୂଲ୍ୟବାନ ଗଛ କଟା ଯାଉଛି। ମାତ୍ର ଏ ସମ୍ପର୍କରେ ରାଜସ୍ୱ ଓ ବନ ବିଭାଗ ଅଧିକାରୀ କିଛି ଜାଣି ନଥିବା କହିଛନ୍ତି। ଫଳରେ ସରକାରୀ ନିୟମ ଉଲ୍ଲଂଘନ ହେଉଛି। ଅପରପକ୍ଷେ କଟାଯାଉଥିବା ବଡ଼ବଡ ଗଛଗୁଡ଼ିକର ଗଣ୍ଡିକୁ ଦୁର୍ବୃତ୍ତମାନେ ନେଇଯାଉଛନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମାତ୍ର ପ୍ରଶାସନ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ରାଜ୍ୟ ସରକାର ବହୁ ଟଙ୍କାର ରାଜସ୍ୱ ହରାଉଛନ୍ତି।

ରାସ୍ତା ସମ୍ପ୍ରସାରଣ ସମୟରେ କଟାଯାଉଥିବା ଗଛ ସମ୍ପର୍କରେ ୨ ଜାନୁୟାରୀ ୨୦୨୩ରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ପ୍ରଦୀପ୍ତ ସ୍ୱାଇଁ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ କୌଣସି କାର୍ଯାନୁଷ୍ଠାନ ନିଆଯାଇ ନାହିଁ। ପରିବେଶକୁ ସ୍ୱଚ୍ଛ ରଖିବା ସହ ଖରାଦିନେ ରାସ୍ତାକୁ ଛାଇ ପ୍ରଦାନ କରିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ପାର୍ଶ୍ୱରେ ଇଉକାଲିପଟାସ, ଆକାଶିଆ, ଶିଶୁ, ଶାଗୁଆନ ଆଦି ମୂଲ୍ୟବାନ ଗଛ ଲଗାଯାଇଥିଲା। ନିୟମାନୁସାରେ ଗଛ କାଟିବା ପୂର୍ବରୁ ରାସ୍ତାଟି ଯେଉଁ ବିଭାଗ ଅଧୀନରେ ରହିଛି, ଉକ୍ତ ବିଭାଗର ପ୍ରଶାସନିକ ଅଧିକାରୀ ରାଜସ୍ୱ ବିଭାଗକୁ ଅବଗତ କରାଇବେ। ରାଜସ୍ୱ ବିଭାଗ ଏ ସଂକ୍ରାନ୍ତରେ ନିକଟସ୍ଥ ବନ ବିଭାଗକୁ ଅବଗତ କରାଇବ। ଗଛ କଟାଯିବା ପରେ ୩ଟି ଯାକ ବିଭାଗଙ୍କ ଉପସ୍ଥିତିରେ ନିଲାମ କରାଯିବ। କିନ୍ତୁ ରାସ୍ତା ପାର୍ଶ୍ୱରୁ ଗଛ କଟା ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ରାଜସ୍ୱ ବିଭାଗ କିମ୍ବା ବନ ବିଭାଗକୁ ଅବଗତ କରାଯାଇନାହିଁ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅଭିଷେକ ସେଠୀଙ୍କୁ ପଚାରିବାରେ, ଅଭିଯୋଗ ପାଇବା ପରେ ବିଭାଗ ପକ୍ଷରୁ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଖୁବଶୀଘ୍ର ଏ ବିଷୟରେ ତହସିଲକୁ ଅବଗତ କରାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏପ୍ରସଙ୍ଗରେ କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ ମିଶ୍ର କହିଛନ୍ତି, ଗଛ କଟାଯିବା ସମ୍ପର୍କରେ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ଚିଠି ଆସିନାହିଁ।

## ସଂକ୍ଷେପରେ

### ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ,ଉପାଧ୍ୟକ୍ଷ କଳି

**ଥାନାରେ ୨ ପୃଥକ୍ ମାମଲା ରୁଜୁ**

**ଖଣ୍ଡପଡ଼ା,୧୦।୧(ସ୍ୱ.ପ୍ର.):** କୌଣସି କାରଣକୁ କେନ୍ଦ୍ରକରି ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଉପାଧ୍ୟକ୍ଷ ମିହିର କୁମାର ମିଶ୍ର ଗାଳିଗୁଲଜ କରି ଧମକ ଦେଇଥିବା ନେଇ ଖଣ୍ଡପଡ଼ା ଥାନାରେ ଅଭିଯୋଗ ହୋଇଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ ଲିଖିତ ଅଭିଯୋଗରେ ଏ ସଂକ୍ରାନ୍ତରେ ଦର୍ଶାଇଥିବା ବେଳେ ଉପାଧ୍ୟକ୍ଷ ମିଶ୍ର ମଧ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି । ଉଭୟ ଅଭିଯୋଗ ଆଧାରରେ ପୋଲିସ ୨ଟି ମାମଲା(ନଂ.୫ ଓ ୬/୨୦୨୩) ରୁଜୁ କରିଥିବା ଆଇଆଇସି ରମେଶ କୁମାର ଦେବତା କହିଛନ୍ତି ।

ଅଭିଯୋଗ ଅନୁଯାୟୀ, ଗତ ରବିବାର ଉପାଧ୍ୟକ୍ଷ ମିଶ୍ର ଜଣେ ସହଯୋଗୀଙ୍କ ସହ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବାସଭବନକୁ ଯାଇ କୌଣସି କାରଣକୁ ନେଇ ଗାଳିଗୁଲଜ କରିଥିଲେ । ଉପାଧ୍ୟକ୍ଷଙ୍କ ଏଭଳି ବ୍ୟବହାରକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ମିଶ୍ର ଏ ସମ୍ପର୍କରେ ନୟାଗଡ଼ ଜିଲାପାଳ ଓ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ରାଉତଙ୍କଠାରୁ ସୂଚନା ମିଳିଛି ।

### ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି

**ନୟାଗଡ଼ ଅଫିସ,୧୦।୧:** ଆସନ୍ତା ୨୬ ତାରିଖ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ପରେଡ ପ୍ରତିଯୋଗିତା ପାଇଁ ବିଚାରକ ରହିବେ। ପତାକା ଉତ୍ତୋଳନ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପଦ୍ମଶ୍ରୀ ସାବରମତୀଙ୍କୁ ଏହି ଅବସରରେ ସମ୍ମାନିତ କରିବାକୁ ଜିଲାପାଳ ପ୍ରସ୍ତାବ ରଖିଥିଲେ। ଉକ୍ତ ବୈଠକରେ ଯେଉଁ ବିଭାଗ ଅନୁପସ୍ଥିତ ଅଛନ୍ତି, ସେମାନଙ୍କୁ ପୁଣିଥରେ ଅବଗତ କରାଯିବ ବୋଲି କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଏସ୍ପି ଅଲେଖ ଚନ୍ଦ୍ର ପହି, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ।

### ଶାଗୁଆନ ପଟା ସହ ପିକ୍ଅପ୍ ଭ୍ୟାନ୍ ଜବତ, ଚାଳକ ଗିରଫ

**ଖଣ୍ଡପଡ଼ା,୧୦।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ଶିଖରପୁର ପଞ୍ଚାୟତର ବରପଲ୍ଲୀ ଗ୍ରାମରୁ ସୋମବାର ଏକ ଧଳାରଙ୍ଗର ପିକ୍ଅପ୍ ଭ୍ୟାନ ଯୋଗେ ଶାଗୁଆନ ପଟା ଚୋରାରେ ଚାଲାଣ ହେଉଥିଲା । ଖଣ୍ଡପଡ଼ା ବନ ବିଭାଗ କର୍ମଚାରୀମାନେ ଅଚାନକ ଚଢ଼ାଉ କରି ଖଣ୍ଡପଡା ସହର ନିକଟସ୍ଥ ଖଳଖଳା ଗ୍ରାମ ନିକଟରୁ କାଠ ବୋଝେଇ ପିକ୍ଅପ୍ ଭ୍ୟାନ୍ ଜବତ କରିଥିଲେ । ଗାଡ଼ି ଚାଳକ ଖଣ୍ଡପଡା ଗଡ଼ ଭିତରସାହିର ଅମୀୟ ରଞ୍ଜନ ଦାସଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ନୟାଗଡ଼ ବନଖଣ୍ଡ ଅଧିକାରିଣୀ କ୍ଷମା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ କ୍ରମେ ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀ, ବନପାଳ ଶ୍ରୀନିବାସ ଦାଶ ଓ ଅନ୍ୟାନ୍ୟ କର୍ମଚାରୀମାନେ ଏହି ଚଢ଼ାଉରେ ସାମିଲ ହୋଇଥିଲେ ।

# ଚାଷୀଙ୍କୁ ରୋକିଲା ପୋଲିସ

**ନୟାଗଡ଼ ଅଫିସ,୧୦।୧**



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀମାନଙ୍କୁ ପୋଲିସ ଅଟକାଇଛି।

- ଜଗନ୍ନାଥପ୍ରସାଦ ଚାଷୀ ହଟହଟା
- ଜିଲାପାଳଙ୍କୁ ଭେଟିବାକୁ ଦେଲେନି
- ଅତିରିକ୍ତ ଜିଲାପାଳ ଶୁଣିଲେ ଅଭିଯୋଗ

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ଚାଷୀ ଜିଲାପାଳଙ୍କୁ ଭେଟି ଧାନକିଣାର ଅବ୍ୟବସ୍ଥା ସମ୍ପର୍କରେ ଅଭିଯୋଗ କରିବାକୁ ମଙ୍ଗଳବାର ଜିଲାପାଳ ଅଫିସକୁ ଆସୁଥିଲେ। ହେଲେ ଘରୁ ବାହାରିବା ପରେ ଜଗନ୍ନାଥପ୍ରସାଦଠାରେ ଫତେଗଡ଼ ଥାନା ପୋଲିସ ଜିଲାପାଳ ଅଫିସକୁ ନ ଯିବାକୁ ପରାମର୍ଶ ଦେଇ ବାଟ ଓଗାଳିଥିଲା । ଏପରିକି ଚାଷୀ ଆନ୍ଦୋଳନ କରାଇବା ପାଇଁ ସୁଯୋଗ ଦେବନି ବୋଲି ଦର୍ଶାଇ ପୋଲିସ ଚାଷୀଙ୍କୁ ଛାଡ଼ି ନ ଥିଲା । ସମ୍ପୃକ୍ତ ଚାଷୀମାନେ କୌଶଳ କ୍ରମେ ନୟାଗଡ଼କୁ ଆସିବା ପରେ ଟାଉନ ଥାନା ପୋଲିସ ଅନୁରୂପ ଭାବେ ଜିଲା ସଂସ୍କୃତି ଭବନଠାରେ ପୁଣି ସେମାନଙ୍କୁ ଅଟକାଇ ଜିଲାପାଳଙ୍କୁ ଭେଟିବାକୁ ଦେଇ ନ ଥିଲା। ବହୁ ସମୟ ଅପେକ୍ଷା କଲା ପରେ ଜିଲା ସଂସ୍କୃତି ଭବନଠାରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଚାହୁଁ ନ ଥିବାବେଳେ ବାଧ୍ୟ ହୋଇ ଧାନକିଣାର ଅସୁବିଧା ସମ୍ପର୍କରେ କହିଥିଲେ।

ଜଗନ୍ନାଥପ୍ରସାଦ ପଞ୍ଚାୟତର ହାତକଟା, ମହୁଲପଡ଼ା, ଦରଦା, କାଦୁଆପଡ଼ା, କାଦୁଆପାଟଣା, ଜଗନ୍ନାଥପ୍ରସାଦ ପ୍ରମୁଖ ଗାଁର ଚାଷୀ କହିଥିଲେ, ୧୫ ବର୍ଷ ହେଲା ଜଣେ ମିଲର ଚାଷୀଙ୍କୁ ହଇରାଣ କରିଆସୁଛନ୍ତି । ଘରେ ଆସି ଧାନ ଦେବାକୁ ବାଧ୍ୟ କରୁଛନ୍ତି । ପୁଣି ୧୪ ବର୍ଷ ହେଲା ଚାଷୀ ଅଖାରେ ଧାନ ନେଉଛନ୍ତି । ଚାଷୀଙ୍କୁ ଅଖା ପଇସା ଅଥବା ଅଖା ଫେରାଉ ନାହାନ୍ତି। ପ୍ରତିବର୍ଷ କଟ୍ନୀଛଟ୍ନୀ କରୁଛନ୍ତି । ମନ ପାଇଲେ ଦିଅ ନ ହେଲେ ଘରେ ଧାନ ରଖିବାକୁ କହୁଛନ୍ତି। ଚଳିତବର୍ଷ ଭଲ ଧାନ ହୋଇଥିଲେ ମଧ୍ୟ ୮ରୁ ୧୦ କେଜି ଧାନ କାଟିବାକୁ କହୁଛନ୍ତି । ଧାନ ନ କାଟିଲେ କିଣିବେନି ବୋଲି ରୋକ୍ଠୋକ୍ ମନା କରୁଛନ୍ତି। ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସି ପୋଲିସ ଦ୍ୱାରା ଅପଦସ୍ଥ ଓ ହଟହଟା ହେଲୁ କହି କ୍ଷୋଭ ପ୍ରକାଶ କରିଥିଲେ। ଆଲୋଚନା ପରେ ଚାଷୀ ଫେରିବାକୁ ନାରାଜ। ଶେଷରେ ଏକ ୨୦ ଜଣିଆ ଚାଷୀ ଦଳ ଜିଲାପାଳଙ୍କୁ ଭେଟିବାକୁ ଯାଇଥିଲେ। ଅତିରିକ୍ତ ଏସ୍ପି, ଉପଜିଲାପାଳ ଓ ପୋଲିସ ଉପସ୍ଥିତିରେ ଚାଷୀ ପ୍ରତିନିଧି ଜିଲାପାଳଙ୍କୁ ସ୍ମାରକପତ୍ର ଦେଇଥିଲେ। ନୟାଗଡ଼ ଜିଲା ନବନିର୍ମାଣ ଚାଷୀ ସଙ୍ଗଠନର ଜିଲା ସଂଯୋଜକ ମମତା ନାଥ ଓ ରଣଜିତ୍ ଦଳବେହେରା, କୃଷକ ନେତା ସନ୍ତୋଷ ପ୍ରଧାନ, ସୌମ୍ୟ ରଞ୍ଜନ ପ୍ରଧାନ ଓ ଭାସ୍କର ଜେନା, ଜଗନ୍ନାଥପ୍ରସାଦ ସରପଞ୍ଚ ଚିତ୍ତରଞ୍ଜନ ପ୍ରଧାନ, ଗାଁ ସଭାପତି ବିରଞ୍ଚି ପ୍ରଧାନଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା ।

## ଜିଲାପାଳଙ୍କୁ ଭେଟିଲେ ୨୧ ସୋସାଇଟିର ଚାଷୀ



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀ।

**ନୟାଗଡ଼ ଅଫିସ,୧୦।୧**

ମଙ୍ଗଳବାର ଜିଲାପାଳଙ୍କୁ ଓଡ଼ଗାଁ ଓ ରଣପୁର ବ୍ଲକର ୨୧ ସୋସାଇଟି ଅଧୀନ ୨୬ ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଭେଟି କଟ୍ନୀଛଟ୍ନୀ ଓ ଧାନକିଣା ବିଳମ୍ବ ଉପରେ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଚାଷୀଙ୍କ ଅଭିଯୋଗ ୮ରୁ ୧୦ କେଜି ଧାନ କଟ୍ନୀଛଟ୍ନୀରେ ରାଜି ନ ହେବାରୁ ମିଲର କିଣୁ ନାହାନ୍ତି। ମିଲର ନ କିଣିଲେ ସମବାୟ ସମ୍ପାଦକ (ସୋସାଇଟି) ସମ୍ପାଦକ ମଧ୍ୟ ଧାନ କିଣୁନାହାନ୍ତି । ଏଣୁ ଚାଷୀମାନେ ଧାନ ବିକ୍ରି କରି ନ ପାରି ହଟହଟା ହେଉଛନ୍ତି । ଗୋଡିପଡ଼ା, ଶରଣକୁଳ ଓ ରଣପୁର ଅଞ୍ଚଳର ଚାଷୀ କମିଟି ପକ୍ଷରୁ ଅନ୍ତର୍ଯାମୀ ସାହୁ, ପଦ୍ମନାଭ ପୃଷ୍ଟି, ଗୋଲଖ ବିହାରୀ ମୁଦୁଲି, କାଳିଆ ମହାପାତ୍ର, ବ୍ରଜ ଭଞ୍ଜ, ପ୍ରଫୁଲ୍ଲ କୁମାର ସାହୁ, ହରିଡ଼ାବନ୍ଧ ପଞ୍ଚାୟତ ସରପଞ୍ଚ ବେଣୁଧର ବିଶ୍ୱାଳ, ଡିମଶର ସମବାୟ ସମିତି ସଭାପତି ଧନେଶ୍ୱର ଜେନା, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ ପ୍ରମୁଖ ଜିଲାପାଳଙ୍କୁ ଭେଟିଥିଲେ। ଜିଲାପାଳ ମିନି କନ୍ଫେରେନ୍ସରେ ଚାଷୀଙ୍କ ଆପତ୍ତି, ଅଭିଯୋଗ ଶୁଣିଥିଲେ । ଏଥିରେ ଗୋଡିପଡ଼ା, କେଶପାନିଆ, ପଞ୍ଚୁପୁ, ଭାଲିଆଡିହି, ଗୋଲଗାଁ, କଜଳାଇପଲ୍ଲୀ, ଶିଖରପୁର, ବଡ଼ଗୋରଡା, ଡିମିଶର, ଚାନ୍ଦପୁର, କନ୍ଧନୂଆଗଡ଼, କେରେଣ୍ଡାଟାଙ୍ଗି, ଗୋପାଳପୁର, କାସନ୍ଦା, ସୁନାଖଳା, ଶରଣକୂଳ, ପଞ୍ଚରିଡା, ମାନପୁର, ସୁର୍କାବାଡ଼ି, ଡମସାହି ଓ ରଙ୍ଗଦେଉଳି ସୋସାଇଟିର ଚାଷୀମାନେ ଅଂଶ ଗ୍ରହଣ କରିଥିଲେ ।

## ରାମଚନ୍ଦ୍ର ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

**ଦଶପଲ୍ଲା,୧୦।୧(ଡି.ଏନ.ଏ.)**

ମଙ୍ଗଳବାର ମଧ୍ୟଖଣ୍ଡ ନୋଡାଲ ହାଇସ୍କୁଲରେ ରାମଚନ୍ଦ୍ର ପଣ୍ଡାଙ୍କ ଶ୍ରାଦ୍ଧ ଦିବସ ତଥା ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟରେ ରାମଚନ୍ଦ୍ର ପଣ୍ଡା ମେମୋରିଆଲ ଟ୍ରଷ୍ଟର ସଭାପତି ଜଗନ୍ନାଥ ପରିଡ଼ା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ନାଟ୍ୟ ଭୂଷଣ ଡ. ବିଜୟ କୁମାର ଚୌଧୁରୀ, ମୁଖ୍ୟବକ୍ତା ଭାବେ ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ବଳିଆରସିଂ, ସମ୍ମାନୀତ ଅତିଥି ରୂପେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ଏବଂ ପରିବେଶବିତ୍ ପ୍ରଶନ୍ନ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ , ସଙ୍ଗୀତଜ୍ଞ ଶରତ କୁମାର ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ବହୁ ପୁରାତନ ଛାତ୍ର ଯୋଗଦେଇଥିଲେ । ଶରତ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ। ସରୋଜ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ତାର ଚୋରି ବେଳେ ଚୋର ଜୀବନ୍ତ ଦଗ୍ଧ

**ବିଦ୍ୟୁତ୍ ଖୁଣ୍ଟରେ ଗାମୁଛା ବାନ୍ଧି କାଟୁଥିଲେ ତାର**

**ନୟାଗଡ଼ ଅଫିସ,୧୦।୧**

ନୟାଗଡ଼ ଜିଲା ଇଟାମାଟି ଥାନା ଡେଙ୍ଗେରାଗୋଡ଼ି ନିକଟ ୩୩ କେଭି ଲାଇନରେ ଜଣେ ତାର ଚୋରଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ସୋମବାର ଜଣାପଡିନଥିଲେହେଁ ମଙ୍ଗଳବାର ଜଣାପଡିଛି । ମୃତକ ହେଲେ ଦିଲ୍ଲୀପ ସିଠ(୩୫) । ଘର କଟକ ଜିଲା ନରସିଂହପୁର ଥାନା ଜଗନ୍ନାଥପ୍ରସାଦ ଗାଁରେ । ସେ ନିରଞ୍ଜନ ସିଠଙ୍କ ପୁଅ ବୋଲି ଜଣାପଡିଛି । ହେଲେ ତାଙ୍କ ପରିଚୟ ଜଣାପଡିନି। ଇଟାମାଟି ଥାନା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ମୃତ ଯୁବକ ରବିବାର ରାତିରେ ଡେଙ୍ଗେରାଗୋଡି ନିକଟ ୩୩ କେଭି ଲାଇନକୁ କାଟି ତାର ଚୋରି କରୁଥିଲେ। ସେ ନିଜକୁ ଏକ ଗାମୁଛାରେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଥିବା ସମୟରେ ଏହି ଦୁଃଖଦ ଘଟଣା ଘଟିଥିବା ଅନୁମାନ କରାଯାଉଛି । ଏହି ଘଟଣାରେ ଅନ୍ୟମାନେ ସମ୍ପୃକ୍ତ ଥିଲେ। ହେଲେ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁପରେ ଅନ୍ୟମାନେ ଫେରାର ହୋଇଯାଇଥିବା ପୋଲିସ ତଦନ୍ତରୁ ଜାଣିପାରିଛି । ଖୋର୍ଦ୍ଧା ଜିଲା ବୋଲଗଡ଼ ବିଦ୍ୟୁତ୍ ସେକ୍ସନର ସହକାରୀ ମ୍ୟାନେଜର ବିଭୁ ଭୂଷଣ ବଳିଆରସିଂହଙ୍କ ଅଭିଯୋଗକ୍ରମେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଏ ନେଇ ଏକ ମାମଲା (ନଂ.୧/୨୩) ରୁଜୁ ହୋଇଛି ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅମ୍ରିତା



@ ବିଶ୍ୱପ୍ରକାଶ



@ ଅନିତା



@ ସୁପ୍ରିୟା



@ ଚିନ୍ମୟ



@ ଦୀପକ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିକ୍ଷକ ସଂଘ ଟିମ୍ ଚାମ୍ପିୟନ

**ନୂଆଗାଁ,୧୦।୧ (ଡି.ଏନ.ଏ.)**

ଓଡ଼ିଶାରେ ଆୟୋଜିତ ହକି ବିଶ୍ୱ କପ୍-୨୦୨୩କୁ ସ୍ୱାଗତ କରିବା ପାଇଁ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ତରଫରୁ ସ୍ଥାନୀୟ କଲେଜ ସମ୍ମୁଖ ପଡ଼ିଆରେ ମଙ୍ଗଳବାର ଏକ ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୂଆଗାଁ ବ୍ଲକ ଶିକ୍ଷକ ସଂଘ ଟିମ୍ ଚମ୍ପିୟନ ହୋଇଛି । ପ୍ରଥମ ମ୍ୟାଚରେ ସାମ୍ବାଦିକ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୩ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା । ଜବାବରେ ପ୍ରତିପକ୍ଷ ବ୍ଲକ ପ୍ରଶାସନ ଟିମ ୮ ଓଭରରେ ୪ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରି ଫାଇନାଲ ମ୍ୟାଚ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା । ଦ୍ୱିତୀୟ ମ୍ୟାଚରେ ପଞ୍ଚାୟତିରାଜ ଜନ ପ୍ରତିନିଧି ଟିମ୍ ୧୦ ଓଭରରେ ୨ ଉଇକେଟ ହରାଇ ୧୩୧ ରନ ସଂଗ୍ରହ କରିଥିବା ବେଳେ ଜବାବ୍‌ରେ ଶିକ୍ଷକ ସଂଘ ଦଳ ୮ ଓଭର ସୁଦ୍ଧା କୌଣସି ଉଇକେଟ ନ ହରାଇ ୧୩୫ ରନ ସଂଗ୍ରହ କରି ଫାଇନାଲରେ ପ୍ରବେଶ କରିଥିଲା । ଶେଷରେ ବ୍ଲକ ପ୍ରଶାସନ ଟିମ୍ ଓ ଶିକ୍ଷକ ସଂଘ ଟିମ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷକ ସଂଘ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୬ ଉଇକେଟ ବିନିମୟରେ ୧୫୪ ରନ ସଂଗ୍ରହ କରିଥିବା ବେଳେ ବ୍ଲକ ପ୍ରଶାସନ ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ବିନିମୟରେ ୬୬ ରନ ସଂଗ୍ରହ କରି ଶିକ୍ଷକ ସଂଘ ଟିମ୍‌ଠାରୁ ପରାସ୍ତ ହୋଇଥିଲା । ଶିକ୍ଷକ ସଂଘ ଟିମ୍ ଚମ୍ପିୟନ ଟ୍ରଫି ଗ୍ରହଣ କରିଛି। ଏହି ମ୍ୟାଚରେ ରାମାନୁଜ ପରିଡା ଓ ସୁଶାନ୍ତ କୁମାର ପ୍ରଧାନ ଅମ୍ପିୟାର ଭାବେ ଖେଳ ପରିଚାଳନା କରିଥିଲେ । ଉକ୍ତ ଟୁର୍ନାମେଣ୍ଟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।



ଶିକ୍ଷକ ସଂଘ ଟିମ୍ ଚମ୍ପିୟନ ଟ୍ରଫି ଗ୍ରହଣ କରୁଛନ୍ତି ।

**ହକି ବିଶ୍ୱକପ୍ ପାଇଁ ବ୍ଲକ୍ ତରଫରୁ କ୍ରିକେଟ୍ ମ୍ୟାଚ୍**

## ଫେବୃୟାରୀ ୧ରୁ ନୀଳମାଧବଙ୍କ ମାଘମେଳା

**ଖଣ୍ଡପଡ଼ା,୧୦।୧(ସ୍ୱ.ପ୍ର.)**

କଣ୍ଟିଲୋର ଶ୍ରୀନୀଳମାଧବଙ୍କ ଭୌମୀ ଏକାଦଶୀ ତଥା ମାଘମେଳା ଆସନ୍ତା ଫେବୃୟାରୀ ୧ରୁ ଆରମ୍ଭ ହେବ । ଏହି ଉପଲକ୍ଷେ ପ୍ରସ୍ତୁତି ବୈଠକ ମଙ୍ଗଳବାର ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ଉପଜିଲାପାଳ ଶକ୍ତିକାନ୍ତ ରାୟ ଅଧ୍ୟକ୍ଷତା କରିଥିଲେ । ଏହି ମେଳା ଫେବୃୟାରୀ ୧ରୁ ଆରମ୍ଭ ହୋଇ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷ ଏହି ମେଳାକୁ ସରସ ସୁନ୍ଦର କରିବା ପାଇଁ ସମସ୍ତଙ୍କ ପରାମର୍ଶ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ରାୟ କହିଥିଲେ । ଖଣ୍ଡପଡ଼ା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ତହସିଲଦାର ପାର୍ଥ ସାରଥୀ ହାଁସଦା ଯୋଗଦେଇ ମାଘ ମେଳାର ରୂପରେଖ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ମେଳା ଆରମ୍ଭରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର କରାଯାଇଛି । ଏଥିପାଇଁ ଜନ ପ୍ରତିନିଧିଙ୍କ ସହିତ ବିଭିନ୍ନ ବିଭାଗର ସହଯୋଗ କାମନା କରାଯାଇଥିଲା । ମେଳାର ଶେଷ ପର୍ଯ୍ୟାୟରେ ଅର୍ଥାତ୍ ଫେବୃୟାରୀ ୯ରୁ ୧୮ ତାରିଖ ପର୍ଯ୍ୟନ୍ତ ୨ଟି ଅପେରା ପାର୍ଟି ମେଳା ପଡିଆରେ ଯାତ୍ରା ପରିବେଷଣ କରିବେ ।

ଉକ୍ତ ବୈଠକରେ କଣ୍ଟିଲେ ଦେବୋତ୍ତର ମ୍ୟାନେଜର ହରିହର ଦାଶ ୨୦୨୦ ମେଳାର ଆୟବ୍ୟୟର ସୂଚନା ଦେଇଥିଲେ। ଚଳିତ ବର୍ଷ ମେଳାରେ ବ୍ୟବସାୟ ପ୍ରତିଷ୍ଠାନ ପାଇଁ ଜାଗା ଦର ଫୁଟ ପ୍ରତି ୨ଶହ ଟଙ୍କା ଧାର୍ଯ୍ୟ କରାଯାଇଛି । ମେଳା ପରିଚାଳନା ପାଇଁ ପୂର୍ବର ମେଳା କମିଟିର ସଦସ୍ୟମାନଙ୍କ ନାମ ପ୍ରକାଶ କରାଯାଇଥିବା ବେଳେ ଏହି କମିଟିର ସଦସ୍ୟ ଭାବେ ବ୍ଲକ୍ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, କଣ୍ଟିଲୋ ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା, ବ୍ଲକ୍ ବିଜେଡି ସଭାପତି ସୁଶାନ୍ତ କୁମାର ମିଶ୍ର ଏବଂ ବାଣପୁର, ସିଧାମୂଳା, ବେଣାଗାଡିଆ, ପଥରଚକଡା ଓ ଧାନଚେଙ୍ଗଡା ସରପଞ୍ଚଙ୍କ ନାମ ସଂଯୋଗ କରାଯାଇଛି। ପରବର୍ତ୍ତୀ ବୈଠକ ଆସନ୍ତା ୧୭ରେ କଣ୍ଟିଲୋଠାରେ ଅନୁଷ୍ଠିତ ହୋଇ ଅଧିକ ସଭ୍ୟ ଚୟନ କରାଯିବ ବୋଲି ଉପଜିଲାପାଳ ରାୟ କହିଥିଲେ ।

ବୈଠକରେ ବିଧାୟକଙ୍କ ପ୍ରତିନିଧି ସୁଶାନ୍ତ କୁମାର ମିଶ୍ର, ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ସହକାରୀ ବିଡିଓ ସୁବାସ ଚନ୍ଦ୍ର ସେଠୀ, ଅଗ୍ନିଶମ ଅଧିକାରୀ ଅଜୟ କୁମାର ପାଇକରାୟ, କଣ୍ଟିଲୋ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ପୂଜକ ସମାଜ ସଭାପତି ନିହାର ରଞ୍ଜନ ମିଶ୍ର, ସମ୍ପାଦକ ମନୋଜ କୁମାର ମିଶ୍ର, ଖବରଦାତା ପ୍ରଭାକର ଶିରୋମଣୀ ପ୍ରମୁଖ ଉପସ୍ଥିତ ଥିଲେ । ଅପରପକ୍ଷେ ଅପେରା କମିଟି ପକ୍ଷରୁ ପ୍ରମୋଦ କୁମାର ଦଳେଇ ଓ ନବ କିଶୋର ବେହେରା କାର୍ଯ୍ୟକ୍ରମରେ ଯୋଗଦେଇ ଯାତ୍ରା ପାର୍ଟି ସମ୍ପର୍କୀତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ଉପଜିଲାପାଳ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।



ମାଘମେଳା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକ।



ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ହକି ବିଶ୍ୱକପ୍ ଆୟୋଜନ କରାଯାଇଥିବାରୁ ସେଠାକାର ହକିପ୍ରେମୀ ଏବଂ ଯୁବଗୋଷ୍ଠୀ ମଙ୍ଗଳବାର ଭୁବନେଶ୍ୱର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ଐତିହ୍ୟ ସହର କଟକକୁ ବିଶ୍ୱକପ୍ ହକି ଆୟୋଜନରେ ସିଧାସଳଖ ଯୋଡ଼ିଥିବାରୁ କଟକର କ୍ରୀଡ଼ାପ୍ରେମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଙ୍ଗଳବାର ନବୀନ ନିବାସରେ ସାକ୍ଷାତ କରି ଧନ୍ୟବାଦ ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ବ ଫଳେ ନେନ୍ଥା ନେନ୍ଥା**
**କୟାଁ ଫଳେ ବଙ୍କା**
**ପୁଅ ଯାଇଥିଲା କଲିକତା**
**ଆଣିଛି ମୁଠାଏ ଟଙ୍କା।**

ପିଲା ଯେବେ ନିଜ ଗୋଡ଼ରେ ଛିଡା ହୋଇଯାଏ ସେତେବେଳେ ବାପା ମା'ଙ୍କ ମନ ଖୁସିରେ ଦ୍ୱିଗୁଣିତ ହୋଇଯାଏ। ଭଲ ରୋଜଗାର କରି ଚଳୁଥିବାର ଦେଖିଲେ ମନ କୁଣ୍ଢେମୋଟ ହୋଇଯାଏ। ଏପରିସ୍ଥଳେ ବିଦେଶରେ ରହି ଧନ ଉପାର୍ଜନ କରୁଥିବା ପୁଅର ପାରିବାରପଣିଆକୁ ନେଇ ଅନ୍ୟ ଆଗରେ କହି ବୁଲି ଗର୍ବ କରି ବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆରେ ଅଜା**
**ମୁଢ଼ି କି ନଡ଼ିଆ କେଡ଼େ ମଜା।**

ମୁଢ଼ି ଓ ନଡ଼ିଆର ମିଶ୍ରଣ ପାଟିକୁ ଖୁବ୍ ସୁଆଦିଆ ଲାଗିଥାଏ। ସାଧାରଣତଃ ବୟସ ଅଧିକ ହୋଇଗଲେ ଦାନ୍ତ ଝଡ଼ି ଯାଇଥାଏ। ମୁଢ଼ି ନଡ଼ିଆ ଚୋବେଇବା ପାଇଁ ଦାନ୍ତର ଆବଶ୍ୟକତା ରହିଥାଏ। ଦାନ୍ତ ନ ଥିଲେ ମୁଢ଼ି ନଡ଼ିଆ ଚୋବେଇବା ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ରାଉରକେଲାରୁ ସାଇକେଲ ରାଲିରେ ଆସି ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଲେ ଧନ୍ୟବାଦ

**ରାଉରକେଲା, ଭୁବନେଶ୍ୱରରେ ହକି ବିଶ୍ୱକପ୍ ଆୟୋଜନ**

- **କଟକ ଶାନ୍ତି କମିଟି ସଦସ୍ୟ ବି ଭେଟି କୃତଜ୍ଞତା ପ୍ରକାଶ କଲେ**
- **ସମସ୍ତଙ୍କ ସହଯୋଗ ଲୋଡ଼ିଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ସାରା ରାଜ୍ୟରେ ଏବେ ହକିର ମାହୋଲ। ପୁରପଲ୍ଲୀ, ସହର ବଜାର ସବୁଆଡ଼େ ଏବେ ହକିକୁ ନେଇ ଚର୍ଚ୍ଚା ଚାଲିଛି। କଟକରୁ ଆରମ୍ଭକରି ସୁନ୍ଦରଗଡ଼ ସମେତ ଅନ୍ୟ ସବୁଆଡ଼େ ଉତ୍ସବ ଚାଲିଛି। ଏଥର ପ୍ରଥମ ଥର ପାଇଁ ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ରେ ହକି ବିଶ୍ୱକପ୍ ଆୟୋଜନ ହେଉଛି। ଏହାସହ ରାଉରକେଲାରେ ବିଶ୍ୱର ବୃହତ୍ତମ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ମଧ୍ୟ ନିର୍ମାଣ କରାଯାଇଛି। ସେଠାରେ ବିଶ୍ୱକପ୍ ହକିର ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ। ତେଣୁ ପୂରା ସୁନ୍ଦରଗଡ଼ ଜିଲାରେ ବିପୁଳ ଉତ୍ସାହ ଦେଖାଦେଇଛି। ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଚଳିତ ଥର ବିଶ୍ୱକପ୍ ଆୟୋଜନ କରାଯାଉଥିବାରୁ ସାରା ସୁନ୍ଦରଗଡ଼ ଉତ୍ସବମୁଖର ହୋଇଉଠିଛି। ସମସ୍ତେ ବିଶେଷ କରି ଯୁବସମାଜ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦେଇଛି। ବିଶ୍ୱକପ୍ ଆୟୋଜନ ପାଇଁ ଧନ୍ୟବାଦ ଜଣାଇବା ଲାଗି ମଙ୍ଗଳବାର ଶହ ଶହ ଯୁବକ ସାଇକେଲ ଯୋଗେ ଭୁବନେଶ୍ୱର ଆସି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ସୁନ୍ଦରଗଡ଼ ଜିଲାର ପ୍ରାୟ ୧୫୦ଜଣ ସାଇକେଲ ଶୋଭାଯାତ୍ରାରେ ଆସି ଭୁବନେଶ୍ୱରଠାରେ ପହଞ୍ଚିବା ପରେ ସେମାନଙ୍କୁ ବିଧାୟକ ଏବଂ ମେୟର ସ୍ୱାଗତ ଜଣାଇଛନ୍ତି। ଏହାସହ ସୁନ୍ଦରଗଡ଼ ଜିଲାରୁ ମଧ୍ୟ ଅନେକ ନେତା ଓ କର୍ମୀ ବାଜା ବଜାଇ ନାଚ ଗୀତ କରି ଆସି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କର ଏହି ଉଦ୍ୟମ ପାଇଁ ଧନ୍ୟବାଦ ଜଣାଇବା ସହ ରାଉରକେଲାରେ ବିଶ୍ୱକପ୍‌ର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ସେହିପରି ବୁଧବାର କଟକରେ ହକି ବିଶ୍ୱକପ୍‌ର ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ। ଐତିହ୍ୟ ସହର କଟକକୁ ବିଶ୍ୱକପ୍ ହକି ଆୟୋଜନରେ ସିଧାସଳଖ ଯୋଡ଼ିଥିବାରୁ ପୂର୍ବତନ ବିଧାୟକ ତଥା କଟକ ନଗର ଶାନ୍ତି କମିଟିର ଅଧ୍ୟକ୍ଷ ପ୍ରଭାତ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱକପ୍ ହକି ଉଦ୍‌ଘାଟନୀ ସମାରୋହ ସଫଳ ଭାବେ ଆୟୋଜନ ପାଇଁ ମୁଖ୍ୟମନ୍ତ୍ରୀ କଟକ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି। ସେମାନଙ୍କ ସହିତ ପୂର୍ବତନ ମନ୍ତ୍ରୀ ବିଧାୟକ ପ୍ରତାପ ଜେନା ଓ ରଘୁନାଥପଲ୍ଲୀ ବିଧାୟକ ସୁବ୍ରତ ତରାଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ କଂସ ମହାରାଜ ହୃଷୀକେଶ ଭୋଇ ମଧ୍ୟ ନବୀନ ନିବାସ ଆସି ଓଡ଼ିଶାରେ ଆୟୋଜିତ ହେଉଥିବା ହକି ବିଶ୍ୱକପ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ହକି ଷ୍ଟାଡିୟମରେ ଅଘଟଣ**

ରାଉରକେଲା ଅଫିସ,୧୦।୧

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ମଙ୍ଗଳବାର ବିଦ୍ୟୁତ ସଂସ୍ପର୍ଶରେ ଆସ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପାଳ ତିର୍କି(୨୨)। ଛେଣ୍ଡ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଟୋଲା ବସ୍ତିରେ ଗୋପାଳ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ବିଦ୍ୟୁତ୍ କାମ କରନ୍ତି। ମଙ୍ଗଳବାର ପୂର୍ବାହ୍ନ ସାଢେ ୧୨ଟାରେ ଗୋପାଳ ଷ୍ଟାଡିୟମ ଲାଇଟ୍ ଲଗାଉଥିବା ବେଳେ ହଠାତ୍ ବିଦ୍ୟୁତ ସଂସ୍ପର୍ଶରେ ଆସିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ସୁରେଶ ତିର୍କି ଛେଣ୍ଡ ଥାନାରେ ଅଭିଯୋଗ କରିବା ସହ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ।

# ଟ୍ରକ୍ ଧକ୍କାରେ ମହିଳା ଗୃହରକ୍ଷୀ ମୃତ

ରାଉରକେଲା ଅଫିସ,୧୦।୧

ରାଉରକେଲା ଉଦିତନଗର ଥାନା ଅନ୍ତର୍ଗତ ହନୁମାନ ବାଟିକା ଛକରେ ମଙ୍ଗଳବାର ଏକ ଟ୍ରକ୍ ଧକ୍କାରେ ଜଣେ ମହିଳା ଗୃହରକ୍ଷୀଙ୍କ ମୃତ୍ୟୁ ହୋଇଛି। ମୃତ ଗୃହରକ୍ଷୀ ହେଲେ ଜୋହାନୀ ତିର୍କୀ(୩୬)। ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି କରିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରିନାହିଁ। ଅନ୍ୟପକ୍ଷେ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଚାଳକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜେନ୍ଦ୍ର ଯାଦବ। ପୋଲିସ ଏ ନେଇ ଏକ ମାମଲା (ନଂ.୮।୨୩) ରୁଜୁ କରିଛି।

ସୂଚନା ଅନୁସାରେ, ବନ୍ଧମୁଣ୍ଡା ସେକ୍ଟର 'ଡି' କ୍ୟାବିନ କୁମ୍ଭାରପଡା ଅଞ୍ଚଳର ଜୋହାନୀ ଉଦିତନଗର ଥାନାରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରନ୍ତି। ମଙ୍ଗଳବାର ସକାଳ ୬ଟାରେ ବିର୍ସାମୁଣ୍ଡା ହକି ଷ୍ଟାଡିୟମ ଗେଟ୍ ନଂ-୬ରେ ଡ୍ୟୁଟି କରିବା ପାଇଁ ଯାଇଥିବାବେଳେ ଉଦିତନଗର ହନୁମାନ ବାଟିକା ଛକରେ ଏକ ଟ୍ରକ୍ (ନଂ.ଓଆର୦୨କେ/୩୨୪୯) ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ହୀରାକୁଦ ଜଳଭଣ୍ଡାରରେ ବିଦେଶାଗତ ପକ୍ଷୀ ସଂଖ୍ୟା ବୃଦ୍ଧି

## ୩ ଲକ୍ଷ ୧୬ ହଜାର ପକ୍ଷୀଙ୍କ ସମାଗମ

### ଗଣନାରେ ସାମିଲ ଥିଲେ ୬୦ ପକ୍ଷୀ ବିଶେଷଜ୍ଞ

ସମ୍ବଲପୁର,୧୦।୧(ବ୍ୟୁରୋ)

ସମ୍ବଲପୁରର ହୀରାକୁଦ ଜଳଭଣ୍ଡାରରେ ହୋଇଥିବା ଦିନିକିଆ ବିଦେଶୀ ପକ୍ଷୀ ଗଣନା ରିପୋର୍ଟ ବନ ବିଭାଗ ପକ୍ଷରୁ ମଙ୍ଗଳବାର ପ୍ରକାଶ ପାଇଛି। ଚଳିତବର୍ଷ ରେକର୍ଡ ସଂଖ୍ୟକ ଅର୍ଥାତ୍ ପୂର୍ବବର୍ଷ ଅପେକ୍ଷା ୧ଲକ୍ଷରୁ ଅଧିକ ପକ୍ଷୀ ଆସିଥିବା ରିପୋର୍ଟରୁ ଜଣାପଡିଛି। ଗତବର୍ଷ ୧୦୪ ପ୍ରଜାତିର ୨ଲକ୍ଷ ୮ ହଜାର ୬୩୪ ପକ୍ଷୀ ଆସିଥିବାବେଳେ ଚଳିତବର୍ଷ ୧୦୮ ପ୍ରଜାତିର ୩ ଲକ୍ଷ ୧୬ ହଜାର ୬୭୬ ପକ୍ଷୀଙ୍କ ସମାଗମ ହୋଇଥିବା ହୀରାକୁଦ ବନ୍ୟପ୍ରାଣୀ ବିଭାଗ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ ସୂଚନା ଦେଇଛନ୍ତି।

ଚଳିତବର୍ଷ ହୀରାକୁଦ ଜଳଭଣ୍ଡାରରେ ବାର୍ଡ ଟ୍ୱଏଲେଟ, ପିଅଡ ହେରିଅର, କରଲିଡ ସନଡିପର, କଟନ ପାଇଜାମି ଗୋସ, କ୍ୟାସପିଆ ଟ୍ରିନ, ବ୍ଲୁ ଟେଲେଡ ବି-ଇଟର, କ୍ରେଷ୍ଟେଡ ସେପଟ୍ରେନ ଇଗଲ, ଓଲି ନେକେଡ ଷ୍ଟର୍କ, ୟେଲୋ ବିଲ୍ଡ ଡକ୍, ପାଇନାଟ ଷ୍ଟକ ପ୍ରଜାତିର ପକ୍ଷୀଙ୍କୁ ନୂତନ ଭାବେ ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଡକ୍ ପ୍ରଜାତିର ରେଡ୍ କ୍ରେଷ୍ଟେଟ ପୋଚାର୍ଡ, ଟୁଫେଡ୍ ଡକ୍, ବ୍ରାମିନି ଡକ୍, ନର୍ଦ୍ଦନ ପିନ୍‌ଷ୍ଟେଲ, ୟୁରୋଏସିଆନ, ଏସିଆନ ୱିଗନ, ଏସିଆନ ଓପନବିଲ, ଗ୍ରେ ହୀରୋନ, ପର୍ପଲ ହିରୋଜେନ, କେଟେଲ ଗ୍ରେଡ୍ ଆଦି ପକ୍ଷୀଙ୍କ ସମାଗମ ହୋଇଥିଲା। ସମ୍ବଲପୁର ସମେତ ବରଗଡ ଓ ଝାରସୁଗୁଡ଼ା ଜିଲା ପଟରୁ ମଧ୍ୟ ପକ୍ଷୀ ଗଣନାକାରୀ ଟିମ୍ ଜଳଭଣ୍ଡାରକୁ ପ୍ରବେଶ କରିଥିଲେ। ରବିବାର ସକାଳ ୬ଟାରେ ୩୫ ଡଙ୍ଗାରେ ବନ ବିଭାଗ କର୍ମଚାରୀଙ୍କ ସହ ୬୦ ଜଣ ବିଶେଷଜ୍ଞ ପକ୍ଷୀ ଗଣନାରେ ସାମିଲ ହୋଇଥିଲେ। ଏଥିପାଇଁ ୩୦ ଟିମ୍ ଗଠନ କରାଯାଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତ ଟିମ୍ ଗଣନା ସାରି କୂଳକୁ ଫେରିଆସିଥିଲେ। ସୂଚନାଯୋଗ୍ୟ, ୨୦୨୨ରେ ୧୦୪ ପ୍ରଜାତିର ୨ ଲକ୍ଷ ୮ ହଜାର, ୨୦୨୧ରେ ୮୬ ପ୍ରଜାତିର ୧ ଲକ୍ଷ ୨୪ ହଜାର, ୨୦୨୦ରେ ୮୨ ପ୍ରଜାତିର ୧ ଲକ୍ଷ ୩୪ ହଜାର ପକ୍ଷୀ ଜଳଭଣ୍ଡାରକୁ ଆସିଥିବା ବନ ବିଭାଗ ରିପୋର୍ଟରୁ ଜଣାପଡିଛି। ପ୍ରତିବର୍ଷ ଶୀତଋତୁରେ ହୀରାକୁଦ ଜଳଭଣ୍ଡାରକୁ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥାଏ।



ହୀରାକୁଦ ଜଳଭଣ୍ଡାରକୁ ଆସିଥିବା ବିଦେଶୀ ପକ୍ଷୀ।

# ପୋଲିସ କହୁଛି ଆତ୍ମହତ୍ୟା, ଦଳିତ ସଂଘର ଆନ୍ଦୋଳନ ଚେତାବନୀ

## ଈଶ୍ୱର ସେଠୀ ହାଜତ ମୃତ୍ୟୁ ମାମଲା

ଚଣ୍ଡିଖୋଲ,୧୦।୧(ଡି.ଏନ୍.ଏ.)

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଫାଣ୍ଡି ହାଜତରେ କଟକ ଜିଲା ମାହାଙ୍ଗା ଥାନା ଅଧୀନ ସିନ୍ଧୁପୁର ଗ୍ରାମର ଯୁବକ ଈଶ୍ୱର ସେଠୀଙ୍କ ମୃତ୍ୟୁକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏହି ଘଟଣାରେ ଯାଜପୁର ଏସ୍‌ପି ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଥିବାବେଳେ ସେଦିନ ଧାନମଣ୍ଡଳ ଫାଣ୍ଡିରେ ସେଣ୍ଟ୍ରି ଦାୟିତ୍ୱରେ ଥିବା କନଷ୍ଟେବଲ ଦେବେନ୍ଦ୍ର ସାହୁଙ୍କୁ ନିଲମ୍ବନ କରାଯାଇଛି। ଘଟଣାରେ ମୃତ ଈଶ୍ୱରଙ୍କ ବାପାଙ୍କ ଏତଲା ଭିତ୍ତିରେ ପୋଲିସ ବଡ଼ଚଣା ଥାନାରେ ନଂ.୭/୨୩ରେ ଏକ ମାମଲା ରୁଜୁ କରିଥିବା ବେଳେ ତଦନ୍ତ ଦାୟିତ୍ୱ ଡିଏସ୍‌ପି ପ୍ରମୋଦ କୁମାର ମଲ୍ଲିକଙ୍କୁ ଦିଆଯାଇଛି।



ଈଶ୍ୱର ସେଠୀ

ଏ ସମ୍ପର୍କରେ ଡିଏସ୍‌ପି ମଲ୍ଲିକ କହିଛନ୍ତି, ଈଶ୍ୱର ସେଠୀ ହାଜତ୍‌ରେ ଥିବାବେଳେ କେବଳ ଫାଣ୍ଡିରେ ଜଣେ କନଷ୍ଟେବଲ ସାହୁ ସେଣ୍ଟ୍ରି ଦାୟିତ୍ୱରେ ଥିଲେ। ସେ ହାଜତ ମଧ୍ୟରେ ଥିବା ଏକ ପାଇଖାନା ଉପରକୁ ଚଢ଼ିଯାଇ ଫ୍ୟାନ୍‌ରେ ଲାଗିଥିବା ତାରକୁ ଛିଣ୍ଡାଇ ବେକରେ ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେତେବେଳେ ସେଣ୍ଟ୍ରି ଜଣକ ଫାଣ୍ଡି ଛାଡ଼ି ବାହାରକୁ ଯାଇଥିଲେ, ଯେଉଁଥିପାଇଁ ଯୁବକ ଜଣକ ଆତ୍ମହତ୍ୟା କରିବାର ସୁଯୋଗ ପାଇଲେ। ତଦନ୍ତ ବେଳେ ଜାଣିବାକୁ ପାଇଲୁ ଯେ, ସେଠାରେ ଯୁବକଙ୍କ ମୃତ୍ୟୁ ହୋଇ ନ ଥିଲା। ତାଙ୍କୁ ପ୍ରଥମେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଅନ୍ୟପକ୍ଷରେ ଏହାକୁ ନେଇ ଆମ୍ବେଡକର ଲୋହିଆ ମଞ୍ଚ ସଭାପତି ମନୋରଞ୍ଜନ ଜେନା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ହାଜତ ଭିତରେ ପାଇଖାନା କେଉଁଠୁ ଆସିଲା ଓ ବିଦ୍ୟୁତ୍ ତାର କେଉଁଠୁ ଆସିଲା ଏବଂ କିପରି ସେ ଆତ୍ମହତ୍ୟା ଉଦ୍ୟମ କରିପାରିଲେ। ଏଥିନେଇ ପୋଲିସ ସମ୍ପୂର୍ଣ୍ଣ କଥା ଖୁଲାସା କରୁ। ପୋଲିସ ତାଙ୍କୁ ଗିରଫ କରି ହାଜତ ଭିତରେ ରଖିଥିଲା। ତେଣୁ ଫାଣ୍ଡିରେ ସମସ୍ତେ ଥିବାବେଳେ ସନ୍ଧ୍ୟା ୫ଟାରେ କିପରି ଈଶ୍ୱର ଆତ୍ମହତ୍ୟା ଉଦ୍ୟମ କରିପାରିଲେ। ଏହାକୁ ନେଇ ପୋଲିସ ମନଗଢା କାହାଣୀ ନ କହୁ। ଏସମ୍ପର୍କରେ ଆମେ ଯାଜପୁର ଏସ୍‌ପିଙ୍କୁ ଦାବିପତ୍ର ଦେଇଛୁ। ମୃତ ଈଶ୍ୱରଙ୍କ ବାପା ଏତଲାରେ ଉଲ୍ଲେଖ କରିଛନ୍ତି, ତାଙ୍କ ପୁଅକୁ ପୋଲିସ ପିଟି ମାରି ଦେଇଛି। ଯଦି ପ୍ରକୃତ ତଦନ୍ତ ହୋଇ ଉଚିତ୍ ନ୍ୟାୟ ନ ମିଳେ ତେବେ ଆଗାମୀ ଦିନରେ ଆନ୍ଦୋଳନ ବ୍ୟାପକ କରାଯିବ ବୋଲି ମଞ୍ଚ ସଭାପତି ଜେନା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୪ ତାରିଖରେ ଈଶ୍ୱରଙ୍କ ମୃତ୍ୟୁ ହୋଇଥିଲା।

ପ୍ରଥମ ପୃଷ୍ଠାରୁ...

## ଖୋଲିଲା ଓଲି...

ଆଲୋକରେ ସୁସଜ୍ଜିତ କରାଯାଇଛି। ଏହା ଭିତରେ ସମସ୍ତଙ୍କ ଆକର୍ଷଣ ସାଜୁଛି, ହକି ବିଶ୍ୱକପ୍‌ର ବାର୍ତ୍ତା ଦେଉଛି ଚଳନ୍ତି ଓଲି। ଅପରାହ୍ନରୁ ଓଲି ରାଇଜକୁ ଲୋକଙ୍କ ଆଗମନ ଆରମ୍ଭ ହୋଇଥିଲା। ଓଲି ସହ ମିଶିବାର ସୁଯୋଗ ପାଇଥିଲେ ଲୋକେ। ଏଥିସହ ଆଖି ଖୋସି ହୋଇଗଲା ଭଳି ଆଲୋକ ଓ ସମସ୍ତ ସାଜସଜ୍ଜାକୁ ଦେଖି ସେମାନେ ଖୁବ୍ ପ୍ରଶଂସା କରିଥିଲେ। ଫ୍ୟାନ୍ସ କର୍ନର, ଓଲି ସହ ସେଲ୍‌ଫିର ମଜା ଉଠାଇଥିଲେ। ସେହିଭଳି ମାହୋଲକୁ ଆହୁରି ଉତ୍ସାହିତ କରିଥିଲା ହକି ସଙ୍ଗୀତ 'ହକି ହେ ଦିଲ୍ ମେରା'। ଗୀତର ତାଳେ ତାଳେ ନୃତ୍ୟ କରିଥିଲେ ଯୁବପିଢ଼ି। ଏହା ସାଙ୍ଗକୁ ଓଲି ସହିତ କିଛି ସମୟ ବିତାଇବାର ମଜା ମଧ୍ୟ ନେଇଥିଲେ। ଆଗକୁ ଓଲି ରାଇଜରେ ସ୍ୱାଦିଷ୍ଟ ଖାଦ୍ୟର ଭରପୂର ମଜା ନେଇ ପାରିବେ ସହରବାସୀ, ଖେଳପ୍ରେମୀ। ଏହାସାଙ୍ଗକୁ ଭରପୂର ମନୋରଞ୍ଜନର ମଧ୍ୟ ଲାଭ ଉଠାଇବେ। ହକି ମ୍ୟାଚ୍ ଦିନଗୁଡିକ କେବଳ ଟିକେଟଧାରୀଙ୍କ ପାଇଁ ଷ୍ଟାଡିୟମ ଖୋଲା ରହିବାକୁ ଥିବାବେଳେ ଅନ୍ୟ ଦିନଗୁଡିକ ଯଥା ଜାନୁୟାରୀ ୧୨, ୧୫, ୧୮, ୨୦, ୨୧, ୨୬ ଓ ୨୮ ତାରିଖରେ ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଲୋକେ ବିନା ମୂଲ୍ୟରେ ଷ୍ଟାଡିୟମ୍ ପରିଦର୍ଶନ କରିବା ସହ ଓଲି ରାଇଜକୁ ବୁଲି ଅନେକ ଅଭୁଲା ଅନୁଭୂତି ସାଉଣ୍ଟିପାରିବେ।

## ହକି ବିଶ୍ୱକପ୍ ଉଦ୍‌ଘାଟନୀ...

ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ତଥା ବେସରକାରୀ ବିଦ୍ୟାଳୟଗୁଡ଼ିକୁ ଛୁଟି ଘୋଷଣା କରିଛନ୍ତି। ସମସ୍ତ ବେସରକାରୀ ତଥା ପବ୍ଲିକ୍ ସ୍କୁଲ (ସେଲ୍‌ଫ ଫାଇନାନ୍ସ)ଗୁଡ଼ିକରେ ମଧ୍ୟ ଏହି ନିର୍ଦ୍ଦେଶନାମା ଲାଗୁ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଅଧାଦିନ ଅର୍ଥାତ୍ ଅପରାହ୍ନ ୩ଟାରୁ ବନ୍ଦ ରହିବ। ଏନେଇ ବିଭାଗ ପକ୍ଷରୁ ବୈଷୟିକ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ସେପଟେ କଟକରେ ଏହି ହକି ବିଶ୍ୱକପ୍ ଉଦ୍‌ଘାଟନୀ ଉତ୍ସବ ହେଉଥିବାରୁ କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟ, ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ ଶିକ୍ଷାନୁଷ୍ଠାନ ଅପରାହ୍ନ ୧ଟା ୩୦ରୁ ବନ୍ଦ ରହିବ। ସେହିପରି ସହରରେ ଥିବା ବ୍ୟାଙ୍କଗୁଡ଼ିକ ମଧ୍ୟ ଏହି ସମୟରେ ବନ୍ଦ ରହିବ। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୀର୍ଘଦିନର ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ଦିଗ୍‌ଦର୍ଶନ କାମ ଦେବ। କୃତ୍ତିକା ନକ୍ଷତ୍ର ସକାଶେ ସମ୍ପର୍କୀୟମାନେ ପାଖ ମାଡ଼ି ନ ପାରନ୍ତି। ଧାରକରଜ କରି କାମ ଚଳାଇ ନେବା ସକାଶେ ଚେଷ୍ଟା କରି ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଏବଂ ପରିବାରରେ ସୁଖ ଶାନ୍ତି ବୃଦ୍ଧି ପାଇଁ ଆଲୋଚନା କରିବେ।

**ବୃଷ** ମୃଗଶିରା ନକ୍ଷତ୍ର ଯେଉଁ କାମକୁ ଆରମ୍ଭ କରିବେ ତାହା ଅବଶ୍ୟ ପୂର୍ଣ୍ଣାଙ୍ଗ ହୋଇଯିବ। ବାଣିଜ୍ୟ, ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ। ଧାତୁ, ଅଳଙ୍କାର କିମ୍ବା ଯାନ୍ତ୍ରିକ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ମିଥୁନ** ଆରଦ୍ରା ନକ୍ଷତ୍ର ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ମଧ୍ୟରେ ଚଳିବାକୁ ବାଧ୍ୟ ହେବେ। ପାରିବାରିକ ସମସ୍ୟା ଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ବ୍ୟବସାୟରେ କ୍ରମଶଃ ସମସ୍ୟା ବଢ଼ି ବଢ଼ି ବଡ଼ ଆକାର ଧାରଣ କରିପାରେ। ଗୃହସଜ୍ଜା, ନିର୍ମାଣ, ଦୋକାନ, ଆଇନ ଅଦାଲତ, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରୁ ସୁଫଳ ପାଇବେ।

**କର୍କଟ** ପୁଷ୍ୟା ନକ୍ଷତ୍ରର ଆକସ୍ମିକ ଉପୁଜିଥିବା ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କୁ ଅନୁରୋଧ କରିବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ନିକଟ ସମ୍ପର୍କୀୟମାନଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପିଲାମାନଙ୍କ ଆଚରଣରୁ ଭାବ ପ୍ରବଣାଜନିତ ଅସନ୍ତୁଷ୍ଟ ରହିବେ।

**ସିଂହ** ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରକୁ ଆର୍ଥିକ ସମସ୍ୟା ସୁଧୁରି ଯିବାରେ ପଡ଼ୋଶୀ ସହାୟତା କରିବେ। କର୍ମକ୍ଷେତ୍ରରେ ସହକର୍ମୀଟି ଆପଣଙ୍କ ଅସୁବିଧାକୁ ବୁଝି ସାହାଯ୍ୟ କରିବା ସକାଶେ ପ୍ରତିଶ୍ରୁତି ଦେଇପାରେ। କର୍ମଜଞ୍ଜାଳ ବୃଦ୍ଧି ହେତୁ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ କଳହ ଲାଗି ରହିବ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ସଭା ସମିତିରେ ସମସ୍ୟା ସମାଧାନ ହେବ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିବାରେ ସମର୍ଥ ହେବେ। ପରିବାରର ଆବଶ୍ୟକତା ବୃଦ୍ଧି ପାଇବା କାରଣରୁ ଆର୍ଥିକ ସଂକଟ ମଧ୍ୟରେ ଗତି କରିବେ।

**ତୁଳା** ସ୍ୱାତୀ ନକ୍ଷତ୍ର ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରଯତ୍ନ କଲେ ଚେଷ୍ଟା କଦାପି ବିଫଳ ହେବନି। ନିର୍ମାଣ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ସାଧାରଣ କଥାରେ ତର୍କ କାରଣରୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେବ। ବନ୍ଧୁମାନେ ଆଗଭଳି ଭଲ ମନୋଭାବ ନ ଥିବା ଅନୁଭବ କରିପାରନ୍ତି।

**ବିଛା** ଶନିଙ୍କ ପ୍ରଭାବରୁ ଅଧିକାଂଶ ସମୟରେ ଡିପ୍ରେସନ ଲାଗି ରହିବ। ଅନୁରାଧା ନକ୍ଷତ୍ର ଉତ୍ସାହ ନ ଥାଇ ପରିସ୍ଥିତିବଶତଃ ଯନ୍ତ୍ରବତ୍ କାମ କରିବାକୁ ବାଧ୍ୟ ହେବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି ଓ ସଂଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ** ପ୍ରତ୍ୟେକ କାମ ସମ୍ପନ୍ନରେ ସଫଳ ହେବେ କିନ୍ତୁ ପ୍ରତିବନ୍ଧକ ପିଛା ଛାଡ଼ିବ ନାହିଁ। ପରିବହନ କ୍ଷେତ୍ରରେ, ଆଲୋଚନା ପରିସରରେ, ସଭାସମିତିରେ ସ୍ଥଗିତ କାମ ପୂରା କରିବେ। ପୂର୍ବଷାଢ଼ା ନକ୍ଷତ୍ର ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବକେୟା ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମକର** ପୂର୍ବ ସ୍ଥିରୀକୃତ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିପାରନ୍ତି। ପରିବାର କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ଶ୍ରବଣା ନକ୍ଷତ୍ର ଆନୁଷ୍ଠାନିକ କାମର, ବ୍ୟବସାୟ ଓ ପରିବହନରୁ ଖୁସି ରହିବେ। ମାଲିମକଦ୍ଦମା, କ୍ରୀଡ଼ା, ପ୍ରେସ୍ ଓ ପବ୍ଲିକେଶନ ତଥା ଆର୍ଥିକ ଦିଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ମାନସିକ ଚାପ ବୃଦ୍ଧି କାରଣରୁ ଅଫିସରେ ସୁବିଧାରେ କାମ ହାସଲ କଷ୍ଟକର ହେବ। ପୂର୍ବଭାଦ୍ରବ ନକ୍ଷତ୍ର ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାର କାରଣ ହୋଇପାରେ। ପରିବାରରେ ବୁଝାମଣା ଠିକ୍ ରହିବା ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରହେବ।

**ମୀନ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମ ସଂପନ୍ନରେ ଅସୁବିଧା ହେବ ନାହିଁ। ରେବତୀ ନକ୍ଷତ୍ରର ପାରସ୍ପରିକ ମତାନ୍ତରଜନିତ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ଅବଶ୍ୟ ମିଳିବ ଓ ବନ୍ଧୁ ମିଳନରୁ ଖୁସି ହେବେ। ଦୋକାନ, ନିର୍ମାଣ, ଯାତ୍ରା, ସଭାସମିତି ପ୍ରଭୃତିରୁ ଆଶାନୁରୂପ ଫଳ ପାଇବେ।

ଆଜି ମାଘ କୃଷ୍ଣ ଚତୁର୍ଥୀ ଯୁକ୍ତ ପଞ୍ଚମୀ ବୁଧବାର, ଜାନୁୟାରୀ ୧୧ ତାରିଖ, ସ୍ୱାଧୀନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ। ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର- ଦିବା ଘ.୧୧.୪୯ମି. ଗତେ, ପୂର୍ବାଫାଲଗୁନୀ/ସିଂହ, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ। ଦିବା ଘ.୦୬.୨୭ମି. ଗତେ ଘ.୦୮.୩୮ମି. ମଧ୍ୟେ, ଘ.୧୦.୪୯ମି. ଗତେ ଘ.୧୧.୫୪ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୫୪ମି. ଠାରୁ ଘ.୦୧.୧୬ମି. ମଧ୍ୟେ ରାହୁକାଳ।

**୧୪.୫୫ ମିଲିୟନ ଟନ୍ କୋଇଲା ଉତ୍ପାଦନ**

ନୂଆଦିଲ୍ଲୀ: ଗତବର୍ଷ ଦେଶରେ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ବନ୍ଦ ହୋଇପଡ଼ିଥିବା କୋଇଲା ଖଣିରୁ ୧୪.୫୫ ମିଲିୟନ ଟନ୍ କୋଇଲା ଉତ୍ପାଦିତ ହୋଇଛି ବୋଲି ମଙ୍ଗଳବାର ଏନ୍‌ଟିପିସି ପକ୍ଷରୁ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ବନ୍ଦ ରହିଥିବା କୋଇଲା ଖଣିଗୁଡ଼ିକରୁ ୨୦୨୨ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ଖଣିରୁ ୧୪.୫୫ ମିଲିୟନ ଟନ୍ ଏବଂ ବର୍ଷକ ପୂର୍ବରୁ ବନ୍ଦ ହୋଇରହିଥିବା ଖଣିରୁ ୯.୬୫ ମିଲିୟନ ଟନ୍ କୋଇଲା ଉତ୍ପାଦନ ହୋଇଥିଲା।

# ‘ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକାରୀଙ୍କ ସକାରାତ୍ମକ ମନୋଭାବ ଜରୁରୀ’

- ଚଳିତ ବର୍ଷ ହେବନି ବାଣିଜ୍ୟ ମେଳା
- ମାର୍ଚ୍ଚ ୫ରୁ ୯ ଯାଏ ଜିଲା ସ୍ତରରେ ହେବ ଉଦ୍ୟୋଗ ସପ୍ତାହ



ଚନ୍ଦକା ଶିଳ୍ପାଞ୍ଚଳସ୍ଥିତ ଓ-ହବ୍‌ଠାରେ ମଙ୍ଗଳବାର ଆୟୋଜିତ ଜିଲା ଶିଳ୍ପକେନ୍ଦ୍ର ଓ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ବୈଠକରେ ବିଭାଗୀୟ ମନ୍ତ୍ରୀ, ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୦।୧(ବ୍ୟୁରୋ)

ଚଳିତ ବର୍ଷ ବାଣିଜ୍ୟ ମେଳା ହେବ ନାହିଁ। ମାତ୍ର ଆସନ୍ତା ମାର୍ଚ୍ଚ ୫ରୁ ୯ ତାରିଖ ମଧ୍ୟରେ ପ୍ରତି ଜିଲା ସ୍ତରରେ ଉଦ୍ୟୋଗ ସପ୍ତାହ ପାଳନ କରାଯିବ। ଏହି ଉପଲକ୍ଷେ ଜିଲା ସ୍ତରରେ ପ୍ରଦର୍ଶନୀ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମରେ ଜିଲାରେ ହେଉଥିବା ବିଶେଷ ଉତ୍ପାଦଗୁଡ଼ିକର ପ୍ରଦର୍ଶନ, ଏଗୁଡ଼ିକର ପ୍ରକ୍ରିୟାକରଣ ଏବଂ ଏ ଧରଣର ଉଦ୍ୟୋଗ ପାଇଁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନଗୁଡ଼ିକ ସମ୍ବନ୍ଧରେ ଜନସାଧାରଣଙ୍କୁ ଅବଗତ କରାଯିବ। ମଙ୍ଗଳବାର ଓ-ହବ୍‌ଠାରେ ଆୟୋଜିତ ଜିଲା ଶିଳ୍ପ କେନ୍ଦ୍ର ଓ ଆଞ୍ଚଳିକ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକମାନଙ୍କ ସମ୍ମିଳନୀରେ ଯୋଗଦେଇ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ଯୁବବର୍ଗ ଚାକିରି ପଛରେ ନ ଗୋଡ଼ାଇ କିପରି ଅନ୍ୟକୁ ନିଯୁକ୍ତି ଦେବେ, ସେଥିପ୍ରତି ଆଗ୍ରହ ପ୍ରକାଶ କରିବାକୁ ହେବ। ବିଭାଗୀୟ ଅଧିକାରୀମାନେ ନିଜକୁ ବିଭାଗର ସମସ୍ତ ନୀତିନିୟମ ସହ ଅବଗତ କରାଇବା ଦରକାର। ଏଥିସହିତ ଅନ୍ୟାନ୍ୟ ବିଭାଗ ଦ୍ୱାରା ଶିଳ୍ପ ପ୍ରତିଷ୍ଠା ନିମନ୍ତେ କରାଯାଇଥିବା ନିୟମ ସମ୍ପର୍କରେ ଅବଗତ ହେବା ନିହାତି ଆବଶ୍ୟକ ବୋଲି ସେ କହିଥିଲେ। ଏଥିପାଇଁ ପ୍ରତି ୪ ମାସରେ ଥରେ ଶିବିର ଆୟୋଜନ କରି ଏ ସମ୍ପର୍କରେ ତାଲିମ ପ୍ରଦାନ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ପ୍ରତି ବିଭାଗୀୟ ଅଧିକାରୀମାନଙ୍କ ସକାରାତ୍ମକ ମନୋଭାବ ପୋଷଣ ବର୍ତ୍ତମାନ ସମୟର ବଡ଼ ଆହ୍ୱାନ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ସରକାର ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦେଉଥିବାରୁ ଏଥିପ୍ରତି ଯତ୍ନବାନ ରହିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ନିକଟରେ ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ ଜରିଆରେ ଅନେକଗୁଡ଼ିଏ ସଂକଳ୍ପ ପାରିତ କରିଛନ୍ତି। ସେଗୁଡ଼ିକର ଅନୁପାଳନ ସକାଶେ ଆମକୁ ନିଜଆଡ଼ୁ ଆଗ୍ରହ ପ୍ରକାଶ କରିବାକୁ ହେବ। କେତେକ କ୍ଷେତ୍ରରେ ଏକପ୍ରକାର ଦସ୍ତାବିଜ ବାରମ୍ବାର ମଗାଯାଉଥିବା, ମଞ୍ଜୁରୀପ୍ରାପ୍ତ ଅର୍ଥ ପଇଠକୁ ବିଳମ୍ବ କରିବା, ନିର୍ଦ୍ଧାରିତ ଦିବସ ପରେ ପ୍ରାପ୍ତି ଦରଖାସ୍ତକୁ ନାକଚ କରିବା ଭଳି କେତେକ ପଦକ୍ଷେପ ଯୋଗୁ ଅନେକ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ପାଇଁ ଇଚ୍ଛୁକ ବ୍ୟକ୍ତି ହତୋତ୍ସାହ ହେଉଥିବା ପରିଲକ୍ଷିତ ହେଉଛି। ଅଯଥା ନୀତିନିୟମର ଦ୍ୱାହି ଦେଇ କାର୍ଯ୍ୟରେ ବାଧା ଉପୁଜାଇବା ପରିବର୍ତ୍ତେ କାର୍ଯ୍ୟଟି ଅନାୟାସରେ କିପରି ହୋଇପାରିବ ସେଥି ନିମନ୍ତେ ଶିଳ୍ପ ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ସହଯୋଗ ପ୍ରଦାନ କରିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି ଯେ ବିଭାଗର କେତେକ ନିୟମ କାର୍ଯ୍ୟ ସମ୍ପାଦନରେ ଯଦି ଅସୁବିଧା ସୃଷ୍ଟି କରୁଥାଏ, ତେବେ ସେ କ୍ଷେତ୍ରରେ ନିୟମର ସଂଶୋଧନ ପାଇଁ କ୍ଷେତ୍ର ଅଧିକାରୀମାନେ ପରାମର୍ଶ ଦେଇପାରିବେ। ନିୟମର ଆଳ ଦେଖାଇ କୌଣସି କାର୍ଯ୍ୟକୁ ଅଯଥା ବିଳମ୍ବ କରିବା ଅଥବା ବାତିଲ ନ କରିବାକୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସମସ୍ତ ଜିଲାର ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ-ଆଞ୍ଚଳିକ ସାଧାରଣ ପରିଚାଳକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ଏମ୍‌ଏସ୍‌ଏମ୍‌ଇର ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାସ, ଶିଳ୍ପ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ, ଡିଇପିଏମ୍ ଦିଲୀପ କୁମାର ସାହୁ, ଅତିରିକ୍ତ ସଚିବ ରାଜଶ୍ରୀ ସିଂ, ମାନସୀ ମାନ୍ଧାତା, ଅତିରିକ୍ତ ଶିଳ୍ପ ନିର୍ଦ୍ଦେଶକ ଏସ୍.ଏନ୍. ହୋତା ପ୍ରମୁଖ ଉପସ୍ଥିତ ଥିଲେ।

# ମୁଥୁଟ୍ ଫାଇନାନ୍ସର ନୂଆ ଅଭିଯାନ

ନୂଆଦିଲ୍ଲୀ,୧୦।୧




ଦେଶର ପ୍ରମୁଖ ଘରୋଇ ବାଣିଜ୍ୟିକ ସଂସ୍ଥା ତଥା ମୁଥୁଟ ଗ୍ରୁପର ସହଯୋଗୀ କମ୍ପାନୀ ମୁଥୁଟ୍ ଫାଇନାନ୍ସର ନୂତନ ଅଭିଯାନ ‘ଖୋଲିୟେ ଖୁଶିଆନ୍ କି ତିଜୋରୀ’ ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଏହି ଅଭିଯାନ ବଲିଉଡର ବିଗ୍ ବି ଅମିତାଭ ବଚ୍ଚନଙ୍କ ଦ୍ୱାରା ପ୍ରଚାର ଓ ପ୍ରସାର କରାଯାଉଛି। ଏପରିକି ଅମିତାଭ ମୁଥୁଟର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ବିଗତ ୫ ବର୍ଷ ହେବ କାର୍ଯ୍ୟ କରୁଛନ୍ତି। ସେହିଭଳି ଏହି ନୂତନ ଅଭିଯାନରେ ୪ଟି ଶକ୍ତିଶାଳୀ ଟିଭିସି ଅନ୍ତର୍ଭୁକ୍ତ ରହିଛି, ପ୍ରତ୍ୟେକ ଟିଭିସି ବ୍ରାଣ୍ଡ୍ ସମ୍ପର୍କରେ ଗୋଟିଏ କିମ୍ବା ଦୁଇଟି ଅନନ୍ୟ ଦିଗ ଉପରେ ବିସ୍ତୃତ ଆଲୋକପାତ କରିଥିବା ଜଣାପଡ଼ିଛି। ଏପରିକି ୨୦୧୬ ରୁ ୨୦୨୨ ପର୍ଯ୍ୟନ୍ତ କ୍ରମାଗତ ୬ ବର୍ଷ ପାଇଁ ବ୍ରାଣ୍ଡ୍ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ବ୍ରାଣ୍ଡ ଟ୍ରଷ୍ଟ ପକ୍ଷରୁ ର୍‍ୟାଙ୍କିଙ୍ଗ ଦିଆଯାଇଛି।

ଏ ସମ୍ପର୍କରେ ଦି ମୁଥୁଟ୍ ଗ୍ରୁପ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକଜାଣ୍ଡର୍ ଜର୍ଜ ମୁଥୁଟ୍ କହିଛନ୍ତି, ମୁଥୁଟ୍ ଫାଇନାନ୍ସ ସର୍ବଦା ସଚେତନ ଭାବେ ନିଜର ମୂଳ ଶକ୍ତି ଏବଂ ଚାବି ଉପରେ ଧ୍ୟାନ ଦେଇଥାଏ। ବିଶେଷକରି ଆମେ ଗ୍ରାହକ ସେବା ଓ ସାମଗ୍ରୀର ଯତ୍ନ ସହ ସଚେତନ ମଧ୍ୟ ଥାଉ। ଏପରିକି ଆମ ସହ ୨.୫ ଲକ୍ଷରୁ ଅଧିକ ଗ୍ରାହକ ଯେଉଁମାନେ ପ୍ରତିଦିନ ସନ୍ତୋଷଜନକ ଭାବେ ସେବା ଉପଲବ୍ଧ କରୁଛନ୍ତି। ସେହିଭଳି ଆମର ବୃହତ ନେଟୱର୍କ ଏବଂ ୫୭୫୦ରୁ ଅଧିକ ସର୍ବଭାରତୀୟ ସ୍ତରର ଶାଖାଗୁଡ଼ିକ କାର୍ଯ୍ୟ କରୁଛି।

# ନୂଆବର୍ଷ ଖୁସିକୁ ଦ୍ୱିଗୁଣିତ କରାଇବ ଜୟଆଲୁକ୍କାସ

**ନୂଆଦିଲ୍ଲୀ,୧୦।୧:** ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଜୟଆଲୁକ୍କାସ୍ ପକ୍ଷରୁ ନୂତନ ବର୍ଷର ନୂତନ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନୂତନ ବର୍ଷରେ ନୂତନ ଗ୍ରାହକ ଯୋଡ଼ିବାକୁ ପ୍ରତିଷ୍ଠାନ ଉତ୍ସାହଜନକ ଫେଷ୍ଟିଭ ଅଫର ଆରମ୍ଭ କରିଛି। ଏହି ଅଫର ଚଳିତ ମାସ ୧୫ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ ବୋଲି ପ୍ରତିଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ଏହି ଅଫର ଅବଧି ମଧ୍ୟରେ ଗ୍ରାହକମାନେ ସୁନା କିଣିଲେ ସମାନ ଓଜନର ରୁପା ଉପହାରସ୍ୱରୂପ ପାଇପାରିବେ। ସେହିଭଳି ୫୦,୦୦୦ରୁ ଅଧିକ ଟଙ୍କାରେ ହୀରା କ୍ରୟ କଲେ ଗ୍ରାହକଙ୍କୁ ଗିଫ୍ଟ ଭାଉଚର ଉପହାର ଭାବେ ଦିଆଯାଉଛି। ଏ ସମ୍ପର୍କରେ ଜୟଆଲୁକ୍କାସ୍‌ର ପରିଚାଳନା ନିର୍ଦ୍ଦେଶକ ଜୟ ଆଲୁକ୍କାସ୍ କହିଛନ୍ତି, ଆମେ ଆମର ସେବା ଓ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦେବା ପାଇଁ ପ୍ରତିବଦ୍ଧ ରହିଛୁ। ଏପରିକି ଏକ ଉପଯୁକ୍ତ ଅଳଙ୍କାର ସପିଂ ଅଭିଜ୍ଞତା ପ୍ରଦାନ କରିବା ସହ ପ୍ରତ୍ୟେକ ଉତ୍ସବକୁ ଆମର ପୃଷ୍ଠପୋଷକମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପାଳନ କରିବାକୁ ଲକ୍ଷ୍ୟ ରଖିଛୁ। ଉଲ୍ଲେଖଯୋଗ୍ୟ ଯେ, ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ଏହି ଅଫର ଭୁବନେଶ୍ୱର ଷ୍ଟୋର ପାଇଁ ସ୍ୱତନ୍ତ୍ର ଭାବେ ଉପଲବ୍ଧ ରହିଛି। ଏପରିକି ଏଠାରେ ଗ୍ରାହକଙ୍କୁ ଅନେକ ସେବା ଓ ସୁବିଧା ସାଙ୍ଗକୁ ଗୁଣାତ୍ମକ ସାମଗ୍ରୀ ଏବଂ ସ୍ୱୀକୃତିପ୍ରାପ୍ତ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ରାଜ୍ୟ ଖବର

# ଛତିଶଗଡ଼ରେ ୧୦ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୦।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଦନ୍ତେୱାଡ଼ା ଜିଲାରେ ମଙ୍ଗଳବାର ୧୦ ମାଓବାଦୀ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନେ ଏସ୍‌ପି କମଲଲୋଚନ କଶ୍ୟପଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ବହୁ ହିଂସାକାଣ୍ଡରେ ଜଡ଼ିତ ଥିବାବେଳେ ସରକାରଙ୍କ ପକ୍ଷରୁ ଏମାନଙ୍କ ମଧ୍ୟରୁ ୮ ଜଣଙ୍କ ନାମରେ ପୁରସ୍କାର ଘୋଷଣା କରିଥିଲେ। ଜିଲାରେ ମାଓବାଦୀ ଗଡ଼



ଧ୍ୱଂସ ପାଇଁ ପୋଲିସ ପକ୍ଷରୁ ଘରକୁ ଫେର ଅଭିଯାନ ଜାରି ରହିଥିବାବେଳେ ୧୦ ମାଓବାଦୀଙ୍କ ଆତ୍ମସମର୍ପଣ ଜିଲା ପୋଲିସ ପାଇଁ ବଡ଼ ସଫଳତା। ସଙ୍ଗଠନରେ ଅତ୍ୟାଚାର ବଢୁଥିବାରୁ ଅତିଷ୍ଠ ହୋଇ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ଏ ପର୍ଯ୍ୟନ୍ତ ଘରକୁ ଫେର ଅଭିଯାନରେ ୧୪୫ ଇନାମି ମାଓବାଦୀ ଆତ୍ମସମର୍ପଣ କରିଥିବା ବେଳେ ଅନେକ ମାଓବାଦୀ ସଙ୍ଗଠନ ଛାଡ଼ିଥିବା ପୋଲିସ ପ୍ରକାଶ କରିଛି। ସରକାରୀ ନିୟମ ଅନୁଯାୟୀ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।


**PARADIP PORT AUTHORITY**
**e-TENDER CALL NOTICE**
No.EM/IOHP/GW-18/18(Pt-I)/18, Date.09/01/2023
e-TCN No. EM/IOHP-02/2023
Name of the Work : “Design, Manufacture, Supply, Erection & Commissioning of 3200TPH Capacity Ship Loader at IOB”. Estimated Cost : Rs.30,12,50,000/-. Last date & time of submission of bid : up to 1800 Hrs. On 31.01.2023. Refer our website : https://eprocure.gov.in/eprocure/app for details
Executive Engineer (Mech)
Iron Ore Handling Plant
Paradip Port Authority
PPA/PR/220/2022-23, Dt.10.1.23


# ଧରାପଡ଼ିଲା ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ



ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।



ଜବତ ମାରଣାସ୍ତ୍ର, ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ।

- ଗାଡ଼ି ଯାଞ୍ଚ ବେଳେ ୫ ଅଭିଯୁକ୍ତ ଗିରଫ
- ୫ ଜିଲାରେ ଆପରାଧିକ ନେଟ୍‌ୱର୍କ
- ହତ୍ୟାକାଣ୍ଡ ପାଇଁ ନେଉଥିଲେ ସୁପାରି
- ୩ ପିସ୍ତଲ, ୩୮ ଗୁଳି, ବ୍ରାଉନ ସୁଗାର ଜବତ

ଢେଙ୍କାନାଳ ଅଫିସ, ୧୦।୧

ଗଞ୍ଜାମରୁ ମୟୂରଭଞ୍ଜ ଯାଏ ସୃଷ୍ଟି କରିଥିଲେ ଭୟ ଆତଙ୍କର ବାତାବରଣ। ଟଙ୍କା, ସୁନା ପାଇଁ ଟପିଯାଉଥିଲେ ସବୁ ସୀମା। ପଥଚାରୀଙ୍କୁ ରାସ୍ତା ମଝିରେ ହାଣୁଥିଲେ। ବନ୍ଧୁକ ମୁନରେ ଭୟଭୀତ କରାଇ ଲୁଟି ନେଉଥିଲେ ସର୍ବସ୍ୱ। ମୁଣ୍ଡ ଗଡ଼ାଇବାକୁ ନେଉଥିଲେ ସୁପାରି। ସେମାନଙ୍କ ଆପରାଧିକ ସାମ୍ରାଜ୍ୟ କେବଳ ଡକାୟତି ମଧ୍ୟରେ ସୀମିତ ନ ଥିଲା, ବରଂ ବ୍ରାଉନ୍‌ସୁଗାର, ଗଞ୍ଜେଇ ଭଳି ନିଶା କାରବାର ମାଧ୍ୟମରେ ସେମାନେ ରାତାରାତି କମାଇବାକୁ ଚାହୁଁଥିଲେ ପୁଳାପୁଳା ଟଙ୍କା। ୫ ଜିଲା ପୋଲିସର ମୁଣ୍ଡବ୍ୟଥା ବଢ଼ାଇଥିବା ଏଭଳି ଏକ ଆନ୍ତଃଜିଲା ଡକାୟତ ଗ୍ୟାଙ୍ଗ୍‌ର ୫ ସଦସ୍ୟ ଧରାପଡ଼ିଛନ୍ତି ଢେଙ୍କାନାଳରୁ। ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଧରାକୋଟ ଥାନା ଅଞ୍ଚଳର ହିମାଂଶୁ ଶେଖର ସ୍ୱାଇଁ (୩୦), ବ୍ରହ୍ମପୁର ନେହେରୁନଗର ଅଞ୍ଚଳର ଶଙ୍କର ସାହୁ (୨୫), ଖଲ୍ଲିକୋଟ ଥାନା ଅଞ୍ଚଳର ଅମିତ କୁମାର ସ୍ୱାଇଁ (୨୪), କଟକ ଜିଲା ବାଙ୍କୀ ଥାନା ବାଆଁରା ଗ୍ରାମର ରଣଜିତ କୁମାର ରାଉତ (୩୦), ଢେଙ୍କାନାଳ ସଦର ଥାନା ସିମିଳଇ ଅଞ୍ଚଳର ପାପୁନ ନାୟକ (୩୦)। ସେମାନଙ୍କ ନିକଟରୁ ୩ ପିସ୍ତଲ, ଗୋଟିଏ ଏୟାରଗନ୍, ଗୋଟିଏ ଲାଇଟର୍ ଗନ୍, ୪ ମାଗାଜିନ, ୩୮ ଅଫୁଟା ଗୁଳି, ୨ ପ୍ୟାକେଟ୍ ଏୟାରଗନ୍ ଗୁଳି, ୩ ଖଣ୍ଡା, ୨୪.୮୫୦ ଗ୍ରାମ୍ ବ୍ରାଉନ୍ ସୁଗାର, ୨ ସୁନା ଚେନ୍, ୪ ମୁଦି, ୨ କାନଫୁଲ, ୩ ଖଣ୍ଡା, ୨୫,୭୨୦ ଟଙ୍କା, ଚୋରି ଟିଭି, ସିସିଟିଭି ହାର୍ଡଡିସ୍କ, ସିଲଭର ଥାଳି, କାର୍ (ନଂ. (ନଂ. ଓଡ଼ି ୦୫ ବିଏଫ୍ ୦୨୧୯), ବୁଲେଟ୍ (ନଂ. ଓଡ଼ି ୦୭ ଜେଡ୍ ୩୧୧୧), ଲଙ୍କାଗୁଣ୍ଡ ଜବତ କରାଯାଇଛି। ହିମାଂଶୁ, ଶଙ୍କର, ରଣଜିତ୍, ଅମିତ ସୁପାରିକିଲର ଭାବେ କାର୍ଯ୍ୟ କରୁଥିଲେ ବୋଲି ଜିଲା ପୋଲିସ କାର୍ଯ୍ୟାଳୟରେ ମଙ୍ଗଳବାର ଅପରାହ୍ଣ ୧ଟାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କଠାରୁ ସୁନା ଅଳଙ୍କାର କିଣିଥିବା ଜଣେ ଅଭିଯୁକ୍ତ ମଧ୍ୟ ଧରାପଡ଼ିଛନ୍ତି। ତଦନ୍ତରେ ବାଧା ଆଶଙ୍କା ଥିବାରୁ ତାଙ୍କ ସମ୍ପର୍କରେ ପୋଲିସ ତଥ୍ୟ ପ୍ରଦାନ କରିନାହିଁ।

ଢେଙ୍କାନାଳ ଖାରଗାଡ଼ିଆ ଫାଣ୍ଡି ଅଧୀନ ୫୫ନଂ. ଜାତୀୟ ରାଜପଥରେ ସୋମବାର ସକାଳ ପ୍ରାୟ ୭ଟାରେ ସଦର ଥାନାଧିକାରୀ ପ୍ରଦୀପ କୁମାର ପ୍ରଧାନ, ଏସ୍‌ଆଇ ଚନ୍ଦ୍ରକାନ୍ତ ସେଠୀଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ସନ୍ଦେହଜନକ ଅବସ୍ଥାରେ ଆସୁଥିବା ଏକ କାର୍ ଏବଂ ବୁଲେଟ୍‌କୁ ଅଟକାଇ ତଲାସି ନିଆଯିବା ବେଳେ ୨୪ ଗ୍ରାମ ୮୫୦ ମିଲିଗ୍ରାମ୍ ବ୍ରାଉନ୍ ସୁଗାର ମିଳିଥିଲା। ଘଟଣାସ୍ଥଳରୁ ହିମାଂଶୁ, ଶଙ୍କର ଏବଂ ଅମିତ ଗିରଫ ହୋଇଥିଲେ। ସେମାନେ ଅନୁଗୋଳରେ ଏକ ଡକାୟତି କରିବା ଲାଗି ଯାଉଥିବା କହିଥିଲେ। ସେମାନଙ୍କ ସୂଚନା ଆଧାରରେ ଅନ୍ୟ ୨ଜଣଙ୍କୁ ବାଙ୍କୀରୁ ଗିରଫ କରାଯାଇଥିଲା। ଅଭିଯୁକ୍ତଙ୍କୁ ଅପରାହ୍ଣରେ କୋର୍ଟଚାଲାଣ କରାଯାଇଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୨୦/୨୩, ଦଫା ୨୧ (ବି), ଏନ୍‌ଡିପିଏସ୍ ଆକ୍ଟ ଓ ୨୫ ଆର୍ମସ ଆକ୍ଟରେ ମାମଲା ରୁଜୁ ହୋଇଛି।

ଅଭିଯୁକ୍ତଙ୍କ ନାମରେ ଗଞ୍ଜାମ, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, ଢେଙ୍କାନାଳ ଜିଲାର ବିଭିନ୍ନ ଥାନାରେ ବହୁ ଆପରାଧିକ ମାମଲା ରହିଛି। ଗତ ଡିସେମ୍ବର ୨୪ ସନ୍ଧ୍ୟା ସାଢ଼େ ୭ଟାରେ ଢେଙ୍କାନାଳ ସଦର ଥାନା ସିମିଳଇ ଗ୍ରାମର ରଞ୍ଜନା ତ୍ରିପାଠୀଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଗ୍ୟାଙ୍ଗ୍‌ର ହାତ ରହିଛି। ଅଭିଯୁକ୍ତ ପାପୁନାଙ୍କ ସହିତ ରଞ୍ଜନାଙ୍କ ଶତ୍ରୁତା ଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ରଞ୍ଜନାଙ୍କ ଘରେ ଡକାୟତି କରିବା ଲାଗି ପାପୁନା ନିଜର ସହଯୋଗୀ ହିମାଂଶୁ, ଶଙ୍କର, ରଣଜିତ ଓ ଅମିତଙ୍କ ସହ କଥାବାର୍ତ୍ତା ହୋଇଥିଲେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଅନ୍ୟପଟେ ଧରାପଡ଼ିଥିବା ଗଞ୍ଜାମର ୩ଜଣ ହାର୍ଡକୋର ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ପାଇ ଗଞ୍ଜାମ ପୋଲିସ ଢେଙ୍କାନାଳ ସଦର ଥାନାରେ ପହଞ୍ଚି ତନାଘନା ଆରମ୍ଭ କରିଛି। ଅଧିକ ପଚରାଉଚରା ପାଇଁ ସେମାନଙ୍କୁ ଗଞ୍ଜାମ ଏବଂ ଢେଙ୍କାନାଳ ପୋଲିସ ରିମାଣ୍ଡରେ ଆଣିବା ସମ୍ଭାବନା ଥିବା ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ପୁରୁଷୋତ୍ତମ ସେଠୀ, ଭବାନୀ ଶଙ୍କର ଉଦ୍‌ଗାତା, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




**ILA PANDA**
26th Oct 1932 - 11th Jan 2005

imfa

In loving memory
Baijayant 'Jay', Paramita, Nivedita, Subhrakant
Jagi, Braja, KG, Shaifalika
Raie, Reva, Anuva, Aditya, Raisah Ila, Raemana
Relatives, Members & Associates of IMFA Group

Tel: +91 674 2611000 | Email: memoriam@imfa.in



# ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି
## ସୂଚନା

ଏତଦ୍ୱାରା ବ୍ରହ୍ମପୁର ରାଜସ୍ୱ ଉପଖଣ୍ଡର ସମସ୍ତ ଧାନ ଚାଷିଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ ଓ ଗଞ୍ଜାମ ଜିଲ୍ଲା ପ୍ରଶାସନଙ୍କ ନିଷ୍ପତିକ୍ରମେ ଚଳିତ ୨୦୨୨-୨୩ ଖରିଫ ବର୍ଷରେ ଉତ୍ପାଦିତ ବଳକା ଧାନ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ପ୍ରାଥମିକ କୃଷି ସମବାୟ ସମିତି (PACS)/ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଦ୍ୱାରା ଧାନକ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଅଛି।

ଚଳିତ ଖରିଫ ୨୦୨୨-୨୩ ବର୍ଷ ପାଇଁ (FAQ) ଧାନ କ୍ରୟ ସକାଶେ ନିମ୍ନ ମାନଦଣ୍ଡ ରହିବା ବିଧେୟ।

| | କୁଇଂଟାଲ ପ୍ରତି ଦର | ୭୫ କେଜି ପିଛା ଦର |
|---|---|---|
| ସାଧାରଣ ମୋଟା ଧାନ (F.A.Q. ମାନ) | ଟ.୨୦୪୦.୦୦ ପ. | ଟ.୧୫୩୦.୦୦ ପ. |

| | FAQ ମାନ |
|---|---|
| ୧. ବାହ୍ୟ ପଦାର୍ଥ | |
| (କ) ଜୈବ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି ଇତ୍ୟାଦି) | :- ୧% |
| (ଖ) ଅଜୈବ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ଇତ୍ୟାଦି) | :- ୧% |
| ୨. ଖରାପ, ବେରଙ୍ଗ, ପାଣିଫୁଲା, ପୋକା ତଥା ଗଜା ହୋଇଥିବା ଧାନ | :- ୫% |
| (*ଖରାପ, ପାଣିଫୁଲା, ପୋକା ୪ % ମଧ୍ୟରେ ସିମୀତ ରହିବା ଦରକାର) | |
| ୩. ଅପରିପକ୍ୱ, କଂଚା, ସବୁଜ, ବଙ୍କା ତଥା ସଙ୍କୁଚିତ ଧାନ | :- ୩% |
| ୪. ଧାନର ଆର୍ଦ୍ରତା ବା ଜଳୀୟ ଅଂଶର ପରିମାଣ | :- ୧୭% |

**ସଫା, ଶୁଖିଲା, ସମରଙ୍ଗୀ ଓ ସମଆକାର ଧାନ ଆଣନ୍ତୁ, ସରକାରୀ ଧାର୍ଯ୍ୟ ମୂଲ୍ୟ ପାଆନ୍ତୁ।**

ସଂପାଦକ
ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି

ଉପଜିଲ୍ଲାପାଳ,ବ୍ରହ୍ମପୁର-ତଥା-ଅଧକ୍ଷ
ଦିଗପହଣ୍ଡି ନିୟନ୍ତ୍ରିତ ବଜାର କମିଟି


# ଆଜି ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

**ମହାପ୍ରଭୁଙ୍କ ବନକଲାଗି ନୀତି**

**ପୁରୀ ଅଫିସ, ୧୦।୧:** ମାଘ ମାସ କୃଷ୍ଣ ପକ୍ଷ ଚତୁର୍ଥୀ ତିଥିରେ ବୁଧବାର ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ଅନୁଷ୍ଠିତ ହେବ। ଏହା ଏକ ଗୁପ୍ତନୀତି ହୋଇଥିବାରୁ ଏହି ନୀତି ସମୟରେ ଅର୍ଥାତ୍ ସନ୍ଧ୍ୟା ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ୪ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀମନ୍ଦିର ସତ୍ୱଲିପି ଅନୁଯାୟୀ, ଶ୍ରୀବିଗ୍ରହମାନଙ୍କ ଦ୍ୱିତୀୟ ଭୋଗ ମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ି ମଇଲମ, ତଡ଼ପଲାଗି ଓ ପହୁଡ଼ ଆଳତି ସମ୍ପନ୍ନ ହେବା ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏଥିସହ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯିବ। ବନକ ଲାଗି ନୀତି ସମ୍ପାଦନ ଲାଗି ଦଉମହାପାତ୍ର ସେବକମାନେ ଗର୍ଭଗୃହକୁ ପ୍ରବେଶ କରିବେ। ସେମାନେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର ସାରି ଫେରିବା ପରେ ଅନ୍ୟାନ୍ୟ ନୀତି ହେବ। ବନକଲାଗିରେ ମୁଖ୍ୟତଃ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥାଏ।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩ (୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଓ ଆଇନଗତ ଖର୍ଚ୍ଚ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲକୁ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ଟାଙ୍ଗୀ ଶାଖା (ଖୋର୍ଦ୍ଧା)/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ମେସର୍ସ ଓମ୍ ଟ୍ରେଡର୍ସ,** ପ୍ରୋ: ଶ୍ରୀଯୁକ୍ତ ହେମନ୍ତ କୁମାର ନାୟକ, ପିତା: ଉଦୟନାଥ ନାୟକ, **ଗ୍ୟାରେଣ୍ଟିଦାତା : ସ୍ୱ ଉଦୟନାଥ ନାୟକ,** ପି: ଅର୍ଜୁନ ନାୟକ, **୧) ସୁକାନ୍ତ କୁମାର ନାୟକ, ୨) ଶରତ କୁମାର ନାୟକ, ୩) ହେମନ୍ତ କୁମାର ନାୟକ, ୪) ସୁବ୍ରତ କୁମାର ନାୟକ, ୫) ଦୁଷ୍ମନ୍ତ କୁମାର ନାୟକ, ୬) ଶାନ୍ତିଲତା ନାୟକ, ୭) ପୁଷ୍ପଲତା ନାୟକ, ୮) ବବୁଲ ନାୟକ, ୯) ପୁତୁଲ ନାୟକ** (କ୍ର.ସଂ. ୧ ଠାରୁ ୯ ପର୍ଯ୍ୟନ୍ତ ସମସ୍ତ ଉଦୟନାଥ ନାୟକଙ୍କ ଆଇନଗତ ଉତ୍ତରାଧିକାରୀ, ସମସ୍ତଙ୍କ ଠିକଣା : ଗୋଡ଼ିପାଟଣା, ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା।) | ୨୯.୦୪.୨୦୧୭ ସୁଦ୍ଧା ଟ.୯,୪୨,୨୪୬.୯୦ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୧୫.୦୨.୨୦୨୨ / ୦୬.୦୧.୨୦୨୩ | ସ୍ୱ **ଶ୍ରୀଯୁକ୍ତ ଉଦୟନାଥ ନାୟକ,** ପିତା: ଅର୍ଜୁନ ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଜମି ଯାହାର ମୌଜା: ଗୋଡ଼ିପାଟଣା, ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ. ୨୦, ପ୍ଲଟ୍ ନଂ. ୧୦୮, କ୍ଷେତ୍ର : ଏକର ୦.୦୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର : ରାସ୍ତା, ଦକ୍ଷିଣ : ଖାଲି ଜାଗା, ପୂର୍ବ : ବ୍ରଜବନ୍ଧୁ ନାୟକ, ପଶ୍ଚିମ : ଗୋଲେଖ ମହାପାତ୍ର। |
| **ଋଣଗ୍ରହୀତାମାନେ: ଶ୍ରୀମତୀ ସତ୍ୟଭାମା ପୃଷ୍ଟି,** ସ୍ୱାମୀ: ଶ୍ରୀଯୁକ୍ତ ଦୂର୍ଗା ଚରଣ ପୃଷ୍ଟି, ସା-ବାଲୁଙ୍ଗାଡିହ ସାହି, ପୋ:ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, **ଗ୍ୟାରେଣ୍ଟିଦାତାମାନେ : ୧) ଶ୍ରୀଯୁକ୍ତ ଦୂର୍ଗା ଚରଣ ପୃଷ୍ଟି,** ପି: ଲକ୍ଷ୍ମୀଧର ପୃଷ୍ଟି, ସା-ବାଲୁଙ୍ଗାଡିହ ସାହି, ପୋ:ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, **୨) ଶ୍ରୀମତୀ ଶୈଳବାଳା ଦେଇ,** ସ୍ୱାମୀ: ଶ୍ରୀଯୁକ୍ତ ଲକ୍ଷ୍ମୀଧର ପୃଷ୍ଟି, ସା-ବାଲୁଙ୍ଗାଡିହ ସାହି, ପୋ:ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା। | ୩୦.୦୯.୨୦୧୫ ସୁଦ୍ଧା ଟ.୨,୮୭,୩୬୦.୬୫ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୮.୦୩.୨୦୧୬ / ୦୬.୦୧.୨୦୨୩ | **ଶ୍ରୀମତୀ ଶୈଳବାଳା ଦେଇ,** ସ୍ୱାମୀ: ଶ୍ରୀଯୁକ୍ତ ଲକ୍ଷ୍ମୀଧର ପୃଷ୍ଟିଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଜମି ଯାହାର ମୌଜା: ବାଲୁଙ୍ଗାଡିହ, ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ. ୪୮, ପ୍ଲଟ୍ ନଂ. ୮୯, କ୍ଷେତ୍ର : ଏକର ୦.୦୩୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର : ଗ୍ରାମୀଣ ରାସ୍ତା, ଦକ୍ଷିଣ : ଗ୍ରାମୀଣ ରାସ୍ତା, ପୂର୍ବ : ପ୍ଲଟ୍ ନଂ. ୯୦ (ପି), ପଶ୍ଚିମ : ପ୍ଲଟ୍ ନଂ. ୮୮। |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୦.୦୧.୨୦୨୩

କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ଆଜି କ'ଣ କେଉଁଠି

**ଧର୍ମଶାଳା**

- ଧର୍ମଶାଳା ବାଣୀପୀଠର ପ୍ଲାଟିନମ ଜୁବଲି ଉତ୍ସବ, ସ୍ଥାନ ଧର୍ମଶାଳା ବାଣୀପୀଠ ଖେଳପଡ଼ିଆ, ସମୟ- ଅପରାହ୍ଣ ୪ଟା୩୦।
- ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୮ ତମ ବାର୍ଷିକ ଉତ୍ସବ, ସ୍ଥାନ- ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ହଲ, ସମୟ-ସନ୍ଧ୍ୟା ୬ଟା।

## ସଂକ୍ଷେପରେ

### ବିହାରୀ ପଞ୍ଚାୟତ ବିଜେଡିର ନୂଆ ସଭାପତି

ଝୁମ୍ପୁରୀ,୧୦।୧(ଡି.ଏନ୍.ଏ.): ଦଶରଥପୁର ବ୍ଲକ୍ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିହାରୀ ପଞ୍ଚାୟତର ବିଜେଡି ସଭାପତିଭାବେ ମହେଶ୍ୱର ପଣ୍ଡାଙ୍କ ନାମ ଘୋଷଣା କରାଯାଇଛି। ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର ପଣ୍ଡାଙ୍କ ନାମ ଘୋଷଣା କରିବା ସହ ତାଙ୍କୁ ନୂତନ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ବିଞ୍ଝାରପୁର ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଏହି ପଞ୍ଚାୟତର ଦଳୀୟ ପର୍ଯ୍ୟବେକ୍ଷକ ବିଷ୍ଣୁଚରଣ ମହାପାତ୍ରଙ୍କ ସୁପାରିସକ୍ରମେ ପଣ୍ଡାଙ୍କୁ ଏହି ନୂତନ ନିଯୁକ୍ତି ମିଳିଛି। ପଣ୍ଡା ପଞ୍ଚାୟତ ସଭାପତିଭାବେ ଦାୟିତ୍ୱ ପାଇବା ପରେ ସରପଞ୍ଚ ଇନ୍ଦୁମତୀ ମଲ୍ଲିକ, ସମିତିସଭ୍ୟ ପ୍ରଫୁଲ୍ଲ କୁମାର ମଲ୍ଲିକ, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ନିହାର ରଞ୍ଜନ ସାମଲ, ସୁଧାଂଶୁ ଶେଖର ଦାସ, ବରିଷ୍ଠ ବିଜେଡି ନେତା ମାନସ କୁମାର ମଲ୍ଲିକ, ପ୍ରଫୁଲ୍ଲ ପଣ୍ଡା, ପ୍ରଶାନ୍ତ କୁମାର ପଣ୍ଡା, ଦିବାକର ସାମଲ, ଅଜୟ ମଲ୍ଲିକ, ଭରତ ମଲ୍ଲିକ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟପକ୍ଷରେ ପଣ୍ଡାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବିଧାୟିକାଙ୍କ ପ୍ରତିନିଧି ପ୍ରଦୀପ ମହାନ୍ତି, ଦଳ ପର୍ଯ୍ୟବେକ୍ଷକ ବିଷ୍ଣୁ ଚରଣ ମହାପାତ୍ର, ବ୍ଲକ୍ ବିଜେଡି ସଭାପତି ଅଜୟ କୁମାର ମହାନ୍ତି ପ୍ରମୁଖଙ୍କୁ ପଣ୍ଡା କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳକୁ ପଞ୍ଚାୟତରେ ଆହୁରି ସୁଦୃଢ଼ ଓ ଶକ୍ତିଶାଳୀ କରି ଗଢ଼ିତୋଳିବାକୁ ସଦାସର୍ବଦା ଚେଷ୍ଟା କରିବେ ବୋଲି କହିଛନ୍ତି।

### ସେଣ୍ଟ୍ ହୁଡ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ

କଳିଙ୍ଗନଗର,୧୦।୧(ଡି.ଏନ.ଏ.): ଯାଜପୁର ରୋଡ୍ କଲେଜ ଛକସ୍ଥିତ ସେଣ୍ଟ୍ ହୁଡ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଟ୍‌ପୁଟ୍ ଥ୍ରୋ, ଶହେ ମିଟର ଦୌଡ଼, ଲେମ୍ବୁ ଚାମଚ ଦୌଡ଼ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ବୋଇତାଇ ଅତିଥିଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ବିଦ୍ୟାଳୟ ଟ୍ରଷ୍ଟି ଅଶ୍ୱିନୀ କୁମାର ବଳଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଶତୋ କୁମାର ମଞ୍ଚ ପରିଚାଳନା କରିଥିଲେ। ସମସ୍ତ ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ମଣ୍ଡି ଖୋଲିଲା, ଧାନ ବିକ୍ରି ଅସନ୍ତୋଷ ବଢ଼ିଲା

**ବଡ଼ଚଣା ବ୍ଲକ୍**




ଚଣ୍ଡିଖୋଲ, ୧୦।୧(ଡି.ଏନ୍.ଏ.): ଯାଜପୁର ଜିଲାର ବଡ଼ଚଣା ବ୍ଲକ୍ ଅଞ୍ଚଳରେ ୪ ତାରିଖଠାରୁ ଗୋଟିଏ ପରେ ଗୋଟିଏ ଧାନମଣ୍ଡି ଖୋଲୁଛି। ପାକ୍ସ ଜରିଆରେ ଚାଷୀ ସେମାନଙ୍କ ଧାନ ବିକ୍ରି ପାଇଁ ପଞ୍ଜୀକୃତ ହୋଇଥିବାବେଳେ ଏବେ ଟୋକନକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଚାଷୀଙ୍କ ପାଖକୁ ମୋବାଇଲ ଜରିଆରେ ମେସେଜ୍ ଆସିଥିବାବେଳେ ଯେଉଁ ଚାଷୀମାନେ ପ୍ରତ୍ୟେକ ବର୍ଷ ୫୦ରୁ ୬୦ କୁଇଣ୍ଟାଲ ଧାନ ବିକ୍ରି କରିଥାନ୍ତି ସେମାନଙ୍କ ନାମରେ ୧୦ରୁ ୧୫ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ବିକ୍ରି କରିବାକୁ ମେସେଜ୍ ଆସିଛି, ଯାହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବ୍ଲକ୍ ଅଧୀନରେ ୧୪ ପାକ୍ସ ଜରିଆରେ ଧାନ କିଣା ଆରମ୍ଭ ହୋଇଥିଲା ବେଳେ ମିଲର କଟନି ଛଟନି କରି ଧାନ କିଣୁଥିବାରୁ ଚାଷୀ କ୍ଷୁବ୍ଧ ହୋଇଛନ୍ତି। ଏପରି କି ଆଗକୁ ଆନ୍ଦୋଳନ କରାଯିବ ବୋଲି ନବନିର୍ମାଣ କୃଷକ ସଂଗଠନ ଡାକରା ଦେଲାଣି।

ପାକ୍ସର ସମ୍ପାଦକମାନେ ଚାଷୀଙ୍କର ଜମି ପଞ୍ଜୀକରଣରେ ଅନିୟମିତତା କରିଛନ୍ତି, ଯାହାକୁ ନେଇ ଦଲାଲଙ୍କ ଜରିଆରେ ଚାଷୀ ଧାନ ବିକ୍ରି କରିବା ଆରମ୍ଭ କଲେଣି। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଯେଉଁମାନଙ୍କ ୨ ଏକରରୁ ୧୦ ଏକର ପର୍ଯ୍ୟନ୍ତ ଧାନ ଚାଷ ହୋଇଛି ସେମାନଙ୍କ ଏବେ ୧୫ରୁ ୩୦ କୁଇଣ୍ଟାଲ ମଧ୍ୟରେ ଧାନ ବିକ୍ରି ପାଇଁ ମେସେଜ ଆସିଛି। ଦୁର୍ଭାଗ୍ୟର କଥା ଯେଉଁମାନଙ୍କର ଆଦୌ ଚାଷଜମି ନାହିଁ ସେମାନଙ୍କର ୫୦ରୁ ୧୦୦ କୁଇଣ୍ଟାଲ ପର୍ଯ୍ୟନ୍ତ ଧାନ ବିକ୍ରି କରିବାକୁ ମେସେଜ ଆସିଛି। ଏହାକୁ ନେଇ ପାକସ୍‌ର ସମ୍ପାଦକ ମାନେ କହିଛନ୍ତି, ଜିଲାଯୋଗାଣ ଅଧିକାରୀ ଓ ଅତିରିକ୍ତ ଯୋଗାଣ ଅଧିକାରୀ ହାଇଟେକ୍ ସର୍ଭେ ଜରିଆରେ ଚାଷ ଜମିର ମୂଲ୍ୟାୟନ କରି ଆମ ପାଖକୁ ଲିଷ୍ଟ ପଠାଇଛନ୍ତି। ହାଇଟେକ୍ ସର୍ଭେରେ ଯେଉଁଠି ପୋଖରୀ, କିମ୍ବା ଅନାବାଦୀ ଆଦି ଜମି ଅଛି ସେଗୁଡ଼ିକ କଟିଯାଇଛି। ସେଥିପାଇଁ ଏଭଳି ଅସୁବିଧା ହୋଇଥିବା ଜଣାପଡ଼ିଛି। ପ୍ରକୃତ ପକ୍ଷେ ଚାଷୀଙ୍କ ଜମି ପଟାକୁ ଚଞ୍ଚକତା କରାଯାଇଛି। ଏପରି କି କମ୍ପ୍ୟୁଟରରେ ଲୋଡ୍ କଲାବେଳେ ସେମାନଙ୍କ ଖାତା ନଂ. ଓ ପ୍ଲଟ ନଂ.କୁ ଅଣଚାଷୀଙ୍କ ନାମରେ ପଞ୍ଜୀକୃତ କରାଯାଇଛି। ଯେଉଁଥି ପାଇଁ ପ୍ରତ୍ୟେକ ବର୍ଷ ପ୍ରକୃତ ଚାଷୀ ବିକ୍ରି କରୁଥିବା ଧାନର ପରିମାଣ କମ୍ ହୋଇଆସିଛି। ଅଣଚାଷୀଙ୍କ ନାମରେ ପଞ୍ଜୀକୃତ କଲେ ପାକ୍ସର ସମ୍ପାଦକମାନେ ଲାଭବାନ ହେବେ। ସେମାନେ ମିଲରଙ୍କ ସହିତ ସଲାସୁତରା କରି ଦଲାଲଙ୍କ ଜରିଆରେ ଧାନ ମିଲରଙ୍କୁ ପଠାଇଦେବେ ବୋଲି ଜଣାପଡ଼ିଛି। ଏନେଇ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରହ୍ଲାଦ ସେଠୀଙ୍କୁ ପଚାରିବାରେ ସେ କୁହନ୍ତି, ପାକ୍ସର ସମ୍ପାଦକମାନେ ଜମିଗୁଡ଼ିକୁ ପଞ୍ଜୀକରଣ କଲାବେଳେ ଏଭଳି ଚଞ୍ଚକତା ପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଏଭଳି କିଛି ଅଭିଯୋଗ ଆମ ନିକଟରେ ପହଞ୍ଚି ସାରିଛି। ଯେଉଁ ଚାଷୀଙ୍କ ଜମି ନାହିଁ ସେମାନଙ୍କ ନାମରେ ଧାନ ବିକ୍ରି ପାଇଁ ମସୁଧା କରାଯାଉଛି। ଏହାର ପ୍ରମାଣ ପାଇଲା ପରେ ସମ୍ପୃକ୍ତ ପାକ୍ସର ସମ୍ପାଦକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# 'ନିରପେକ୍ଷ ଖବର ସମାଜ ସୁଧାରରେ ସହାୟକ ହୋଇଥାଏ'



ବ୍ୟାସନଗର ପ୍ରେସ ଫୋରମର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ଓ ସମ୍ବର୍ଦ୍ଧିତ ପ୍ରତିଭା।

**ବ୍ୟାସନଗର ପ୍ରେସ ଫୋରମର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ**

ଯାଜପୁର ରୋଡ,୧୦।୧(ଡି.ଏନ.ଏ.) ନିରପେକ୍ଷ ଏବଂ ଭଲ ଖବର ସମାଜ ସୁଧାରରେ ସହାୟକ ହେବା ସହ ପାଠକଙ୍କ ଆଦୃତ ଲାଭ କରିଥାଏ। ଚାପିବା ଏବଂ ଛାପିବା ନୀତିର ଉର୍ଦ୍ଧ୍ୱରେ ରହି ଖବର ପରିବେଷଣ କରିବା ଉଚିତ ବୋଲି ବ୍ୟାସନଗର ପ୍ରେସ ଫୋରମର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବରେ ବକ୍ତାମାନେ ମତପ୍ରକାଶ କରିଛନ୍ତି। ମଙ୍ଗଳବାର ବ୍ୟାସନଗରସ୍ଥିତ ଚୋର୍ଦ୍ଧା କ୍ରିଷ୍ଟା ଗାର୍ଡେନଠାରେ ଫୋରମର ବାର୍ଷିକ ଉତ୍ସବ ସଭାପତି ଅଭୟ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ କୋରାଇର ବିଧାୟକ ଅଶୋକ କୁମାର ବଳ ମୁଖ୍ୟଅତିଥି, ଓୟୁଜେର ସଭାପତି ତଥା ଏନୟୁଜେର ମହାସଚିବ ପ୍ରସନ୍ନ କୁମାର ମହାନ୍ତି ମୁଖ୍ୟବକ୍ତା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖବରଦାତାମାନଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରିବା ସହ ସେମାନଙ୍କ ସମସ୍ୟା ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ । ଫୋରମର ସାଧାରଣ ସମ୍ପାଦକ ମଳୟ କୁମାର ମଲ୍ଲିକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲାବେଳେ ଉପସଭାପତି ଦୟାନିଧି ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଫୋରମର ମୁଖପତ୍ର ବ୍ୟାସଜ୍ୟୋତିକୁ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା ଏହି ଅବସରରେ ଓଟିଭିର ଆଙ୍କର ରାଜଶ୍ରୀ ସାହୁ, ବରିଷ୍ଠ ଖବରଦାତା ରମାକାନ୍ତ ଜେନା, ସମ୍ବାଦର ଜିଲା ପ୍ରତିନିଧି ସଂଗ୍ରାମ କେଶରୀ ସିଂ, ପ୍ରଗତିବାଦୀର ଜିଲା ପ୍ରତିନିଧି ବାବୁରାମ ଜେନା, ଧରିତ୍ରୀର ଜିଲା ପ୍ରତିନିଧି ହର୍ଷବର୍ଦ୍ଧନ ବେହେରା, ବରିଷ୍ଠ ସାହିତ୍ୟିକା ବିଦ୍ୟୁତ୍ ଲତା ଦାସ, ବରିଷ୍ଠ ଚିକିତ୍ସକ ଡା.ବିନୟ କୁମାର ନାୟକ ଓ ଯୁବଟେଲି ଅଭିନେତ୍ରୀ ଅଙ୍କିତା ମିଶ୍ର ପ୍ରମୁଖଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶ୍ରେଷ୍ଠ ଶିଳ୍ପ ଉଦ୍ୟୋଗ ସମ୍ମାନରେ ଟାଟା ଷ୍ଟିଲ କଳିଙ୍ଗନଗର, ଜିନ୍ଦଲ ଷ୍ଟେନଲେସ ଷ୍ଟିଲ, ଖଣି ସୁରକ୍ଷା ସମ୍ମାନରେ ଓଡିଶା ଖଣିନଗମ ଯାଜପୁରରୋଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧନା ଉତ୍ସବକୁ କାର୍ଯ୍ୟାଳୟ ସମ୍ପାଦକ ବାଇଧର ମାଝି, କୋଷାଧ୍ୟକ୍ଷ ଅଜୟ କୁମାର ସାହୁ, ପ୍ରହଲ୍ଲାଦ ଦେଓ ଓ ରୁଦ୍ରପ୍ରତାପ ପାଢୀ ପ୍ରମୁଖ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ ।

## କବାଡ଼ିରେ ରସୁଲପୁର, ଫୁଟବଲ, ଭଲିରେ ମୁଗୁପାଳ ଚାମ୍ପିୟନ

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ରସୁଲପୁର,୧୦।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ୨ ଦିନ ବ୍ୟାପୀ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କବାଡ଼ି, ଭଲି ଓ ଫୁଟବଲ ଖେଳକୁ ନେଇ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କବାଡ଼ିରେ ରସୁଲପୁର ପଞ୍ଚାୟତ ପ୍ରତିପକ୍ଷ ବାହାଦଲପୁର ପଞ୍ଚାୟତ ଦଳକୁ ୩୭-୩୫ ପଏଣ୍ଟ ବ୍ୟବଧାନରେ ହରାଇ ଚାମ୍ପିୟନ ହୋଇଛି। ସେହିପରି ମୁଗୁପାଳ ପଞ୍ଚାୟତ ଉଭୟ ଫୁଟବଲ ଓ ଭଲି ଖେଳରେ ଚାମ୍ପିୟନ ହୋଇପାରିଛି। ଭଲି ଖେଳରେ ଓଡ଼ିଶୋ ପଞ୍ଚାୟତ ଦଳକୁ ମୁଗୁପାଳ ପଞ୍ଚାୟତ ୩-୧ ସେଟ୍‌ରେ ପରାସ୍ତ କରିଥିବା ବେଳେ ଫୁଟବଲ ଖେଳରେ ମୁଗୁପାଳ ଦଳ ପ୍ରତିପକ୍ଷ କଲଣ ଦଳକୁ ୫-୦ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ରସୁଲପୁର ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦିବ୍ୟକାନ୍ତି ମିଶ୍ର, ବ୍ଲକ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପ୍ରଫୁଲ କୁମାର ଜେନା, ମୁଗୁପାଳ ସରପଞ୍ଚ ପ୍ରଜ୍ଞାପରିମିତା ମଲିକ, ସମିତିସଭ୍ୟ ନରୋତ୍ତମ ସାହୁ, ସରପଞ୍ଚ ସୁରେନ୍ଦ୍ର ତିଆଡ଼ି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ସାମନ୍ତରାପୁର ସମିତିରେ ଧାନମଣ୍ଡି ଉଦ୍‌ଘାଟିତ



ଅତିଥି ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

ବ୍ରହ୍ମବରଦା,୧୦।୧(ଡି.ଏନ.ଏ.): ରସୁଲପୁର ବ୍ଲକ୍ ଅନ୍ତର୍ଗତ ସାମନ୍ତରାପୁର କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମନ୍ତରାପୁର ସର୍କଲର ରାଜସ୍ୱ ନିରୀକ୍ଷକ ନୃସିଂହ ଚରଣ ବେହେରା, ସମ୍ମାନିତ ଅତିଥି ଭାବେ ଗ୍ରାମ କୃଷକ ସାଥୀ ଚନ୍ଦନ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ସାମଲ, ଏଆର୍‌ସିଏସ୍ ରାଜୀବ ଲୋଚନ ପଣ୍ଡା, କୃଷି ସମବାୟ ସମିତିର ସଭାପତି ବିଦ୍ୟାଧର କରଣ ଓ ଉପସଭାପତି ମେନକା ସାମଲ ପ୍ରମୁଖ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିବା ସହିତ ଧାନ ସଂଗ୍ରହ ନିୟମ ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମନ୍ତରାପୁର କୃଷି ସମବାୟ ସମିତି ସମ୍ପାଦକ ଶଙ୍କର୍ଷଣ ରାଉତ, ସହସମ୍ପାଦକ ତ୍ରୈଲୋକ୍ୟ ଶତପଥୀ, ଅଜୟ କୁମାର ମିଶ୍ର, ପ୍ରଶାନ୍ତ କୁମାର ବାରିକ ଓ ଆର୍‌ଏମ୍‌ସି କର୍ମଚାରୀ ସହଦେବ ବାରିକ ପ୍ରମୁଖ ଯୋଗେଦେଇ ସହଯୋଗ କରିଥିଲେ। ଶେଷରେ କମିଟି ସଦସ୍ୟ ନିର୍ମଳ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ଜିଆର୍‌ଏସ୍‌ଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ତାଲିମ



ତାଲିମ ଶିବିରରେ ଯୋଗ ଦେଇଥିବା ଅଧିକାରୀ ଓ ଜିଆର୍‌ଏସ୍‌ମାନେ।

ଝୁମ୍ପୁରୀ,୧୦।୧(ଡି.ଏନ୍.ଏ.): ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତ କୁଆଁସ ମଙ୍ଗଳା ପୀଠ ପରିସରରେ ଥିବା ବ୍ରଜସୁନ୍ଦର କଲ୍ୟାଣ ମଣ୍ଡପଠାରେ ଦଶରଥପୁର, ଯାଜପୁର ଓ ବିଞ୍ଝାରପୁର ବ୍ଲକରେ କାର୍ଯ୍ୟରତ ଜିଆର୍‌ଏସ୍‌ମାନଙ୍କ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେମାନଙ୍କୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସମ୍ପର୍କରେ ତାଲିମ ଦିଆଯାଇଛି। ପଞ୍ଚାୟତଗୁଡ଼ିକରେ ଉକ୍ତ ଯୋଜନା ଅଧୀନରେ ଚାଲୁଥିବା କାର୍ଯ୍ୟକୁ କିପରି ସୁଚାରୁରୂପେ ପରିଚାଳନା କରାଯିବ ସେ ସମ୍ପର୍କରେ ତାଲିମ ବେଳେ ଅବଗତ କରାଯାଇଛି। ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ବିଞ୍ଝାରପୁର ବିଡ଼ିଓ ମିନତି ଜଗ୍‌ଦେବ ପ୍ରମୁଖ ଉପସ୍ଥିତ ରହି ସମ୍ପୃକ୍ତ ବ୍ଲକ ଅଧୀନରେ କାର୍ଯ୍ୟରତ ଜିଆର୍‌ଏସ୍‌ମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

## ସୁବୋଧ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବରୀ,୧୦।୧(ଡି.ଏନ.ଏ.): ବରୀ ବ୍ଲକ୍ ଅନ୍ତର୍ଗତ ଧାରପୁର ପଞ୍ଚାୟତ ନାଥେଶ୍ୱର ମନ୍ଦିର ହୋରି ପଡ଼ିଆରେ ଜୟ ବଜରଙ୍ଗ ବାଲି କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ୧୫ ତମ ସୁବୋଧ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ବରୀ ବ୍ଲକ୍‌ର ସାମାଜିକ କର୍ମୀ ଗୁରୁ ପ୍ରସାଦ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିବା ସହିତ ଆଞ୍ଚଳିକ କ୍ରୀଡ଼ା ପ୍ରତିଯୋଗିତା ଦ୍ୱାରା ଖେଳାଳିଙ୍କ ମଧ୍ୟରେ ସୁସମ୍ପର୍କ ସହ ଭାଇଚାରା ସୃଷ୍ଟି ହୋଇଥାଏ ବୋଲି ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଯୁବ କ୍ରୀଡ଼ାବିତ୍ ସୁଶାନ୍ତ କୁମାର ସେନାପତି ଏବଂ ସୁବୋଧ ମେମୋରିଆଲର ସଭାନେତ୍ରୀ ସାବିତ୍ରୀ ଦାଶ ଯୋଗ ଦେଇଥିଲେ।

ଉଦ୍‌ଘାଟନୀ ମ୍ୟାଚ୍ ପରମାନନ୍ଦପୁର ଓ ବାଲିଚନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାଲିଚନ୍ଦ୍ରପୁର ଟସ୍ ଜିଣି ପରମାନନ୍ଦପୁରକୁ ବ୍ୟାଟିଂ କରିବାକୁ ନିମନ୍ତ୍ରଣ କରିଥିଲା। ପରମାନନ୍ଦପୁର ସୀମିତ ୧୨ ଓଭର ମ୍ୟାଚ୍‌ରେ ଦଳ ୬ ଉଇକେଟ୍ ହରାଇ ୧୨୯ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ବାଲିଚନ୍ଦ୍ରପୁର ଦଳ ୮ ଉଇକେଟ୍ ହରାଇ ମାତ୍ର ୯୪ ରନ୍ ସଂଗ୍ରହ କରି ପରାଜୟ ବରଣ କରିଥିଲା। ଖେଳକୁ ଦୀପକ ଜେନା ଓ ସୁଶାନ୍ତ ପରିଡା ପରିଚାଳନା କରିଥିଲେ। କ୍ରିକେଟ୍ କ୍ଲବ୍‌ର କବିର ସେନାପତି, ସଂଗ୍ରାମ ସେଠୀ, ଅଜିତ୍ ସେଠୀ, ନରେନ୍ଦ୍ର ସେଠୀ, ସୁଶାନ୍ତ ପରିଡ଼ା ଓ ହିମାଂଶୁ ସେଠୀ ପ୍ରମୁଖ ସଦସ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ




ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଯାଜପୁର ସଦର,୧୦।୧(ଡି.ଏନ.ଏ.): ଯାଜପୁର ବ୍ଲକ୍ ଅନ୍ତର୍ଗତ ବଡ଼ସୁଆର ପଞ୍ଚାୟତର ଇଲେଟ୍ ଫାଉଣ୍ଡେଶନ୍ ପକ୍ଷରୁ ଜଗନ୍ନାଥଜୀଉ ମଧ ଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୀ ବିଧାୟିକା ସୁନନ୍ଦା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ବିଦ୍ୟାଳୟର ପୁରାତନ ଶିକ୍ଷକ ବିଦ୍ୟୁଭୂଷଣ ନାୟକଙ୍କ ସଭାପତିତ୍ୱରେ ଏହି କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଇଲେଟ୍ ଫାଉଣ୍ଡେଶନ୍ ଅଧକ୍ଷ ତନୋଜ କୁମାର ରାଉତ, କୁମାର ଚାନ୍ଦ ରଣା, ପାର୍ଥ ମାଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପିଲାଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ପାଇଁ ଫାଉଣ୍ଡେଶନ୍ ତରଫରୁ ଏକ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲା। ଏଥିସହିତ ଜଣେ କମ୍ପ୍ୟୁଟର ପ୍ରଶିକ୍ଷକ ଯୋଗାଇ ଦେବାକୁ ଫାଉଣ୍ଡେଶନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। ଉତ୍ସବରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମାଧବାନନ୍ଦ ପରିଡ଼ା, ଶିକ୍ଷକ ଉମାକାନ୍ତ ସାହୁ, ଶିକ୍ଷୟିତ୍ରୀ ସୀମାରାଣୀ ମିଶ୍ର, ତୃପ୍ତିମୟୀ ଧଳ ଓ ସ୍କୁଲର କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଫାଉଣ୍ଡେଶନ୍‌ର ଏହି ବଦାନ୍ୟତାକୁ ମୁଖ୍ୟ ଅତିଥି ପ୍ରଶଂସା କରିଥିଲେ।

# 'ବିଜେଡି ଜନ ସେବାକାରୀ ଦଳ'

**ବରୀ ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ**



ପ୍ରତିଷ୍ଠା ଦିବସ ମଞ୍ଚରେ ଯୋଗଦେଇଥିବା ଅତିଥି।

ରସୁଲପୁର,୧୦।୧(ଡି.ଏନ.ଏ.): ରସୁଲପୁର ବ୍ଲକ୍ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଗୋପାଳପୁର ଛକ ନିକଟରେ ମଙ୍ଗଳବାର ଅପରାହ୍ଣରେ ବରୀ ନିର୍ବାଚନମଣ୍ଡଳୀ ବିଜେଡିର ୨୫ବର୍ଷ ପୂର୍ତ୍ତି ସମାରୋହ ଓ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ଅତିଥିମାନେ ବିଜେଡିକୁ ଏକ ଜନସେବାକାରୀ ଦଳ ବୋଲି ଅଭିହିତ କରିଥିଲେ। ଏଥିସହ ଦଳରେ ଭୋଟ ହାର କ୍ରମଶଃ ବଢ଼ିବାରେ ଲାଗିଛି ବୋଲି ସୂଚନା ପ୍ରଦାନ କରି କହିଥିଲେ, ୨୦୦୦ ମସିହାରେ ବିଜେଡି ଓ ଭାଜପା ମିଳିତ ସକରାର ଗଠନ କରିବା ସମୟରେ ଦଳକୁ ୩୮.୫ ଶତକଡ଼ା ଭୋଟ ମିଳିଥିଲା। ୨୦୦୪ରେ ୪୩ ଶତକଡ଼ା, ୨୦୦୯ରେ ୪୪ ଶତକଡା ଓ ୨୦୧୪-୧୯ରେ ଦଳକୁ ୪୫ ଶତକଡ଼ାରୁ ଉର୍ଦ୍ଧ୍ୱ ଭୋଟ ମିଳିଛି। ପ୍ରତ୍ୟେକ ନିର୍ବାଚନରେ ଦଳର ଭୋଟହାର ବଢ଼ିବା ସହ ବିଧାନସଭାରେ ଆସନ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୨୨ ପଞ୍ଚାୟତ ନିର୍ବାଚନରେ ଦଳକୁ ୫୩ ଶତକଡ଼ାରୁ ଉର୍ଦ୍ଧ୍ୱ ଭୋଟ ମିଳିଥିବା ବେଳେ ଉପନିର୍ବାଚନରେ ଦଳକୁ ଅଭୂତ ସଫଳତା ମିଳିବାରୁ ବିଜେଡି ଲୋକଙ୍କ ଦଳ ବୋଲି ପ୍ରମାଣିତ ହେଉଛି। ଏହା କେବଳ ସମ୍ଭବପର ହୋଇପାରିଛି ଦଳର ଜନସେବା ମନୋବୃତ୍ତି, ଜନହିତକାରୀ ଯୋଜନା, ଗରିବ ଲୋକଙ୍କ ପେଟର ଭୋକକୁ ବୁଝିବାର ପ୍ରୟାସରୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରୀ ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନକୁ ମଜଭୁତ କରିବା ପାଇଁ ବିଧାୟିକା ସୁନନ୍ଦା ଦାସ, ବିଜେଡି ସଂଯୋଜକ ଦେବେନ୍ଦ୍ର ଦାସ ଅହରହ ଉଦ୍ୟମ କରିଆସୁଛନ୍ତି, ଯାହା ଏଠାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ଉପସ୍ଥିତ ଜନସମୁଦ୍ରରୁ ପ୍ରମାଣିତ ହୋଇପାରିଛି ବୋଲି ଅତିଥି ପ୍ରକାଶ କରିଥିଲେ।

ଯାଜପୁର ଜିଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ସଭାରେ ମୁଖ୍ୟ ଅତିଥି ଭାବେ ଦଳର ଉପସଭାପତି ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ବଡ଼ଚଣା ବିଧାୟକ ଅମରପ୍ରସାଦ ଶତପଥୀ, ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବରୀ ବିଧାୟିକା ସୁନନ୍ଦା ଦାସ, ଯାଜପୁର ଜିଲା ପରିଷଦ ଅଧକ୍ଷା ନଳିନୀପ୍ରଭା ଜେନା, ରସୁଲପୁର ବ୍ଲକ୍ ଅଧକ୍ଷ ଅରୁଣ କୁମାର ରାଉତ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବରୀ ନିର୍ବାଚନମଣ୍ଡଳୀ ବିଜେଡି ସଭାପତି କେଦାର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ କୁମାର ରାଉତ, ୩୫ ନଂ. ଜିଲା ପରିଷଦ ସଦସ୍ୟା ଶଶିରେଖା ପୃଷ୍ଟି, ସରପଞ୍ଚ ମମତା ଶୁଭଦର୍ଶିନୀ ଦେଓ, ସ୍ୱର୍ଣ୍ଣଲତା ସାହୁ, ଦୁର୍ଗା ଦାସ, ସମବାୟ ନେତା ନରେଶ ମହାନ୍ତି ଓ ବୁଣାକାର ନେତା ନରେନ୍ଦ୍ର କୁମାର ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ରସୁଲପୁର ବ୍ଲକ ବିଜେଡି ସଭାପତି ଲୋକନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା କର୍ମୀ ଓ ଜନସାଧାରଣ।

## ବାଇକ୍ ଦୁର୍ଘଟଣା, ଚାଳକ ମୃତ

ପଟ୍ଟାମୁଣ୍ଡାଇ,(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଚାହାପଡା ନିକଟରେ ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ବାଇକ୍ ଚାଳକ ହେଲେ ରାଜନଗର ବ୍ଲକ ଘଡିଆମାଳ ଗ୍ରାମର ବିଜୟ ପ୍ରଧାନ। ସେ ପଟ୍ଟମୁଣ୍ଡାଇରୁ ବାଇକ୍ ଯୋଗେ ରାଜନଗର ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ସଂକ୍ଷେପରେ

### ୧ ଟ୍ରଲର ଜବତ, ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୦।୧(ଡି.ଏନ୍.ଏ.): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୮ଜଣ ମତ୍ସ୍ୟଜୀବୀଙ୍କୁ ମଙ୍ଗଳବାର ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ନେତୃତ୍ୱରେ ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟି ଓ ବନ କର୍ମଚାରୀମାନେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବିରଳ କଇଁଛଙ୍କ ସୁରକ୍ଷା ପାଇଁ ପାଟ୍ରୋଲିଂ କରୁଥିବା ବେଳେ ହବାଲିଖଟିଠାରୁ ୯ କିମି ଦୂରରେ ବେଆଇନ ଭାବେ ମାଛ ମାରୁଥିବା ମା'ମନସା-୩ ନାମକ ଟ୍ରଲରକୁ ଜବତ କରିଥିଲା। ଏଥିରେ ଥିବା ରହିମାନ ଅଲ୍ଲୀ ଖାନ, ତପନ ସିଂ, ରବୀନ୍ଦ୍ର ଦାସ, ବରେନ୍ଦ୍ର ଜେନା, ପୁରୁଷୋତ୍ତମ ସିଂ, ବୁଦ୍ଧିରାମ ସେଠୀ, ଯଶୋବନ୍ତ ସେଠୀ, ଦେବେନ୍ଦ୍ର ଦାସ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛନ୍ତି। ଜବତ ଟ୍ରଲରରୁ ଦେଢ କୁଇଣ୍ଟାଲ ମାଛ, ୯ଟି ଟ୍ରଲିଂ ନେଟ, ଗୋଟିଏ ଜିପିଏସ୍, ଗୋଟିଏ ଭିଏଚ୍ଏଫ୍ ଜବତ କରାଯାଇଛି। ଗିରଫ ମତ୍ସ୍ୟଜୀବୀଙ୍କୁ ବନ୍ୟପ୍ରାଣୀ ଆଇନ ୧୯୭୨ ଧାରା ୨୭, ୨୯, ୩୧ରେ କୋର୍ଟ ଚାଲାଣ କରାଯାଇଛି।

### ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ପଟ୍ଟାମୁଣ୍ଡାଇ,୧୦।୧(ସ୍ୱ.ପ୍ର.): ଆସନ୍ତ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟିର ଆବାହକ ତଥା ତହସିଲଦାର ଦିଲୀପ କୁମାର ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସଦସ୍ୟ ଓ ବିଭିନ୍ନ ସରକାରୀ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ଉତ୍ସବ ପଟ୍ଟାମୁଣ୍ଡାଇ ପ୍ୟାରେଡ ପଡିଆଠାରେ ଅନୁଷ୍ଠିତ ହେବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବିଧାୟକ ପତାକା ଉତ୍ତୋଳନ କରିବେ। ଏହି ବୈଠକରେ କମିଟିର ସମ୍ପାଦକ ବିଜୟ କୁମାର ସାହୁ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଇନ୍ସପେକ୍ଟର ତପନ କୁମାର ରାଉତ, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଏନ୍‌ସିସି ଅଫିସର କ୍ୟାପଟେନ ମନୋଜ ପରିଡା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅନିରୁଦ୍ଧ ରାଉଳ, ଦୁର୍ଯ୍ୟୋଧନ ପରିଡା, ପ୍ରମୋଦ ସାହୁ, ପତିତପାବ ଭଦ୍ର, ଅନୀଲ ଚୌଧୁରୀ, ଆଇନଜୀବୀ ବୀରକିଶୋର ଦାସ, ଗୋପୀନାଥ ତ୍ରିପାଠୀ, ପ୍ରମୋଦ କୁମାର ଜେନା, ବଣିକ ସଂଘ କର୍ମକର୍ତ୍ତା ସୁଦର୍ଶନ ଦାଶ, ପ୍ରତାପ ପାଢ଼ୀ ପ୍ରମୁଖ ବହୁ ସଦସ୍ୟ, ସରକାରୀ କର୍ମଚାରୀ, ଅଫିସର ଯୋଗ ଦେଇଥିଲେ।

### ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ରାଜକନିକା ୧୦।୧(ଡ଼ି.ଏନ.ଏ.): ରାଜକନିକା ବ୍ଲକ ଓଲାଭର କଲେଜରେ ସୋମବାର ଆତ୍ମରକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ୮ ଦିନ ଧରି ଚାଲିବ। ଶିବିରକୁ ଅଧକ୍ଷା ନିରୂପମା ବଳ ଉଦ୍‌ଘାଟନ କରି ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରବୀନ୍ଦ୍ର ପାତ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଶିକ୍ଷିତ ଓ ଶୃଙ୍ଖଳିତ ହେବା ପାଇଁ କହିଥିଲେ। ଏଥିରେ ଅଧାପିକା ମଧୁସ୍ମିତା ଶୁକ୍ଳା, ଇଂରାଜି ବିଭାଗର ଅଧାପିକା ରଶ୍ମିତା ବେହେରା , ଅର୍ଥଶାସ୍ତ୍ର ବିଭାଗର ଅଧାପିକା ସରୋଜିନୀ ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ମଞ୍ଜୁଲତା ସେନାପତି ଓ ମନୀଷାରାଣୀ ପୃଷ୍ଟି ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ତାଲିମ ପ୍ରଦାନ କରୁଥିବା ବେଳେ ଅନେକ ଛାତ୍ରୀ ସାମିଲ ହୋଇଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଆଳି,୧୦।୧(ଡି.ଏନ.ଏ.) : ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମସ୍ତିକାଘାତ ମଙ୍ଗଳବାର ସକାଳେ ପରଲୋକ ହୋଇଯାଇଛି। ସେ ହେଲେ ଆଳି ବ୍ଲକ ଅର୍ଗଳ ଗାଁର ଅବସରପ୍ରାପ୍ତ ଶିକ୍ଷକ ବଳରାମ ତ୍ରିପାଠୀ (୭୦)। ତାଙ୍କୁ ତୁରନ୍ତ ଭୁବନେଶ୍ୱର ନିଆଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସକାଳ ୫ ଟା ବେଳେ ତାଙ୍କ ପରଲୋକ ହୋଇଥିଲା। ସେ ଧୋୟାଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ଶେଷରେ ନିଜ ଗ୍ରାମ ଅର୍ଗଳ ସ୍କୁଲରୁ ଅବସର ନେଇଥିଲେ। ଏହି ଖବର ପାଇବା ପରେ ବଳରାମ ମହାପାତ୍ର, ନୀଳାଦ୍ରି ଭୂଷଣ ମହାପାତ୍ର, ଭଗବାନ ନାୟକ, ପ୍ରଦୀପ୍ତ ମହାପାତ୍ର, ସୁବ୍ରତ ପରିଡ଼ା, ମାନଗୋବିନ୍ଦ ଦାସ, ଭୁବନାନନ୍ଦ ଦାସ ଓ ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ଆଦର୍ଶ ପୋଖରୀ ନିର୍ମାଣ ନାଁରେ ଅର୍ଥ ଆତ୍ମସାତ୍

ପଟ୍ଟାମୁଣ୍ଡାଇ, ୧୦।୧(ସ୍ୱ.ପ୍ର.)

- ଆବର୍ଜନା କୁଣ୍ଡରେ ପରିଣତ ହୋଇଛି
- ପଞ୍ଚାୟତ ପୋଖରୀ ପ୍ରତି ଅବହେଳା
- ବଢ଼ୁଛି ଜନ ଅସନ୍ତୋଷ

ଆଦର୍ଶ ପୋଖରୀ ପୁନରୁଦ୍ଧାର ନାମରେ ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରାଯାଇଥିବା ଅଭିଯୋଗ ହେଉଛି। ୩ ଦଫାରେ ସେହି ଟଙ୍କା ଖର୍ଚ୍ଚ କରାଯାଇଛି। ସେହି ପୋଖରୀ ଏବେ ଆବର୍ଜନା କୁଣ୍ଡଠୁ ବଳେଇ ପଡ଼ିଛି। ପୋଖରୀ ପାଣିରେ ଗୋଡ଼ ବୁଡ଼ାଇଲେ ଚର୍ମ ରୋଗ ହେଉଥିବା ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ କରାଗଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ସବୁ ଜାଣି ଚୁପ ହୋଇ ବସିଛନ୍ତି।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ପଞ୍ଚାୟତ ଜିଗରଣ ଗାଁର ଅନ୍ୟତମ ପ୍ରାଚୀନ ପୁଷ୍କରିଣୀ ରହିଛି। ଏହି ପୋଖରୀ ଆଖପାଖ ଗ୍ରାମ ଓ ବାଟୋଇଙ୍କ ପାଇଁ ଏକ ପ୍ରମୁଖ ଜଳ ଉତ୍ସ। ତେଣୁ ଏହାର ପୁନରୁଦ୍ଧାର କରି ମଡେଲ୍ ପୋଖରୀ ଭାବେ ଉପସ୍ଥାପନ କରିବାକୁ ପଞ୍ଚାୟତିରାଜ ବିଭାଗ ଯୋଜନା ପ୍ରସ୍ତୁତ କରିଥିଲା। ପ୍ରଥମତଃ ଦଳ ଓ ପଙ୍କ ସଫେଇ କରି ପୋଖରୀ ଜଳକୁ ସ୍ୱଚ୍ଛ କରିବାକୁ ଯୋଜନା କରାଗଲା। ସେହିଭଳି ସୌନ୍ଦର୍ଯ୍ୟକରଣ ପାଇଁ ହୁଡ଼ା ଚାରିକଡ଼ରେ ପାଦଚଲା ପାଇଁ ଫେବର ବ୍ରିକ୍ସ ରାସ୍ତା, ଜଳାଶୟର ପାଣିକୁ ବାହାରକୁ ଛାଡ଼ିବା ପାଇଁ ଡ୍ରେନ, ଚାରିକଡ଼ରେ ଆଲୋକୀକରଣ କରିବା, ବସିବା ପାଇଁ ସିମେଣ୍ଟ ବେଞ୍ଚ ଆଦି ନିର୍ମାଣ କରିବାକୁ ଯୋଜନା କରାଗଲା। ଏଥିପାଇଁ ୩ଟି ପର୍ଯ୍ୟାୟରେ ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କା ବ୍ୟୟ କରାଗଲା। ଏବେ ଏହି ପୋଖରୀର ପଶ୍ଚିମ ଓ ପୂର୍ବ ପାର୍ଶ୍ୱରେ ପାଦ ଚଲା ରାସ୍ତା ନିର୍ମାଣ ହୋଇଛି। ଏହା ବ୍ୟତୀତ ଅନ୍ୟ କୌଣସି କାମ କରାଯାଇନାହିଁ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଯେତିକି କାମ ହୋଇଛି, ସେଥିପାଇଁ ଅତି ବେଶିରେ ୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବ। ଏବେ ପୋଖରୀ ପାଣିରେ ବିଭିନ୍ନ ପ୍ରକାର ଆବର୍ଜନାଠାରୁ ଆରମ୍ଭ କରି ପ୍ରଚୁର ଦଳ ଭର୍ତ୍ତି ହୋଇରହିଛି। ଜଳ ଅବସ୍ଥା ଏତେ ଖରାପ ଯେ, କେହି ଶୌଚ କରିବାକୁ ବି ଇଚ୍ଛା କରୁନାହାନ୍ତି। ଏମିତିକି ପୋଖରୀ ପାଣିରେ ଗୋଡ


ଆବର୍ଜନା ଭର୍ତ୍ତି ହୋଇଥିବା ପୋଖରୀ।

ବୁଡାଇଲେ ଚର୍ମରୋଗ ହୋଇଯାଉଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ସେହିଭଳି ଭଲ ଭାବେ ପଙ୍କ ଉଦ୍ଧାର ହୋଇ ନ ଥିବାରୁ କୂଳ ବି ପୋତି ହୋଇଯାଇଛି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀ ଏହି ଟଙ୍କା ଚଳୁ କରିଥିବା ଅଭିଯୋଗ ହୋଇଛି। ତେଣୁ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଲା ବୋଲି ପଞ୍ଚାୟତବାସୀ କ୍ଷୋଭର ସହ କହିଛନ୍ତି। ଅନ୍ୟପକ୍ଷରେ ନିର୍ମାଣ ହୋଇଥିବା ପୋଖରୀ ରାସ୍ତା ବହୁ ଅଂଶ ଖରାପ ହୋଇଗଲାଣି। ପାଖ ଆଡିର ସିମେଣ୍ଟ ଛାଡି ବାଲି ଧୋଇ ଫେବର ଖସି ଯାଉଥିବାବେଳେ ବର୍ଷାପାଣି ଜମୁଛି। ବ୍ଲକର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ ତାଙ୍କର ଜଣେ ଘନିଷ୍ଠ ସହଯୋଗୀ ଓ ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ଏହି କାମ କରିଥିଲେ। ଏଭଳି ଅନିୟମିତତା ହୋଇଥିବା ନେଇ ଅକ୍ଷୟ କୁମାର ବଳ, ବବ୍ରୁବାହନ ବଳ, ଦାଶରଥି ବଳ, ବିଶ୍ୱନାଥ ସ୍ୱାଇଁ, ଅମୂଲ୍ୟ ଦାସ, ଚତୁର୍ଭୁଜ ଦାସ, ପତିତପାବନ ରାଉତ, ପଞ୍ଚାନନ ଦାଶ, ପ୍ରକାଶ ମଲ୍ଲିକ, ସୁକାନ୍ତ ମଳିକ, ରମେଶ ମଳିକ, ସୁକାନ୍ତ ଦାସ, ବାଇଧର ମଳିକ, ରବୀନ୍ଦ୍ର ନାୟକ, ମାଧବାନନ୍ଦ ମଳିକ ପ୍ରମୁଖ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ କେନ୍ଦ୍ରାପଡ଼ା ଜିଲାପାଳ ଓ ପଟ୍ଟାମୁଣ୍ଡାଇ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପଞ୍ଚାୟତ ଅଫିସ ପାଖରେ ଥିବା ପୋଖରୀରେ ଦଳ ଓ ଆବର୍ଜନା ଭର୍ତ୍ତି ହୋଇ ରହିଥିବା ବେଳେ ବେଆଇନ ଭାବେ ଡ୍ରେନେଜ କଟ୍‌ରେ ପୋଖରୀ ନିର୍ମାଣ କରି ୪ ଲକ୍ଷ ଚଳୁ କରାଯାଇଥିବା ନେଇ ଅଭିଯୋଗ ମଧ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ପ୍ରଶାସନର ଏଭଳି ଭୁଲ୍ ନିଷ୍ପତ୍ତିକୁ ନେଇ ଖଡିଅଣ୍ଟା ପଞ୍ଚାୟତରେ ତୀବ୍ର ଜନ ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ପଞ୍ଚାୟତରେ ପୂର୍ବରୁ ପଞ୍ଚାୟତ ପୋଖରୀ ଥିଲେ ମଧ ତାହା ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହି ଯାଇଥିବା ବେଳେ ଜିଗରଣ ଜଳ ନିଷ୍କାସନ ପଥ ପାଟନାଳିର ଦୁଇ ମୁଣ୍ଡକୁ ବନ୍ଧାଇ ବେଆଇନ ଭାବେ ଏକ ପୋଖରୀ ନିର୍ମାଣ କରାଯାଇଛି। ଉକ୍ତ ପୋଖରୀ କାହା ସ୍ୱାର୍ଥରେ ଲାଗୁ ନାହିଁ। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ରତନେଶ ପାଣ୍ଡେଙ୍କୁ ପଚାରିବାରୁ ୨ ମାସ ହେବ କାମରେ ଯୋଗ ଦେଇଛି। ଏ ପୋଖରୀ କାମ ବିଷୟରେ କିଛି ଜାଣିନାହିଁ ବୋଲି ସେ କହିଛନ୍ତି।

# ଡେରାବିଶ ତହସିଲ କାର୍ଯ୍ୟାଳୟ ଆଗରେ ଗଣଧାରଣା



ଗୋଚର ଜମି ଜବରଦଖଲ ପ୍ରତିବାଦରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ୨ ଗ୍ରାମବାସୀଙ୍କ ଧାରଣା।

## ସର୍ବସାଧାରଣଙ୍କ ଗୋଚର ଜମିକୁ ଜବରଦଖଲ

ଡେରାବିଶ,୧୦।୧(ସ୍ୱ.ପ୍ର.)

ଡେରାବିଶ ତହସିଲ ଅନ୍ତର୍ଗତ ଚାଟରାଚକଡ଼ା ପଞ୍ଚାୟତର ଚାଟରା ଶାସନ ଗାଁରେ ଥିବା ସର୍ବସାଧାରଣଙ୍କ ଉଦ୍ଦିଷ୍ଟ ଗୋଚର ଜମିକୁ ଜବରଦଖଲ କରି ତାରବାଡ଼ ସହ ଫଳନ୍ତି ଗଛ ପକା ଯାଇଛି। ସେହିପରି ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ତରଜଙ୍ଗା ଗାଁରେ ଥିବା ସର୍ବସାଧାରଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଗୋଚର ଜମିରେ ଗୃହ ନିର୍ମାଣ ପ୍ରତିବାଦରେ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ ତହସିଲ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଉଭୟ ଚାଟରା ଶାସନ ଓ ତରଜଙ୍ଗା ଗ୍ରାମର ଶତାଧିକ ମହିଳାଙ୍କ ସମେତ ଗ୍ରାମବାସୀ ପୂର୍ବାହ୍ନ ୧୦ଟାରୁ ଏହି ଧାରଣାରେ ଯୋଗ ଦେଇଥିଲେ।

ଚାଟରାଶାସନ ଗାଁରେ କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳର ଜନୈକ ବ୍ୟକ୍ତି ଗ୍ରାମବାସୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଗୋଚର, ଶ୍ମଶାନ ଓ ଶ୍ରୀଦଧିବାମନ ଜୀଉଙ୍କ ସମ୍ପତ୍ତି ଉପରେ ବେଆଇନ ଭାବେ ଜବରଦଖଲ କରି ତାରବାଡ଼ ବୁଲାଇବା, ଗଛ ପକାଇବା ଫଳରେ ସାଧାରଣ ଲୋକଙ୍କ ଗାଈ, ଗୋରୁ ଚରିବା ଓ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ଏ ବିଷୟରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ ପ୍ରଶାସନିକ ଅଧିକାରୀଙ୍କ ସ୍ଥାଣୁତା ସାଧାରଣ ଲୋକଙ୍କୁ ବିସ୍ମିତ କରିଛି। ଏହି ୨ଟି ଗାଁରେ ଅବରୋଧ ନ ହଟିବା ଯାଏ ଧାରଣା ଚାଲୁ ରହିବ ବୋଲି ପଣ୍ଡିତ ମିଶ୍ର ସୂଚନା ଦେଇଥିଲେ। ଅପରାହ୍ନ ୨ଟାରେ ଭାରପ୍ରାପ୍ତ ତହସିଲଦାର ପୁରୁଷୋତ୍ତମ ଦାସ ଓ ଅତିରିକ୍ତ ତହସିଲଦାର ସୁଜିତ କୁମାର ସ୍ୱାଇଁ ଓ ଡେରାବିଶ ଥାନା ଅଧିକାରୀ ଜ୍ୟୋତିର୍ମୟୀ ସେଠୀ ଧାରଣାସ୍ଥଳକୁ ଆସି ଆସନ୍ତା ୧୩ ତାରିଖ ସୁଦ୍ଧା ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ସୁରେନ୍ଦ୍ରନାଥ ମିଶ୍ର, ଶ୍ରୀନିବାସ କର, ଦିବାକର ଶତପଥୀ, ରବୀନ୍ଦ୍ର ମହାରଣା, ଶରତ ଚନ୍ଦ୍ର ମଲ୍ଲିକ, ଲକ୍ଷ୍ମୀନାରାୟଣ ମହାନ୍ତି, ପ୍ରମିଳା ସେଠୀ, କବିତା ମଳିକ, ରାଧା ମଳିକଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଆଇଆଇସି ସେଠୀ, ଏସ୍‌ଆଇ ରମେଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ପୋଲିସ ଟିମ୍ ମୁତୟନ ହୋଇଥିଲେ।

# ଶିକ୍ଷା ହିଁ ସମାଜକୁ ସୁଦୃଢ଼ କରିବାର ମୂଳମନ୍ତ୍ର


ବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟର ପ୍ଲାଟିନମ ଜୁବିଲି

ଡେରାବିଶ,୧୦।୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଦୋହଳିସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ବିଦ୍ୟାଳୟରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବିଲିର ମଙ୍ଗଳବାର ଥିଲା ଶେଷ ସନ୍ଧ୍ୟା। ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଅଧିବେଶନରେ ସଂସଦର ସଭାପତି ବିଧୂ ଭୂଷଣ ମହାନ୍ତି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଏମ୍‌ସ୍‌ର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ ମହାପାତ୍ର ଯୋଗଦେଇ ସମାଜିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଶିକ୍ଷା ହିଁ ଏକମାତ୍ର ମୂଳମନ୍ତ୍ର ବୋଲି କହିଥିଲେ। ବର୍ତ୍ତମାନର ଗୁଣାତ୍ମକ ଶିକ୍ଷା ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମାନସିକ, ଶାରୀରିକ, ଆଧାତ୍ମିକ ଓ ସମାଜସେବାର ବିକାଶ ଉପରେ ଶିକ୍ଷକମାନେ ଗୁରୁତ୍ୱ ଦେବା ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ପ୍ରଶାସକ ଡ. ଅରବିନ୍ଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ଆମର ପରମ୍ପରା, ପୂଜ୍ୟପୂଜା ଓ ଗୁରୁଙ୍କୁ ସମ୍ମାନ ସମାଜକୁ ପରିମାର୍ଜିତ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଆଜିର ଏହି ପ୍ଲାଟିନମ ଜୁବୁଲିରେ ଏହି ବିଦ୍ୟାଳୟ ଏକ ନୂଆ ପର୍ଯ୍ୟାୟ ସୃଷ୍ଟି କରିଛି। ସମ୍ମାନିତ ଅତିଥି ଭାବେ କେନ୍ଦ୍ରାଞ୍ଚଳ ଆୟୁକ୍ତ ଡ. ସୁରେଶ ଚନ୍ଦ୍ର ଦଳେଇ ଯୋଗଦେଇ ଭାରତ ସ୍ୱାଧୀନତାର ପୂର୍ବବର୍ତ୍ତୀ ଅବସ୍ଥାରେ ଗଢ଼ି ଉଠିଥିବା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆଜି ଦେଶ ବିଦେଶରେ ନିଜର ପ୍ରତିଭାକୁ ବିକଶିତ କରିବା ସହ ନିଜ ଜନ୍ମମାଟି ଓ ଶିକ୍ଷାୟତନକୁ ଗୌରବ ଆଣିବାରେ ସହାୟକ ହୋଇଛନ୍ତି ବୋଲି କହିଥିଲେ। ତେବେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ନିଜ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ଗଢ଼ିଥିବା ନିଜ ହାତ ତିଆରି ଅନୁଷ୍ଠାନ ପାଇଁ ତାଙ୍କର ଅନବଦ୍ୟ ତ୍ୟାଗ ବୋଲି ଅତିଥିମାନେ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ବନମାଳୀ ବ୍ରହ୍ମଚାରୀଙ୍କ ସୁପୁତ୍ରୀ କମଳା କୁମାର ସାମନ୍ତରାୟ ଓ ବହୁ ପ୍ରାକ୍ତନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତିବାଳା ରଥ ଅତିଥି ପରିଚୟ ଓ ବିବରଣୀ ପ୍ରଦାନ କରିଥିଲେ। ସଂସଦର ସମ୍ପାଦକ ନାରାୟଣ ଚକ୍ରବର୍ତ୍ତୀ ଧନ୍ୟବାଦ ଦେଇଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମକୁ ଦିଲୀପ କୁମାର ମହାନ୍ତି, ଉତ୍ତମ ଚରଣ ସ୍ୱାଇଁ, ଅମ୍ବିକା ରଥ, ଧୀରେନ୍ଦ୍ର କୁମାର ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରାଜ୍ୟରେ ନବୀନ ବିକାଶର ନୂଆ ମଡେଲ

## ବିଜେଡି ପ୍ରତିଷ୍ଠା ଦିବସରେ ଜନସମାବେଶ


ବିଜେଡି ପ୍ରତିଷ୍ଠା ଦବିସରେ ମଞ୍ଚାସୀନ ନେତାମାନେ।

ପଟ୍ଟାମୁଣ୍ଡାଇ,୧୦।୧(ସ୍ୱ.ପ୍ର.)

ରାଜନଗର ନିର୍ବାଚନ ମଣ୍ଡଳୀର ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବକ୍ତାରପୁର ପଡିଆରେ ବିଜେଡି ପ୍ରତିଷ୍ଠା ଦିବସରେ ବିଶାଳ ଜନସମାବେଶ ହୋଇଥିଲା। ଚାରିଆଡ ଲୋକାରଣ୍ୟ ହୋଇ ଯିବାରୁ ଘଣ୍ଟା ଘଣ୍ଟା ଧରି ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସାଧାରଣ ସଭାରେ ରାଜ୍ୟ ଛାତ୍ର ବିଜେଡି ସଭାପତି ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଭାଷଣ ଦେଇ ନବୀନ ସରକାର ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ପଦକ୍ଷେପ ନେବା ସହ ଯୁବଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବ୍ୟାପକ ଶିଳ୍ପାୟନ ଉପରେ ଗୁରୁତ୍ୱ ଦେଇ ନିବେଶକ ସମ୍ମିଳନୀ କରୁଛନ୍ତି। ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର ସୁନାମକୁ ଦ୍ୱିଗୁଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ୟ ଥର ପାଇଁ ହକି ବିଶ୍ୱକପ ଆୟୋଜନର ନେତୃତ୍ୱ ନେଇଛନ୍ତି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ କହିଥିଲେ, ସବୁବର୍ଗର ଲୋକମାନଙ୍କ ପାଇଁ ଯୋଜନା ପରେ ଯୋଜନା କରିଥିବା ନବୀନବାବୁ କାଳିଆ, ବଳିଆ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ଓ ମିଶନ ଶକ୍ତି ମା' ମାନଙ୍କୁ ଶିଳ୍ପଦ୍ୟୋଗୀ କରିବା ପାଇଁ ବିନା ସୁଧରେ ଋଣ ବ୍ୟବସ୍ଥା ଆଜି ତାଙ୍କୁ ଅପରାଜେୟ ନେତାର ମୁକୁଟ ପିନ୍ଧାଇବା ସହ ବିକାଶର ନୂଆ ମଡେଲ ହୋଇପାରିଛନ୍ତି। ଭଣ୍ଡାରୀପୋଖରୀ ବିଧାୟକ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ, ଓଡ଼ିଶା ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବା ୨ ଜାତୀୟ ଦଳ ଭାଷ୍ଟାଚାରୀ କଂଗ୍ରେସ ଓ ପ୍ରଚାର ସର୍ବସ୍ୱ ଭାଜପା କେବଳ ନିର୍ବାଚନ ଆସିଲେ ଓଡ଼ିଶା କଥା ମନେ ପକାନ୍ତି। ଆଗାମୀ ନିର୍ବାଚନରେ ଉଭୟ ଜାତୀୟ ଦଳକୁ ପ୍ରତ୍ୟାଖ୍ୟାନ କରି ଓଡ଼ିଶା ବିକାଶର ସାରଥୀ ବିଜେଡିକୁ ପୁନର୍ବାର ବିଜୟୀ କରିବାକୁ ନିବେଦନ କରିଥିଲେ। ରାଜନଗର ବିଧାୟକ ଧ୍ରୁବ ସାହୁ କହିଥିଲେ, ରାଜନଗର-ପଟ୍ଟାମୁଣ୍ଡାଇ ଅଞ୍ଚଳର ତଳ ପାହାଚରେ ଥିବା ଲୋକ ନିକଟରେ ବିକାଶଧାରା ଓ ସାମାଜିକ ନ୍ୟାୟ ପହଞ୍ଚିଲେ ମୋ ରାଜନୈତିକ ସ୍ୱପ୍ନ ସଫଳ ହୋଇପାରିବ। ଏ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସଭାରେ ଜିଲା ବିଜେଡି ସଭାପତି ଉତ୍କଳ କେଶରୀ ପରିଡା, ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ ପ୍ରତିହାରୀ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ, ରାଜନଗର ବ୍ଲକ ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ସାନିଆ ପରମିନ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ମହିଳା ବିଜେଡି ସଭାନେତ୍ରୀ ଲାସ୍ୟମୟୀ ସାହୁ, ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ରହିଥିଲେ। ସଭା ପୂର୍ବରୁ ବିଧାୟକ ସାହୁଙ୍କ ନେତୃତ୍ୱରେ ଶୋଭାଯାତ୍ରା ସ୍ଥାନୀୟ ବିଜେଡି ଅଫିସରୁ ବାହାରି ପଟ୍ଟାମୁଣ୍ଡାଇ ବଜାର ପରକ୍ରମା କରିଥିଲା।

# ପଟ୍ଟାମୁଣ୍ଡାଇ କଲେଜ ସ୍ନାତକ ୧୯୯୩ ବ୍ୟାଚ୍‌ର ବନ୍ଧୁମିଳନ

ପଟ୍ଟାମୁଣ୍ଡାଇ,୧୦।୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ କଲେଜ ସ୍ନାତକ ୧୯୯୩ ବ୍ୟାଚରେ ବନ୍ଧୁ ମିଳନ ଉତ୍ସବ କଲେଜ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚର ପୂର୍ବତନ ଛାତ୍ର ନୃସିଂହ ଚରଣ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଲେଜ ଅଧକ୍ଷା ଡ. ପ୍ରେମଲତା ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ ଅଧକ୍ଷ ଅନିରୁଦ୍ଧ ରାଉଳ, ଭରତ ଚନ୍ଦ୍ର ପାତ୍ର, ପ୍ରାଧାପକ ରାମସ୍ୱାମୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପିଲାଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ପୁରାତନ ଛାତ୍ରୀଛାତ୍ର ଜ୍ୟୋତିର୍ମୟ ତ୍ରିପାଠୀ, ଶୁଭଦୀପ ଗୁପ୍ତା, ଉପେନ୍ଦ୍ର ନାୟକ, ତପନ ପାତ୍ର, ମୃତ୍ୟୁଞ୍ଜୟ ପଣ୍ଡା, ସୁବାସ ସାହୁ, ପ୍ରଫୁଲ୍ଲ ଦାଶ, ଜଗତ ଜୀବନ ପଣ୍ଡା, ଦୁଷନ୍ତ ବିଶ୍ୱାଳ ପ୍ରମୁଖ ଯୋଗଦେଇ ପରସ୍ପର ମଧରେ ଭାବ ବିନିମୟ କରିଥିଲେ। ୨୦୨୨ ପଟ୍ଟାମୁଣ୍ଡାଇ କଲେଜର ଟପ୍ପରଙ୍କୁ ସମ୍ବର୍ଦ୍ଧନା କରାଯିବା ପାଇଁ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ନିଷ୍ପତ୍ତି ନେଇଥିଲେ। ଏହି ଅବସରରେ ନିମାଇଁ ଚରଣ ଦାସ, ବିଶ୍ୱ ରଞ୍ଜନ ଭୂୟାଁ, ରାମଚନ୍ଦ୍ର ପାତ୍ରଙ୍କ ପରିଚାଳନାରେ ନୃତ୍ୟ ଓ ସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପତ୍ରପୁର ପଞ୍ଚାୟତ ଦୁର୍ନୀତିର ଗନ୍ତାଘର ପାଲଟିଛି

ଆଳି,୧୦।୧(ଡି.ଏନ.ଏ.)


ବିଡିଓଙ୍କ ଅଭିଯୋଗ କରିବାକୁ ଆସିଥିବା ପତ୍ରପୁର ପଞ୍ଚାୟତର ଗ୍ରାମବାସୀ।

## ଗ୍ରାମବାସୀଙ୍କ ତଦନ୍ତ ଦାବି

ପଞ୍ଚାୟତର ବିକାଶ ନିମନ୍ତେ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଉଥିବା ବେଳେ ବିକାଶ ନାମରେ ମିଛ ବିଲ୍ କରି ଟଙ୍କା ହଡ଼ପ ହେବା ଭଳି ସଙ୍ଗୀନ ଅଭିଯୋଗ ଆଳି ବ୍ଲକ ପତ୍ରପୁର ପଞ୍ଚାୟତର ଗ୍ରାମବାସୀ ଆଣିଛନ୍ତି। ଗ୍ରାମବାସୀ ଆଳି ବିଡିଓଙ୍କୁ ଲିଖିତ ଭାବେ ଦେଇଥିବା ଅଭିଯୋଗ ଅନୁଯାୟୀ, ପଞ୍ଚାୟତ ଅଧିକାରୀମାନେ କିଛି ଫଳକ ଓ କେତେକ ମିଥ୍ୟା ବିଲ କରି ଅର୍ଥ ହଡ଼ପ କରି ନେଇଛନ୍ତି। ୨୦୨୨/୨୩ ଆର୍ଥିକ ବର୍ଷରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନରେ ୧ ଲକ୍ଷ ୨୮ ହଜାର ଟଙ୍କା ପତ୍ରପୁର ୟୁପି ସ୍କୁଲରେ ଖର୍ଚ୍ଚ ହୋଇଥିବା ବେଳେ ମାତ୍ର ୨ଟି ପାଣି ଟାଙ୍କି ବସାଇ ଅର୍ଥ ହରିଲୁଟ କରାଯାଇଛି। ସେହିପରି ବିଦ୍ୟାଳୟ ପରିସରରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୫ ଲକ୍ଷ ଟଙ୍କା ବ୍ୟୟରେ ମାଟି ଫିଲିଂ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ତାହା ଶ୍ରମିକଙ୍କ ବଦଳରେ ଟ୍ରାକ୍ଟର ସାହାଯ୍ୟରେ କରାଯାଉଛି। ଏପରି କି ଟ୍ରାକ୍ଟର ଯାତାୟାତ ନିମନ୍ତେ ବର୍ଷେ ପୂର୍ବେ ନିର୍ମାଣ ହୋଇଥିବା ବିଦ୍ୟାଳୟ ପାଚେରୀକୁ ଭାଙ୍ଗି ଦିଆଯାଇଛି। ପଞ୍ଚାୟତରେ ଜବ୍‌କାର୍ଡଧାରୀଙ୍କୁ କାର୍ଯ୍ୟ ନ ଦେଇ ମେଶିନ ଲଗାଇ ଏହି କାର୍ଯ୍ୟ କରି ଅର୍ଥ ହଡ଼ପ ନିମନ୍ତେ ଚକ୍ରାନ୍ତ ଚଳାଇଛନ୍ତି। ପଞ୍ଚାୟତ ପକ୍ଷରୁ ଯେଉଁ ସୂଚନା ଫଳକ ମରାଯାଉଛି ସେଥିରେ ପ୍ରକଳ୍ପର ସମ୍ପୂର୍ଣ୍ଣ ତଥ୍ୟ ରହୁନାହିଁ। ଫଳରେ ସାଧାରଣ ଲୋକ କେଉଁ କାର୍ଯ୍ୟ ହେବ ସେ ନେଇ କିଛି ଜାଣିପାରୁନାହାନ୍ତି। ୨୦୨୨ ଡିସେମ୍ବରରେ ପଞ୍ଚାୟତର ପଲ୍ଲୀମଙ୍ଗଳ ସେବକ ସଂଘ ଗୃହ ସାନିଟାଇଜ ବାବଦରେ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଅନୁଦାନରୁ ୫୨,୯୧୮ ଟଙ୍କା ମିଥ୍ୟା ବିଲ କରି ଅର୍ଥ ହଡ଼ପ କରାଯାଇଛି। ଗୋଟିଏ ପରେ ଗୋଟିଏ ଦୁର୍ନୀତି ପତ୍ରପୁର ପଞ୍ଚାୟତରେ ହେଉଥିବା ବେଳେ ଗ୍ରାମବାସୀ ଏ ନେଇ ଆଳି ବିଡିଓ ଦ୍ୱିବେନ୍ଦୁ ଦାସଙ୍କ ନିକଟରେ ଅଭିଯୋଗ କରିଥିଲେ। ବିଡିଓ ଦାସ ଘଟଣାସ୍ଥଳକୁ ପଞ୍ଚାୟତର କନିଷ୍ଠଯନ୍ତ୍ରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପଠାଇ ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ବିଡିଓ କିମ୍ବା ଯନ୍ତ୍ରୀ କେହି ତଦନ୍ତ କରିବାକୁ ଯାଇନାହାନ୍ତି। ଫଳରେ କେନ୍ଦ୍ରାପଡ଼ା ଜିଲାପାଳ ଘଟଣା ପ୍ରତି ଦୃଷ୍ଟି ଦେଇ ତଦନ୍ତ କରିବା ନିମନ୍ତେ ପଞ୍ଚାୟତର ସୁବ୍ରତ ବେହୁରା,ବସନ୍ତ ପ୍ରଧାନ, ବିଜୟ ପରିଡା, ପ୍ରହ୍ଲାଦ ମଳିକ, ବସନ୍ତ ସ୍ୱାଇଁ, ସନତ ସ୍ୱାଇଁ, ସୁଶାନ୍ତ ରାଉତ, ସୁକାନ୍ତ ମଳିକ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

**ଆଜିଠାରୁ ଭାପୁର ମହୋତ୍ସବ**

ଭାପୁର,(ଡି.ଏନ.ଏ.): ଭାପୁର ବ୍ଲକ ଅଧୀନ ବାଲୁଙ୍କେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଭାପୁର ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହେବ । ଏହି ମହୋତ୍ସବ ୩ ଦିନ ଚାଲିବ । ଏଥିପାଇଁ ପ୍ରସ୍ତୁତି ଶେଷ ହୋଇଛି । ମହୋତ୍ସବସ୍ଥଳରେ ୧୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲିବ । ଏହି ଅବସରରେ ଭାପୁର ବନ୍ଦନା ନୃତ୍ୟ ସହ ବସନ୍ତ ରସଲୀଳା, ଆମେ ଭାପୁର ଫୁଲକଢ଼ି, ହ୍ୟୁମାନ ସାଗର ଗ୍ରୁପ ପକ୍ଷରୁ ମେଲୋଡ଼ି ଓ ସାଗର ସଙ୍ଗମ ବ୍ୟାଣ୍ଡ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସୂଚନା ମିଳିଛି । ସୋମବାର ଭାପୁର ବ୍ଲକ ଉପାଧକ୍ଷ ତଥା ମହୋତ୍ସବ କମିଟି ସଭାପତି ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଭୂମିପୂଜା ଅନୁଷ୍ଠିତ ହୋଇଥିଲା ।

# ୨୨ ମିଲର ନୟାଗଡ଼ରୁ କିଣିବେ ଧାନ

ନୟାଗଡ଼ ଅଫିସ,୧୦।୧

ନୟାଗଡ଼ ଜିଲାର ମିଲରଙ୍କ ମନାମାନି ଯୋଗୁ ସମ୍ବଲପୁର ଜିଲାର ୨୨ ମିଲର ଖୁବ୍‌ଶୀଘ୍ର ନୟାଗଡ଼ ଜିଲାରୁ ଧାନ କିଣିବାକୁ ଯାଉଛନ୍ତି । ସମ୍ବଲପୁର ଜିଲାପାଳ ମିଲରଙ୍କ ନାମ ଯୋଗାଣ ନିଗମ ଭୁବନେଶ୍ୱରର ପରିଚାଳକଙ୍କୁ ଦେବା ପରେ ଏହା ସ୍ପଷ୍ଟ ହୋଇଛି । ଅନ୍ୟପକ୍ଷେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଏହାକୁ ସ୍ୱୀକାର କରି କହିଛନ୍ତି, ଆଗକୁ ନୟାଗଡ଼ ଜିଲାର ଚାଷୀ ଆଉ ହଟହଟା ହେବେନି । ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟା ସମାଧାନ ହେବାକୁ ଯାଉଛି । ସମ୍ବଲପୁର ଜିଲା ଗୁଡକାଟିକିରାର ଶ୍ରୀ ଅନ୍ନପୂର୍ଣ୍ଣ ରାଇସ୍ ମିଲ୍, ମୁଣ୍ଡୋଘାଟର ଶ୍ରୀଗଣେଶ ରାଇସ ଇଣ୍ଡଷ୍ଟ୍ରୀ, କର୍ଣ୍ଣପଲ୍ଲୀର ଶ୍ରୀରାମ ରାଇସ୍ ମିଲ୍, ସାନଶିଂଘାରୀର ଅମ୍ବିକା ରାଇସ୍ ମିଲ୍, ମାଆ ସମ୍ବଲେଶ୍ୱରୀ ଫୁଡ ପ୍ରୋପାଇଟର, ଶ୍ରୀବାଲାଜୀ ଆଗ୍ରୋ ଟେକନିକାଲ ଓ ଜୟ ହନୁମାନ ରାଇସ୍ ମିଲ୍, ରେଙ୍ଗାଲିର ଶ୍ରୀ ଦୁର୍ଗା ରାଇସ୍ ମିଲ୍ ଓ କଳିଙ୍ଗ କମୁନିକେଶନ କର୍ପୋରେଶନ, ଏ.କଟାପଲ୍ଲୀର ଶ୍ରୀ ବାଲାଜୀ ରାଇସ୍ ମିଲ୍, ମରୋଙ୍ଗଲାର ଚୌଧୁରୀ ରାଇସ୍ ଆଣ୍ଡ ଚୁଡା ମିଲ୍, ବାଉଁଶରାର କଳିଙ୍ଗ ଆଗ୍ରୋ ଫୁଡସ୍, ନୂଆଖୁରୀଗାଁର ସାଲସର ଫୁଡସ୍ ପ୍ରାଇଭେଟ ଲିମିଟେଡ ନୟାଗଡ ଜିଲାରୁ



ଚାଷୀମାନଙ୍କ ସହ ଅତିରିକ୍ତ ଜିଲାପାଳ ଆଲୋଚନା କରୁଛନ୍ତି ।

### ଯୋଗାଣ ନିଗମ ପରିଚାଳକଙ୍କୁ ସମ୍ବଲପୁର ଜିଲାପାଳଙ୍କ ଚିଠି

ଧାନ କିଣିବାକୁ ଯାଉଛନ୍ତି । ଅନ୍ୟପକ୍ଷେ ସିଲିପଥରର ଭେଙ୍କେଟେଶ୍ୱର ଚୁଡା ଓ ରାଇସ୍ ମିଲ, ଜୟଘାଣ୍ଟର ହରିରାମ ରାଇସ୍ ମିଲ୍, ଲାରପ୍ୟାଙ୍କର ଆରକେ ରାଇସ୍ ମିଲ୍ ପ୍ରାଇଭେଟ ଲିମିଟେଡ, ବାବୁବନ୍ଧର ଭେଙ୍କେଣ୍ଟଶ୍ୱର ରାଇସ୍ ମିଲ୍, ବାରଗାଁର ଶାନ୍ତି ରାଇସ୍ ମିଲ୍ ଓ ମା ସମଲାଇ ଆଗ୍ରୋ ପ୍ରଡକ୍ଟସ୍, ସାସନର ଲକ୍ଷ୍ମୀ ଫୁଡସ୍, ବାରିବନ୍ଧର ଡରକୁଆ ଆଣ୍ଡ ସନସ ପ୍ରାଇଭେଟ ଲିମିଟେଡ, କୁଚିଣ୍ଡାର ମା'ମଙ୍ଗଳା ରାଇସ ମିଲ ପ୍ରାଇଭେଟ ଲିମିଟେଡ ମଧ୍ୟ ଅନୁରୂପ ଭାବେ ଧାନ କିଣିବେ ।

**ମିଲରେ ଗଚ୍ଛିତ ଧାନ ବଢୁଛି :** ଡିସେମ୍ବର ୨୩ ରୁ ଜିଲାରେ ଧାନକିଣାର ଶୁଭାରମ୍ଭ ହୋଇଥିବାବେଳେ ଧାନକିଣା ତ୍ୱରାନ୍ୱିତ ହେଉନି । ମିଲରଙ୍କ ଅସହଯୋଗ ଯୋଗୁ ଧାନକିଣା ବିଳମ୍ବ ହେବାରେ ଲାଗିଥିବାର ଅଭିଯୋଗ ହେଉଛି । ଏଭଳିସ୍ଥଳେ କେତେଜଣ ମିଲରଙ୍କ ଗୋଦାମ ଓ ସମ୍ପର୍କୀଙ୍କ ପାଖରେ ଧାନ ଗଚ୍ଛିତ ପରିମାଣ ବଢୁଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଧାନ ନ କିଣି ମିଲର ମାନେ ଧାନ କୁଆଡୁ ଆଣୁଛନ୍ତି ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି । ମଙ୍ଗଳବାର କେତେଜଣ ଚାଷୀ ଏନେଇ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି । ସେହିଭଳି ଟାକ୍ସଫୋର୍ସ ଗଠନ କରି ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ଅନ୍ୟ ବହୁ ଚାଷୀ ଦାବି କରି ଆସୁଛନ୍ତି । ଅଭିଯୋଗ ଅନୁସାରେ ଶୁକଳଗାଡିଆ ଓ ସୁନାଖଳା ଅଞ୍ଚଳର ଦୁଇଟି ମିଲରେ ଧାନ ଗଚ୍ଛିତ ରହିଛି । ରୋହିବାଙ୍କ ପେଟ୍ରୋଲ ପମ୍ପ ପଛ ପାଖରେ ଜଣେ ମିଲର ହଜାରରୁ ଊର୍ଦ୍ଧ୍ୱ ଧାନ ଗଚ୍ଛିତ କରି ରଖିଛନ୍ତି । ଯାହା ତଦନ୍ତ ସାପେକ୍ଷ । ଚାଷୀଙ୍କ ଉତ୍ତରରେ ଜିଲାପାଳ ଅନୁଧ୍ୟାନ କରାଯାଉଛି ବୋଲି କହିଥିଲେ ।

**ବସ୍ତା ପାଇଁ ୨ କିଲୋ କଟୁଛି:** ଚାଷୀଙ୍କ ଠାରୁ କଟ୍‌ନୀଛଟ୍‌ନୀ କରାଯିବନି ବୋଲି ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ ଚାଷୀ, ମିଲର, ପ୍ୟାକ୍ସ ସମ୍ପାଦକ,ଏଆରସିଏସଙ୍କୁ ବାରମ୍ବାର କହୁଛନ୍ତି । ସେହିପରି ଚାଷୀ ବସ୍ତା ବାବଦକୁ ଖର୍ଚ୍ଚ କରିବନି ବୋଲି ଅନୁରୂପ ଭାବେ ଜିଲାପାଳ କହୁଛନ୍ତି । ତେବେ ମିଲର ଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରି କିଛି ପାକ୍ସରେ କଟ୍‌ନୀଛଟ୍‌ନୀ କରି ଧାନ କିଣା ଆରମ୍ଭ କରିଛି । ପୁଣି ବସ୍ତା ବାବଦକୁ ୨ କେଜି ଲେଖାଏଁ କାଟୁଛି । ଜେମାଦେଇପୁର, ଶିଖରପୁର ପରି କେତେକ ପାକ୍ସରେ ୭କେଜି ଲେଖାଏଁ କଟ୍‌ନୀଛଟ୍‌ନୀ କରିବା ସହ ବସ୍ତା ପାଇଁ ୨କେଜି କଟୁଛି । ଏନେଇ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକୁ ମିଲର, ପାକ୍ସ ସମ୍ପାଦକ ମାନୁ ନାହାନ୍ତି । କଟ୍‌ନୀଛଟ୍‌ନୀ ଓ ବସ୍ତା ପାଇଁ ଧାନ କାଟିବା ପରେ ପ୍ରଶାସନ ଥିଲା ପରି ଲାଗୁନି । କଂଗ୍ରେସ ପକ୍ଷରୁ ଏକ ଟିମ୍ ଜେମାଦେଇପୁର ପାକ୍ସ ପରି ଏକାଧିକ ପ୍ୟାକ୍ସ ବୁଲି ଗ୍ରାଉଣ୍ଡ ଜିରୋ ରିପୋର୍ଟ ସଂଗ୍ରହ କରିଛି ବୋଲି କହିଛନ୍ତି ।

### ଏଫଏକ୍ୟୁ ଧାନରେ ୧୭ ପ୍ରତିଶତ ଆଦ୍ରତା

ଏଫଏକ୍ୟୁ ଧାନରେ ୧୭ ପ୍ରତିଶତ ଆଦ୍ରତା ରହିପାରିବ । ୧୭ ପ୍ରତିଶତ ଆଦ୍ରତା ଥାଇ ଧାନ କିଣା ଯାଇ ପାରିବ । ଅଧିକ ଆଦ୍ରତା ରହିଲେ ଏଫଏକ୍ୟୁ ମାନର ନୁହଁ ବୋଲି ନିୟନ୍ତ୍ରିତ ବଜାର କମିଟି ବାହାଡାଖୋଲା ପକ୍ଷରୁ ପ୍ରଚାର କରାଯାଇଛି । ଆଦ୍ରତାରେ ୧ ପ୍ରତିଶତ ବାଲି, ମାଟି, ଗୋଡ଼ି, ପଥର, ଧୂଳି ଆଦି ଅଜୈବିକ ପଦାର୍ଥ ଓ ୧ ପ୍ରତିଶତ କାଠି, କୁଟା, ଧୂସ, ଅଗାଡି ଆଦି ଜୈବିକ ପଦାର୍ଥ ରହି ପାରିବ । ସେହିଭଳି ୫ ପ୍ରତିଶତ ଖରାପ, ବେରଙ୍ଗୀ, ପାଣିଫୁଲା, ପୋକରା ରହିପାରିବ । ପୁଣି ୩ ପ୍ରତିଶତ ଅପରିପକ୍ୱ କଞ୍ଚା, ସବୁଜ, ବଙ୍କା, ସଙ୍କୁଚିତ ରହିବ । ଚଳିତ ବର୍ଷ ବିଳମ୍ବରେ ଧାନକିଣା ହୋଇଥିବାରୁ ଚାଷୀର ଧାନରେ ୧୩ରୁ ୧୪ ପ୍ରତିଶତ ଆଦ୍ରତା ରହୁଛି । ଯାହାକି ଏଫଏକ୍ୟୁ ମାନ ଧାନ ଠାରୁ ଅଧିକ ହୋଇଥିଲେ ମଧ୍ୟ ମିଲର କଟ୍‌ନୀଛଟ୍‌ନୀ କରୁଥିବାରୁ ଚାଷୀଙ୍କ ବିଦ୍ରୋହ ବଢୁଛି ।

## ସଂକ୍ଷେପରେ

### ଜାଲିଆତି କରି ରେଜେଷ୍ଟ୍ରି ଜମି ବିକ୍ରି

#### ନ୍ୟାୟ ପାଇଁ ଜିଲାପାଳଙ୍କୁ ଫେରାଦ୍

ନୟାଗଡ଼ ଅଫିସ,୧୦।୧:ନୟାଗଡ଼ ଜିଲା ରଣପୁର ତହସିଲ ରାଜସୁନାଖଳା ମୌଜାରେ ଗୋଟିଏ ରେଜେଷ୍ଟ୍ରୀ ଜମିକୁ ଜାଲିଆତି କରି ପୁନଃ ରେଜେଷ୍ଟ୍ରି କରାଇ ବିକ୍ରି ହୋଇଛି । ୧୧ ନଭେମ୍ବର ୨୦୧୩ରେ ରଣପୁର ସବ୍‌ରେଜିଷ୍ଟ୍ରାର ଅଫିସରେ ହୋଇଥିବା ଏହି ଜାଲିଆତି ସମ୍ପର୍କରେ ବିଭିନ୍ନ ସମୟରେ ଜିଲାପାଳ, ସବ୍‌ରେଜିଷ୍ଟ୍ରାର, ଉପଜିଲପାଳ, ଏସପିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସୁଫଳ ମିଳିନି । ମଙ୍ଗଳବାର ପୁଣିଥରେ ରାଜସୁନାଖଳା କୋଚିଆପଲ୍ଲୀ ମୌଜାର ମଦନ ମୋହନ ସାହୁ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । କୋଚିଆପଲ୍ଲୀ ମୌଜାର ମଦନ ମୋହନ ସାହୁ ଅଭିଯୋଗ ଅନୁସାରେ ସେ କାଉଁରୀପାଟଣା ସାହିର ପାଣ୍ଡବ ପ୍ରଧାନଙ୍କଠାରୁ ୪୬ ଡେସିମିଲ ଜମି ୧୯୭୨ ମସିହାରେ କିଣିଥିଲେ । ସେ ସମୟରେ ସଂପୃକ୍ତ ଜମି ରଣପୁର ତହସିଲରେ ରେଜେଷ୍ଟ୍ରୀ ହୋଇଥିଲା । ତେବେ ଦାଖଲ ଖାରଜ ହୋଇ ନ ଥିଲା । ଏଭଳି ସ୍ଥଳେ ପାଣ୍ଡବ ପ୍ରଧାନଙ୍କ ମୃତ୍ୟୁ ହୋଇଥିବାବେଳେ ସଂପୃକ୍ତ ଜମିକୁ ପୁଣିଥରେ ୨୦୧୩ରେ ବିକ୍ରି କରାଯାଇଛି । ୨୦୧୩ରେ ରେଜେଷ୍ଟ୍ରି ହୋଇଥିବା ଜଣାପଡିବା ପରେ ମଦନ ରଣପୁର ସଭିଲ କୋର୍ଟରେ ମୋକଦ୍ଦମା କରିଥିଲେ । ରାୟ ମଦନଙ୍କ ସପକ୍ଷରେ ୨୦୧୮ରେ ଯାଇଥିଲା । ତେବେ କୋର୍ଟ ଅର୍ଡରକୁ ଅବମାନନା କରି ବେନିୟମ ଭାବେ ୨୦୨୨ରେ ପଟ୍ଟା କରାଯାଇଛି । ସେହି ପଟ୍ଟାକୁ ବେନିୟମ ଭାବେ ବାତିଲ କରିବାକୁ ମଦନ ଅନୁରୋଧ କରିଛନ୍ତି । ଅନ୍ୟପକ୍ଷେ ପଟ୍ଟା ଖାରଜ ପାଇଁ ଉପଜିଲାପାଳଙ୍କ କୋର୍ଟରେ ମାମଲା କରାଯାଇଥିବା ମଦନ କହିଛନ୍ତି ।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ଶରଣକୁଳ,୧୦।୧(ଡି.ଏନ.ଏ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ, ମୁଖ୍ୟବକ୍ତା ଚନ୍ଦ୍ରଭାନୁ ବରାଡ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ବିଧାୟକ ପ୍ରଧାନ ଉକ୍ତ ଉତ୍ସବକୁ ଉଦ୍‌ଘାଟନ କରିବା ପରେ ଛାତ୍ରୀମାନେ ସାମୁହିକ ସ୍ୱାଗତ ସଙ୍ଗୀତ



ପରିବେଷଣ କରିଥିଲେ । ବିଦ୍ୟାଳୟର ପରିଚାଳନା ସମିତି ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଭଗବାନ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ପରିଚାଳନା ସମିତିର ସଭାପତି ସୁରେନ୍ଦ୍ରନାଥ ପ୍ରଧାନ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ବିନା କଟ୍‌ନୀଛଟ୍‌ନୀରେ ଧାନ ବିକ୍ରି ହେଲା



ରଣପୁରରେ ଆୟୋଜିତ ଚାଷୀଙ୍କ ବୈଠକ ।

ରଣପୁର,୧୦।୧(ସ୍ୱ.ପ୍ର.)

ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ସେବା ସମବାୟ ସମିତିରେ ଖୋଲିଥିବା ମଣ୍ଡିରେ ଚାଷୀମାନେ ବିନା କଟ୍‌ନୀଛଟ୍‌ନୀରେ ଧାନ ବିକ୍ରି କରିଛନ୍ତି । ଏ ସଂକ୍ରାନ୍ତରେ ଜଣାପଡିବା ପରେ ଚାଷୀମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି । ଗତ ୬ ତାରିଖରେ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ ନରସିଂହପୁର ସୋସାଇଟିରେ ଧାନମଣ୍ଡି ଉଦ୍‌ଘାଟନ କରିବାକୁ ଆସିଥିଲେ । ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଏକାଠି ହୋଇ ବିଧାୟକଙ୍କୁ ବିନା କଟ୍‌ନୀଛଟ୍‌ନୀରେ ମିଲର ଧାନ କିଣୁ ବୋଲି ଦାବି କରିଥିଲେ । ହେଲେ କୌଣସି ପ୍ରତିଶ୍ରୁତି ନ ଦେବାରୁ ସେ ଚାଷୀଙ୍କ ବିରୋଧର ଶିକାର ହୋଇ ଫେରିଯାଇଥିଲେ । ଏହାପରେ ରଣପୁର ତହସିଲଦାର ନୟାଗଡ଼ ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଜଣାଇବା ପରେ ସମବାୟ ସମ୍ପାଦକ ଧାନ କିଣି ନ ଥିଲେ । ଚାଷୀମାନେ ସୋସାଇଟିକୁ ଅଚଳ କରି ପୁରୀ-ଓଡ଼ଗାଁ ଜଗନ୍ନାଥ ସଡ଼କରେ ରାସ୍ତାରୋକୋ କରିବାକୁ ପ୍ରସ୍ତୁତ ହେଉଥିଲେ । ଏ ସଂକ୍ରାନ୍ତରେ ସୂଚନା ପାଇ ତହସିଲଦାର ଚାଷୀମାନଙ୍କ ପାଖରେ ପହଞ୍ଚିଥିଲେ । ଚାଷୀମାନେ ରାସ୍ତାରୋକୋ ନ କରି ଗୋଟିଏ ଦିନ ଅପେକ୍ଷା କରିବା ପାଇଁ କହିଥିଲେ । ହେଲେ ଚାଷୀମାନେ ସୋସାଇଟି ସମ୍ମୁଖରେ ୨ ଦିନ ଧାରଣାରେ ବସିବା ପରେ ଯୋଗାଣ ଅଧିକାରୀ ନୟାଗଡ଼ ଏସିଏସ୍‌ଓଙ୍କୁ ଜଣାଇଲେ । ତାଙ୍କ ହସ୍ତକ୍ଷେପ ପରେ ନରସିଂହପୁର ମଣ୍ଡିରେ ମିଲର ବିନା କଟ୍‌ନୀଛଟ୍‌ନୀରେ ଧାନ ନେବାକୁ ବାଧ୍ୟ ହୋଇଥିଲେ । ଚାଷୀ ଏକତା ଓ ଦୃଢ଼ ନିଷ୍ପତ୍ତି ଯୋଗୁ ସବୁ ଷଡ଼ଯନ୍ତ୍ର ଫେଲ୍ ମାରିଲା ବୋଲି ମତ ପ୍ରକାଶ ପାଇଛି । ଏହି ଅବସରରେ ସୁଶୀଳ ମହାନ୍ତିଙ୍କ ସଭାପତିତ୍ୱରେ ଏକ ଚାଷୀସଭା ଅନୁଷ୍ଠିତ ହୋଇଥିଲା । ରଣପୁର ବ୍ଲକ୍‌ର ସବୁ ସୋସାଇଟି ଅଞ୍ଚଳର ଚାଷୀମାନେ ଏକାଠି ହୋଇ ମଣ୍ଡି ଅବ୍ୟବସ୍ଥା ଓ ଚାଷୀମାରଣ ନୀତି ବିରୋଧରେ ଏକତ୍ରିତ ହେବାକୁ ଆହ୍ୱାନ ଦିଆଯାଇଥିଲା । ଉକ୍ତ ସଭାରେ ହରିଶ୍ଚନ୍ଦ୍ର ମିଶ୍ର, ଗଦାଧର ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରମୋଦ ଜେନା, ଅନ୍ତର୍ଯ୍ୟାମୀ ପ୍ରଧାନ ବକ୍ତବ୍ୟ ରଖିଥିଲେ । ବଜାର ଦର ସହିତ କୃଷି ଉପକରଣ ଓ ସାର ଦର ବଢ଼ି ବଢ଼ି ଚାଲିଛି । ଏହା ବିରୋଧରେ ଚାଷୀ ଏକାଠି ହେବା ଆବଶ୍ୟକ ବୋଲି ଓଡ଼ିଶା କୃଷକ ସଭା ନୟାଗଡ଼ ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର କହିଥିଲେ ।

### ବାଣିଗୋଛା ସେକ୍ଟର ଅଙ୍ଗନୱାଡ଼ି କର୍ମୀଙ୍କୁ ପ୍ରଶିକ୍ଷଣ

ଦଶପଲ୍ଲା,୧୦।୧(ଡି.ଏନ.ଏ.)

ସେଣ୍ଟର ଫର କାଟାଲାଇଜିଙ୍ଗ ଚେଞ୍ଜ (ସି୩) ଆନୁକୂଲ୍ୟରେ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ୍ ଅନ୍ତର୍ଗତ ବାଣିଗୋଛା ସେକ୍ଟର ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ଦଶପଲ୍ଲା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରୀନା ସରିତା ଲରେନ୍ସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ୱାଗତିକା ସାଗର ତନୟ,ପଦ୍ମାଳୟା ଶତପଥୀ ଓ ସ୍ଥାନୀୟ ଏଏନ୍‌ଏମ ଦିଦି ଯୋଗଦେଇଥିଲେ । ବୈଠକରେ ବାଲ୍ୟ ବିବାହର କାରଣ ଓ ନିରାକରଣ,କୁପରିଣାମ, ଆଇନ ଦ୍ୱାରା ପ୍ରଣୀତ ଦଣ୍ଡ ବିଧାନ ସହିତ ଗ୍ରାମାଞ୍ଚଳରେ ହେଉଥିବା ବାଲ୍ୟବିବାହକୁ ରୋକିବା ଦିଗରେ ପିଲାଟିଏ ସଚେତନ ହେବା ପ୍ରଥମେ ଆବଶ୍ୟକ । ଏଥିରେ ଅଙ୍ଗନୱାଡ଼ି କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସି-୩ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଭାବେ ସହଯୋଗ କରି ଯଥାଶୀଘ୍ର ଦଶପଲ୍ଲାକୁ ବାଲ୍ୟ ବିବାହମୁକ୍ତ କରିବା ପାଇଁ ଆଲୋଚନା କରାଯାଇଥିଲା । ଉକ୍ତ ବୈଠକରେ ୩୫ ଜଣ କର୍ମୀ ଯୋଗଦେଇଥିବା ବେଳେ ୪ ଜଣ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟିକୁ ସି୩ ଜିଲା ସଂଯୋଜକ ସୁବ୍ରତ କୁମାର ବିଶୋଇ ଆୟୋଜନ କରିଥିଲେ । ଶେଷରେ ସମସ୍ତେ ଦଶପଲ୍ଲା ଅଞ୍ଚଳକୁ ବାଲ୍ୟ ବିବାହ ମୁକ୍ତ ଅଞ୍ଚଳ କରିବା ପାଇଁ ଶପଥ ଗ୍ରହଣ କରିଥିଲେ ।

## ଧାନକିଣାକୁ ନେଇ ବିବାଦ ତେଜୁଛି

### ପ୍ରଶାସନ ଉପରେ ବର୍ଷିଲେ ପୂର୍ବତନ ମନ୍ତ୍ରୀ

ରଣପୁର,୧୦।୧(ସ୍ୱ.ପ୍ର.)

ଧାନମଣ୍ଡିରେ ଚାଲିଥିବା ଚାଷୀମାରଣ ନୀତି ବିରୋଧରେ ମୁହଁ ଖୋଲିଛନ୍ତି ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ । ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଜିଲା ପ୍ରଶାସନ ଉପରେ ଦୋଷାରୋପ କରିଛନ୍ତି । ମଣ୍ଡିରେ ଚାଷୀମାନଙ୍କଠାରୁ ମିଲର ଧାନ କିଣିବା ସମୟରେ କଟ୍‌ନୀଛଟ୍‌ନୀ ପାଇଁ ବାଧ୍ୟ କରୁଛନ୍ତି । ହେଲେ ଚାଷୀ ଏଥିରେ ରାଜି ନୁହନ୍ତି । ଫଳରେ ଧାନକିଣାରେ ଅଚଳାବସ୍ଥା ସୃଷ୍ଟି ହୋଇଛି । କଟ୍‌ନୀଛଟ୍‌ନୀକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ସେ ଦାବି କରିଛନ୍ତି ।

ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତରରେ ସୁରମା କହିଛନ୍ତି, ଚଳିତ ବର୍ଷ ଧାନମଣ୍ଡି ଖୋଲିବା ନେଇ ଅହେତୁକ ବିଳମ୍ବ ହୋଇଥିଲା । ମଣ୍ଡି ଖୋଲିବା ପରେ ଠିକ୍ ସମୟରେ ଉଚିତ୍ ମୂଲ୍ୟରେ ଚାଷୀମାନଙ୍କଠାରୁ ଧାନ କିଣା ଯାଉନାହିଁ । ନୟାଗଡ଼ ଜିଲାରେ ୧୫୩ଟି ଧାନମଣ୍ଡି ଖୋଲାଯାଇଛି । ମଣ୍ଡି ଖୋଲିବା ପରେ ବି ଚାଷୀମାନେ ସହଜରେ ଧାନ ବିକ୍ରି କରି ଲାଭ ଉଠାଇ ପାରୁନାହାନ୍ତି । ଡିସେମ୍ବର ୨୩ ସୁଦ୍ଧା ଚାଷୀମାନେ ପ୍ରଥମ ଟୋକନ ପାଇ ପାରିନାହାନ୍ତି । ସତେ ଯେମିତି ଜଣାପଡୁଛି ଜିଲା ପ୍ରଶାସନ ହାତରେ କୌଣସି ଅଙ୍କୁଶ ନାହିଁ । ମଣ୍ଡିରୁ ଧାନ ଉଠାଇବା ପାଇଁ ନୟାଗଡ଼ ଜିଲାରେ ୩ ମିଲରଙ୍କୁ ଅନୁମତି ମିଳିଛି । ମଣ୍ଡିରେ ୪ ରୁ ୫ଟି ଟୋକନ ତାରିଖ ମିଳିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀମାନଙ୍କଠାରୁ ଧାନ କିଣା ଯାଇନାହିଁ । ମିଲରମାନେ ଧାନମଣ୍ଡିକୁ ଆସୁନାହାନ୍ତି ଏବଂ କୁଇଣ୍ଟାଲ ପ୍ରତି ୮ ରୁ ୧୦ କେଜି ଧାନ କଟ୍‌ନୀଛଟ୍‌ନୀ ପାଇଁ ନିଜ ଜିଦ୍‌ରେ ଅଟଳ ରହୁଛନ୍ତି । ଚଳିତବର୍ଷ ଉତ୍ତମ ଗୁଣଯୁକ୍ତ ଭଲ ଧାନ ଉତ୍ପାଦନ ହୋଇଥିଲେ ମଧ୍ୟ ମିଲରମାନଙ୍କ ଏହି କଟ୍‌ନୀଛଟ୍‌ନୀ ନୀତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହା ଚାଷୀମାନଙ୍କୁ ହତୋତ୍ସାହିତ କରିଛି । ପୁଣି ଅଖା ବାବଦକୁ ୧ ରୁ ୨ କେଜି ଧାନ କାଟିବା ପାଇଁ ମିଲରମାନେ କହୁଛନ୍ତି । ମିଲର ଓ ପ୍ରଶାସନର ମଧୁଚନ୍ଦ୍ରିକା ଯୋଗୁ ଚାଷୀ ସ୍ୱାର୍ଥରେ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ସୁରମା ଅଭିଯୋଗ କରିଛନ୍ତି । ଏପରିକି ଚାଷୀମାନେ ଧାର୍ଯ୍ୟ ତାରିଖରେ ଧାନ ବିକ୍ରି ନ କଲେ ଆଉ ଧାନ ନିଆଯିବ ନାହିଁ ବୋଲି ଧମକ ଦେଉଥିବା ଅଭିଯୋଗ ଆସୁଛି ବୋଲି ସେ କହିଛନ୍ତି । ଗୌରାଙ୍ଗପୁର ସମବାୟ ସମିତିରେ ୧୬୮ ଜଣଙ୍କ ଟୋକନ ଆସିଥିଲା ବେଳେ ଜଣେ ଚାଷୀଙ୍କ ଧାନ ବିକ୍ରି ହୋଇ ପାରିନାହିଁ । ଚାଷୀ ଋଣରେ ଟଙ୍କା ଆଣି ଧାନଚାଷ କରିଛି । ହେଲେ ଠିକ୍ ସମୟରେ ଧାନ ବିକ୍ରି ନ ହେବାରୁ ବାଧ ହୋଇ କମ୍ ମୂଲ୍ୟରେ ବେପାରୀମାନଙ୍କୁ ଧାନ ବିକ୍ରି କରୁଛନ୍ତି । ଏହି ଘଟଣାରେ ଜିଲା ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି । ଏଥିରେ ବ୍ୟତିକ୍ରମ ହେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେ କହିଛନ୍ତି ।

## ଜାମୁସାହି ସ୍କୁଲ ସମସ୍ୟାକୁ ନେଇ ଚିନ୍ତା

ନୂଆଗାଁ,୧୦।୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୁମୀ ପଞ୍ଚାୟତ ଜାମୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀ ମଙ୍ଗଳବାର ନୂଆଗାଁ ବିଇଓଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଥିଲେ । ବିଇଓଙ୍କ ଅନୁପସ୍ଥିତି ଯୋଗୁ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ(ଏବିଇଓ)ଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଜାମୁସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜାମୁସାହି, କେସେଣ୍ଡା, ମଣିଆକୋଟ ଓ ରାଣିଗୁମାର ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି । ସେମାନଙ୍କୁ ପାଠ ପଢାଇବା ପାଇଁ ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି । କିନ୍ତୁ ଉକ୍ତ ସ୍କୁଲରେ ଅନେକ ସମସ୍ୟା ଉପୁଜୁଥିବାରୁ ପିଲାମାନଙ୍କ ପାଠପଢାରେ ବାଧା ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସେମାନେ ଦର୍ଶାଇଛନ୍ତି ଯେ, ଶିକ୍ଷାକର୍ମୀମାନେ କୌଣସି ଦିନ ସ୍କୁଲକୁ



ସ୍କୁଲ ସମସ୍ୟା ନେଇ ଗ୍ରାମବାସୀଙ୍କ ବୈଠକ ।

### ବିଇଓଙ୍କ ନିକଟରେ ଅଭିଯୋଗ କଲେ ଗ୍ରାମବାସୀ

ଠିକ୍ ସମୟରେ ଆସୁନାହାନ୍ତି । ସେ ବିଳମ୍ବରେ ସ୍କୁଲକୁ ଆସି ଉପସ୍ଥାନ ପକାଇ ଅଧିକାଂଶ ସମୟରେ ଘରକୁ ପଳାଉଛନ୍ତି ।

ଛାତ୍ରୀଛାତ୍ରମାନଙ୍କୁ ସ୍କୁଲଭିମୁଖୀ କରିବା ପାଇଁ ସରକାର ମଧ୍ୟାହ୍ନ ଭୋଜନ ଦେଉଥିଲେ ମଧ୍ୟ ଜାମୁସାହି ସ୍କୁଲରେ ସେଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି । ମଧ୍ୟାହ୍ନ ଭୋଜନ ରୋଷେୟାଙ୍କୁ ଠିକ୍‌ରେ ଦରମା ନ ଦେବାରୁ ସେ ରୋଷେଇ କରିବାକୁ ଆସୁ ନାହାନ୍ତି । ଫଳରେ ପିଲାମାନେ ଉପବାସରେ ଘରକୁ ଫେରୁଛନ୍ତି । ସ୍କୁଲ ପରିଚାଳନା କମିଟିକୁ ଅଣଦେଖା କରି ପ୍ରଧାନଶିକ୍ଷକ ନିଜ ଇଚ୍ଛାରେ ସ୍କୁଲର ବିଭିନ୍ନ କାର୍ଯ୍ୟ କରୁଛନ୍ତି । ତେଣୁ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରି ନୂତନ ଶିକ୍ଷକ ନିଯୁକ୍ତି ଦେବା ପାଇଁ ସ୍କୁଲ ପରିଚାଳନା କମିଟି ସଭାପତି ରବିନ୍ଦ୍ର କୁମାର ଯାନୀ , ଉପ ସଭାପତି ଉତ୍ତମ ଜାନୀ,ଗୁମି ସରପଞ୍ଚ ବବୃ ମହାରଣା ,ଶାନ୍ତିଲତା ଜାନି , ଜଳନ୍ଧର ଡାକୁଆଙ୍କ ସମେତ ଗ୍ରାମବାସୀ ଦାବିକରିଛନ୍ତି । ଏ ନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି ଏବିଇଓ କହିଛନ୍ତି ।

## ସବୁଜ ଭାରତ ପାଇଁ ଯୁବକଙ୍କ ସାଇକେଲ ଯାତ୍ରା

- ୟୁପିରୁ ବାହାରି ଅତିକ୍ରମ କରି ସାରିଲେଣି ୭ ହଜାର କିମି
- ୬୦ହଜାର କିଲୋମିଟର ବୁଲିବା ଲକ୍ଷ୍ୟ

ଓଡ଼ଗାଁ, ୧୦।୧(ସ୍ୱ.ପ୍ର.)

ସାରା ଭାରତରେ ଗ୍ରୀନ ଇଣ୍ଡିଆ ମୁଭମେଣ୍ଟର ପ୍ରଚାର ତଥା ସ୍ୱଚ୍ଛ ପରିବେଶ ପର୍ଯ୍ୟାବରଣ ପାଇଁ ଉତ୍ତର ପ୍ରଦେଶର ଜଣେ ଯୁବକଙ୍କ ଅଭିନବ ପ୍ରୟାସ ଚର୍ଚ୍ଚାର ବିଷୟ ହୋଇଛି । ୟୁପି ଇଟାୱା ଅଞ୍ଚଳର ରବିନ ସିଂ (୩୫) ସାଇକେଲରେ ସାରା ଭାରତ ପରିଭ୍ରମଣ କରିବାର ନିଷ୍ପତ୍ତି ନେଇ ୬ ଅକ୍ଟୋବର ୨୦୨୨ରେ କନ୍ୟା କୁମାରୀରୁ ବାହାରିଥିଲେ । ଏହାପରେ ସେ କେରଳ,ତାମିଲନାଡୁ, ପଣ୍ଡିଚେରୀ, କର୍ଣ୍ଣାଟକ,ଆନ୍ଧ୍ରପ୍ରଦେଶର ସମସ୍ତ ଜିଲା ଗସ୍ତ କରି ଓଡ଼ିଶାର ଗଞ୍ଜାମ ଓ ଗଜପତି ଜିଲାରେ ପ୍ରବେଶ କରିଥିଲେ । ମଙ୍ଗଳବାର ଅପରାହ୍ନରେ ସେ ନୟାଗଡ଼ ଜିଲା ଓଡ଼ଗାଁରେ ପହଞ୍ଚିଛନ୍ତି । ସେ ଅଦ୍ୟାବଧି



ସାଇକେଲ ଯାତ୍ରୀ ରବୀନ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

୭ହଜାର କିଲୋମିଟର ଅତିକ୍ରମ କରିଥିବା କହିଛନ୍ତି । ଏହି ଅବସରରେ ସେ ଚାରା ରୋପଣ,ପରିବେଶ ସୁରକ୍ଷା,ପଲିଥିନ ବର୍ଜନ,ଜଳ ସଂରକ୍ଷଣ,ଭୂମି ସୁପୋଷଣ ଓ ବୃକ୍ଷ ସୁରକ୍ଷା ନିମନ୍ତେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ସବୁଜ ଭାରତ ନିର୍ମାଣ ପାଇଁ ସେ ଏହି ବାର୍ତ୍ତା ଲୋକଙ୍କୁ ବାଣ୍ଟିବା ପାଇଁ ସେ ଏହି ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି ବୋଲି ରବିନ୍ କହିଛନ୍ତି । ଓଡ଼ଗାଁ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସୁଶାନ୍ତ କୁମାର ସାହୁ,ବରେନ୍ଦ୍ର କୁମାର ନନ୍ଦ,ଅଚ୍ୟୁତ ପଣ୍ଡା, ଭଗବାନ ପ୍ରଧାନ,ଜଗନ୍ନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ରବିନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ସ୍ଥାନୀୟ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟାଳୟଠାରେ ସେ କିଛି ସମୟ ବିଶ୍ରାମ ନେବାପରେ ନୟାଗଡ଼ ଅଭିମୁଖେ ଯାତ୍ରା କରିଥିଲେ । ସାଇକେଲରେ ସେ ୬୦ ହଜାର କିଲୋମିଟର ଯାତ୍ରା କରି ଏପରି ବାର୍ତ୍ତା ବାଣ୍ଟି ପାଇଁ ଲକ୍ଷ୍ୟ ରଖିଥିବା ରବିନ୍ କହିଛନ୍ତି । ରବୀନ ଓଡ଼ଗାଁ ଲକ୍ଷ୍ମୀ ବଜାର ହନୁମାନ ଛକରେ ପହଞ୍ଚିବା କ୍ଷଣି ତାଙ୍କୁ ଖବରଦାତା, ସାମାଜିକ କର୍ମୀ, ବ୍ୟବସାୟୀ ଓ ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୧୧ ଜାନୁୟାରୀ, ୨୦୨୩



**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏସ୍ଏଚ୍‌ଜିକୁ ସୁଧ ଛାଡ଼ ଶ୍ରେୟ କେନ୍ଦ୍ରର: ଭାଜପା

ଭୁବନେଶ୍ୱର,୧୦।୧(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ସମସ୍ତ ଜନକଲ୍ୟାଣ ଯୋଜନାକୁ ରାଜ୍ୟ ସରକାର ନିଜ ଯୋଜନା କହି ସଂଘୀୟ ବ୍ୟବସ୍ଥାର ଅସମ୍ମାନ କରୁଛନ୍ତି। ଏହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛି । କେନ୍ଦ୍ର ସରକାର ରାଜ୍ୟକୁ କୋଟି କୋଟି ଟଙ୍କା ଅର୍ଥ ଯୋଗାଉଛନ୍ତି କିନ୍ତୁ ସବୁ 'ମୁଁ କରୁଛି' କହି ରାଜ୍ୟ ସରକାର ମିଛ ବାହାବା ନେଉଛନ୍ତି ବୋଲି ଭାଜପା ମହିଳା ମୋର୍ଚ୍ଚା ଅଭିଯୋଗ କରିଛି। ସେହିପରି ମହିଳା ସଶକ୍ତୀକରଣ ପାଇଁ କେନ୍ଦ୍ର ସରକାରଙ୍କ 'ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା-ରାଷ୍ଟ୍ରୀୟ ଗ୍ରାମୀଣ ଆଜୀବିକା ମିଶନ' ଅନ୍ତର୍ଗତ ଆସୁଥିବା ବ୍ୟାପକ ଟଙ୍କାକୁ ଚଞ୍ଚକତା କରି ନିଜ ନାମରେ ବ୍ରାଣ୍ଡିଂ କରିବାକୁ ମଧ୍ୟ ସରକାର ପଛାଉନାହାନ୍ତି। ମହିଳାଙ୍କୁ ସୁଧ ରିହାତି ପଛରେ ଶ୍ରେୟ କେନ୍ଦ୍ରର ବୋଲି ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ଦୀର୍ଘ ୨୩ ବର୍ଷ ଶାସନ କରିବା ପରେ ମଧ୍ୟ ରାଜ୍ୟ ସରକାରଙ୍କ କୌଣସି ଗୋଟିଏ ହେଲେ ନିଜସ୍ୱ ଜନକଲ୍ୟାଣକାରୀ ଯୋଜନା ନାହିଁ । କେନ୍ଦ୍ର ଦେଉଥିବା ଅର୍ଥ, ରାଶି ଓ ଯୋଜନାକୁ ନିଜ ନାମରେ ନାମିତ କରି ସେଥିରେ ମୁଖ୍ୟମନ୍ତ୍ରୀଙ୍କ ଫଟୋଚିତ୍ର ଦେଇ ଲୋକଙ୍କୁ ଭୁଆଁ ବୁଲାଯାଉଛି । ଏସ୍ଏଚ୍‌ଜିକୁ ଋଣ ଛାଡ଼ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାର କେତେ ଦେଉଛନ୍ତି ଏହା ଜାଣିବାର ଅଧିକାର ସାଧାରଣ ଜନତାଙ୍କର ରହିଛି। କେନ୍ଦ୍ର ସରକାରଙ୍କ ଦୀନ୍‌ଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମୀଣ ଆଜୀବିକା ମିଶନରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନାବାର୍ଡ ମାଧ୍ୟମରେ ଋଣ ଦିଆଯାଉଛି। ବ୍ୟାଙ୍କର ସାଧାରଣ ସୁଧ ହାର ୧୧% ହୋଇଥିବା ବେଳେ କେନ୍ଦ୍ର ସରକାର ୪% ସୁଧ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ନିଜେ ସିଧାସଳଖ ବହନ କରନ୍ତି। ଏହାପରେ ଯେଉଁମାନେ ନିୟମିତ ଋଣ ସୁଝନ୍ତି ସେମାନଙ୍କ ପାଇଁ ଅତିରିକ୍ତ ୩% ସୁଧ ଛାଡ଼ର ବ୍ୟବସ୍ଥା କେନ୍ଦ୍ର ସରକାର କରିଥାନ୍ତି। ଏ ସମସ୍ତ ସୁଧ ରାଶି କେନ୍ଦ୍ର ସରକାର ବ୍ୟାଙ୍କକୁ ସିଧା ପୈଠ କରନ୍ତି। ଅର୍ଥାତ୍ ମୋଟ୍ ସୁଧ ରାଶିର କେନ୍ଦ୍ରର ୭% ଏବଂ ରାଜ୍ୟ ସରକାରଙ୍କ ୪% ଅଛି। ରାଜ୍ୟ ସରକାର ଯେଉଁ ୧୨୫ କୋଟି ଟଙ୍କା ସୁଧ ଛାଡ଼ କଥା କହିଲେ ଏହା ରାଜ୍ୟ ସରକାର ଦେଉଛନ୍ତି ତାହା ସମ୍ପୂର୍ଣ୍ଣ ମିଛ। ୧୨୫ କୋଟିରୁ କେନ୍ଦ୍ର ୮୮ କୋଟି ଛାଡ଼ କରିଛି, ମାତ୍ର ୩୭ କୋଟି ଟଙ୍କା ଛାଡ଼ କରି ବିଜେଡି ମିଛ ବାହାବା ନେବାକୁ ଚେଷ୍ଟା କରୁଛି ବୋଲି ଭାଜପା ଅଭିଯୋଗ କରିଛି।

# ଭାଜପାର 'ୟୁଜ୍ ଆଣ୍ଡ ଥ୍ରୋ' ନୀତି ଦାୟୀ: ଖାର୍ଗେ

ନୂଆଦିଲ୍ଲୀ,୧୦।୧(ପି.ଟି.)

## କଶ୍ମୀରୀ ପଣ୍ଡିତଙ୍କ ସମସ୍ୟା



ମଲ୍ଲିକାର୍ଜୁନ ଖାର୍ଗେ

କଶ୍ମୀରୀ ପଣ୍ଡିତ କର୍ମଚାରୀମାନଙ୍କ ବିକ୍ଷୋଭକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମଙ୍ଗଳବାର ଭାଜପାକୁ ସମାଲୋଚନା କରିଛନ୍ତି। ଗୈରିକ ଦଳର 'ବ୍ୟବହାର କରି ଫିଙ୍ଗିଦିଅ ଓ ଧୋକା ଦିଅ' ନୀତି କଶ୍ମୀରୀ ପଣ୍ଡିତ କର୍ମଚାରୀମାନଙ୍କ ସମସ୍ୟାର କାରଣ ବୋଲି ଖାର୍ଗେ କହିଛନ୍ତି। ବଞ୍ଚିବାର ଅଧିକାର ଓ ସ୍ଥାନାନ୍ତର ଦାବିରେ କଶ୍ମୀରୀ ପଣ୍ଡିତ କର୍ମଚାରୀମାନେ ୨୪୫ରୁ ଊର୍ଦ୍ଧ୍ୱ ଦିନ ହେଲା ଆନ୍ଦୋଳନ ଚଳାଇଛନ୍ତି। ସେମାନଙ୍କ ବେତନକୁ ମାସ ମାସ ଧରି ସ୍ଥଗିତ ରଖାଯାଇଛି। ଏଥିସହିତ ସେମାନଙ୍କ ସୁରକ୍ଷା ସହ ସାଲିସ୍ କରାଯାଉଛି ବୋଲି ଖାର୍ଗେ ଟୁଇଟ୍ କରିଛନ୍ତି। ଗତବର୍ଷ ମେ'ରେ ଜମ୍ମୁ-କଶ୍ମୀରର ବଡଗାମ୍ ଜିଲା ଅନ୍ତର୍ଗତ ଚାଦୁରାସ୍ଥିତ ତହସିଲ କାର୍ଯ୍ୟାଳୟରେ ରାହୁଲ ଭଟ୍ଟ ନାମକ କଶ୍ମୀରୀ ପଣ୍ଡିତ କର୍ମଚାରୀଙ୍କୁ ଆତଙ୍କବାଦୀମାନେ ଗୁଳିକରି ହତ୍ୟା କରିଥିଲେ। ଏହା ବିରୋଧରେ କଶ୍ମୀରୀ ପଣ୍ଡିତ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବା ସହ କାର୍ଯ୍ୟରେ ଯୋଗଦେବାକୁ ମନା କରିଦେଇଥିଲେ। ଆନ୍ଦୋଳନକାରୀ କର୍ମଚାରୀମାନଙ୍କ ଗୋଟିଏ ଗୋଷ୍ଠୀ ଉପତ୍ୟକା ଛାଡ଼ି ଜମ୍ମୁରେ ବିକ୍ଷୋଭ କରିଥିଲେ। ସୁରକ୍ଷା ସ୍ଥିତିରେ ଉନ୍ନତି ନ ଆସିବା ପର୍ଯ୍ୟନ୍ତ ସେମାନଙ୍କୁ ଉପତ୍ୟକା ବାହାରେ ରଖାଯିବାକୁ କଶ୍ମୀରୀ ପଣ୍ଡିତ କର୍ମଚାରୀମାନେ ଦାବି କରିଥିଲେ। କାର୍ଯ୍ୟକୁ ଫେରୁ ନ ଥିବା କର୍ମଚାରୀମାନଙ୍କୁ ଦରମା ବନ୍ଦ କରିଦିଆଯାଇଥିଲା।



# ସ୍ୱର୍ଣ୍ଣ ମନ୍ଦିରରେ ରାହୁଲ

ଚଣ୍ଡିଗଡ଼/ଅମୃତସର,୧୦।୧(ପି.ଟି.)

ଭାରତ ଯୋଡ଼ୋ ଯାତ୍ରା ପଞ୍ଜାବରେ ପ୍ରବେଶ କରିବା ପୂର୍ବରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ଅମୃତସରସ୍ଥିତ ସ୍ୱର୍ଣ୍ଣ ମନ୍ଦିର ଯାଇ ପୂଜାର୍ଚ୍ଚନା କରିଛନ୍ତି। ମଙ୍ଗଳବାର ହରିୟାଣାର ଅମ୍ବାଲା ଜିଲାରେ ଭାରତ ଯୋଡ଼ୋ ଯାତ୍ରା ଶେଷ ହେବା ପରେ ଅପରାହ୍ଣରେ ରାହୁଲ ଅମୃତସର ବିମାନବନ୍ଦରରେ ପହଞ୍ଚିଥିଲେ। ସେ ମୁଣ୍ଡରେ ପଗଡ଼ି ବାନ୍ଧି ସ୍ୱର୍ଣ୍ଣମନ୍ଦିରରେ ପ୍ରାର୍ଥନା କରୁଥିବା ଦେଖାଯାଇଥିଲା। ରାହୁଲଙ୍କ ସହ ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ଅମରିନ୍ଦର ସିଂ ରାଜା ୱାରିଙ୍ଗ, ବିରୋଧୀ ଦଳ ନେତା ପରତାପ ସିଂ ବାଜୱା, ସ୍ଥାନୀୟ ଏମ୍‌ପି ଗୁରଜିତ ସିଂ ଔଜଲା ଏବଂ ଅନ୍ୟ ଦଳୀୟ ନେତାମାନେ ଥିଲେ। ଗତ ଗୁରୁବାର ପଦଯାତ୍ରା ଉତ୍ତରପ୍ରଦେଶରୁ ହରିୟାଣାର ପାନିପଥରେ ପ୍ରବେଶ କରିଥିଲା। ଏହା କର୍ନାଲ, କୁରୁକ୍ଷେତ୍ର ଦେଇ ଅମ୍ବାଲା ଜିଲାରେ ପ୍ରବେଶ କରିବା ସହ ରାଜ୍ୟରେ ୨୫୫ କିଲୋମିଟର ଅତିକ୍ରମ କରିଛି। ବୁଧବାର ସକାଳେ ଯାତ୍ରା ପଞ୍ଜାବ ପ୍ରବେଶ କରିବ ବୋଲି ଦଳର ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

# ପିଏମ୍‌ଜିକେଏୱାଇ ବନ୍ଦ ନେଇ କେନ୍ଦ୍ରକୁ ଟାର୍ଗେଟ କଲା କଂଗ୍ରେସ

ଭୁବନେଶ୍ୱର,୧୦।୧(ବ୍ୟୁରୋ)

## ୨୦୧୩ରେ ଉପା ସରକାର ଆଣିଥିଲା, ମୋଦି ବିରୋଧ କରିଥିଲେ: ଗଣେଶ୍ୱର

କେନ୍ଦ୍ରର ମୋଦି ସରକାର ଜାନୁୟାରୀ ୨୦୨୩ରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଉଚ୍ଛେଦ କରିବାର ନିଷ୍ପତ୍ତି ଘୋଷଣା କରିଛନ୍ତି। ଏହି ଯୋଜନାରେ ଏପ୍ରିଲ-୨୦୨୦ରୁ ପ୍ରତ୍ୟେକ 'ଜାତୀୟ ଖାଦ୍ୟ ନିରାପତ୍ତା ଆଇନ'ର ହିତାଧିକାରୀମାନେ ପ୍ରତି ମାସରେ ମୁଣ୍ଡ ପିଛା ୫ କେଜି ହିସାବରେ ଅତିରିକ୍ତ ଚାଉଳ ମାଗଣା ପାଉଥିଲେ। ଜାନୁୟାରୀ ୨୦୨୩ରୁ ଭାରତବର୍ଷର ୮୧ କୋଟି ୩୫ ଲକ୍ଷ ଲୋକ ମାସିକ ୧୦ କେଜି ପରିବର୍ତ୍ତେ ୫ କେଜି ପାଇବେ। ଅର୍ଥାତ୍ ପ୍ରତ୍ୟେକ ଗରିବ ପରିବାରର ରାଶନ ଅଧା ହୋଇଗଲା। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ଦୁର୍ଭାଗ୍ୟଜନକ। ଏହା ଗରିବ ପରିବାର ପ୍ରତି ନିଷ୍ଠୁର ଉପହାସ ବୋଲି କଂଗ୍ରେସ ନେତା ଗଣେଶ୍ୱର ବେହେରା କହିଛନ୍ତି। ମଙ୍ଗଳବାର କଂଗ୍ରେସ ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗଣେଶ୍ୱର କହିଛନ୍ତି, ବିଶ୍ୱ ଖାଦ୍ୟ ସୂଚକାଙ୍କ-୨୦୨୨ ରିପୋର୍ଟ ଅନୁସାରେ ୧୨୧ ଦେଶ ମଧ୍ୟରୁ ଭାରତର ସ୍ଥାନ ୧୦୭। ଏହା ପ୍ରମାଣ କରୁଛି ଭାରତରେ କ୍ଷୁଧା ଓ ଦାରିଦ୍ର୍ୟ ଅଛି। ସେତେବେଳେ ୮୧ କୋଟି ୩୫ ଲକ୍ଷ ଲୋକଙ୍କ ମାସିକ ମୁଣ୍ଡ ପିଛା ୫ କେଜି ମାଗଣା ଚାଉଳ କାଟି ଦେବା ଘୋର ଉଦ୍‌ବେଗଜନକ। ୨୦୧୩ରେ ମନମୋହନ ସିଂହ ସରକାର(ଉପା ସରକାର) ଏହି ଯୁଗାନ୍ତକାରୀ ଆଇନ ପ୍ରଣୟନ କରିଥିଲେ। ସେତେବେଳେ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ବିରୋଧ କରିବା ସ୍ଥଳେ ଏବେ ପ୍ରଶଂସାରେ ଶତମୁଖ ହେବା ଅତ୍ୟନ୍ତ ବିସ୍ମୟକର ବୋଲି ବେହେରା କହିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 8985384630

10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲା ବିଜେଡି

## ଟାଉନ ହଲ୍ ପାଚେରି ଭଙ୍ଗା ଘଟଣା

ଦେବଗଡ଼/ଭୁବନେଶ୍ୱର (ବ୍ୟୁରୋ), ୧୦।୧(ଡି.ଏନ.ଏ.)




ବିଜେଡି କର୍ମୀ ଓ ମହିଳାମାନେ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଛନ୍ତି।

ମୁକ୍ତା ଯୋଜନାରେ ଏସ୍ଏଚ୍‌ଜି ମହିଳାମାନେ ନିର୍ମାଣ କରିଥିବା ଟାଉନ ହଲ୍ ପାଚେରି ଭଙ୍ଗାରୁଜା ଘଟଣାକୁ ନେଇ ଦେବଗଡ଼ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ବିରୋଧରେ ଅସନ୍ତୋଷ ବଢିବାରେ ଲାଗିଛି। ଏହି ଭଙ୍ଗାରୁଜାକୁ ନେଇ ବିଧାୟକ ପାଣିଗ୍ରାହୀଙ୍କୁ ତାଙ୍କ ଦଳ ଭାଜପାରୁ ବିରୋଧ କରାଯାଇଥିବା ବେଳେ ମଙ୍ଗଳବାର ଜିଲା ବିଜେଡି ପକ୍ଷରୁ ଦୃଢ ନିନ୍ଦା କରାଯାଇଛି। ଏହାସହ ବିଧାୟକଙ୍କ ସମେତ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳ ଓ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ଜିଲା ବିଜେଡି ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ମଙ୍ଗଳବାର ପୂର୍ବାହ୍ଣରେ ମଠସାହି ସ୍ଥିତ ମା' କନକ ଦୁର୍ଗା ମନ୍ଦିର ପରିସରରୁ ଶତାଧିକ ଦଳୀୟ କର୍ମୀଙ୍କ ସମେତ ଏସ୍ଏଚ୍‌ଜି ସଦସ୍ୟାମାନେ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ସେମାନେ ବିଧାୟକଙ୍କ ଦାଦାଗିରିକୁ ନିନ୍ଦା କରି ବିଭିନ୍ନ ସ୍ଲୋଗାନ ଦେବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଭାଜପା ବିଧାୟକ ପାଣିଗ୍ରାହୀଙ୍କୁ ଗିରଫ କରିବା ସହ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଓ, ଡବ୍ଲ୍ୟୁଓଡିସି ସଦସ୍ୟ ଭୂପେନ୍ଦ୍ର ପ୍ରସାଦ ନାୟକ, ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଂ. ସୁଜିତ କୁମାର ପ୍ରଧାନ, ନଗର ବିଜେଡି ସଭାପତି ଶୁକଦେବ ଭଞ୍ଜ, ଜିଲା ଯୁବ ବିଜେଡି ସଭାପତି ପ୍ରତାପ କୁମାର ଦେବ, ମହିଳା ବିଜେଡି ସଭାନେତ୍ରୀ ଅରୁଣୀ ପ୍ରଧାନ ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ରେବିକା ବିଲୁଙ୍ଗଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଅନ୍ୟପଟେ ଏହି ଘଟଣାକୁ ନେଇ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର ଭୁବନେଶ୍ୱରରେ ଏକ ଖବରଦାତା ସମ୍ମିଳନୀ ଜରିଆରେ କହିଛନ୍ତି, ଦେବଗଡ଼ର ଭାଜପା ବିଧାୟକ ସୁବାସ ପାଣିଗ୍ରାହୀଙ୍କ ଦାଦାଗିରି ଓ ଗୁଣ୍ଡାଗର୍ଦ୍ଦି ସୀମା ଅତିକ୍ରମ କରିଛି। ଏହି ଘଟଣାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଉଛି। ସେହିପରି ବିଜେଡି ମୁଖପାତ୍ର ଇପସିତା ସାହୁ କହିଛନ୍ତି, ଭାଜପା ବିଧାୟକଙ୍କ ଏଭଳି କାର୍ଯ୍ୟକଳାପରୁ ସ୍ପଷ୍ଟ ହୋଇସାରିଲାଣି ଯେ ସେ ଜଣେ ଅଭ୍ୟାସଗତ ଅପରାଧୀ।

### ବିଧାୟକଙ୍କ ୩ ସହଯୋଗୀ ଗିରଫ

ଟାଉନ ହଲ୍ ପାଚେରି ଭଙ୍ଗାରୁଜା ଘଟଣାରେ ପୋଲିସ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀଙ୍କ ୩ଜଣ ସହଯୋଗୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜକୁମାର ମୁଣ୍ଡା, ବଳିଆ ପାତ୍ର ଏବଂ ସୁମନ୍ତ ଭୋଜ । ପ୍ରକଳ୍ପ କାର୍ଯ୍ୟ ଭାଙ୍ଗୁଥିବା ବେଳର ଭିଡିଓ ଫୁଟେଜକୁ ଆଧାର କରି ଦେବଗଡ଼ ଥାନା ପୋଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

**Classified Everyday 0674-2580101, 2549949**


MATRIMONIAL

BRIDE WANTED

Wanted Brahmin Bride for Groom B.Tech Cuttack, 9338505375. D-2429

Wanted Fresh, Divorce, Widow Bride for Businessman 37, Handsome, 5'8" (Caste-no-Bar)-7008468672. D-2436

61ବୟସ୍କା Govt. ଚାକିରି କରିଥିବା Retd. ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 9040183420. D-2433

45 ବର୍ଷର ମହିଳା Food & Safety Departmentରେ କାର୍ଯ୍ୟରତ, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-2451

GROOM WANTED

Gopal Bride B.Tech, 5'2", Fair, 34, (Caste-no-Bar) Early Marriage- 9861047000. D-2437

ଏକାକୀ ରହୁଥିବା 46 ବୟସ୍କା ବିଧବା ସରକାରୀ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଖଣ୍ଡାୟତ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 8658185147. D-2435


REAL ESTATE
SALE

କଟକ-ଭୁବନେଶ୍ୱର ରୋଡ୍‌ରୁ 2.5.K.M., ନଖରା ଓ ପାହାଳରୁ 2.5.K.M. ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। 9348152874, 9337317665. D-74179

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଝିଅ ବିଭାଘର ପାଇଁ ଦୁଇପଟେ 30' ଫୁଟ ରୋଡ୍ ଥାଇ ରେଡଂଗରେ ୧୦ ଗୁଣ୍ଠ ଜମି ବିକ୍ରିହେବ- (ଗୁଣ୍ଠ- 5,25,000/-). 9938016295. D-74180

30ft. road, boundary, gharabari plot sale in Shreekhetra Vihar Phase-3 Pipili Chhaka NH side gated society with electricity, Park, Temple, Drange sqft. 980/-. 8117084862. D-74177

Commercial cum residential plot at Brahmanjharilo Cuttack (Niali Road) 6km. to Phulanakhara 11km. to Bhubaneswar. 7809525452. D-74626

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

4 Bhk luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. 2421

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173




Two stored building 3000 sqft. each available for rent at Dandamukundapur bypass NH side for Godown/office. Interested parties may contact- 9437171609/ 8917459256. D-2434



D-2455




Relax, Refresh your body, Mind at Saikrupa Spa with best therapies. 8984068077. D-2374

Newly open Spa positively health benefit with expert. Contact: 7749976301. D-74505

Full body massage by experience therapist @ 999 only. 9078484455 (Bhubaneswar). D-2453

Full body massage in homely Atmospher all therapy. Mob: 8114881641. D-73418

Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74627

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.comରେ ଇମେଲ୍ କରନ୍ତୁ ।

LEGAL NOTICE

न्यायालय विवाह अधिकारी
रायपुर (छ.ग.)
फार्म 'अ'

सर्व साधारण की जानकारी के लिए यह अधिसूचित किया जाता है कि श्री नितिन काबरा पिता श्री मुरलीधर काबरा निवासी नेताजी धर्मशाला के पास गुढियारी रायपुर जिला रायपुर एवं नेहा जैन उर्फ नेहा सोनी पिता श्री विनोद कुमार जैन निवासी वार्ड क्रं.19 महावीर चौक वी.एस.ज्वेलर्स के पास खरियार रोड़ पो.जोंक जिला नुआपडा (उडिसा) ने विशेष विवाह अधिनियम 1954 की धारा 5 के अधीन अपने विवाह के लिए आवेदन प्रस्तुत किया है।

प्रस्तावित विवाह के विरुद्ध आपत्ति करने के इच्छुक कोई भी व्यक्ति इस संबंध में दिनांक 02 फरवरी, 2023 के पूर्व निम्न हस्ताक्षरकर्त्ता के समक्ष आपत्ति प्रस्तुत कर सकते हैं।

निर्धारित तिथि के पश्चात प्राप्त आपत्ति पर कोई सुनवाई नहीं होगी, तथा यह शून्य माना जावेगा।

आज दिनांक 04 जनवरी, 2023 को इस न्यायालय के हस्ताक्षर एवं मुद्रा सहित जारी किया गया।

विवाह अधिकारी
रायपुर (छ.ग.)
D-2456

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଅନିତା ଦତ୍ତ
ସ୍ଥାନ: ଜେଲ ରୋଡ୍, ଖୋର୍ଦ୍ଧା
ଆବିର୍ଭାବ: ୧୪।୧୧।୧୯୪୬
ତିରୋଧାନ: ୨୯।୧୨।୨୦୨୨
କେଉଁ ଏକ ଅଫେରା ରାଇଜକୁ ଚାଲିଗଲ ଯେ, ଆଉ ଫେରିବାର ବାଟ ନାହିଁ। ତୁମର ସରଳତା, ସ୍ନେହ ଏବଂ ପ୍ରେମ ସବୁଦିନ ଆମକୁ ଉଦବୁଧ କରୁଥାଉ।
-:ଶୋକସନ୍ତପ୍ତ:-
ଅବନ୍ତି ନାଥ ଦତ୍ତ ଓ ପରିବାରବର୍ଗ ।
ଧ-୭୩୫୨୯

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# କୋହଲିଙ୍କ ଶତକ: ଭାରତ ବିଜୟୀ

ଗୁଆହାଟୀ,୧୦।୧




ବିରାଟ କୋହଲିଙ୍କ ଶତକ ବଳରେ ଭାରତ ଏଠାରେ ମଙ୍ଗଳବାର ଅନୁଷ୍ଠିତ ହାଇସ୍କୋରିଂ ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚରେ ଶ୍ରୀଲଙ୍କାକୁ ୬୭ ରନରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭାରତ କୋହଲିଙ୍କ ୧୧୩ ଓ ରୋହିତ ଶର୍ମାଙ୍କ ୮୩ ରନ ବଳରେ ୫୦ ଓଭରରେ ୭ ଉଇକେଟ ହରାଇ ୩୭୩ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ଅଧିନାୟକ ଦାସୁନ ଶନକାଙ୍କ ଅପରାଜିତ ୧୦୮ ଓ ଓପନର ପାଥୁମ ନିଶଙ୍କାଙ୍କ ୭୪ ରନ୍ ସତ୍ତ୍ୱେ ୫୦ ଓଭରରେ ୩୦୬/୮ ରନରେ ସୀମିତ ରହିଥିଲା।

ଟସ୍ ହାରି ଭାରତ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିଲା। ରୋହିତଙ୍କ ସହ ଇନିଂସ ଆରମ୍ଭ କରିଥିବା ଗିଲ୍ ପ୍ରଥମ ଉଇକେଟରେ ୧୯.୪ ଓଭରରେ ଯୋଡିଥିଲେ ୧୪୩ ରନ୍ । ରୋହିତ ୮୩ ଓ ଗିଲ୍ ୭୦ ରନ୍‌ର ଇନିଂସ ଖେଳିଥିଲେ। ୬୦ ବଲ୍‌ର ଇନିଂସରେ ଗିଲ୍ ୧୧ଚୌକା ମାରିଥିଲେ। ପ୍ରତ୍ୟାବର୍ତ୍ତନ କରିଥିବା ଅଧିନାୟକ ରୋହିତ ମଧ୍ୟ ୬୭ ବଲ ଖେଳି ୯ ଚୌକା ଓ ୩ ଛକା ମାରିଥିଲେ। ୩ ନମ୍ବରରେ ବ୍ୟାଟିଂ କରିଥିବା ବିରାଟ ବାଂଲାଦେଶ ବିପକ୍ଷ ମ୍ୟାଚର ଫର୍ମ ବଜାୟ ରଖିବା ସହିତ କ୍ୟାରିୟରର ୭୩ ତମ ଶତକ ହାସଲ କରିଥିଲେ। ୮୦ ବଲରୁ ନିଜର ଶତକ ହାସଲ କରିଥିବା କିଙ୍ଗ କୋହଲି ୮୭ ବଲରୁ ୧୧୩ ରନ୍ କରି ମ୍ୟାଚର ୪୯ ତମ ଓଭରରେ ପ୍ୟାଭିଲିୟନ ଫେରିଥିଲେ। କୋହଲିଙ୍କ ଇନିଂସରେ ୧୨ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରେୟସ ଆୟାର ୨୮ ଓ ଲୋକେଶ ରାହୁଲ ୩୯ ରନ୍‌ର ଉପଯୋଗୀ ଇନିଂସ ଖେଳିଥିଲେ। କୋହଲି ଆଉଟ ହେବା ପୂର୍ବରୁ ଆୟରଙ୍କ ସହିତ ୪୦ ଓ ରାହୁଲଙ୍କ ସହିତ ୯୦ ରନର ଭାଗୀଦାରି କରିଥିଲେ। ଶ୍ରୀଲଙ୍କା ପକ୍ଷରୁ କସୁନ୍ ରଜିଥା ୩ ଉଇକେଟ ନେଇଥିବା ବେଳେ ଦିଲଶାନ ମଦୁଶଙ୍କା, ଚାମିକା କରୁଣାରତ୍ନେ, ଦାସୁନ ଶନକା ଓ ଧନଞ୍ଜୟ ଡି ସିଲଭା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

୩୭୪ ରନର ବିଶାଳ ଲକ୍ଷ୍ୟର ଚାପରେ ଶ୍ରୀଲଙ୍କା ଇନିଂସ ଆରମ୍ଭରୁ ଦିଗହରା ହୋଇ ଯାଇଥିଲା। ଅଭିଷ୍କା ଫର୍ନାଣ୍ଡୋ(୫) ଓ କୁଶାଲ ମେଣ୍ଡିସ୍(୦)ଙ୍କୁ ଶୀଘ୍ର ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିବା ଶ୍ରୀଲଙ୍କା ଆଉ ପ୍ରତ୍ୟାବର୍ତ୍ତନ କରିପାରି ନ ଥିଲା। ଓପନର ପଥୁମ୍ ନିଶଙ୍କା ଶ୍ରୀଲଙ୍କା ପକ୍ଷରୁ ୭୨ ରନ୍ କରିଥିଲେ। ୮୦ ବଲରୁ ୧୧ ଚୌକା ମାରିଥିବା ନିଶଙ୍କା ମ୍ୟାଚର ୩୧ ତମ ଓଭରରେ ଆଉଟ ହେବା ସହିତ ଶ୍ରୀଲଙ୍କାର ପରାଜୟ ନିଶ୍ଚିତ ହୋଇଥିଲା। ଅଧିନାୟକ ଦାସୁନ ଶନକା କିନ୍ତୁ ଲଢେଇ ଜାରି ରଖି ୧୦୮ ରନ୍ କରି ଶେଷ ଯାଏ ଅପରାଜିତ ରହିଥିଲେ। କସୁନ ରଜିଥାଙ୍କ ସହ ନବମ ଉଇକେଟରେ ୧୦୦ ରନ୍ ଯୋଡିଥିବା ବେଳେ ରଜିଥା ମାତ୍ର ୯ ରନ୍‌ର ଅବଦାନ ଦେଇଥିଲେ। ଭାରତ ପକ୍ଷରୁ ଉମ୍ରାନ ମଲିକ ସର୍ବାଧିକ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ସିରଜ ୨, ମହମ୍ମଦ ଶାମି, ୟୁଜବେନ୍ଦ୍ର ଚହଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୩୭୩/୭ (ବିରାଟ କୋହଲି-୧୧୩, ରୋହିତ ଶର୍ମା-୮୩, ଶୁବମାନ ଗିଲ୍-୭୦, କସୁନ୍ ରଜିଥା-୩/୮୮,ଦାସୁନ୍ ଶନକା-୧/୨୨, ଧନଞ୍ଜୟ ଡି ସିଲ୍‌ଭା-୧/୩୨)। ଶ୍ରୀଲଙ୍କା- ୫୦ ଓଭରରେ ୩୦୬/୮ ( ଦାସୁନ୍ ଶନକା-୧୦୮*, ପାଥୁମ ନିଶଙ୍କା-୭୨, ଧନଞ୍ଜୟ ଡି ସିଲ୍‌ଭା-୪୭, ଉମ୍ରାନ ମଲିକ୍-୩/୫୭, ମହମ୍ମଦ ସିରାଜ-୨/୩୦, ହାର୍ଦ୍ଦିକ୍ ପାଣ୍ଡ୍ୟା-୧/୩୩)।

## ସଚିନଙ୍କ ରେକର୍ଡର ସମକକ୍ଷ କୋହଲି

**ଗୁଆହାଟୀ,୧୦।୧:** ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଦିନିକିଆରେ ଶତକ ହାସଲ କରିବା ସହିତ ଭାରତର କିମ୍ବଦନ୍ତୀ କ୍ରିକେଟର ସଚିନ୍ ତେନ୍ଦୁଲକରଙ୍କ ସମକକ୍ଷ ହୋଇଛନ୍ତି ବିରାଟ କୋହଲି। ୨୦୨୨ ବର୍ଷ ଯେଉଁ ଫର୍ମରେ ଶେଷ କରିଥିଲେ ୨୦୨୩ ବର୍ଷକୁ ମଧ୍ୟ ସମାନ ଫର୍ମରେ ସ୍ୱାଗତ କରିଛନ୍ତି କୋହଲି। ଦିନିକିଆରେ ୪୫ ତମ ଶତକ ହାସଲ କରିଥିବା ବେଳେ ଅନ୍ତର୍ଜାତୀୟ କ୍ରିକେଟରେ ୭୩ ତମ ଶତକ ହାସଲ କରିଥିଲେ କୋହଲି। ଏହା ସହିତ ସଚିନ୍ ତେନ୍ଦୁଲକରଙ୍କ ଅନ୍ୟ ଏକ ରେକର୍ଡର ସମକକ୍ଷ ହୋଇଛନ୍ତି କୋହଲି। ଘରୋଇ ମାଟିରେ ସଚିନ୍ ତେନ୍ଦୁଲକର ୨୦ ଶତକ ହାସଲ କରିଥିବା ବେଳେ କୋହଲି ତାଙ୍କର ସମକକ୍ଷ ହୋଇଛନ୍ତି। ଭାରତରେ ୧୬୪ଟି ଦିନିକିଆ ଖେଳିଥିବା ସଚିନ୍ ୧୬୦ ଇନିଂସରୁ ୨୦ ଶତକ ମାରିଥିବା ବେଳେ ୪୮.୧୧ ଆଭରେଜ ସହିତ ୬୯୭୬ ରନ୍ କରିଛନ୍ତି। ଅନ୍ୟ ପକ୍ଷରେ ବିରାଟ କୋହଲି ୧୦୨ ମ୍ୟାଚରୁ ୯୯ ଇନିଂସରେ ହାସଲ କରିଛନ୍ତି ୨୦ ତମ ଶତକ । ସଚିନ୍‌ଙ୍କ ଠାରୁ ୬୨ ଇନିଂସ କମ ଖେଳିଥିବା କୋହଲି ଏହି ମାଇଲଖୁଣ୍ଟର ସମକକ୍ଷ ହୋଇଛନ୍ତି। ହାସିମ ଆମଲା ୧୪ ଶତକ ସହିତ ଏହି ତାଲିକାରେ ତୃତୀୟ ସ୍ଥାନରେ ରହିଥିବା ବେଳେ ରିକି ପଣ୍ଟିଂ(୧୩) ଓ ରସ୍ ଟେଲର(୧୨) ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ଏହା ସହିତ ମଙ୍ଗଳବାରର ଶତକକୁ ମିଶାଇ କୋହଲି ଶ୍ରୀଲଙ୍କା ବିପକ୍ଷରେ ନିଜର ନବମ ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ଏହା ପୂର୍ବରୁ ସଚିନ୍ ଅଷ୍ଟ୍ରେଲିଆ ବିପକ୍ଷରେ ଏବଂ କୋହଲି ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ସମାନ ସଂଖ୍ୟକ ଶତକ ହାସଲ କରିଥିଲେ।

# ପ୍ରଥମ ଦିନରେ ୧୨ ଉଇକେଟ ପତନ

**ଓଡ଼ିଶା-ହିମାଚଳ ରଣଜୀ ଟ୍ରଫି**

ଭୁବନେଶ୍ୱର,୧୦।୧ (ସ୍ପୋର୍ଟ୍ସ ବ୍ୟୁରୋ)

ହିମାଚଳ ପ୍ରଦେଶର ଅଟଳ ବିହାରୀ ବାଜପେୟୀ କ୍ରିକେଟ ଷ୍ଟାଡିୟମରେ ମଙ୍ଗଳବାର ଆରମ୍ଭ ହୋଇଛି ଓଡ଼ିଶା ଓ ହିମାଚଳ ପ୍ରଦେଶ ମଧ୍ୟରେ ରଣଜୀ ଟ୍ରଫି ମ୍ୟାଚ୍। ପ୍ରଥମ ଦିବସରେ ଦୁଇଟି ଅର୍ଦ୍ଧଶତକ ଦେଖିବାକୁ ମିଳିଥିବା ବେଳେ ୧୨ ଉଇକେଟର ପତନ ଘଟିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୧୯୧ ରନରେ ଅଲଆଉଟ ହୋଇଥିବା ବେଳେ ଷ୍ଟମ୍ପ ଅପସାରଣ ସୁଦ୍ଧା ହିମାଚଳ ୨ ଉଇକେଟରେ ୯୧ ରନ୍ ସଂଗ୍ରହ କରିଛି। ଓଡ଼ିଶା ପକ୍ଷରୁ ଗତ ମ୍ୟାଚର ଦ୍ୱିଶତକ ହାସଲକାରୀ ଶାନ୍ତନୁ ମିଶ୍ର ସର୍ବାଧିକ ୫୨ ରନ୍ କରିଥିଲେ। ପ୍ରଥମ ଘଣ୍ଟାରେ କୁହୁଡିଆ ପରିବେଶର ଫାଇଦା ଉଠାଇଥିଲେ ହିମାଚଳ ବୋଲର। ଓଡ଼ିଶା ମାତ୍ର ୪୬ ରନରେ ୩ ଉଇକେଟ ହରାଇଥିଲା। ଶାନ୍ତନୁଙ୍କ ବ୍ୟତୀତ କାର୍ତ୍ତିକ ବିଶ୍ୱାଳ(୨୨), ପ୍ରୟାସ ସିଂ(୩୯), ସୂର୍ଯ୍ୟକାନ୍ତ ପ୍ରଧାନ(୧୬) ଓ ବସନ୍ତ ମହାନ୍ତି(୧୪) କେବଳ ଦୁଇ ଅଙ୍କରେ ପହଞ୍ଚିଥିଲେ। ହିମାଚଳ ପକ୍ଷରୁ ବୈଭବ ଅରୋରା ୫ ଉଇକେଟ ନେଇଥିବା ବେଳେ ରିଷି ଧାୱନ ଓ କୱଁର ଅଭିନୟ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ହିମାଚଳ ୨ ଉଇକେଟରେ ୯୧ ରନ୍ କରିଛି। ଓପନର ପ୍ରଶାନ୍ତ ଚୋପ୍ରା ୬୭ ରନରେ ବ୍ୟାଟିଂ କରୁଛନ୍ତି। ଓଡ଼ିଶା ପକ୍ଷରୁ ବସନ୍ତ ମହାନ୍ତି ଓ ସୂର୍ଯ୍ୟକାନ୍ତ ପ୍ରଧାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ- ୫୦ ଓଭରରେ ୧୯୧/୧୦ (ଶାନ୍ତନୁ ମିଶ୍ର-୫୨, ପ୍ରୟାସ ସିଂ-୩୯, କାର୍ତ୍ତିକ ବିଶ୍ୱାଳ-୨୨, ବୈଭବ ଅରୋରା-୫/୫୧, ରିଷି ଧାୱନ-୨/୪୪, କୱଁର ଅଭିନୟ-୨/୩୯)। ହିମାଚଳ ପ୍ରଦେଶ ପ୍ରଥମ ଇନିଂସ- ୩୧ ଓଭରରେ ୯୧/୨ (ପ୍ରଶାନ୍ତ ଚୋପ୍ରା-୬୭*, ରାଘବ ଧାୱନ-୨୭, ବସନ୍ତ ମହାନ୍ତି-୧/୨୨, ସୂର୍ଯ୍ୟକାନ୍ତ ପ୍ରଧାନ-୧/୩୨)।

# ପଦାର୍ପଣ କଲେ ମହିଳା ଅମ୍ପାୟର

**ରଣଜୀ ଟ୍ରଫିରେ ଇତିହାସ**

ନୂଆଦିଲ୍ଲୀ,୧୦।୧ (ପି.ଟି.)

ରଣଜୀ ଟ୍ରଫି ଇତିହାସରେ ପ୍ରଥମ ଥର ପାଇଁ ଅମ୍ପାୟର ଭୂମିକାରେ ମ୍ୟାଚ ପରିଚାଳନା କରିଥିଲେ ୩ ଜଣ ମହିଳା। ଜଣେ ପୂର୍ବତନ ସ୍କୋରର, ଜଣେ ସଫ୍ଟୱେର ଇଞ୍ଜିନିୟର ଓ ଜଣେ ପୂର୍ବତନ ଖେଳାଳି ମଙ୍ଗଳବାର ରଚିଛନ୍ତି ଇତିହାସ। ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ ମହିଳା ଅମ୍ପାୟର ମ୍ୟାଚ ପରିଚାଳନା କରିଥିବାର ଅନେକ ନଜିର ରହିଛି। ଏପରିକି ଲିଜେଣ୍ଡ୍ସ ଲିଗ୍ କ୍ରିକେଟରେ କେବଳ ମହିଳା ଅମ୍ପାୟର ହିଁ ମ୍ୟାଚ୍ ପରିଚାଳନା କରିଥିଲେ। ତେବେ ଭାରତର ଘରୋଇ କ୍ରିକେଟ ରଣଜୀ ଟ୍ରଫିରେ ମହିଳାମାନେ ଅମ୍ପାୟରିଂ କରି ନ ଥିଲେ। ଏହି ଧାରାରେ ପରିବର୍ତ୍ତନ ସହିତ ପ୍ରଥମ ଥର ପାଇଁ ୩ ଜଣ ମହିଳା ପୁରୁଷଙ୍କ କ୍ରିକେଟ ମ୍ୟାଚରେ ଅମ୍ପାୟରିଂ କରିଛନ୍ତି। ମଙ୍ଗଳବାର ବ୍ରିନ୍ଦା ରାଠୀ, ଜନନୀ ନାରାୟଣନ ଓ ଗାୟତ୍ରୀ ଭେନୁଗୋପାଳନଙ୍କୁ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡରେ ଅମ୍ପାୟରିଂ କରିବାର ଦେଖିବାକୁ ମିଳିଥିଲା। ଭେନୁଗୋପାଳନ ଝାଡଖଣ୍ଡ ଓ ଛତିଶଗଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଅମ୍ପାୟର ରହିଥିଲେ। ଅନ୍ୟପକ୍ଷରେ ନାରାୟଣନଙ୍କୁ ରେଳବାଇ ବନାମ ତ୍ରିପୁରା ଓ ରାଠୀଙ୍କୁ ଗୋଆ ବନାମ ପୁଡୁଚେରୀ ମ୍ୟାଚରେ ଅମ୍ପାୟର ଭାବରେ ଦେଖିବାକୁ ମିଳିଥିଲା। ୩୬ ବର୍ଷୀୟା ନାରାୟଣନ ତାମିଲନାଡୁର ବାସିନ୍ଦା। ତାମିଲନାଡୁ କ୍ରିକେଟ ଆସୋସିଏଶନରେ ପ୍ରଥମେ ଅମ୍ପାୟରିଂ ସୁଯୋଗ ମିଳି ନ ଥିଲେ ହେଁ ବିସିସିଆଇର ନିୟମ ପରିବର୍ତ୍ତନ ପରେ ତାଙ୍କୁ ସୁଯୋଗ ମିଳିଥିଲା। ୨୦୧୮ରେ ବିସିସିଆଇ ଲେଭଲ-୨ ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୨୧ରେ ସେ ତାମିଲନାଡୁ ପ୍ରିମିୟର ଲିଗ୍ ପରିଚାଳନା କରିଥିଲେ। ୩୨ ବର୍ଷୀୟା ବ୍ରିନ୍ଦା ରାଠୀ ମୁମ୍ବାଇର ମଇଦାନରେ ସ୍କୋରର ଭାବରେ କାମ କରନ୍ତି। ଏପରିକି ସେ ୨୦୧୩ ମହିଳା ବିଶ୍ୱକପରେ ବିସିସିଆଇର ସ୍କୋରର ଭାବରେ କାମ କରିଥିଲେ।




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.
PURI HIGHWAY PIPILI: 9583022013.

**SKY AUTOMOBILES**
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 7381045357. NARSINGHPUR: 7381045357.
KAMAKHYANAGAR: 7381045357. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

**TUSHI MOTORS**
CUTTACK: 9078076450.
PANIKOILI: 9078076450.
ATHAGARH: 9078076450.

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. **Fuel efficiency as certified by Test agency under Rule 115 of CMVR 1989. #For details on functioning of safety features, including air bag, kindly refer to Owner's Manual. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st January, 2023.

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ